NITIDIN
ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8+16 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday
୧୬ ପୃଷ୍ଠାର ରବିବାର ମ୍ୟାଗାଜିନ୍ 'ନଜର' ସହ

SUNDAY
1 FEBRUARY 2026
ରବିବାର
୧ ଫେବୃଆରୀ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 256 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୧ • ସଂଖ୍ୟା ୨୫୬ ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର

# ଆଜି ଆସିବ ବଜେଟ୍

## ଉତ୍କଣ୍ଠାରେ ଚାଷୀ, ଗୃହିଣୀ, ଆୟକରଦାତା

**ନୂଆଦିଲ୍ଲୀ,୩୧।୧/ଏଜେନ୍ସି:**

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆସନ୍ତାକାଲି ଲୋକସଭାରେ କେନ୍ଦ୍ର ବଜେଟ୍ ୨୦୨୬-୨୭ ଉପସ୍ଥାପନ କରିବେ। ନିମ୍ନ ସଦନରେ ବଜେଟ୍ ଉପସ୍ଥାପନ ପରେ, ବଜେଟ୍‌ର ଏକ କପି ରାଜ୍ୟସଭାରେ ମଧ୍ୟ ଉପସ୍ଥାପିତ କରାଯିବ।



୨୦୧୯ରେ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଶ୍ରୀମତୀ ସୀତାରମଣଙ୍କ ଦ୍ୱାରା ଏହା ଲଗାତାର ୯ମ ଥର ପାଇଁ ବଜେଟ୍ ଉପସ୍ଥାପନ ହେବାକୁ ଯାଉଛି। ସେହିପରି ଏହା ନରେନ୍ଦ୍ର ମୋଦୀ ସରକାରଙ୍କ ତୃତୀୟ କାର୍ଯ୍ୟକାଳ ସରକାରରେ ମଧ୍ୟ ତୃତୀୟ ବଜେଟ୍ ହେବ। ତେବେ ସଂସଦରେ ବଜେଟ୍ ଭାଷଣ ସମାପ୍ତ ହେବା ପରେ ବଜେଟ୍ ଡକ୍ୟୁମେଣ୍ଟଗୁଡ଼ିକ ମୋବାଇଲ୍ ଆପ୍ ଏବଂ ୱେବସାଇଟରେ ଉପଲବ୍ଧ ହେବ। କେନ୍ଦ୍ର ବଜେଟ୍ ଉପସ୍ଥାପନ ପରେ ଅର୍ଥମନ୍ତ୍ରୀ ଦେଶର ବିଭିନ୍ନ ଅଞ୍ଚଳର ପ୍ରାୟ ୩୦ କଲେଜ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

ପ୍ରତ୍ୟେକ କ୍ଷେତ୍ରର ବ୍ୟକ୍ତିବିଶେଷ, ବର୍ଗଙ୍କ ପାଇଁ କେନ୍ଦ୍ର ସରକାରଙ୍କଠାରୁ ଭିନ୍ନ ଭିନ୍ନ ଆଶା ରହିଛି। ସୁତରାଂ ଆସନ୍ତା କାଲି ଉପସ୍ଥାପିତ ହେବାକୁ ଥିବା ବଜେଟ୍ ଉପରେ ସଭିଙ୍କ ନଜର ରହିବା ସ୍ୱାଭାବିକ। ୧ ଫେବ୍ରୁଆରୀ, ୨୦୨୬ ଅର୍ଥାତ୍ ରବିବାର ସଂସଦରେ ଉପସ୍ଥାପିତ ହେବାକୁ ଥିବା କେନ୍ଦ୍ରୀୟ ବଜେଟ୍ ୨୦୨୬-୨୭ କେବଳ ଦେଶର

**୯ମ ଥର ପାଇଁ ଉପସ୍ଥାପନ କରିବେ ସୀତାରମଣ**

ଅର୍ଥନୈତିକ ଦିଗ ନିର୍ଣ୍ଣୟ କରିବ ନାହିଁ ବରଂ ସାଧାରଣ ଲୋକଙ୍କ ଆଶାକୁ ମଧ୍ୟ ପ୍ରତିଫଳିତ କରିବ। ଭାରତ ସରକାର ମଧ୍ୟ ଏସବୁ ଦିଗ ପ୍ରତି ଧ୍ୟାନ ରଖିବା ପୂର୍ବକ ଆସନ୍ତା ଏପ୍ରିଲ୍‌ରୁ ଆରମ୍ଭ ହେବାକୁ ଯାଉଥିବା ଅର୍ଥବର୍ଷ ପାଇଁ ବଜେଟ୍ ପ୍ରସ୍ତୁତ କରିଥିବା ଆଶା କରାଯାଉଛି। କାରଣ ବଜେଟ୍ ପ୍ରସ୍ତୁତି ପୂର୍ବରୁ, ଅର୍ଥମନ୍ତ୍ରୀ ସୀତାରମଣ, ଦେଶର ବଡ଼ ବଡ଼ ଅର୍ଥନୀତିଜ୍ଞ, ଟ୍ରେଡ୍ ୟୁନିଅନ୍, ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ର, ଏମ୍ଏସ୍ଏମ୍ଇ, ବାଣିଜ୍ୟ ଏବଂ ସେବା, ଶିଳ୍ପ, ଅର୍ଥନୀତିଜ୍ଞ, ଆର୍ଥିକ କ୍ଷେତ୍ର ଏବଂ ପୁଞ୍ଜି ବଜାରର ବିଶେଷଜ୍ଞ ଏବଂ ପ୍ରତିନିଧିମାନଙ୍କ ସମେତ ଅନେକ ▶▶ ୫

# ୧୦ ବିଭାଗର ୧୨ ପ୍ରସ୍ତାବରେ କ୍ୟାବିନେଟ୍ ମୋହର

# ଓଡ଼ିଶାରେ ନିର୍ମାଣ ହେବ ପ୍ରତିରକ୍ଷା, ଏରୋସ୍ପେସ୍ ସାମଗ୍ରୀ

**ଭୁବନେଶ୍ୱର,୩୧।୧/ଏନ୍ଏନ୍ଏସ୍:**

ଓଡ଼ିଶାରେ ନିର୍ମାଣ ହେବ ପ୍ରତିରକ୍ଷା ଏବଂ ଏରୋସ୍ପେଶ ସାମଗ୍ରୀ। ଢେଙ୍କାନାଳ ଜିଲ୍ଲା ଗଜମରା ଠାରେ କଲ୍ୟାଣୀ ଗ୍ରୁପ୍ ଦ୍ୱାରା ଏକ ସମନ୍ୱିତ ଅଟୋମୋଟିଭ୍, ଏରୋସ୍ପେସ୍ ଏବଂ ପ୍ରତିରକ୍ଷା ଉପକରଣ ଉତ୍ପାଦନ କମ୍ପ୍ଲେକ୍ସ ହେବ। ଏନେଇ ୧୧୦୦ ଏକର ଜମି ଚିହ୍ନଟ ହୋଇଛି। ଏଥିପାଇଁ ୧୭, ୨୫୦ କୋଟି ଟଙ୍କାର ନିବେଶ ହେବା ସହ ୨୦ ହଜାର ନିଯୁକ୍ତି ସୃଷ୍ଟି ହେବ।

ଶନିବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍‌ର ୩୫ ତମ ବୈଠକ ବସିଥିଲା। ଏଥିରେ ମୋଟ୍ ୧୦ଟି ବିଭାଗର ୧୨ଟି ପ୍ରସ୍ତାବରେ କ୍ୟାବିନେଟ୍ ମୋହର ବାଜିଛି। ତନ୍ମଧ୍ୟରେ ଜଳସମ୍ପଦ, ଶିଳ୍ପ, ସମବାୟ, ଆଇଟି, ଆଇନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଓଡ଼ିଆ ଭାଷା ଓ ସଂସ୍କୃତି ଏବଂ ଖଣି ଓ ଇସ୍ପାତ ବିଭାଗରେ ପ୍ରସ୍ତାବ ଅନ୍ତର୍ଭୁକ୍ତ। ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ କଲ୍ୟାଣୀ ଗ୍ରୁପ୍ ଦ୍ୱାରା ଏକ ଟାଇଟାନିୟମ, ସ୍ପେଶାଲ ଷ୍ଟିଲ, ଅଟୋ କମ୍ପୋନେଣ୍ଟ, ଏରୋସ୍ପେସ୍, ପ୍ରତିରକ୍ଷା ସାମଗ୍ରୀ ଆଦି ପ୍ରସ୍ତୁତ ହେବ। ଶିଳ୍ପ ବିଭାଗ ପ୍ରସ୍ତାବ



**ଢେଙ୍କାନାଳ ଗଜମରାରେ ୧୧୦୦ ଏକର ଜମି ଚିହ୍ନଟ୍**

**ନିବେଶ ହେବ ୧୭,୨୫୦ କୋଟି**

**୨୦ ହଜାରଙ୍କୁ ମିଳିବ ନିଯୁକ୍ତି ସୁଯୋଗ**

ଉପରେ କ୍ୟାବିନେଟ ବୈଠକରେ ମୋହର ବାଜିଛି।

ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ ରାଜ୍ୟ ସମବାୟ ନୀତି ୨୦୨୬କୁ ଅନୁମୋଦନ ମିଳିଛି। ପାରମ୍ଭିକ ଭାବେ ଏହି ନୀତି ୨୦୩୬ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ପରିକଳ୍ପନା କରାଯାଉଛି। ଏହି ନୀତିର ପ୍ରମୁଖ ଉଦ୍ଦେଶ୍ୟ ହେଉଛି ସମବାୟର ସ୍ୱତଃ ଅଭିବୃଦ୍ଧି ପାଇଁ ଏକ ସ୍ଥାୟୀ ଆଇନଗତ, ନିୟାମକ ଏବଂ ଆର୍ଥିକ ଢାଞ୍ଚା ପ୍ରଦାନ କରିବା। ସମବାୟ ମାଧ୍ୟମରେ କୃଷି-ପ୍ରକ୍ରିୟାକରଣ, ଗୋଦାମ, ଯୋଗାଣ ଶୃଙ୍ଖଳା ଭିତ୍ତିଭୂମି ଏବଂ ବଜାର ସଂଯୋଗକୁ ପ୍ରୋତ୍ସାହିତ କରିବା। ଏହି ନୀତି ରାଜ୍ୟର ସମବାୟ ଆନ୍ଦୋଳନକୁ ଏକ ନୂତନ ଦିଗ ଓ ଗତି ପ୍ରଦାନ କରିବ ବୋଲି ଆଶା କରାଯାଉଛି।

ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ମଧ୍ୟରେ ଓଡ଼ିଶା କର୍ମଚାରୀ ରାଜ୍ୟ ବୀମା ଯୋଜନା ନର୍ସ ସେବା ନିୟମ ୨୦୨୫କୁ କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରାଯାଇଛି। ଓଡ଼ିଶା ୟୁନିଫର୍ମ ସେବା କର୍ମଚାରୀ ଚୟନ ଆୟୋଗ ଅଧ୍ୟକ୍ଷ ଏବଂ ସଦସ୍ୟ ନିଯୁକ୍ତି ନେଇ ଆଇନକୁ କ୍ୟାବିନେଟ୍‌ରେ ମଞ୍ଜୁରୀ ଦେଇଛନ୍ତି। ଓପିଏସ୍‌ସି ଢାଞ୍ଚାରେ ଆୟୋଗରେ ଅଧ୍ୟକ୍ଷ ଏବଂ ସଦସ୍ୟ ନିଯୁକ୍ତି ହେବେ। ସେହିପରି ଜଳସମ୍ପଦର ଡାଇଭର୍ସନ ସିଷ୍ଟମ ପାଇଁ ୩୬୨ କୋଟି ପ୍ରଦାନ କରାଯାଇଛି। ରାଜ୍ୟ କ୍ୟାବିନେଟ୍‌ର ବି ମୋହର ବାଜିଛି ବୋଲି ଶ୍ରୀମତି ଗର୍ଗ ପ୍ରକାଶ କରିଛନ୍ତି।

# ୫ ଜୀବନ ନେଲା କିଲର ଟ୍ରକ୍













**ବ୍ରହ୍ମପୁର,୩୧।୧/ଏନ୍ଏନ୍ଏସ୍:**

ରଙ୍ଗ ସାଇଡ୍‌ରେ ଆସି ସିରିଜି ଦୁର୍ଘଟଣା ଘଟାଇଲା ଟ୍ରକ୍। ଦୁର୍ଘଟଣାର ହଟ୍‌ସ୍ପଟ୍ କୁହାଯାଉଥିବା ଗୋଷାଣୀନୂଆଗାଁସ୍ଥିତ ହଳଦିଆପଦର ଓଭରବ୍ରିଜରେ ୩ ବାଇକ୍ ଉପରେ ମାଡ଼ିଗଲା ଟ୍ରକ୍। ଆଉ ଟ୍ରକ୍ ଚକା ତଳେ ଚାପି ହୋଇ ଚାଲିଗଲା ୫ ବାଇକ ଆରୋହୀଙ୍କ ଜୀବନ। ଶନିବାର ମଧ୍ୟାହ୍ନରେ ଘଟିଛି ଏଭଳି ଦୁଃଖଦାୟକ ଘଟଣା। ମୃତକମାନେ ହେଲେ ଦକ୍ଷିଣପୁର ଗ୍ରାମର ବାସିନ୍ଦା ତଥା ପାତ୍ରପୁର ବ୍ଲକରେ ପ୍ରାଣୀଧନ ନିରୀକ୍ଷକ ଭାବେ କାର୍ଯ୍ୟ କରୁଥିବା ଶିବରାମ ଜେନା(୩୫), ଫୁଲଟା ଗ୍ରାମର ଯୁବକ ଜଗନ୍ ନାହାକ(୨୦), ରାକେଶ ନାହାକ(୨୧), ଅଯୋଧ୍ୟାନଗର ବାସିନ୍ଦା ତଥା କୋରିୟର ବୟ ସୂର୍ଯ୍ୟନାରାୟଣ ପଣ୍ଡା(୪୭), ଜରଡ଼ା ଥାନା ଅନ୍ତର୍ଗତ ଭ୍ରମରପୁର ଗ୍ରାମର ସତ୍ୟନାରାୟଣ ବେଜ୍(୪୦)। ଅନ୍ୟ ଜଣେ ଗୁରୁତର ଆହତ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ୍‌ରେ ଚିକିତ୍ସିତ ହେଉଥିବା ସୂଚନା ମିଳିଛି। ଦୁର୍ଘଟଣା ପରେ ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଥିବା ଜଣାପଡ଼ିଛି। ▶▶ ୫

**ହଳଦିଆପଦର ଓଭରବ୍ରିଜ୍‌ରେ ଅଘଟଣ**

**୩ ବାଇକ୍ ଉପରେ ମାଡ଼ିଗଲା ଟ୍ରକ୍,ଜଣେ ଗୁରୁତର**

**ସିଏମ୍ଆର୍ଏଫ୍‌ରୁ ୪ ଲକ୍ଷ ଲେଖାଏଁ ଅନୁକମ୍ପା ସହାୟତା**

# ପ୍ରେମ ପାଇଁ ସ୍କୁଲ୍‌ରେ ହଣାକଟା

## ନବମ ଶ୍ରେଣୀ ଛାତ୍ରକୁ ହାଣିଦେଲା ଦଶମ ଛାତ୍ର

**ବାଲେଶ୍ୱର,୩୧।୧/ଏନ୍ଏନ୍ଏସ୍:**

ପ୍ରେମ ପାଇଁ ନବମ ଶ୍ରେଣୀ ଛାତ୍ରକୁ ଖଣ୍ଡାରେ ହାଣିଦେଲା ଦଶମ ଛାତ୍ର। ବାଲେଶ୍ୱର ରେମୁଣା ହାଇସ୍କୁଲ୍‌ରେ ଏଭଳି ଅଭାବନୀୟ ଘଟଣାକୁ ନେଇ ଚାରିଆଡ଼େ ଚାଞ୍ଚଲ୍ୟ। ସ୍କୁଲ୍‌ରେ ପିଏମଶ୍ରୀ ଉତ୍ସବ ଚାଲିଥିବାବେଳେ ରକ୍ତର ହୋଲି ଖେଳିଛି ନାବାଳକ ପ୍ରେମିକ। ଆହତ ଛାତ୍ର ଡାକ୍ତରଖାନାରେ ଭର୍ତ୍ତି ହୋଇଥିବାବେଳେ ଥାନାରେ ଆତ୍ମସମର୍ପଣ କରିଛି ଅଭିଯୁକ୍ତ।

ପ୍ରକାଶ ଯେ ରେମୁଣା ଉଚ୍ଚ ବିଦ୍ୟାଳୟର ଜନୈକ ଦଶମ ଶ୍ରେଣୀର ଛାତ୍ର ରେମୁଣା ଏନ୍ଏସିର ଅଠାନ୍ତର ଅଞ୍ଚଳର ନିଜ ମାମୁଁ ଘରେ ରହି ପାଠ ପଢ଼େ। ସେ ବିଦ୍ୟାଳୟର ଏକ ନବମ ଶ୍ରେଣୀର ଛାତ୍ରୀକୁ ଭଲ ପାଉଥିଲା। କିଛିଦିନ ଏପରି ଚାଲିବା ପରେ ଛାତ୍ରୀ ଜଣକ ନବମ ଶ୍ରେଣୀର ନିଜ ସହପାଠୀ ଛାତ୍ର



ପ୍ରେମରେ ପଡ଼ି ଯାଇଥିଲେ। କିନ୍ତୁ ଏହାକୁ ଦଶମ ଶ୍ରେଣୀର ପୂର୍ବ ପ୍ରେମିକ ଛାତ୍ର ଆଦୌ ସହ୍ୟ କରିପାରିନଥିଲା। ପ୍ରତିଶୋଧ ନେବା ପାଇଁ ସୁଯୋଗ ଖୋଜୁଥିଲା। ଶନିବାର ସ୍କୁଲରେ ପିଏମଶ୍ରୀ ଉତ୍ସବ ପାଳନ ନେଇ ଦିନ ଧାର୍ଯ୍ୟ ହୋଇଥିଲା। ଏହି ଦିନକୁ ଛାତ୍ର ଜଣକ ଆକ୍ରମଣ ପାଇଁ ଉଚିତ୍ ସମୟ ମଣିଥିଲା। ନିଜର ଜଣେ ସହପାଠୀ ଛାତ୍ର(ବଙ୍ଗାଳିସାହି) ଜରିଆରେ ସ୍କୁଲକୁ ଏକ ଭୁଜାଲି ମଧ୍ୟ ଆଣିଥିଲା ଅଭିଯୁକ୍ତ ଛାତ୍ର ଜଣକ। ଶନିବାର ପିଏମଶ୍ରୀ ଉତ୍ସବ ପାଇଁ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ବ୍ୟସ୍ତ ଥିଲେ। ଅଭିଯୁକ୍ତ ଛାତ୍ର ଜଣକ ଅନ୍ୟ ୫/୬ ଜଣ ସହପାଠୀଙ୍କ ସହଯୋଗରେ ପୀଡ଼ିତ ଛାତ୍ରକୁ ଅପରାହ୍ଣ ୧ଟା ସମୟରେ ସ୍କୁଲର ପଶ୍ଚିମ ପାର୍ଶ୍ୱ ଶ୍ରେଣୀଗୃହ ପଛକୁ ଡାକି ନେଇଯାଇଥିଲା। ସେଠାରେ ଥିବା ଏକ ଦିବ୍ୟାଙ୍ଗ ଶୌଚାଳୟ ଭିତରେ ଅଭିଯୁକ୍ତ ଛାତ୍ର ଭୁଜାଲିରେ ପୀଡ଼ିତ ଛାତ୍ରର ମୁଣ୍ଡକୁ ମରଣାନ୍ତକ ଆକ୍ରମଣ କରିଥିଲା। ତା' ହାତକୁ ମଧ୍ୟ ହାଣିଦେଇଥିଲା। ପିଲାଟି କୌଶଳ କ୍ରମେ ସେଠାରୁ ଖସି ଆସି ଜନୈକା ଶିକ୍ଷୟିତ୍ରୀଙ୍କୁ ଏ ବିଷୟରେ ଜଣାଇବା ପରେ ପ୍ରଧାନ ଶିକ୍ଷୟତ୍ରୀ ଦୁଇ ଜଣ ଶିକ୍ଷକଙ୍କ ସହାୟତାରେ ତାକୁ ତୁରନ୍ତ ଫକୀର ମୋହନ ମେଡ଼ିକାଲ କଲେଜରେ ଭର୍ତ୍ତି କରାଇଥିଲେ। ଅପରପକ୍ଷେ ଅଭିଯୁକ୍ତ ଛାତ୍ର ଥାନାରେ ଆତ୍ମ ସମର୍ପଣ କରି ପ୍ରେମ ▶▶ ୫

# ସମୁଦ୍ରରେ ବୁଡ଼ି ମା', ପୁଅ ମୃତ

**ପୁରୀ,୩୧।୧/ଏନ୍ଏନ୍ଏସ୍:**

ପୁରୀ ସମୁଦ୍ରରେ ସ୍ନାନ କରୁଥିବା ବେଳେ ରିପ୍ କରେଣ୍ଟ ନେଇଗଲା ମା'-ପୁଅଙ୍କ ଜୀବନ। ମୃତକମାନେ ହେଲେ ଝାଡ଼ଖଣ୍ଡ ରାଞ୍ଚି ଅଞ୍ଚଳର କୁସୁମ ଓ ଅଙ୍କିତ ଗୁପ୍ତା। ଶନିବାର ସକାଳେ କୁସୁମ ଓ ଅଙ୍କିତ ପରିବାର ଲୋକଙ୍କ ସହ ପୁରୀ ଚକ୍ରତୀର୍ଥ ରୋଡ୍ ପିଙ୍କ୍ ହାଉସ୍ ନିକଟ ବେଳାଭୂମିରେ ସମୁଦ୍ର ସ୍ନାନର ମଜା ନେଉଥିଲେ। ଏହି ସମୟରେ ଏକ ବଡ଼ ଲହଡ଼ି ସାଙ୍ଗକୁ ରିପ୍ କରେଣ୍ଟରେ ପଡ଼ି କୁସୁମ ସମୁଦ୍ର ଭିତରକୁ ଚାଲି ଯାଇଥିଲେ। ମା'ଙ୍କୁ ବଞ୍ଚାଇବାକୁ ଯାଇ ପୁଅ ଅଙ୍କିତ ସମୁଦ୍ର ଭିତରକୁ ଯିବାରୁ ସେ ମଧ୍ୟ ରିପ୍ କରେଣ୍ଟରେ ପଡ଼ି ଗଭୀର ସମୁଦ୍ର ଭିତରକୁ ଚାଲି ଯାଇଥିଲେ। ପରିବାରର ଅନ୍ୟ ସଦସ୍ୟ ମାନେ ଚିତ୍କାର କରିବାରୁ ସେଠାରେ ଉପସ୍ଥିତ ଥିବା ପ୍ରାଇଭେଟ୍ ଲାଇଫ୍ଗାର୍ଡ ଓ ମତ୍ସ୍ୟଜୀବୀ ସମୁଦ୍ର ଭିତରକୁ ଯାଇ ଦୁଇ ଜଣଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ପଠାଇଥିଲେ। କିନ୍ତୁ ହସ୍ପିଟାଲରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଚକ୍ରତୀର୍ଥ ବେଳାଭୂମି ପଟେ ଲାଇଫ୍ ଗାର୍ଡ ମୁତୟନ ହୋଇ ନଥିବାରୁ ପ୍ରତି ସମୟରେ ଏଭଳି ଅଘଟଣ ଘଟୁଛି। ତୁରନ୍ତ ଜିଲ୍ଲା ପ୍ରଶାସନ ଏ ଦିଗରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ଦାବି ହୋଇଛି।

# କୋଲଟାନ୍ ଖଣିରେ ଭୂସ୍ଖଳନ, ୨୨୭ ଶ୍ରମିକ ମୃତ

**କିନ୍‌ସାସା, ୩୧।୧/ଏଜେନ୍ସି:**

ପୂର୍ବ ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋ (ଡିଆର୍‌ସି)ରେ ଥିବା ରୁବାୟା କୋଲ୍‌ଟାନ୍ ଖଣି ଭୁଶୁଡ଼ି ପଡ଼ିବା ଫଳରେ ୨୨୭ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଛି। ମୃତକମାନେ ମୁଖ୍ୟତଃ ଶ୍ରମିକ ଭାବେ ଏହି ଖଣିରେ କାମ କରୁଥିବା ବେଳେ ଏମାନଙ୍କ ମଧ୍ୟରେ ଅନେକ ମହିଳା ଶ୍ରମିକ ମଧ୍ୟ ଥିବା ଜଣାପଡିଛି। ଉତ୍ତର କିଭୁ ପ୍ରଦେଶର ପ୍ରାଦେଶିକ ରାଜଧାନୀ ଗୋମା ସହରରୁ ପ୍ରାୟ ୬୦ କିଲୋମିଟର (୩୭ ମାଇଲ୍) ଉତ୍ତର-ପଶ୍ଚିମରେ ଅବସ୍ଥିତ ଏହି ଖଣିରେ ଗତ ବୁଧବାର ଦିନ ଭୂସ୍ଖଳନ ହୋଇଥିବା ବେଳେ ଏସମ୍ପର୍କୀତ ସୂଚନା କିନ୍ତୁ ଶୁକ୍ରବାର ଦିନ ସାର୍ବଜନୀନ କରାଯାଇଛି। ପ୍ରକାଶ, ଏହି ଖଣି ୨୦୨୪ ମସିହାରୁ ରଓ୍ୱାଣ୍ଡା ସମର୍ଥିତ ଏମ୍ ୨୩ ବିଦ୍ରୋହୀ ଗୋଷ୍ଠୀର ନିୟନ୍ତ୍ରଣରେ ରହିଛି।

ପ୍ରତ୍ୟକ୍ଷଦର୍ଶୀଙ୍କ ପକ୍ଷରୁ ମିଳିଥିବା ସୂଚନାନୁସାରେ ଗତ ମଙ୍ଗଳବାର ଠାରୁ ଏଠାରେ ଲଗାଣ ବର୍ଷା ଜାରି ରହିଥିବା ସତ୍ତ୍ୱେ ଖଣି ଉତ୍ତୋଳନକାରୀ ସଂସ୍ଥା କିନ୍ତୁ କାମ ବନ୍ଦ କରିନଥିଲେ। ଅନ୍ୟପକ୍ଷେ ପ୍ରବଳ ବର୍ଷା ଯୋଗୁ ବୁଧବାର ଦିନ ଖଣିରେ ବଡ଼ ଧରଣର ଭୂସ୍ଖଳନ ହୋଇଥିଲା। ଏହି ସମୟରେ ଖଣି ମଧ୍ୟରେ କାମ କରୁଥିବା ସମସ୍ତ ଶ୍ରମିକ



ଏହା ତଳେ ଦବିଯାଇଥିଲେ। ଏସମ୍ପର୍କରେ ଜଣାପଡିବା ପରେ ଯଦିଓ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା କିନ୍ତୁ ସେତେବେଳକୁ ବହୁ ବିଳମ୍ବ ହୋଇସାରିଥିଲା। ଲଗାତାର ବର୍ଷା ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲା। ଉଦ୍ଧାର ▶▶ ୫

# ୩ ଆଇଏଏସ୍‌ଙ୍କୁ ଏସିଏସ୍ ପାହ୍ୟା

## କେ.ମୁରୁଗେସାନ ନୂଆ ପିସିସିଏଫ୍

**ଭୁବନେଶ୍ୱର,୩୧।୧/ଏନ୍ଏନ୍ଏସ୍:**

ରାଜ୍ୟ ସରକାର ଶନିବାର ୧୯୯୬ ବ୍ୟାଚ୍‌ର ୩ଜଣ ଆଇଏଏସ୍ ଅଫିସରଙ୍କୁ ଅତିରିକ୍ତ ମୁଖ୍ୟ ସଚିବ ପାହ୍ୟାକୁ ପଦୋନ୍ନତି ଦେଇଛନ୍ତି। ପୂର୍ବରୁ ଏହି ବ୍ୟାଚ୍ ଆଇଏଏସ୍ ଅରବିନ୍ଦ ପାଢ଼ୀଙ୍କୁ ଅତିରିକ୍ତ ମୁଖ୍ୟ ସଚିବ ପାହ୍ୟାକୁ ପଦୋନ୍ନତି ମିଳିସାରିଥିବାବେଳେ ଶାଶ୍ୱତ ମିଶ୍ର, ବିଶାଳ କୁମାର ଦେବ ଓ ଉଷା ପାଢୀଙ୍କୁ ଅତିରିକ୍ତ ମୁଖ୍ୟ ସଚିବ ପାହ୍ୟାକୁ ପଦୋନ୍ନତି ମିଳିଛି।

ସେହପରି କେନ୍ଦ୍ରୀୟ ଡେପୁଟେସନରେ ଥିବା ଉକ୍ତ ବ୍ୟାଚର ବୀରବିକ୍ରମ ଯାଦବଙ୍କୁ ମଧ୍ୟ ଅତିରିକ୍ତ ମୁଖ୍ୟ ସଚିବ ପାହ୍ୟାକୁ ପ୍ରୋଫର୍ମା ପଦୋନ୍ନତି ମିଳିଛି।

ଅନ୍ୟପକ୍ଷରେ ୧୯୯୪ ବ୍ୟାଚର ଭାରତୀୟ ବନ ସେବା (ଆଇଏଫ୍ଏସ୍) ଡକ୍ଟର କେ. ମୁରୁଗେସନଙ୍କୁ ରାଜ୍ୟ ସରକାର ଆଜି ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ପିସିସିଏଫ୍) ଓ ବନ ବାହିନୀର ମୁଖ୍ୟ ଭାବେ ନିଯୁକ୍ତି ଦେଇଛନ୍ତି। ଜଙ୍ଗଲ ବିଭାଗର ସର୍ବୋଚ୍ଚ ପଦବୀରେ ଅବସ୍ଥାପିତ ହୋଇ ସେ ରାଜ୍ୟର ଜଙ୍ଗଲ ସୁରକ୍ଷା ଓ ବନ୍ୟପ୍ରାଣୀ ସଂରକ୍ଷଣ ସମ୍ବନ୍ଧୀୟ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସମ୍ଭାଳିବେ।

# ଓଡ଼ିଆରେ ପଢ଼ିବେ ଏକାଦଶ ଶ୍ରେଣୀ ବିଜ୍ଞାନ ଛାତ୍ରଛାତ୍ରୀ

**ଭୁବନେଶ୍ୱର,୩୧।୧/ଏନ୍ଏନ୍ଏସ୍:**

ଓଡ଼ିଆରେ ପଢ଼ିବେ ଏକାଦଶ ଶ୍ରେଣୀ ବିଜ୍ଞାନ ଛାତ୍ରଛାତ୍ରୀ। ଓଡ଼ିଆ ଭାଷାରେ ପ୍ରସ୍ତୁତ ହୋଇଛି ଏକାଦଶ ଶ୍ରେଣୀ ବିଜ୍ଞାନ ଛାତ୍ରଛାତ୍ରୀଙ୍କ ପାଇଁ ସନ୍ଦର୍ଭ ପୁସ୍ତକ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତ ଏହି ପୁସ୍ତକଗୁଡ଼ିକ ହେଉଛି ଗଣିତ, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଓ ଜୀବ ବିଜ୍ଞାନ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏସବୁକୁ ଉନ୍ମୋଚନ କରିଛନ୍ତି। ଶନିବାର ଲୋକସେବା ଭବନରେ ଆୟୋଜିତ ଏନେଇ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଆ ଭାଷାରେ ଏହିଭଳି ବହି ଆଗରୁ ନଥିବାରୁ ରାଜ୍ୟ ସରକାର ପ୍ରତ୍ୟେକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ୧୦ରୁ୨୦ଟି ବହି ଯୋଗାଇ ଦେବା ପାଇଁ ନିଷ୍ପତ୍ତି



ନେଇଛନ୍ତି। ଉଚ୍ଚ ଶିକ୍ଷା ବିଦ୍ୟାଳୟର ଗ୍ରନ୍ଥାଳୟରେ ଏହି ବହି ଉପଲବ୍ଧ ହେବ ଓ ପିଲାମାନେ ଏହାକୁ ପଢ଼ି ପାରିବେ। ଏହି ପୁସ୍ତକଗୁଡ଼ିକ ପ୍ରତ୍ୟେକ ଜିଲ୍ଲାର ସଦର ମହକୁମାରେ ବିଭିନ୍ନ ଦୋକାନରେ ଉପଲବ୍ଧ ହେବା ପାଇଁ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥା ପ୍ରଚେଷ୍ଟା କରିବ। ଏହି ପୁସ୍ତକ ସମୁଦାୟ ୭୦୦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧,୨୦, ୦୦୦ ଛାତ୍ରଛାତ୍ରୀଙ୍କ ପାଇଁ ଉପଲବ୍ଧ ହେବ। ପରବର୍ତ୍ତୀ ପର୍ଯ୍ୟାୟରେ ଦ୍ୱାଦଶ ଶ୍ରେଣୀ ପାଇଁ ମଧ୍ୟ ଓଡ଼ିଆ ଭାଷାରେ ବିଜ୍ଞାନ ପୁସ୍ତକ

**ବିଜ୍ଞାନ ସନ୍ଦର୍ଭ ପୁସ୍ତକ ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ**

**୧.୨୦ଲକ୍ଷ ଛାତ୍ରଛାତ୍ରୀଙ୍କ ପାଇଁ ହେବ ଉପଲବ୍ଧ**

ପ୍ରସ୍ତୁତ କରିବାର ଯୋଜନା ରହିଛି। ଏହାଫଳରେ ପ୍ରାଥମିକ ଶିକ୍ଷାରୁ ଉଚ୍ଚ ବୈଷୟିକ ଶିକ୍ଷା ପର୍ଯ୍ୟନ୍ତ ପ୍ରତ୍ୟେ ସ୍ତରର ଛାତ୍ରଛାତ୍ରୀମାନଙ୍କ ପାଇଁ ଓଡ଼ିଆ ▶▶ ୫

## ମହାରାଷ୍ଟ୍ରର ପ୍ରଥମ ମହିଳା ଉପମୁଖ୍ୟମନ୍ତ୍ରୀ

# ଶପଥ ନେଲେ ସୁନେତ୍ରା ପୱାର

**ମୁମ୍ବାଇ,୩୧।୧/ଏଜେନ୍ସି:**

ନିକଟରେ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଅଜିତ ପୱାରଙ୍କ ସ୍ଥାନ ନେଇଛନ୍ତି ତାଙ୍କ ପତ୍ନୀ ସୁନେତ୍ରା ପୱାର। ସ୍ୱାମୀଙ୍କ ଦେହାନ୍ତର ୩ ଦିନ ପରେ ସୁନେତ୍ରା ଶନିବାର ମହାରାଷ୍ଟ୍ରର ଉପ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ମହାରାଷ୍ଟ୍ର ଲୋକଭବନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସୁନେତ୍ରାଙ୍କୁ ଉପ ମୁଖ୍ୟମନ୍ତ୍ରୀ ଭାବେ ଶପଥ ପାଠ କରାଇଛନ୍ତି ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସ୍ ଏବଂ ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ସମେତ ସମସ୍ତ ବରିଷ୍ଠ ଏନ୍‌ସିପି ଏବଂ ବିଜେପି ନେତା ଏବଂ ମନ୍ତ୍ରୀମାନେ ଉପସ୍ଥିତ ଥିଲେ। ତେବେ ଶପଥ ନେବା ପରେ ସୁନେତ୍ରା ବନି ଯାଇଛନ୍ତି ମହାରାଷ୍ଟ୍ରର ପ୍ରଥମ ମହିଳା ଉପ ମୁଖ୍ୟମନ୍ତ୍ରୀ। ତାଙ୍କ ପୂର୍ବରୁ ମହାରାଷ୍ଟ୍ର କେବେ ହେଲେ ମହିଳା ଉପ ମୁଖ୍ୟମନ୍ତ୍ରୀ ଦେଖି ନଥିଲା। ଆଜି ଲୋକଭବନରେ ସୁନେତ୍ରା ପହଞ୍ଚିବା ପୂର୍ବରୁ ଏନସିପିର ବିଧାୟକ ଦଳ ବୈଠକ ବସିଥିଲା। ଏଥିରେ ସୁନେତ୍ରା ବିଧାୟକ ଦଳ ନେତ୍ରୀ ଭାବେ ନିର୍ବାଚିତ ▶▶ ୫



**ଶୁଭେଚ୍ଛା ଜଣାଇଲେ ମୋଦୀ**

# ଖଦି ବସ୍ତ୍ରର ଜଲ୍‌ୱା: ର୍ୟାମ୍ପରେ ଚାଲିଲେ ଯୁବତୀ, ଓଡ଼ିଶୀ ନୃତ୍ୟରେ ଦର୍ଶକ ବିଭୋର





**ଭୁବନେଶ୍ୱର,୩୧।୧/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ପ୍ରଦର୍ଶନୀ ପଡ଼ିଆଠାରେ ଆୟୋଜିତ ରାଜ୍ୟସ୍ତରୀୟ ଖଦି ପ୍ରଦର୍ଶନୀରେ ଆଜି ସନ୍ଧ୍ୟାରେ ଏକ ନିଆରା ଦୃଶ୍ୟ ଦେଖିବାକୁ ମିଳିଥିଲା। ପାରମ୍ପରିକ ଖଦୀ ବସ୍ତ୍ରକୁ ଆଧୁନିକ ଶୈଳୀରେ ଉପସ୍ଥାପନ କରିବା ପାଇଁ ଏକ ସ୍ୱତନ୍ତ୍ର 'ଫ୍ୟାଶନ ଶୋ' ବା ର୍ୟାମ୍ପ ଶୋ'ର ଆୟୋଜନ କରାଯାଇଥିଲା। ଏଥିରେ ସହରର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଯୁବତୀମାନେ ଶୁଦ୍ଧ ଖଦିରେ ନିର୍ମିତ ସୁନ୍ଦର ଶାଢ଼ୀ ଓ ପୋଷାକ ପରିଧାନ କରି ର୍ୟାମ୍ପରେ ପାଦ ପକାଇଥିଲେ। ଖଦି ଯେ କେବଳ ପୁରୁଣା ପିଢ଼ିର ପସନ୍ଦ ନୁହେଁ, ବରଂ ଆଜିର ଯୁବପିଢ଼ି ପାଇଁ ମଧ୍ୟ ଏହା କେତେ ଆଧୁନିକ ଓ ଆରାମଦାୟକ ହୋଇପାରେ, ତାହା ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା। ଯୁବତୀମାନଙ୍କ ଏହି ଆକର୍ଷଣୀୟ ଶୈଳୀ ସେଠାରେ ଉପସ୍ଥିତ ଦର୍ଶକଙ୍କ ମନ ମୋହି ନେଇଥିଲା। ର୍ୟାମ୍ପ ଶୋ' ପରେ ସାଂସ୍କୃତିକ କାର୍ଯ୍ୟକ୍ରମର ଦ୍ୱିତୀୟ ଚରଣରେ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଶାସ୍ତ୍ରୀୟ ସଙ୍ଗୀତର ମୂର୍ଚ୍ଛନା ସାଙ୍ଗକୁ ଶିଳ୍ପୀମାନଙ୍କ ମନୋରମ ଓଡ଼ିଶୀ ନୃତ୍ୟ ପରିବେଶକୁ ଅଧିକ ଭକ୍ତିମୟ ଓ ମନ୍ତ୍ରମୁଗ୍ଧ କରିଦେଇଥିଲା। ଖଦି ପ୍ରଦର୍ଶନୀ ପରିସରରେ ଏଭଳି କଳା ଓ ସଂସ୍କୃତିର ସମନ୍ୱୟ ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଛି। ସ୍ଥାନୀୟ କାରିଗରଙ୍କୁ ପ୍ରୋତ୍ସାହିତ କରିବା ସହ ଖଦୀର ପ୍ରଚାର ପ୍ରସାର ପାଇଁ ଏହି ମେଳା ଏକ ସଫଳ ମାଧ୍ୟମ ସାଜିଛି ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଖଦୀ ଶିଳ୍ପୀମାନେ ସେମାନଙ୍କର ସାମଗ୍ରୀ ପ୍ରଦର୍ଶନ କରିବା ସହ ଉତ୍ସାହର ସହ ଏଥିରେ ଭାଗ ନେଇଥିଲେ। ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ଖଦି ପ୍ରଦର୍ଶନୀକୁ ଉଦ୍‌ଘାଟନ ଅବସରରେ କେଭିଆଇସି ଚେୟାରମ୍ୟାନ୍ ମନୋଜ କୁମାର। ସେହିପରି ସୋଆ ପ୍ରେକ୍ଷାଳୟରେ ମଧ୍ୟ ଏ ସମ୍ପର୍କିତ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

## ଡଃ ଜ୍ଞାନେନ୍ଦ୍ରଙ୍କ 'ବୁଦ୍ଧ ସଂଘରେ ୪୦ ବର୍ଷ' ଲୋକାର୍ପିତ



**ଭୁବନେଶ୍ୱର,୩୧।୧/ଏନ୍‌ଏନ୍‌ଏସ୍:** ଭୁବନେଶ୍ୱରର ବୁଦ୍ଧ ମନ୍ଦିର ସହ ଦୀର୍ଘ ୪୦ ବର୍ଷର ସମ୍ପର୍କକୁ ନେଇ ବିଶିଷ୍ଟ ରାଜନେତା, ଆର୍ଯ୍ୟସମାଜ, ଓଡ଼ିଶାର ସଭାପତି ତଥା ସର୍ବଭାରତୀୟ ମହାବୋଧି ସମିତିର ପୂର୍ବତନ ଉପସଭାପତି ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ଲିଖିତ ପୁସ୍ତକ 'ବୁଦ୍ଧ ସଂଘରେ ୪୦ବର୍ଷ'କୁ ଶନିବାର ଅପରାହ୍ଣରେ ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକାର୍ପିତ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସଂକ୍ଷିପ୍ତ ଉତ୍ସବରେ ସ୍ୱାଗତ ଭାଷଣରେ ଡଃ ଜ୍ଞାନେନ୍ଦ୍ର କହିଲେ ଯେ ଆଜକୁ ୪୩ ବର୍ଷ ତଳେ ଡଃ ହରେକୃଷ୍ଣ ମହତାବଙ୍କ ଦ୍ୱାରା ସେ ଭୁବନେଶ୍ୱରର ବୁଦ୍ଧ ମନ୍ଦିର ସହ ଜଡ଼ିତ ହୋଇଥିଲେ। ପୁସ୍ତକର ଅଗ୍ରଲେଖ ଲେଖିଥିବା ବିଶିଷ୍ଟ ସାମ୍ବାଦିକ, ସୁବାର୍ତ୍ତାର ସମ୍ପାଦକ ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥି କହିଲେ ଯେ ସତ୍ୟ ଅନେକଙ୍କୁ ହୁଏତ ବାଧିପାରେ, କିନ୍ତୁ ଡଃ ଜ୍ଞାନେନ୍ଦ୍ର କଠୋର ସତ୍ୟ ପ୍ରକାଶ କରି ବୁଦ୍ଧ ମନ୍ଦିରର ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରଶାସନର ସହଯୋଗ କାମନା କରିବା ସହ କୌଣସି ପରିସ୍ଥିତିରେ ସ୍ୱେଚ୍ଛାଚାରିତାକୁ ବରଦାସ୍ତ କରାଯିବ ନାହିଁ ବୋଲି କହିଥିଲେ। ଶେଷରେ ପ୍ରଦୀପ୍ତ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେପି ଦଳର ମୁଖପାତ୍ର ମନୋଜ ମହାପାତ୍ର, ଡଃ ସଞ୍ଜୟ କୁମାର ବେହେରା, ଅଧିବକ୍ତା ପ୍ରଶାନ୍ତ ମିଶ୍ର, ଅଧିବକ୍ତା ନଟବର ପଣ୍ଡା, ଚାଟାର୍ଡ ଅଲେଖ ଚନ୍ଦ୍ର ବେହେରା ଓ ସାମ୍ବାଦିକ ଚିରଞ୍ଜିବୀ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ଏନ୍‌ସିସି ଦଳ ସହିତ ରାଜ୍ୟପାଳଙ୍କ ଭାବ ବିନିମୟ

**ଭୁବନେଶ୍ୱର,୩୧।୧/ଏନ୍‌ଏନ୍‌ଏସ୍:** ବିକଶିତ ଭାରତ ଅଭିମୁଖେ ଭାରତର ଯାତ୍ରା କେବଳ ନୀତି ଓ ଯୋଜନା ଉପରେ ନିର୍ଭର କରେ ନାହିଁ, ବରଂ ଏହା ଦେଶର ଯୁବବର୍ଗଙ୍କ ଚରିତ୍ର, ଦକ୍ଷତା ଏବଂ ପ୍ରତିବଦ୍ଧତା ଉପରେ ନିର୍ଭର କରେ। ଏହି ପରିପ୍ରେକ୍ଷୀରେ ଦେଶ ନିର୍ମାଣରେ ଯୁବବର୍ଗଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ରାଜ୍ୟପାଳ ଡ଼ ହରି ବାବୁ କମ୍ଭମପାଟି କହିଛନ୍ତି। ନୂଆଦିଲ୍ଲୀଠାରେ ୭୭ତମ ଗଣତନ୍ତ୍ର ଦିବସ ପରେଡ୍ ରେ ଅଂଶଗ୍ରହଣ କରିଥିବା ଓଡ଼ିଶା ଜାତୀୟ କ୍ୟାଡେଟ୍ କର୍ପ୍ସ (ଏନ୍‌ସିସି) ଦଳ ସହିତ ଶନିବାର ଦିନ ଲୋକ ଭବନର ନ୍ୟୁ ଅଭିଷେକ ହଲ୍ ରେ ଅନୁଷ୍ଠିତ ହୋଇଥିବା 'ଆଟ-ହୋମ୍'ରେ ଯୋଗଦେଇ କ୍ୟାଡେଟ୍‌ମାନଙ୍କ ସହିତ ଭାବବିନିମୟ କରିବା ଅବସରରେ ରାଜ୍ୟପାଳ ଏହା କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ଉତ୍ସାହୀ ଓ ଶୃଙ୍ଖଳାବଦ୍ଧ ଏନ୍‌ସିସି କ୍ୟାଡେଟ୍ ମାନଙ୍କୁ ସ୍ୱାଗତ କରି ରାଜ୍ୟପାଳ କହିଥିଲେ ଯେ ଏହି ଅବସର ଦେଶପ୍ରେମ, ଐକ୍ୟ ଏବଂ ଯୁବ ସଂକଳ୍ପର ପ୍ରତୀକ। ସେମାନେ କେବଳ କ୍ୟାଡେଟ୍ ନୁହନ୍ତି ବରଂ ଭାରତର ଗୌରବର ଆଲୋକବର୍ତ୍ତିକା ଏବଂ ଆମ ଦେଶର ଭବିଷ୍ୟତର ଜୀବନ୍ତ ପ୍ରତିଶ୍ରୁତି। ଗଣତନ୍ତ୍ର ଦିବସ ପରେଡ୍ ରେ ସେମାନଙ୍କ ଅଂଶଗ୍ରହଣକୁ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ ଏହା କ୍ୟାଡେଟ୍ ମାନଙ୍କର ନିଷ୍ଠା, ଶିଷ୍ଟାଚାର ଏବଂ ଜାତୀୟ ସେବା ପ୍ରତି ପ୍ରତିବଦ୍ଧତାର ପ୍ରତୀକ। ସେମାନଙ୍କର ସୁନ୍ଦର ପରିଧାନ, ନିର୍ଭୁଲ ଡ୍ରିଲ୍ ଏବଂ ଅଦମ୍ୟ ଉତ୍ସାହ କେବଳ ବ୍ୟକ୍ତିଗତ ଉତ୍କର୍ଷତା ନୁହେଁ, ବରଂ ଏନ୍ ସିସିର ଚିରସ୍ଥାୟୀ ମୂଲ୍ୟବୋଧକୁ ପ୍ରଦର୍ଶନ କରିଥିଲା। ସେମାନେ ପ୍ରମାଣ କରିଛନ୍ତି ଯେ ଶୃଙ୍ଖଳାବଦ୍ଧ ଯୁବବର୍ଗ ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ଏକତ୍ରିତ ହୋଇ ଦେଶ ପାଇଁ କ'ଣ ହାସଲ କରିପାରିବେ।



ଏନ୍‌ସିସିର ନୀତିବାକ୍ୟ 'ଐକ୍ୟ ଏବଂ ଶିଷ୍ଟାଚାର'କୁ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ ଏହି ନୀତିଗୁଡ଼ିକ ଆଜୀବନ ପଥପ୍ରଦର୍ଶକ ଭାବରେ କାମ କରେ। ଏନ୍‌ସିସି ତାଲିମ କ୍ୟାମ୍ପ ଓ ପରେଡ଼ରେ ସୀମିତ ନ ରହି ଏହା ଚରିତ୍ର ଗଠନ, ନେତୃତ୍ୱକୁ ସୁଦୃଢ଼ କରିବା ଏବଂ ସମାଜ ପ୍ରତି ଗଭୀର ଦାୟିତ୍ୱବୋଧ ସୃଷ୍ଟି କରେ ବୋଲି ରାଜ୍ୟପାଳ ଅବତାରଣା କରିଥିଲେ। ସତ୍ୟନିଷ୍ଠାର ସହ ନେତୃତ୍ୱ ନେବା, କରୁଣା ମନୋଭାବ ନେଇ ସେବା କରିବା ଏବଂ ନୀତିବାନ ନାଗରିକଙ୍କୁ ଗଢ଼ି ତୋଳିବା ହେଉଛି ଏନ୍ ?ସିସିର ପ୍ରକୃତ ସଫଳତା ବୋଲି ରାଜ୍ୟପାଳ କହିଥିଲେ। ଦ୍ରୁତ ପ୍ରଯୁକ୍ତିବିଦ୍ୟା ଓ ସାମାଜିକ ପରିବର୍ତ୍ତନ ମଧ୍ୟରେ ଯୁବବର୍ଗ ଚିନ୍ତାଧାରାରେ ସଚେତନ ରହିବାକୁ ଏବଂ ମୂଲ୍ୟବୋଧରେ ଦୃଢ଼ ରହିବାକୁ ରାଜ୍ୟପାଳ ଆହ୍ୱାନ ଦେଇଥିଲେ। ଏହି ଯାତ୍ରାରେ ସେମାନେ କେବଳ ଦର୍ଶକ ନୁହନ୍ତି ବରଂ ଏହାର ରୂପକାର ଓ ଆତ୍ମନିର୍ଭର ଭାରତର ଦୃଷ୍ଟିକୋଣ ଆତ୍ମବିଶ୍ୱାସ ଏବଂ ନୈତିକ ଆଚରଣରୁ ଆରମ୍ଭ ହୁଏ ବୋଲି ରାଜ୍ୟପାଳ କହିଥିଲେ। ରାଜ୍ୟପାଳ ଏନ୍‌ସିସି କ୍ୟାଡେଟ୍ ମାନଙ୍କ ସହିତ ଭାବ ବିନିମୟ କରିଥିଲେ ଏବଂ ସେମାନଙ୍କର ଆକାଂକ୍ଷା ଯଥା ପ୍ରତିରକ୍ଷା ସେବାରେ ଯୋଗଦାନ, ସରକାରୀ ଚାକିରି ଏବଂ ଉଚ୍ଚଶିକ୍ଷା ବିଷୟରେ ପଚାରି ବୁଝିଥିଲେ। କ୍ୟାଡେଟ୍‌ମାନେ ସକ୍ରିୟଭାବେ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ୭ରେ ସାମୂହିକ ବିବାହ ମହୋତ୍ସବ

**ଭୁବନେଶ୍ୱର,୩୧।୧/ଏନ୍‌ଏନ୍‌ଏସ୍:** ସାମ୍ପ୍ରତିକ ସମାଜରେ ବିବାହ ଏକ ମହତ୍ୱପୂର୍ଣ୍ଣ ଘଟଣା। ପରିବାରର ଅସହମତି, ଯୌତୁକ ଅସଙ୍ଗତି, ଅନାବଶ୍ୟକୀୟ ସାମାଜିକ ପ୍ରଥା, ବୈବାହିକ ଉତ୍ତରଦାୟିତ୍ୱ ସମ୍ପର୍କରେ ଅନଭିଜ୍ଞତା, ଝିଅମାନଙ୍କୁ ସାମଗ୍ରୀ କରିବାର ଅଭିପ୍ରାୟ ଓ ମନସ୍ତାତ୍ତ୍ୱିକ ତାଳମେଳର ଅଭାବ ଯୋଗୁଁ ବିବାହ ହୋଇପାରୁନାହିଁ କିମ୍ବା ହେଲେ ଚିରସ୍ଥାୟୀ ହୋଇପାରୁନାହିଁ। ଏଣୁ ପ୍ରତିକାର ସ୍ୱରୂପ ନବବଧୂଙ୍କୁ ସଚେତନ କରାଇବା, ଆର୍ଥିକ ଅନଗ୍ରସରମାନଙ୍କୁ ପ୍ରାଧାନ୍ୟ ଦେବା, ଯୌତୁକ ବିରୋଧରେ ସଚେତନତା ଶିକ୍ଷିତ ବାତାବରଣ ସୃଷ୍ଟି କରିବା ଓ ବିବାହକୁ ରେଜିଷ୍ଟ୍ରିଭୁକ୍ତ କରିବାର ଅଙ୍ଗୀକାରବଦ୍ଧତାକୁ ଆପଣାଇ ଏକ ସୁସ୍ଥ, ଚିରସ୍ଥାୟୀ ଓ ବୁଝାମଣାପୂର୍ଣ୍ଣ ବୈବାହିକ ଜୀବନର ଲକ୍ଷ୍ୟ ହାସଲ କରିବାର 'ପ୍ରୟାସ'ର ଧ୍ୟେୟ। ପ୍ରୟାସ ଦୀର୍ଘ ୧୧ ବର୍ଷ ମଧ୍ୟରେ ୨୭୫ଟି ସାମୂହିକ ବିବାହ ସଫଳତାର ସହ ଆୟୋଜନ କରିସାରିଛି। ସମାଜର ସବୁ ବର୍ଗ, ଗୋଷ୍ଠୀ,



ଜାତି ତଥା ବିଧବା, ଅକର୍ମଣ୍ୟ, ଅବହେଳିତଙ୍କୁ ଏକାଠି କରି 'ସାମୂହିକ ବିବାହ'କୁ ଏକ 'ସାମାଜିକ ମହୋତ୍ସବ'ର ମାନ୍ୟତା ଦେବାକୁ 'ପ୍ରୟାସ' ଏକ ପ୍ରୟାସ କରିଛି। ଆସନ୍ତା ୭ ତାରିଖ ସନ୍ଧ୍ୟାରେ ମଙ୍ଗନି, ମେହେନ୍ଦୀ ଓ ସଙ୍ଗୀତ କାର୍ଯ୍ୟକ୍ରମ ଓ ୮ ତାରିଖ ଦିନ ସ୍ଥାନୀୟ ୟୁନିଟ୍-୩ ସ୍ଥିତ ଶ୍ରୀ ଶ୍ରୀରାମ ମନ୍ଦିର ପରିସରରେ ଏହି 'ସାମୂହିକ ବିବାହ ମହୋତ୍ସବ' ଅନୁଷ୍ଠିତ ହେବାକୁ ଯାଉଛି। ଆବେଦନ କରିଥିବା ବରବଧୂ, ସେମାନଙ୍କ ପରିବାରର ଉପସ୍ଥିତିରେ ବିବାହ ସମ୍ପନ୍ନ ହେବା ସହ ଆଇନ ଅନୁଯାୟୀ ରେଜିଷ୍ଟ୍ରିଭୁକ୍ତ ହେବେ। ପାରମ୍ପରିକ ବିବାହ ପ୍ରଥାକୁ ସାମୂହିକ, ଅର୍ଥ ପ୍ରାବଲ୍ୟହୀନ ଓ ନିରାଡ଼ମ୍ବର କରି ଏକ ନୂତନ ସାମାଜିକ ଚେତନା ଉଦ୍ରେକ ଦ୍ୱାରା ଯୁବଗୋଷ୍ଠୀ ମଧ୍ୟରେ ବିବାହର ଏକ ମର୍ଯ୍ୟାଦାପୂର୍ଣ୍ଣ ଅର୍ଥ ଉପସ୍ଥାପନ କରିବାକୁ ପ୍ରୟାସ ଉଦ୍ୟମ କରିଛି। ଦ୍ୱାଦଶ ବିବାହ ମହୋତ୍ସବ ଅନୁଷ୍ଠିତ ହେବ ବୋଲି ଅଭ୍ୟର୍ଥନା କମିଟିର ଆବାହକ ତଥା ଶିକ୍ଷାବିତ୍ ଡଃ. ବଦ୍ରିନାଥ ପଟ୍ଟନାୟକ କହିଛନ୍ତି। ପୂର୍ବାହ୍ନ ୧୧ଟାରେ ୟୁନିଟ୍- ୨ ଆର୍ଯ୍ୟସଂସ୍କୃତି ମନ୍ଦିରଠାରୁ ୨୫ ଜଣ ବର ବାହାରି ୟୁନିଟ୍ -୩ସ୍ଥିତ ଶ୍ରୀ ଶ୍ରୀରାମ ମନ୍ଦିରକୁ ବରାନୁଗମନ କରିବେ। ଏହି କାର୍ଯ୍ୟକ୍ରମରେ ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ସୁରେଶ କୁମାର ପତ୍ରୀ, କମଲ ମହାନ୍ତି, ଜୟନ୍ତ ମହାନ୍ତି, ଡ. ସୁରେନ୍ଦ୍ର ମହାପାତ୍ର, ସଂଗ୍ରାମ ମହାରଣା, କୌସ୍ତୁଭ ଦାସ, ପ୍ରେମ ଅଗ୍ରୱାଲ, ଜସ୍‌ମିନ୍ ମହାନ୍ତି, କୌଶିକ ମହାନ୍ତି, ଚନ୍ଦ୍ରଶେଖର ପଣ୍ଡିତରା, ମମତା ମହାନ୍ତି, ଶିବାନି ମହାନ୍ତି ଓ ଅନ୍ୟ କାର୍ଯ୍ୟକର୍ତ୍ତା ନିଜର ସହଯୋଗର ହାତ ବଢାଇଛନ୍ତି ବୋଲି 'ପ୍ରୟାସ'ର ଅଧ୍ୟକ୍ଷ ବନ ମହାନ୍ତି କହିଛନ୍ତି।

### ୟୁଜିସି ନିୟମ ବିବାଦ ପଛରେ ଗଭୀର ଷଡ଼ଯନ୍ତ୍ର

# ପ୍ରଶାସନିକ ବିଫଳତା ଓ ବିଦେଶୀ 'ଟୁଲ୍‌କିଟ୍'କୁ ନେଇ ବଢ଼ୁଛି ସନ୍ଦେହ

**ନୂଆଦିଲ୍ଲୀ,୩୧।୧/ଏଜେନ୍ସି:** ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ର ନୂତନ ନିୟମାବଳୀକୁ ନେଇ ସାରା ଦେଶରେ ସୃଷ୍ଟି ହୋଇଥିବା ହଙ୍ଗାମା ପଛରେ ଏକ ଗଭୀର ଘରୋଇ ଏବଂ ବିଦେଶୀ ଷଡ଼ଯନ୍ତ୍ରର ସ୍ପଷ୍ଟ ସଙ୍କେତ ମିଳୁଛି। ଯାହା ଭୁଲ କିମ୍ବା ଜାଣିଶୁଣି କରାଯାଇଥିବା ତ୍ରୁଟି ପରି ମନେହେଉଛି, ତାହାକୁ ଏବେ ରାଜନୈତିକ ଲାଭ ପାଇଁ ଶୋଷଣ କରାଯାଉଥିବା ନେଇ ଗମ୍ଭୀର ଅଭିଯୋଗ ହୋଇଛି। ପ୍ରାପ୍ତ ସୂଚନା ଅନୁଯାୟୀ, ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ସଂସଦ ଦ୍ୱାରା ଗଠିତ କମିଟି- ଯାହାର ଅଧ୍ୟକ୍ଷତା କଂଗ୍ରେସ ସାଂସଦ ଦିଗବିଜୟ ସିଂହ କରୁଥିଲେ-ଏହି ସମଗ୍ର ପରିସ୍ଥିତି ପାଇଁ ମୁଖ୍ୟତଃ ଦାୟୀ। ଅଭିଯୋଗ ହେଉଛି ଯେ, ଏହି କମିଟି ସମ୍ପୂର୍ଣ୍ଣ ଦାୟିତ୍ୱହୀନ ଭାବେ ଆଇନଜୀବୀ ଇନ୍ଦିରା ଜୟସିଂଙ୍କ ଦ୍ୱାରା ପ୍ରସ୍ତୁତ ଏକ ରିପୋର୍ଟ ଉପରେ କୌଣସି ଗମ୍ଭୀର ବିଚାର ନକରି ସ୍ୱାକ୍ଷର କରି ଶିକ୍ଷା ମନ୍ତ୍ରଣାଳୟକୁ ପଠାଇ ଦେଇଥିଲେ।

ଏହା ଉଲ୍ଲେଖନୀୟ ଯେ, ଏହି କମିଟିରେ ସମସ୍ତ ରାଜନୈତିକ ଦଳର ସାଂସଦ ସାମିଲ ଥିଲେ। କିନ୍ତୁ ବିସ୍ମୟର ବିଷୟ ହେଉଛି, କମିଟିର ଜଣେ ହେଲେ ସଦସ୍ୟ ସେତେବେଳେ ପ୍ରସ୍ତାବିତ ନିୟମ ଉପରେ କୌଣସି ଆପତ୍ତି କରିନଥିଲେ। ଅଥଚ ଆଜି ସେହି ଦଳଗୁଡ଼ିକ ରାଜନୈତିକ ଫାଇଦା ପାଇଁ ୟୁଜିସି ନିୟମ ବିରୁଦ୍ଧରେ ନିରନ୍ତର ପ୍ରତିବାଦ ଓ ଆନ୍ଦୋଳନକୁ ପ୍ରଶ୍ରୟ ଦେଉଛନ୍ତି। କମିଟିର ରିପୋର୍ଟ ଅପେକ୍ଷା ୟୁଜିସି ଅଧ୍ୟକ୍ଷ ବିନୀତ ଯୋଶୀଙ୍କ ବଡ଼ ଭୁଲ ଏବଂ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅହୁରି ବଡ଼ ବିଫଳତା ରହିଥିବା ନେଇ ଚର୍ଚ୍ଚା ହେଉଛି। ସେମାନଙ୍କର ଅବହେଳା ଫଳରେ ସାରା ଦେଶରେ ଜାତିଭିତ୍ତିକ ଉତ୍ତେଜନା ସୃଷ୍ଟି ହୋଇଛି। ସ୍ଥିତି ଏପରି ହୋଇଛି ଯେ, ଛାତ୍ରମାନେ ରାସ୍ତାରେ ଅଛନ୍ତି, ଧର୍ମଘଟ ଓ ବନ୍ଦ ଡାକରା ଦିଆଯାଉଛି। ସରକାରଙ୍କ ନିଷ୍କ୍ରିୟତା ଏବଂ ଆଶ୍ଚର୍ଯ୍ୟଜନକ ନୀରବତା ଏହି ଆନ୍ଦୋଳନକୁ ଆହୁରି ତୀବ୍ର କରୁଛି।

ଗୁରୁବାର ଦିନ ସର୍ବୋଚ୍ଚ ନ୍ୟାୟାଳୟ ଏହି ନୂତନ ନିୟମ କାର୍ଯ୍ୟକାରୀ କରିବା ଉପରେ ସ୍ଥଗିତାଦେଶ ଜାରି କରି ଏକ ପ୍ରଶଂସନୀୟ ରାୟ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ ପୁରୁଣା ନିୟମ ବଳବତ୍ତର ରହିବ ଏବଂ ଏହି ପ୍ରସଙ୍ଗରେ ସରକାର ଓ ୟୁଜିସିଠାରୁ ସ୍ପଷ୍ଟୀକରଣ ମାଗିଛନ୍ତି। ଯଦିଓ ପ୍ରାରମ୍ଭରେ ଉଭୟ ପକ୍ଷ ଏହି ନିଷ୍ପତ୍ତିକୁ ସ୍ୱାଗତ କରି ମିଠା ବାଣ୍ଟିଥିଲେ, ତଥାପି ରାଜନୈତିକ ଦଳଗୁଡ଼ିକ ଏହି ପ୍ରସଙ୍ଗରେ ମୋଦି ସରକାରଙ୍କୁ ଘେରିବା ପାଇଁ ଏକ ସୁଯୋଗ ଦେଖି ଆନ୍ଦୋଳନ ଜାରି ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ସମଗ୍ର ଘଟଣାକ୍ରମରେ ବିଦେଶୀ 'ଟୁଲକିଟ୍'ର ପ୍ରବେଶ ହୋଇଥିବା ଅନୁଭବ କରାଯାଉଛି। ବାଂଲାଦେଶ, ନେପାଳ ଏବଂ ଶ୍ରୀଲଙ୍କା ପରି ଭାରତରେ ମଧ୍ୟ ସରକାର ପରିବର୍ତ୍ତନ ପାଇଁ ଏକ 'ଜେନ୍-ଜି' ଚାଳିତ ଆନ୍ଦୋଳନକୁ ବ୍ୟବହାର କରିବାର ଯୋଜନା ହୋଇଥିବା ସନ୍ଦେହ କରାଯାଉଛି। ଯେତେବେଳେ ବିଶ୍ୱ ଅସ୍ଥିରତା ବ୍ୟାପକ ଏବଂ ଭାରତର ପ୍ରଭାବ ବଢ଼ୁଛି, ଏପରି ଆନ୍ଦୋଳନ ଦେଶର ପ୍ରଗତିରେ ବାଧା ସୃଷ୍ଟି କରିପାରେ। ତେଣୁ ସରକାର ତୁରନ୍ତ ହସ୍ତକ୍ଷେପ କରି ଏହି ଆନ୍ଦୋଳନ ଶେଷ କରିବା ଆବଶ୍ୟକ। ଜାତୀୟ ସ୍ୱାର୍ଥକୁ ସବୁଠାରୁ ଉପରେ ରଖି ଏହି ଦେଶୀ-ବିଦେଶୀ ଷଡ଼ଯନ୍ତ୍ରର ଅନ୍ତ ଘଟାଇବାକୁ ହେବ ବୋଲି ରାକେଶ ଶର୍ମା କହିଛନ୍ତି।

# ସନ୍ଥ କବି ଭୀମ ଭୋଇଙ୍କ ଚିନ୍ତାଧାରାକୁ ଅନ୍ତର୍ଜାତୀୟ ସ୍ତରରେ ବିଶ୍ୱବିଦିତ କରାଯିବ: କେନ୍ଦ୍ରମନ୍ତ୍ରୀ

**ଭୁବନେଶ୍ୱର,ସମ୍ବଲପୁର,୩୧।୧/ଏନ୍‌ଏନ୍‌ଏସ୍ :** ରେଢାଖୋଲର 'ଭୀମଭୋଇ ଲୋକ ମହୋତ୍ସବ' କେବଳ ସଂସ୍କୃତି ଓ ଲୋକକଳାର ମଞ୍ଚ ନୁହେଁ ବରଂ ଆମ ଓଡ଼ିଆ ଅସ୍ମିତା, ସ୍ୱାଭିମାନ ଓ ପରିଚୟର ଏକ ଜ୍ୱଳନ୍ତ ପ୍ରତିବିମ୍ବ। ଏହି ଉଦ୍ୟମ 'ଭୀମ ମଣ୍ଡଳୀ'ର ଗୌରବମୟ ଇତିହାସ ଏବଂ ସନ୍ଥ କବି ଭୀମ ଭୋଇଙ୍କ ସେହି ମହାନ ମାନବବାଦୀ ଚିନ୍ତାଧାରାକୁ ସାରା ବିଶ୍ୱ ଦରବାରରେ ଉଜାଗର କରିବ। ରେଢାଖୋଲର ଆଧ୍ୟାତ୍ମିକ ପରିଚୟକୁ ସୁଦୃଢ଼ କରିବା ସହ ଏଠାକାର ପର୍ଯ୍ୟଟନକୁ ଏକ ନୂତନ ଦିଶା ଦେବାରେ ସହାୟକ ହେବ ବୋଲି 'ରେଢାଖୋଲ ଭୀମଭୋଇ ଲୋକ ମହୋତ୍ସବ-୨୦୨୬' ଅବସରରେ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି।

ଶ୍ରୀ ପ୍ରଧାନ ନିଜ ବାର୍ତ୍ତାରେ କହିଛନ୍ତି ରେଢାଖୋଲର ମାଟି ହେଉଛି ଜ୍ଞାନ, ଭକ୍ତି ଏବଂ ସଂସ୍କାରର ମାଟି । ଏହି ମାଟିର ଐତିହ୍ୟ ଅତ୍ୟନ୍ତ ଗୌରବପୂର୍ଣ୍ଣ । ଏହି ଅଞ୍ଚଳର ଭୀମମଣ୍ଡଳୀରେ ୧୦,୦୦୦ ବର୍ଷରୁ ଅଧିକ ବର୍ଷ ତଳର ମାନବ ସଭ୍ୟତାର ଜୀବନ ଚିତ୍ର ଲିପିବଦ୍ଧ ହୋଇ ରହିଛି । ଏହି ମାଟି ହେଉଛି 'ଦୁଇ ଭୀମ'ଙ୍କର ବିଚରଣ ଭୂମି । ଜଣେ ହେଉଛନ୍ତି ପୁରାଣର ମହାବୀର ଭୀମସେନ, ଯିଏ ଶୌର୍ଯ୍ୟ ଓ ନ୍ୟାୟର ପ୍ରତୀକ । ଅନ୍ୟଜଣେ ହେଉଛନ୍ତି ମହାନ ସଂସ୍କାରକ ସନ୍ଥ କବି ଭୀମଭୋଇ । ଜଣେ ଅଧର୍ମ ବିରୁଦ୍ଧରେ ଲଢ଼ିବା ଏବଂ 'ଧର୍ମରାଜ୍ୟ' ପ୍ରତିଷ୍ଠା କରିବା ପାଇଁ ହସି ହସି ବନବାସକୁ ସ୍ୱୀକାର କରିଥିଲେ । ଅନ୍ୟଜଣେ ମହିମା ଧର୍ମର ପ୍ରଚାର କରି ଅବହେଳିତ, ବନବାସୀ ଓ ଜନଜାତିଙ୍କ ମଧ୍ୟରେ ସ୍ୱାଭିମାନ ଜାଗ୍ରତ କରିଥିଲେ । ଏହି ଦୁଇ 'ମହାନ ବ୍ୟକ୍ତିତ୍ୱ' ଅନେକ କଷ୍ଟ ସହ୍ୟ



କରିଥିଲେ, କିନ୍ତୁ ଲକ୍ଷ୍ୟ ଥିଲା ଗୋଟିଏ - ଲୋକକଲ୍ୟାଣ ଏବଂ ସମାଜରେ ନ୍ୟାୟର ପ୍ରତିଷ୍ଠା । ସେଭଳି ପବିତ୍ର ମାଟିରେ ପ୍ରଥମ ଥର ପାଇଁ ଜିଲ୍ଲା ପ୍ରଶାସନ ତରଫରୁ 'ରେଢାଖୋଲ ଭୀମଭୋଇ ଲୋକ ମହୋତ୍ସବ-୨୦୨୬'ର ଶୁଭାରମ୍ଭ ହେବା ଅଞ୍ଚଳ ପାଇଁ ଗର୍ବ ଓ ଗୌରବର ବିଷୟ। ଶ୍ରୀ ପ୍ରଧାନ ବିଭିନ୍ନ ପ୍ରକଳ୍ପ ଉପରେ ସୂଚନା ଦେଇ କହିଛନ୍ତି ଯେ ନିକଟରେ 'ସୁଶାସନ ଦିବସ' ଅବସରରେ ଅଞ୍ଚଳରେ ୨୪୫ କୋଟିରୁ ଅଧିକ ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରାଯାଇଛି । ଏହି ଅଞ୍ଚଳରେ ସବ୍-ଡିଭିଜନାଲ ହସ୍ପିଟାଲର ନୂତନ ଭବନ ଓ ୨୪ ଘଣ୍ଟିଆ ଜରୁରୀକାଳୀନ ସେବା ପାଇଁ 'ଟ୍ରମା କେୟାର ସେଣ୍ଟର' ପ୍ରତିଷ୍ଠା ହେବାକୁ ଯାଉଛି । ୫୫ ନମ୍ବର ଜାତୀୟ ରାଜପଥରେ ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ରେଢାଖୋଲରେ ଏକ ବାଇପାସ ନିର୍ମାଣ ନିମନ୍ତେ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କାରୀଙ୍କୁ ଅନୁରୋଧ କରାଯାଇଛି। ଛାତ୍ରଛାତ୍ରୀଙ୍କୁ ଆଧୁନିକ ଭାରତର 'ବିଶ୍ୱକର୍ମା' ଭାବେ ସମ୍ବୋଧିତ କରି ମନ୍ତ୍ରୀ ସେମାନଙ୍କୁ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମମାଟି ଖିଣ୍ଡା, କୁଦୋପାଲି ଏବଂ ରେଢାଖୋଲର 'ଭୀମ ମଣ୍ଡଳୀ' ପରିଦର୍ଶନ କରିବାକୁ ପରାମର୍ଶ ଦେଇଛନ୍ତି । ଏହି ଐତିହାସିକ ସ୍ଥାନରୁ ପ୍ରେରଣା ନେଇ ଏକ 'ବିକଶିତ ରେଢାଖୋଲ' ଓ 'ବିକଶିତ ଓଡ଼ିଶା' ଗଠନରେ ସାମୂହିକ ସହଯୋଗ କରିବାକୁ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି।

## ଲିଙ୍ଗରାଜଙ୍କ ମହାଶିବରାତ୍ରୀ ପର୍ବ ସମନ୍ୱୟ ବୈଠକ

**ଭୁବନେଶ୍ୱର,୩୧।୧/ଏନ୍‌ଏନ୍‌ଏସ୍:** ଲିଙ୍ଗରାଜ ମହାପ୍ରଭୁଙ୍କ ଚଳିତ ବର୍ଷ ପ୍ରସିଦ୍ଧ ମହାଶିବ ରାତ୍ରି ପର୍ବ ଅବସରରେ ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ଅଧ୍ୟକ୍ଷତାରେ ଏକ ସମନ୍ୱୟ କମିଟି ବୈଠକ ସର୍କିଟ ହାଉସ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର-ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂ, ଭୁବନେଶ୍ୱର ମହାନଗର ମେୟର୍ ସୁଲୋଚନା ଦାସ, ସେବାୟତ, ମନ୍ଦିର ପ୍ରଶାସନ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଏବଂ ଅଧିକାରୀମାନେ ଉପସ୍ଥିତ ଥିଲେ।

ବୈଠକ ପ୍ରାରମ୍ଭରେ ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା ସମସ୍ତଙ୍କୁ ସ୍ୱାଗତ କରିବା ସହ ସମନ୍ୱୟ ବୈଠକରେ ଚିଠା ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଆସନ୍ତା ୧୫ ତାରିଖରେ ଜାଗର ପଡୁଥିବା ବେଳେ ଉକ୍ତ ଦିନ ପ୍ରାତଃ ୩ ଘଟିକା ସମୟରେ ମନ୍ଦିର ଖୋଲାଯାଇ ଆବଶ୍ୟକୀୟ ନୀତି କରାଯିବା ପାଇଁ ସମୟ ନିର୍ଦ୍ଧାରଣ କରାଯାଇଛି। ଏଥିପାଇଁ ଧାର୍ଯ୍ୟ ସମୟରେ ନୀତି ସମ୍ପାଦନ କରିବା ପାଇଁ ସମ୍ପୃକ୍ତ ସେବାୟତ ମାନଙ୍କ ସହଯୋଗ ଲୋଡ଼ାଯାଇଛି। ସେହିଭଳି ମନ୍ଦିର ଭିତରେ ଭକ୍ତ ମାନଙ୍କ ସୁବିଧା ପାଇଁ ବ୍ୟାରିକେଡିଂ, ସୌନ୍ଦର୍ଯ୍ୟକରଣ ବ୍ୟବସ୍ଥା କାର୍ଯ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଉପରେ ନ୍ୟସ୍ତ କରାଯାଇଛି। ଅନ୍ୟପକ୍ଷରେ ମନ୍ଦିର ଚାରିପାଖରେ ଆଲୋକୀକରଣ, ମୌନି ଘାଟ ସଫେଇ, ପ୍ରାଥମିକ ଚିକିତ୍ସା କେନ୍ଦ୍ର ଖୋଲିବା, ଆମ୍ବୁଲାନ୍ସ ମହଜୁଦ, ସାଇନେଜ ଓ ଅସ୍ଥାୟୀ ଶୌଚାଳୟ ନିର୍ମାଣ ପାଇଁ ବିଏମସିକୁ ଦାୟିତ୍ୱ ଦିଆଯାଇଛି। ସେହିଭଳି ଭକ୍ତଙ୍କ ପାଇଁ ସେଡ ନିର୍ମାଣ, ବିଦ୍ୟୁତ ସଂଯୋଗ, ପାନୀୟ ଜଳ ଯୋଗାଣ, ପୁଲିସ ମୁତୟନ,ଟ୍ରାଫିକ ନିୟନ୍ତ୍ରଣ ଓ ଶାନ୍ତି ଶୃଙ୍ଖଳା ରକ୍ଷା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ସୂଚନା କେନ୍ଦ୍ର, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ଆଶୁ ଆରୋଗ୍ୟ କେନ୍ଦ୍ର ପ୍ରତିଷ୍ଠା, ରେଡ଼କ୍ରସ ଓ ଅନ୍ୟାନ୍ୟ ସ୍ୱେଚ୍ଛାସେବୀ ମୁତୟନ ଆଦି କରିବା ପାଇଁ ବୈଠକରେ ଆଲୋଚନା ହୋଇଛି।



ଲୋକସେବା ଭବନରେ ପଣ୍ଡିତ ବୈଦ୍ୟାରୀ ମହାପାତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ଜୀବନୀ ଉପରେ ଲିଖିତ ପୁସ୍ତକ 'ଓଡ଼ିଶା ପ୍ରଗତିର ସାଥୀ ଓ ସାରଥୀ : ମୋହନ ଚରଣ' ପ୍ରଦାନ କରୁଛନ୍ତି

# ରାଜ୍ୟ କ୍ୟାବିନେଟ୍ ବୈଠକ

## ଦୁବାଇ,ସିଙ୍ଗାପୁରକୁ ବିମାନ ଉଡ଼ାଣ: ଆଉ ୬ମାସର ସହାୟତା

**ଭୁବନେଶ୍ୱର,୩୧।୧/ଏନ୍ଏନ୍ଏସ୍:** ଭୁବନେଶ୍ୱରରୁ ଦୁବାଇ ଏବଂ ଭୁବନେଶ୍ୱରରୁ ସିଙ୍ଗାପୁରକୁ ଚଳାଚଳ କରୁଥିବା ବିମାନ ସେବା ପାଇଁ ରାଜ୍ୟ ସରକାର ଆର୍ଥିକ ସହାୟତା ଯୋଗାଇଦେବେ। ଏହି ଦୁଇ ରୁଟ୍ ପାଇଁ ୬ ମାସର ଭିଜିଏଫ୍ (ଭାଏବିଲିଟି ଗ୍ୟାପ୍ ଫଣ୍ଡିଂ) ସହାୟତା ପାଇଁ ପ୍ରାୟ ୨୬.୮୭ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ଏହା ୧୦୬୦ କୋଟି ଭି-ମାନ ବଜେଟ୍ ୨୦୨୫-୨୬ ଆର୍ଥିକ ବର୍ଷ ମଧ୍ୟରୁ ବ୍ୟୟ ହେବ। ପରବର୍ତ୍ତୀ ସମୟରେ ଏହା ଚାଲୁ ରହିବ କି ନାହିଁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେବେ। ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ଏହି ସୂଚନା ଦେଇଛନ୍ତି ମୁଖ୍ୟ ଶାସନ ସଚିବ ଅନୁଗର୍ଗ। ସେ କହିଛନ୍ତି ଯେ, ଭୁବନେଶ୍ୱରରୁ ଦୁବାଇ ଏବଂ ଭୁବନେଶ୍ୱରରୁ ସିଙ୍ଗାପୁର ମଧ୍ୟରେ ବିମାନସେବାରେ ଯେତେ ଯାତ୍ରୀ ହେବା କଥା ହେଉନାହାନ୍ତି। ତେଣୁ ପ୍ରବଳ କ୍ଷତି ହେଉଛି। ଯାତ୍ରୀ ସଂଖ୍ୟା ହ୍ରାସ ଓ ବିମାନ ସେବା ବନ୍ଦ ହେବାର ଆଶଙ୍କା ଦୃଷ୍ଟିରେ ରଖି ରାଜ୍ୟ ସରକାର ଆଗାମୀ ୬ ମାସ ପର୍ଯ୍ୟନ୍ତ ସରକାର ଆର୍ଥିକ ସହାୟତା ପ୍ରଦାନ କରିବେ। ବର୍ତ୍ତମାନ ଇଣ୍ଡିଗୋ ଦ୍ୱାରା ଏହି ସେବା ଉପଲବ୍ଧ ହେଉଛି।

**ଦୁଇ ରୁଟ୍ ପାଇଁ ଭିଜିଏଫ୍ ଅର୍ଥ ପରିମାଣ ୨୬.୮୭ କୋଟି**

## ପୁନର୍ଗଠିତ ହେଲା ଜିଲ୍ଲା ସଂସ୍କୃତି ଅଧିକାରୀ ସେବା ବର୍ଗ

**ଭୁବନେଶ୍ୱର,୩୧।୧/ଏନ୍ଏନ୍ଏସ୍:** ଓଡ଼ିଶା ସଂସ୍କୃତି ସେବା ନିୟମ-୨୦୦୬ ଅଧୀନରେ ଥିବା ଜିଲ୍ଲା ସଂସ୍କୃତି ଅଧିକାରୀ ସେବା ବର୍ଗର ପୁନର୍ଗଠିତ ହୋଇଛି। ଏଥିରେ କାର୍ଯ୍ୟରତ ଅଧିକାରୀ ଧାର୍ଯ୍ୟ ସମୟରେ ପଦୋନ୍ନତି ପାଇବେ। ଏନେଇ ଆସିଥିବା ପ୍ରସ୍ତାବରେ କ୍ୟାବିନେଟ୍ ମୋହର ବାଜିଛି।

ଶନିବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କ୍ୟାବିନେଟ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଜିଲ୍ଲା ସଂସ୍କୃତି ସେବା ବର୍ଗର ଅଧିକାରୀଙ୍କୁ ପଦୋନ୍ନତିର ସୁବିଧା ପ୍ରଦାନ ପାଇଁ ବିଜ୍ଞପ୍ତି ସଂ.୧୩୨୩ ଏବଂ ୧୯ ଫେବୃଆରୀ୨୦୨୪ରେ ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ ଅଧୀନରେ ଏକ ନୂତନ ସେବା ବର୍ଗ ଯଥା: 'ଓଡିଶା ସଂସ୍କୃତି ଉନ୍ନୟନ ସେବା ବର୍ଗ' ଗଠନ କରାଯାଇଥିଲା। ଏହି ନିୟମାବଳୀ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ, ଅର୍ଥ ବିଭାଗ, ଆଇନ ବିଭାଗଙ୍କ ଅନୁମୋଦନ ଲାଭ କରିବା ପରେ ଓଡ଼ିଶା ଲୋକ ସେବା ଆୟୋଗଙ୍କ ଦ୍ୱାରା ସ୍ୱୀକୃତ ହୋଇଛି। ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କର ଅନୁମୋଦନ ପ୍ରାପ୍ତ ହୋଇଛି। ଶ୍ରୀମତି ଗର୍ଗ କହିଛନ୍ତି ଯେ ସାମ୍ପ୍ରତିକ ସମୟରେ ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ବିକାଶ ଏବଂ ଏହି ପରିପ୍ରେକ୍ଷୀରେ ହେଉଥିବା ବିଭିନ୍ନ ବିକାଶ ତଥା ଉନ୍ନୟନମୂଳକ କାର୍ଯ୍ୟକ୍ରମକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ସହ ଏହାର ସଫଳ ରୂପାୟନ କରିବା ନିମନ୍ତେ ଜିଲ୍ଲା ସଂସ୍କୃତି ଅଧିକାରୀ ସେବା ବର୍ଗର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଓଡିଶା ସଂସ୍କୃତି ସେବା ନିୟମ, ୨୦୦୬ ଅଧୀନରେ ଥିବା ଜିଲ୍ଲା ସଂସ୍କୃତି ଅଧିକାରୀ ସେବା ବର୍ଗର ପୁନର୍ଗଠନ ସହ ସେମାନଙ୍କୁ ପଦୋନ୍ନତିର ସୁବିଧା ପ୍ରଦାନର ଆବଶ୍ୟକତା ରହିଛି। ଉକ୍ତ ପ୍ରସ୍ତାବ ରାଜ୍ୟ ମନ୍ତ୍ରିମଣ୍ଡଳଙ୍କ ଅନୁମୋଦନ ଲାଭକରିଛି ବୋଲି ସେ ସ୍ପଷ୍ଟ କରିଛନ୍ତି।

# ରାଜ୍ୟସ୍ତରୀୟ ପତାକା ଅବତରଣ ଉତ୍ସବ

**ଭୁବନେଶ୍ୱର,୩୧।୧/ଏନ୍ଏନ୍ଏସ୍:** ଶନିବାର ଭୁବନେଶ୍ୱରସ୍ଥିତ ଓଏସ୍ଏପି ୭ମ ବାଟାଲିୟନ ପରିସରରେ ରାଜ୍ୟସ୍ତରୀୟ ପତାକା ଅବତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ଉତ୍ସବକୁ ଗୌରବମଣ୍ଡିତ କରିଥିଲେ। ଏହି ଅବସରରେ ରାଜ୍ୟ ପୁଲିସର ବିଭିନ୍ନ ଜିଲ୍ଲା ଓ ବାଟାଲିୟନରୁ ଆସିଥିବା ବ୍ୟାଣ୍ଡ ବାଦକ ଚିତ୍ତାକର୍ଷକ ବାଦ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରାରମ୍ଭରେ ଓଏସଏପିର ବାଦ୍ୟକାରମାନେ ବିଗୁଲ, ପାଇପ ବ୍ୟାଣ୍ଡ, ବ୍ରାସ୍ ବ୍ୟାଣ୍ଡ ଓ ଷ୍ଟ୍ରିଙ୍ଗ ବ୍ୟାଣ୍ଡ ପରିବେଷଣ ମାଧ୍ୟମରେ ସମଗ୍ର ପରିବେଶରେ ଉତ୍ସାହ ଭରିଦେଇଥିଲେ।





'ଜାତୀୟ ସଂଗୀତ','ବନ୍ଦେ ମାତରମ', 'ସାରେ ଜହାଁ ସେ ଅଚ୍ଛା', 'ଓଡ଼ିଶା ମୋ ଓଡ଼ିଶା', 'ଫନ ଫେୟାର', 'ଭାରତ କି ଯବାନ', 'କଦମ କଦମ ବଢ଼ାଏ ଯା', 'ସ୍ତୁତି ଆରାଧନା' ଓ 'ପ୍ରଳମ୍ବ ବାଦ୍ୟ' ପରି ସଙ୍ଗୀତ ପରିବେଷଣ ଦର୍ଶକମାନଙ୍କୁ ମୁଗ୍ଧ କରିଥିଲା। ସୂର୍ଯ୍ୟାସ୍ତ ସମୟରେ ଏକ ମନୋଜ୍ଞ ପରିବେଶ ମଧ୍ୟରେ ଜାତୀୟ ପତାକାର ଅବତରଣ କରାଯାଇଥିଲା।

ଏହା ପରେ ଓଏସଏପି ତୃତୀୟ ବାଟାଲିୟନ, କୋରାପୁଟର ଯବାନମାନଙ୍କ ଦ୍ୱାରା ପ୍ରଦର୍ଶିତ 'ଢେମସା' ନୃତ୍ୟ, ଓଏସଏପି ଦ୍ୱିତୀୟ ବାଟାଲିୟନ, ଝାରସୁଗୁଡାର ଯବାନ ଓ ସେମାନଙ୍କ ପରିବାର ବର୍ଗଙ୍କ ଦ୍ୱାରା ଖୁଣ୍ଟି ନୃତ୍ୟ ଏବଂ ପଞ୍ଚମ ଆଇଆରବିଏନ, ବୌଦ୍ଧର ଯବାନ ମାନଙ୍କ ଦ୍ୱାରା ପ୍ରଦର୍ଶିତ ସମ୍ବଲପୁରୀ ନୃତ୍ୟ ଉପସ୍ଥିତ ଦର୍ଶକମାନଙ୍କୁ ରୋମାଞ୍ଚିତ କରିଥିଲା।ଏହି ବର୍ଣ୍ଣାଢ୍ୟ ଉତ୍ସବରେ ଓଡିଶା ପୁଲିସ ପକ୍ଷରୁ ଦେଶଭକ୍ତି, ଜାତୀୟ ଏକତା ଓ ଶୃଙ୍ଖଳାର ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରାଯାଇଥିଲା।

ଏହି ଅବସରରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ପୁଲିସ କମିଶନର ଏସ୍. ଦେବଦତ୍ତ ସିଂହ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ( ଶସସ୍ତ୍ର) ରାଜେଶ କୁମାର, ଅତିରିକ୍ତ ପୁଲିସ କମିଶନର ନରସିଂହ ଭୋଳ, ଭୁବନେଶ୍ୱର ଡିସିପି ଜଗମୋହନ ମୀନାଙ୍କ ସମେତ ବହୁ ଅବସରପ୍ରାପ୍ତ ବରିଷ୍ଠ ପୁଲିସ ଅଧିକାରୀ ଓ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ।

**ଆର୍ଟ ଅଫ୍ ଗିଭିଂର ପ୍ରୟାସ**

# କିଟ୍‌ରେ ରକ୍ତଦାନ ଶିବିର, ୪ ହଜାର ୟୁନିଟ୍ ସଂଗ୍ରହ

**ଭୁବନେଶ୍ୱର,୩୧।୧/ଏନ୍ଏନ୍ଏସ୍:** କିଟ୍ ପକ୍ଷରୁ ଶନିବାର ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଆର୍ଟ ଅଫ୍ ଗିଭିଂର ଅନ୍ୟତମ ପ୍ରୟାସ ଭାବେ ଏହି ରକ୍ତଦାନ ପ୍ରତିବର୍ଷ ଆୟୋଜନ କରାଯାଇଥାଏ। ସକାଳ ୭ଟାରୁ ହଜାର ହଜାର କିଟ୍, କିସ୍ ଓ କିମ୍ସର ଛାତ୍ରଛାତ୍ରୀ ଓ କର୍ମଚାରୀରକ୍ତଦାନ ନିମନ୍ତେ ପହଞ୍ଚିଥିଲେ। ରକ୍ତଦାନ ଶିବିରକୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉଦ୍‌ଘାଟନ କରିଥିଲେ। ଏହି ରକ୍ତଦାନ ଶିବିରରେ କିମ୍ସ ସମେତ ଏସ୍‌ସିବି ମେଡିକାଲ୍ କଲେଜ ହସ୍ପିଟାଲ ରକ୍ତଭଣ୍ଡାର, କ୍ୟାପିଟାଲ୍ ହସ୍ପିଟାଲ୍ ରକ୍ତଭଣ୍ଡାର, ଭୁବନେଶ୍ୱର ବିଏମ୍‌ସି ହସ୍‌ପିଟାଲ୍, କଟକସ୍ଥିତ ସେଣ୍ଟ୍ରାଲ ରେଡ୍‌କ୍ରସ ବ୍ଲଡ୍ ବ୍ୟାଙ୍କ, ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ରେଡକ୍ରସ୍ ସୋସାଇଟି ଓଡ଼ିଶା ରାଜ୍ୟ ଶାଖା, ଯାଜପୁର, ଢେଙ୍କାନାଳ, କେନ୍ଦ୍ରାପଡ଼ା, ପୁରୀ, ଅନୁଗୁଳ, କେନ୍ଦୁଝର ଓ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାର ସମେତ କିମ୍ସ ରକ୍ତଭଣ୍ଡାରର କର୍ମଚାରୀ ଓ ଡାକ୍ତର ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ଏହି ଶିବିର ଅପରାହ୍ଣ ୫ଟା ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ମୋଟ୍ ୪ ହଜାର ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।



କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ଡା. ସିବିକେ ମହାନ୍ତି, ପ୍ରଫେସର କେ ଡ଼ି ରାଜୁ, କିମ୍ସ ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଆର ସି ଦାସ, କିମ୍ସ ମେଡିକାଲ ଅଧୀକ୍ଷକ ଡା. ମାନସ ବେହେରା, କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିମ୍ସ ଗ୍ରୁପ୍ ଡାଇରେକ୍ଟର ଡ. ଦିଲ୍ଲୀପ ପଣ୍ଡାଙ୍କ ସମେତ କିଟ୍ ଓ କିମ୍ସର ବହୁ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

**ଓଡ଼ିଶା ପରବ-୨୦୨୬ ଉଦ୍‌ଘାଟିତ**

# ଗୌହାଟୀରେ ଓଡ଼ିଶାର ସାଂସ୍କୃତିକ ଓ ପର୍ଯ୍ୟଟନ ବୈଭବ ପ୍ରଦର୍ଶିତ

**ଭୁବନେଶ୍ୱର,୩୧।୧/ଏନ୍ଏନ୍ଏସ୍:** ପର୍ଯ୍ୟଟନ ବିଭାଗ ଓ ସହଯୋଗୀ ସଂସ୍ଥା ଫିକି ଆନୁକୂଲ୍ୟରେ ଓଡ଼ିଶା ପରବ-୨୦୨୬ ଆସାମର ଗୌହାଟୀରେ ଉଦଘାଟିତ ହୋଇଯାଇଛି। ଏଥିରେ ରାଜ୍ୟର ସମୃଦ୍ଧ ଐତିହ୍ୟ, ପରମ୍ପରା, ହସ୍ତଶିଳ୍ପ, ହସ୍ତକଳା, ଖାଦ୍ୟ ଓ ପର୍ଯ୍ୟଟନ ଅଭିଜ୍ଞତା ଏବଂ ଓଡ଼ିଶା ଓ ଆସାମ ମଧ୍ୟରେ ଥିବା ସମ୍ପର୍କ ପ୍ରଦର୍ଶିତ ହେଉଛି। ଏହି ପରବକୁ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି, ପର୍ଯ୍ୟଟନ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ଘାଟନ କରି କହିଲେ ଯେ ଏହି ଅଭିଯାନ ମାଧ୍ୟମରେ ଓଡ଼ିଶାର ସାଂସ୍କୃତିକ ବୈଭବ ଅନ୍ୟ ରାଜ୍ୟରେ ପ୍ରଦର୍ଶିତ ହେଉଥିବା ଅତ୍ୟନ୍ତ ଗର୍ବର କଥା। ଏହା ଦ୍ୱାରା ପାରସ୍ପରିକ ରାଜ୍ୟ ଓ ଲୋକମାନଙ୍କ ମଧ୍ୟରେ ସମ୍ପର୍କ ଦୃଢ଼ ହୋଇପାରିବା ସହ ଆଧୁନିକ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ଆହୁରି ସୁଦୃଢ଼ ହୋଇପାରିବ । ଏହି ପରବର ଉଦ୍‌ଘାଟନୀ ଉତ୍ସବରେ ଆସାମ ପର୍ଯ୍ୟଟନ ବିଭାଗ ଶାସନ ସଚିବ ଦିଗନ୍ତ ବରାହ ଯୋଗଦେଇ ଆନ୍ତଃରାଜ୍ୟ ମଧ୍ୟରେ ପର୍ଯ୍ୟଟନର ପ୍ରୋତ୍ସାହନ ଓ ଏ କ୍ଷେତ୍ରରେ ଓଡ଼ିଶାର ପ୍ରୟାସକୁ ପ୍ରଶଂସା କରିଥିଲେ। ଏଥି ସହ ଦୁଇ ରାଜ୍ୟ ମଧ୍ୟରେ ଥିବା ଘନିଷ୍ଠତା ଉପରେ ମଧ୍ୟ ଆଲୋକପାତ କରିଥିଲେ । ଏହି ଓଡ଼ିଶା ପରବ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ହସ୍ତଶିଳ୍ପ, ବୟନ ଓ ହସ୍ତତନ୍ତ ବିଭାଗ, ଓରମାସ୍ ଓ ମିଶନ ଶକ୍ତି ବିଭାଗ ସହଯୋଗରେ ଆୟୋଜିତ ହେଉଛି। ଏହା ଆସନ୍ତା ଫେବୃଆରୀ ୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଉଭୟ ଓଡ଼ିଶା ଏବଂ ଉତ୍ତର ପୂର୍ବାଞ୍ଚଳର ରାଜ୍ୟଗୁଡ଼ିକ ମଧ୍ୟରେ ସାଂସ୍କୃତିକ ଓ ପର୍ଯ୍ୟଟନ କ୍ଷେତ୍ରରେ ଥିବା ସାମଞ୍ଜସ୍ୟ ଏବଂ ଏ ସଂକ୍ରାନ୍ତୀୟ ସହଯୋଗକୁ ଦୃଢ଼ କରିବା ଲକ୍ଷ୍ୟରେ ଗୌହାଟୀଠାରେ ଏହି ଓଡ଼ିଶା ପରବ ଆୟୋଜିତ ହେଉଛି ।




ଏହି ଉଦ୍‌ଘାଟନୀ ଉତ୍ସବରେ ପର୍ଯ୍ୟଟନ ବିଭାଗ ଶାସନ ସଚିବ ବଲୱନ୍ତ ସିଂ, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ବରିଷ୍ଠ ଅଧିକାରୀ, ଅଂଶୀଦାର, ଶିଳ୍ପପତି, ପ୍ରବାସୀ ଓଡ଼ିଆ ଏବଂ ନିମନ୍ତ୍ରିତ ଅତିଥି ପ୍ରମୁଖ ଯୋଗଦେଇଥିଲେ। ଏହି ପରବ ମାଧ୍ୟମରେ ଶିଳ୍ପୀ-କାରିଗର, ଟୁର ଅପରେଟର ଓ ସଂପୃକ୍ତ ଅଂଶୀଦାରମାନଙ୍କ ସହ ଗୋଟିଏ ସ୍ଥାନରେ ଭାବବିନିମୟ କରିବାର ସୁଯୋଗ ମିଳୁଛି।

**ବେଲଘର ହାତୀ ମୃତ୍ୟୁ ଘଟଣା**

# ଏସିଏଫ୍‌ଓ ସୂର୍ଯ୍ୟକାନ୍ତ ବେହେରା ନିଲମ୍ବିତ

**ବାଲିଗୁଡ଼ା,୩୧।୧/ଏନ୍ଏନ୍ଏସ୍:** ବହୁ ଚର୍ଚ୍ଚିତ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବନଖଣ୍ଡ ଅଧୀନସ୍ଥ ବେଲଘର ବନାଞ୍ଚଳରେ ହାତୀ ମୃତ୍ୟୁ ପରେ ଖଣ୍ଡ ଖଣ୍ଡ କରି କାଟି ମାଟି ତଳେ ପୋତିବା ଘଟଣାରେ ଶନିବାର ଏସିଏଫଓ ସୂର୍ଯ୍ୟକାନ୍ତ ବେହେରାଙ୍କ ବିରୋଧରେ ବିଭାଗୀୟ ତଦନ୍ତ ଆରମ୍ଭ ହେବା ସହ ତାଙ୍କୁ ନିଲମ୍ବିତ କରାଯାଇଛି। ଏତଦବ୍ୟତୀତ ସମ୍ପୂର୍ଣ୍ଣ ତଦନ୍ତ ନସରିବା ପର୍ଯ୍ୟନ୍ତ ହେଡ଼କ୍ୱାଟର ଛାଡି କେଉଁଆଡ଼େ ଯାଇପାରିବେ ନାହିଁ ବୋଲି ସୂଚନା ଜାରି କରାଯାଇଛି। ପ୍ରକାଶ ଯେ, ସୂର୍ଯ୍ୟକାନ୍ତ ବେହେରା ଜାନୁଆରୀ ୫ ତାରିଖରେ ବେଲଘର ବନାଞ୍ଚଳର ମୁଣ୍ଡୁଟି ଜଙ୍ଗଲରେ ହାତୀ ମୃତ୍ୟୁ ଘଟଣାର ତଦନ୍ତ ପାଇଁ ଯାଇ ଡିଏଫଓଙ୍କୁ ଭୁଲ ରିପୋର୍ଟ ପ୍ରଦାନ କରିଥିଲେ। ହାତୀ ମୃତ୍ୟୁ ଘଟଣା ଏକ ଗୁଜବ, ଏଥିରେ କୌଣସି ସତ୍ୟତା ନଥିବା ରିପୋର୍ଟରେ ଲେଖିଥିଲେ। ତେବେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଡିଏଫଓ ଘନଶ୍ୟାମ ମହାନ୍ତ ନିଜେ ବେଲଘର ଯିବା ପରେ ଘଟଣା ସତ୍ୟ ରିପୋର୍ଟ ପ୍ରଦାନ କରିଥିଲେ। ଏହା ପରେ ରେଞ୍ଜର ବିନୟ କୁମାର ବିଶିକୁ ନିଲମ୍ବିତ କରାଯାଇଥିବା ବେଳେ ଭୁଲ ରିପୋର୍ଟ ପ୍ରଦାନ କରିଥିବା ଅଭିଯୋଗରେ ଏସିଏଫଓ ସୂର୍ଯ୍ୟକାନ୍ତ ବେହେରାଙ୍କୁ ମଧ୍ୟ ନିଲମ୍ବିତ କରଯାଇଛି।

# ଆରମ୍ଭ ହେଲା ବିଶ୍ୱ ପ୍ରସିଦ୍ଧ ଯୋରନ୍ଦା ମାଘ ମେଳା



- ସନ୍ଧ୍ୟା ୫ଟାରେ ଜଳିଲା ଝାଡ଼ବତୀ
- ଲକ୍ଷ ଲକ୍ଷ ସାଧୁ ଓ ଶ୍ରଦ୍ଧାଳୁଙ୍କ ସମାଗମ



**ଢେଙ୍କାନାଳ,୩୧।୧/ଏନ୍ଏନ୍ଏସ୍:** ଶନିବାର ଠାରୁ ଆରମ୍ଭ ହୋଇଛି ଯୋରନ୍ଦା ମାଘ ମେଳା। ସାରା ଦେଶ ତଥା ବିଶ୍ୱର କୋଣ ଅନୁକୋଣରୁ ମହିମା ସାଧୁ ଓ ଶ୍ରଦ୍ଧାଳୁମାନଙ୍କର ମେଳାକୁ ସୁଅ ଛୁଟିଛି। ଫଳରେ ବିଶ୍ୱର ପ୍ରସିଦ୍ଧି ଲାଭ କରିଥିବା ମହିମା ଧର୍ମର ଏହି ମୁଖ୍ୟ ପୀଠ ଢେଙ୍କାନାଳର ଯୋରନ୍ଦା ସ୍ଥିତ ମହିମା ଗାଦୀ ଲୋକାରଣ୍ୟରେ ଉଛୁଳି ଉଠିଛି। ଶନିବାର ମାଘ ଶୁକ୍ଳ ଚତୁର୍ଦ୍ଦଶୀ ଅବସରରୁ ଆରମ୍ଭ ହୋଇଯାଇଛି ବିଶ୍ୱ ପ୍ରସିଦ୍ଧ ଯୋରନ୍ଦା ମାଘ ମେଳା। ମହିମା ଧର୍ମର ମୁଖ୍ୟ ପୀଠ ଯୋରନ୍ଦା ସ୍ଥିତ ମହିମା ଗାଦୀରେ ସାରା ବିଶ୍ୱର କୋଣ ଅନୁକୋଣରୁ ମହିମା ସାଧୁ ଓ ଶ୍ରଦ୍ଧାଳୁଙ୍କ ଘଟିଛି ସମାଗମ। ଲକ୍ଷ ଲକ୍ଷ ସଂଖ୍ୟାରେ ମହିମା ସାଧୁ ସନ୍ଥ,ଭକ୍ତ ଓ ଶ୍ରଦ୍ଧାଳୁ ସମାଗମରେ ମହିମା ଗାଦୀ ଉଛୁଳି ଉଠିଛି। ମହିମା ପରମ୍ପରା ମୁତାବକ ସାଧୁମାନେ ପ୍ରାତଃ ସମୟରୁ ନୀତିକାନ୍ତି ଆରମ୍ଭ କରିଥିଲେ। ମୁଖ୍ୟ ଗାଦୀ ମନ୍ଦିର ପରିସର ଚାରି ଦ୍ୱାରରେ ଧୁନି ସ୍ଥାପନ କରିଛନ୍ତି ସିଦ୍ଧ ମହିମା ସାଧୁ । ଆଉ ନିଜର ମାନସିକ ପୂରଣ ପାଇଁ ହଜାର ହଜାର ସଂଖ୍ୟାରେ ମାନସିକ ଧାରୀମାନେ ଧୁନିରେ ପ୍ରଭୁ ଶୁନ୍ୟଦେହୀଙ୍କ ଉଦେଶ୍ୟରେ ଭୋଗରାଗ ଅର୍ପଣ ପୂର୍ବକ ନିଜ ଓ ନିଜ ପରିବାରର ମଙ୍ଗଳ ମନାସୁଛନ୍ତି। ସେପଟେ ଭଣ୍ଡାର ଘରୁ ସମସ୍ତ ସୁନା ଓ ରୁପାର ଅଢେଣୀ, ତରାସ,ଛତି ଓ ମକରତ୍ରୋଣ ଆଦି କୋଟି କୋଟି ଟଙ୍କାର ସାମଗ୍ରୀକୁ ଅଣାଯାଇ ମୁଖ୍ୟ ଗାଦୀ ମନ୍ଦିର ପରିସରରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରଦର୍ଶନ କରାଯାଇଛି। ତେବେ ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଯୋରନ୍ଦା ମେଳା ପରିଦର୍ଶନ କାର୍ଯ୍ୟକ୍ରମ ପାଇଁ ମୁଖ୍ୟ ଶୂନ୍ୟ ମନ୍ଦିର ବାମପାର୍ଶ୍ୱରେ ସ୍ୱତନ୍ତ୍ର ସଭା ସ୍ଥଳ ଓ ଅସ୍ଥାୟୀ ହେଲିପ୍ୟାଡର ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି।

ମହିମା ସାଧୁମାନଙ୍କର ପୂର୍ବ ସମୟ ନିର୍ଘଣ୍ଟ ମୁତାବକ ସନ୍ଧ୍ୟା ୫ଟା ରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମୁଖ୍ୟ ଆକର୍ଷଣ ଝାଡ଼ବତୀ ପ୍ରଜ୍ୱଳନ କରାଯାଇଛି । ମୁଖ୍ୟ ଗାଦୀ ମନ୍ଦିର ପରିସରରେ ଚାରି ଦ୍ୱାରରେ ଏହି ଝାଡ଼ବତୀର ଉଜ୍ଜ୍ୱଳ ଆଲୋକରେ ଝଲସୀ ଉଠିଛି ମହିମା ଗାଦୀ । ଆଉ ଜଗତର କଲ୍ୟାଣ ଓ ଶାନ୍ତି ପ୍ରତିଷ୍ଠା ପାଇଁ ପ୍ରଭୁ ଶୂନ୍ୟଦେହୀ ଅଲେଖ ମହିମାଙ୍କ ଉଦ୍ଦେଶ୍ୟରେ ସାଧୁମାନେ ମହଣ ମହଣ ଘିଅ ଆହୁତି ଦେଉଛନ୍ତି। ହରିବୋଲ ହୁଳହୁଳି ସାଙ୍ଗକୁ ମହିମା ଆଲେଖ ଧ୍ୱନୀରେ ପ୍ରକମ୍ପିତ ହୋଇ ଉଠିଛି ସାରା ମହିମା ଗାଦୀ।

ସୂଚନା ଥାଉକି, ୧୮୨୬ମସିହାରେ ମହିମା ଧର୍ମର ପ୍ରତିଷ୍ଠାତା ପ୍ରବୁଦ୍ଧ ଗୁରୁ ମହିମା ସ୍ୱାମୀଙ୍କର ଅବିର୍ଭାବ ଘଟିଥିଲା। ଚଳିତ ବର୍ଷ ମହିମା ସାଧୁମାନେ ପ୍ରଭୁ ମହିମା ସ୍ୱାମୀଙ୍କ ଆବିର୍ଭାବର ୨୦୦ ବର୍ଷ ପୂର୍ତ୍ତି ପାଳନ କରୁଛନ୍ତି। ଅପରପକ୍ଷରେ ୧୮୭୪ମସିହା ମାଘ ଶୁକ୍ଳ ଚତୁର୍ଦ୍ଦଶୀ ଆଜିର ଦିନରେ ମହିମା ସ୍ୱାମୀ ଏହି ପୀଠରେ ଧୁନିସ୍ଥାପନ କରିଥିଲେ। ଯାହାକି ପ୍ରତ୍ୟେକ ବର୍ଷ ମହିମା ସାଧୁମାନେ ଏହି ଦିନକୁ ସେମାନଙ୍କର ବାର୍ଷିକ ଉତ୍ସବ ଭାବେ ପାଳନ କରି ଆସୁଛନ୍ତି। ଆଉ ଚଳିତ ବର୍ଷ ୧୫୩ତମ ବାର୍ଷିକ ଉତ୍ସବ ପାଳୁଥିବା ବେଳେ ଆଜି ମହିମା ସ୍ୱାମୀଙ୍କ ଉଦେଶ୍ୟରେ ଗୁରୁ ପୂର୍ଣ୍ଣିମା ଓ ଆସନ୍ତା କାଲି ସମଗ୍ର ଦେଶବାସୀଙ୍କ କଲ୍ୟାଣ ଉଦେଶ୍ୟରେ ଦେଶ ପୂର୍ଣ୍ଣିମା ଭାବେ ପାଳୁଛନ୍ତି। ସେପଟେ ମାହିମା ଗାଦୀର ଉଭୟ ବଳ୍କଳ ଓ କୌପନୀ ଧାରୀ ମହିମା ସାଧୁମାନଙ୍କ ଆଶ୍ରମରେ ଭକ୍ତମାନଙ୍କର ଭିଡ଼ ପରିଲକ୍ଷିତ ହୋଇଛି। ହଜାର ହଜାର ସଂଖ୍ୟାରେ ମାନସିକ ଧାରୀ ସେମାନଙ୍କର ମାନସିକ ପୂରଣ ପାଇଁ ମୁଣ୍ଡନ କରିବା ପରେ ପ୍ରଭୁ ଅଲେଖ ମହିମାଙ୍କ ଶରଣଗାମୀ ହୋଇଛନ୍ତି। ଖଣି ଭଜନ ସାଙ୍ଗକୁ ଭଜନ ଭଜନ କୀର୍ତ୍ତନର ଆଧାତ୍ମିକ ପରିବେଶରେ ବୁଡ଼ି ରହିଛି ସାରା ମହିମା ଗାଦୀ। ଲୋକମାନଙ୍କର ସମଗମ ଯୋଗୁଁ ବିଭିନ୍ନ ବ୍ୟବସାୟୀ ଓ ମିନା ବଜାର ଆଦି ସେମାନଙ୍କର ବ୍ୟବସାୟର ପସରା ମେଲିଛନ୍ତି। ତେବେ ମେଳାରେ ଲକ୍ଷ ଲକ୍ଷ ଜନ ସମାଗମକୁ ନେଇ ପ୍ରଶାସନ ପକ୍ଷରୁ ସ୍ୱାସ୍ଥ୍ୟ, ପରିମଳ ଓ ପାନୀୟ ଜଳ ପାଇଁ ଅସ୍ଥାୟୀ ବ୍ୟବସ୍ଥା କରାଯାଇଛି। ଭିଡ଼ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ବ୍ୟାରିକେଟ ବ୍ୟବସ୍ଥା ସାଙ୍ଗକୁ ଯାନବାହାନ ପାଇଁ ସ୍ୱତନ୍ତ୍ର ଭାବେ ରୁଟ କରାଯାଇ ଟ୍ରାଫିକ ବ୍ୟବସ୍ଥା କଡ଼ାକଡ଼ି ରହିଛି। ମେଳା ପରିଚାଳନା ପାଇଁ ୧୪ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଛି।

**ଆଜି ପରିଦର୍ଶନ କରିବେ ମୁଖ୍ୟମନ୍ତ୍ରୀ**

**ଇଲେକ୍ଟ୍ରିକ୍ ବସ୍ ଚାଳନା ତାଲିମ୍**

# ପୁଣେ ଗଲେ ୨୦ ମହିଳା

**ଭୁବନେଶ୍ୱର,୩୧।୧/ଏନ୍ଏନ୍ଏସ୍:** ସହରାଞ୍ଚଳ ପରିବହନରେ ମହିଳାମାନଙ୍କ ସହଭାଗିତା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ କ୍ୟାପିଟାଲ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ୍) ଏହାର 'ଆମ ବସ୍' ସେବା ପାଇଁ ମହିଳା ଡ୍ରାଇଭରମାନଙ୍କୁ ସାମିଲ କରିବା ଆରମ୍ଭ କରିଛି। ଏହି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ପ୍ରଥମ ପର୍ଯ୍ୟାୟରେ ପୁଣେରେ ଉଚ୍ଚ ମାନର ପ୍ରଶିକ୍ଷଣ ନେବା ପାଇଁ ଭାରୀ ମୋଟର ଯାନ ଲାଇସେନ୍ସ ଥିବା ୨୦ ଜଣ ମହିଳା ଡ୍ରାଇଭରଙ୍କୁ ଚୟନ କରାଯାଇଛି। ଏହି ପ୍ରଶିକ୍ଷାର୍ଥୀମାନେ ଆଧୁନିକ ଇଲେକ୍ଟ୍ରିକ୍ ବସ୍ ପରିଚାଳନାରେ ସେମାନଙ୍କର ଦକ୍ଷତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ତାଲିମ ନେବା ପାଇଁ ଶନିବାର ବିମାନ ଯୋଗେ ପୁଣେ ଅଭିମୁଖେ ଯାତ୍ରା କରିଛନ୍ତି।

ପୁଣେ ଯିବା ପୂର୍ବରୁ ମହିଳା ଡ୍ରାଇଭରମାନଙ୍କୁ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀ ସମ୍ମାନିତ କରିଥିଲେ। ତାଲିମ କାର୍ଯ୍ୟକ୍ରମକୁ ସଫଳତାର ସହ ସମାପ୍ତ କରିବା ଏବଂ ଜନ ପରିବହନ ସେବାରେ ଉଦାହରଣ ସୃଷ୍ଟି କରିବା ପାଇଁ ସେମାନଙ୍କୁ ଉତ୍ସାହିତ କରିଥିଲେ। ୨ ଫେବୃଆରୀରୁ ୧୫ ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ସ୍ଥିର ହୋଇଥିବା ୧୪ ଦିନିଆ ଉଚ୍ଚ ମାନର ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ଜିଆଇଜେଡର ବୈଷୟିକ ସହାୟତାରେ ପୁଣେର ମୂଳ ଉପକରଣ ନିର୍ମାତା 'ଏକ୍କା ମୋବିଲିଟି' ପ୍ଲାଣ୍ଟରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଇଲେକ୍ଟ୍ରିକ୍ ବସ୍ ପରିଚାଳନା,



ଉନ୍ନତ ଡ୍ରାଇଭିଂ, ସୁରକ୍ଷା ପ୍ରୋଟୋକଲ୍ ଏବଂ ପରିଚାଳନାଗତ ଉତ୍କର୍ଷତା ଉପରେ ଧ୍ୟାନ ଦିଆଯିବ। ପ୍ରଶିକ୍ଷାର୍ଥୀମାନେ ୧୭ ଫେବୃଆରୀ ୨୦୨୬ ରେ ଫେରିବାର କାର୍ଯ୍ୟକ୍ରମ ରହିଛି।

ଖାରବେଳ ଭବନର ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ଉତ୍ସବରେ କ୍ରୁଟର ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ ବିଶ୍ୱାଳ, ମହାପ୍ରବନ୍ଧକ ସହଦେବ ସମାଧିଆ ଏବଂ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପୁଲିସ ପକ୍ଷରୁ ରାତ୍ରିକାଳୀନ ଚେକିଂ ଓ ସତର୍କତା ଅଭିଯାନ

**ପୁରୀ,୩୧।୧/ଏନ୍‌ଏନ୍‌ଏସ୍:** ଭାରତର ରାଷ୍ଟ୍ରପତିଙ୍କ ପୁରୀ ଗସ୍ତ ଅବସରରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ପୁରୀ ପୋଲିସ ପକ୍ଷରୁ ବ୍ୟାପକ ରାତ୍ରିକାଳୀନ ଚେକିଂ ଓ ସତର୍କତା ଅଭିଯାନ ଚାଲାଯାଇଛି। ସହରର ସମସ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନ, ବିଶେଷକରି ହୋଟେଲ ଓ ଲଜ୍ ଗୁଡ଼ିକୁ ନଜରରେ ରଖି ପୁଲିସ ଚେକିଂ କାର୍ଯ୍ୟ ସଂପାଦନ କରିଛନ୍ତି। ଏହି ବିଶେଷ ଅଭିଯାନଟି ସିଟି ଡିଏସପି ରଶ୍ମି ରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଚାଲିଥିଲା। ତାଙ୍କ ସହ ସମନ୍ୱୟରେ ସୀବିଚ ଥାନା ଆଇଆଇସି, ବାଲିଆପାଣ୍ଡା ଥାନା ଆଇଆଇସି, ଟାଉନ ଥାନା ଆଇଆଇସି, ବାସେଳୀସାହି ଆଇଆଇସି ଏବଂ କୁମ୍ଭାରପଡା ଥାନା ଆଇଆଇସି ଓ ସେମାନଙ୍କର ପୋଲିସ ଷ୍ଟାଫ ରାତି ସମୟରେ ବିଭିନ୍ନ ହୋଟେଲରେ ଅଚମ୍ବା ଚେକିଂ କରିଥିଲେ। ଚେକିଂର ଉଦ୍ଦେଶ୍ୟ ମାନ୍ୟବର ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ସହରର ସୁରକ୍ଷା ସ୍ଥିତି ସର୍ବୋଚ୍ଚ ସ୍ତରରେ ରହିବା ନିଶ୍ଚିତ କରିବା ହେଉଛି ଏହି ଅଭିଯାନର ପ୍ରମୁଖ ଲକ୍ଷ୍ୟ। ପୁରୀ ଏକ ଜାତୀୟ ଓ ଆନ୍ତର୍ଜାତୀୟ ମାନଚିତ୍ରରେ ପରିଚିତ ଧାର୍ମିକ ପର୍ଯ୍ୟଟନ କେନ୍ଦ୍ର ଥିବାରୁ, ଏଠାରେ ବହୁ ସଂଖ୍ୟକ ଭକ୍ତ, ପର୍ଯ୍ୟଟକ ଓ



ଅତିଥିମାନେ ରହୁଛନ୍ତି। ସେହିପରି ସ୍ଥିତିରେ, ସହରରେ କୌଣସି ସନ୍ଦିଗ୍ଧ ବ୍ୟକ୍ତି ବା ଅବୈଧ କାର୍ଯ୍ୟକଳାପ ହେଉନାହିଁ ବୋଲି ପୂର୍ବ ହୁସିଆରୀ ଭାବେ ଏହି ତଦନ୍ତ କାର୍ଯ୍ୟ କରାଯାଇଛି। ଯେପରିକି ହୋଟେଲ ରେଜିଷ୍ଟର ଓ ଗେଷ୍ଟ ଏଣ୍ଟ୍ରି ବିବରଣୀ, ରହୁଥିବା ଅତିଥିମାନଙ୍କର ପରିଚୟ ପତ୍ର ଯାଞ୍ଚ, ସିସିଟିଭି କ୍ୟାମେରା ସଠିକ୍ ଭାବେ କାମ କରୁଛି କି ନାହିଁ, ସନ୍ଦିଗ୍ଧ ବ୍ୟକ୍ତି ବା ଚଳଚଳା ଉପରେ ନଜର, ହୋଟେଲ ପରିସରର ସୁରକ୍ଷା ବ୍ୟବସ୍ଥା, କିଛି ହୋଟେଲରେ ରେକର୍ଡ ଠିକ୍ ଭାବେ ରଖାଯାଇନଥିବା ଦେଖାଯାଇଥିଲା। ସେମାନଙ୍କୁ କଡା ସତର୍କବାଣୀ ଦିଆଯାଇଥିଲା ଏବଂ ତତ୍କ୍ଷଣାତ୍ ସଠିକ୍ ତଥ୍ୟ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ହୋଟେଲ ମାଲିକ ଓ ପ୍ରବନ୍ଧକ ମାନଙ୍କୁ ଆଗାମୀ ଦିନରେ ସମସ୍ତ ଅତିଥିଙ୍କର ଠିକ୍ ପରିଚୟ ଯାଞ୍ଚ କରିବା ଓ ରେକର୍ଡ ସଂରକ୍ଷଣ କରିବାକୁ କହାଯାଇଛି। ପୁରୀ ଜିଲ୍ଲା ପୋଲିସ ସର୍ବଦା ଜନସାଧାରଣଙ୍କ ସୁରକ୍ଷା ପ୍ରତି ପ୍ରତିବଦ୍ଧ। ମାନ୍ୟବର ରାଷ୍ଟ୍ରପତିଙ୍କ ଭ୍ରମଣ ସମୟରେ ସହରରେ କୌଣସି ଅନିଷ୍ଟ ଘଟଣା ନ ଘଟେ ଏବଂ ସମଗ୍ର କାର୍ଯ୍ୟକ୍ରମ ଶାନ୍ତିପୂର୍ଣ୍ଣ ଓ ସୁସଂଘଟିତ ଭାବେ ସମ୍ପନ୍ନ ହେଉ, ଏହା ପାଇଁ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସହରରେ ନିୟମିତ ପେଟ୍ରୋଲିଂ, ଚେକ୍ ପୋଷ୍ଟ ତଦନ୍ତ, ଡଗ୍ ସ୍କ୍ୱାଡ଼ ଓ ବମ୍ବ ସ୍କ୍ୱାଡ଼ ମୋତାୟନ, ସହିତ ଇଣ୍ଟେଲିଜେନ୍ସ ନଜରଦାରୀକୁ ଆହୁରି ଜୋରଦାର କରାଯାଇଛି। ସାଧାରଣ ଲୋକଙ୍କୁ ଅନୁରୋଧ ପୁରୀ ପୋଲିସ ପକ୍ଷରୁ ସମସ୍ତ ହୋଟେଲ ମାଲିକ, ଲଜ୍ ପ୍ରବନ୍ଧକ ଓ ସହରବାସୀଙ୍କୁ ଅନୁରୋଧ କରାଯାଉଛି କୌଣସି ସନ୍ଦିଗ୍ଧ ବ୍ୟକ୍ତି ବା କାର୍ଯ୍ୟକଳାପ ଦେଖିଲେ ତୁରନ୍ତ ନିକଟସ୍ଥ ଥାନାକୁ ଜଣାନ୍ତୁ, ହୋଟେଲରେ ଅତିଥିଙ୍କ ପରିଚୟ ପତ୍ର ଅବଶ୍ୟକ ଭାବେ ଯାଞ୍ଚ କରନ୍ତୁ, ସିସିଟିଭି କ୍ୟାମେରା ସଚଳ ରଖନ୍ତୁ ଓ ସୁରକ୍ଷା ନିୟମ ମାନି ପୋଲିସକୁ ସହଯୋଗ କରନ୍ତୁ। ମାନ୍ୟବର ରାଷ୍ଟ୍ରପତିଙ୍କ ପୁରୀ ଗସ୍ତ ଦେଶ ପାଇଁ ଗୌରବର ବିଷୟ। ଏହି ଅବସରରେ ପୁରୀ ସହରର ସୁରକ୍ଷା ଓ ଶୃଙ୍ଖଳା ବଜାୟ ରଖିବା ପାଇଁ ପୁରୀ ପୋଲିସ ସମ୍ପୂର୍ଣ୍ଣ ସଜାଗ ଓ ପ୍ରତିବଦ୍ଧ ଅଛି। ଏପରି ତଦନ୍ତ ଓ ସତର୍କତା ଅଭିଯାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ। ପୁରୀ ପୁଲିସ ସମସ୍ତଙ୍କ ସହଯୋଗ କାମନା କରୁଛି ଯାହାଦ୍ୱାରା ଏହି ଗସ୍ତ ସୁରକ୍ଷିତ ଓ ସଫଳ ଭାବେ ସମ୍ପନ୍ନ ହେବ।

# ୨ରୁ ସେବାୟତ ପ୍ରିମିୟର୍ ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍

**ପୁରୀ,୩୧।୧/ଏନ୍‌ଏନ୍‌ଏସ୍:** ଶ୍ରୀମନ୍ଦିର ଟ୍ରଫି ସେବାୟତ ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୨୦୨୬ ଫେବୃୟାରୀ ୨ ତାରିଖ ରୁ ୯ ତାରିଖ ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବ। ୨ ତାରିଖ ୩ ଘଟିକା ସମୟରେ ଉଦଘାଟନ ହେବାକୁ ଥିବା ବେଳେ ଉଦଯାପନୀ ୯ ତାରିଖ ସଂଧ୍ୟା ୭ ଘଟିକା ରେ ଅନୁଷ୍ଠିତ ହେବ। ଏଥିରେ ୨୨ ଗୋଟି ଟିମ ଅଂଶ ଗ୍ରହଣ କରିବେ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ ସୂଚନା ଦେଇଛନ୍ତି। ଆଜି ଅପରାହ୍ନ ରେ ସର୍କିଟ ହାଉସ ଠାରେ ସେବାୟତ ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜନ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦେଇ ଅତିରିକ୍ତ ଜିଲ୍ଲାପାଳ କହିଥିଲେ ଖେଳ ମାଧ୍ୟମରେ ଭାଇଚାରା ଓ ପାରସ୍ପରିକ ସଦଭାବନା ପ୍ରତିଷ୍ଠା ସେବାୟତ ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ର ମୂଳ ଲକ୍ଷ୍ୟ। ଚଳିତ ସିଜିନରେ ଅଂଶ ଗ୍ରହଣ କରୁଥିବା ୨୨ ଟି ଟିମକୁ ୮ ଟି ଗ୍ରୁପରେ ରଖାଯାଇଛି। ୮ ଦିନ ର ଏହି ଦିବା ରାତ୍ର ଟୁର୍ଣ୍ଣାମେଣ୍ଟ ରେ ୨୮ ଟି



ମ୍ୟାଚ ଖେଳାଯିବ। ମୋଟ ୩୫୨ ଜଣ ଖେଳାଳୀ ଅଂଶ ଗ୍ରହଣ କରିବେ।ଗ୍ରୁପ ଏ ରେ ସୁଆର ମହାସୁଆର ନିଯୋଗ, ହଡପ ନାୟକ ନିଯୋଗ ଓ ଦୟଣାମାଳି ସେବା ନିଯୋଗ, ଗ୍ରୁପ ବି ରେ ଦର୍ପଣିଆ ନିଯୋଗ, ବଡୁସୁଆର ନିଯୋଗ, ସାବୁତ ନିଯୋଗ, ଗ୍ରୁପ ସି ରେ ବିମାନ ବଡୁ ନିଯୋଗ, ପାଳିଆ ମେକାପ ନିଯୋଗ,ଚୁନରା ଗରୁଡ ନିଯୋଗ,ଗ୍ରୁପ ଡି ରେ ମୁଦୁଲି ନିଯୋଗ, କୋଠଭୋଗ ପାଣିଆ ନିଯୋଗ, ପ୍ରତିହାରୀ ନିଯୋଗ, ଗ୍ରୁପ ଇ ରେ ପାଟରା ବିଶୋଇ ନିଯୋଗ, ଖୁଣ୍ଟିଆ ନିଯୋଗ, ସୁଆର ବଡୁ -ପତ୍ରିବଡୁ ନିଯୋଗ,ଗ୍ରୁପ ଏଫ ରେ ଦଇତାପତି ନିଯୋଗ, ଶୁଦ୍ଧ ସୁଆର ନିଯୋଗ, ପୂଜା ପଣ୍ଡା ନିଯୋଗ, ଗ୍ରୁପ ଜି ରେ ବଲ୍ଲଭ ଯୋଗାଣିଆ ନିଯୋଗ, ପୁଷ୍ପାଳକ ନିଯୋଗ, ଗ୍ରୁପ ଏଚ ରେ ଗରାବଡୁ ନିଯୋଗ ଓ ପୁରୀ ଘଂଟୁଆ ନିଯୋଗ ରହିଛନ୍ତି ବୋଲି କହିଥିଲେ। ଏହି ବୈଠକରେ ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, କ୍ରୀଡା ସଂସଦ ର ପ୍ରାକ୍ତନ ସମ୍ପାଦକ ରବି ଶଙ୍କର ପ୍ରତିହାରୀ, ବରିଷ୍ଠ ସେବାୟତ ରାମଚନ୍ଦ୍ର ଦାସ ମହାପାତ୍ର, କେଦାର ନାଥ ଖୁଣ୍ଟିଆ, ମାଧବ ପୂଜାପଣ୍ଡା, ନାରାୟଣ ଗୋଛିକାର ପ୍ରମୁଖ ଉପସ୍ଥିତ ରହି ବିବିଧ ସୂଚନା ପ୍ରଦାନ କରିଥିଲେ।

# ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀଙ୍କ ଦ୍ୱାରା ପ୍ରକୃତିବନ୍ଧୁ ସମ୍ବର୍ଦ୍ଧିତ



**ଓଡ଼ଗାଁ,୩୧।୧/ଏନ୍‌ଏନ୍‌ଏସ୍:** ନୟାଗଡ ଶହରର ସର୍ବପୁରାତନ କ୍ଲବ୍ ଭାବେ ପରିଚିତ କୃଷ୍ଣଚନ୍ଦ୍ର କ୍ଲବର ଶତ ବାର୍ଷିକୀ ଅବସରରେ ଓଡଗାଁ ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ ରୋହିବାଙ୍କର ଶିକ୍ଷକ ତଥା ପ୍ରକୃତିବନ୍ଧୁ ସନ୍ତୋଷ କୁମାର ସାହୁ ସମ୍ବର୍ଦ୍ଧିତ ହୋଇଛନ୍ତି। କ୍ଲବ୍ ପକ୍ଷରୁ ଦିର୍ଘ ୫ ଦିନ ବ୍ୟାପୀ ଆୟୋଜିତ ଉତ୍ସବର ଶେଷ ସନ୍ଧ୍ୟାରେ ଅତିଥି ଭାବେ ଭାରତୀୟ ହକି ସଂଘର ସଭାପତି ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ, ଭାରତୀୟ ବେସବଲ ଫେଡେରେସନ ସଭାପତି ତଥା ବର୍ତ୍ତମାନ ଓଡିଶା କ୍ରିକେଟ ଆସୋସିଏସନର ସଭାପତି ପଙ୍କଜ ଲୋଚନ ମହାନ୍ତି ଯୋଗଦେଇ ଶ୍ରୀ ସାହୁଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଅନ୍ୟତମ ଅତିଥିଭାବେ ଓଡିଶା କ୍ରିକେଟ ଆସୋସିଏସନର କୋଷାଧକ୍ଷ ବିକାଶ ପ୍ରଧାନ, କେ.ସି. କ୍ଲବ ସଭାପତି ଭାଗିରଥି ଦାସ, ସମ୍ପାଦକ ସଂଗ୍ରାମ କେଶରୀ ଦାଶ, ଉପସଭାପତି ଭବାନୀ ଶଙ୍କର ଦାଶ,ବରିଷ୍ଠ ସାମ୍ବାଦିକ ରଜତ କୁମାର ପଟ୍ଟନାୟକ ପ୍ରମୁଖ ମଞ୍ଚାସିନ ଥିଲେ। ସୂଚନା ଅନୁଯାୟୀ ଶ୍ରୀ ସାହୁ ଓଡିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀଙ୍କ ଠାରୁ 'କାଗଜଠୁଙ୍ଗା ମଣିଷ 'ଭାବେ ସମ୍ମାନିତ ହୋଇଥିବାବେଳେ ରାଜ୍ୟସରକାରଙ୍କ ଜଙ୍ଗଲ,ପରିବେଶ ଓ ଜଳବାୟୁ ବିଭାଗ ତରଫରୁ ନୟାଗଡ଼ ଜିଲ୍ଲା ବିକାଶମେଳା ୨୦୨୪ରେ ଓଡ଼ଗାଁ ବ୍ଲକର 'ପ୍ରକୃତିବନ୍ଧୁ' ଓ ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ଜିଲ୍ଲାସ୍ତରରେ ମୁଖ୍ୟମନ୍ତ୍ରୀ ଶିକ୍ଷାପୁରସ୍କାରପ୍ରାପ୍ତ ଆଦର୍ଶ ଶିକ୍ଷକଭାବେ ସମ୍ମାନିତ ହୋଇଥିଲେ। ତେବେ କ୍ଲବ୍ ପକ୍ଷରୁ ଶ୍ରୀ ସାହୁ ସମ୍ବର୍ଦ୍ଧିତ ହେବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଥିବା ଜଣାପଡିଛି।

# ଶ୍ରୀଲୋକନାଥ ଦେବଙ୍କ ମହାଶିବରାତ୍ରି ବ୍ୟବସ୍ଥାର ସମୀକ୍ଷାକଲେ ଜିଲ୍ଲାପାଳ

**ପୁରୀ,୩୧।୧/ଏନ୍‌ଏନ୍‌ଏସ୍:** ଶ୍ରୀ ଲୋକନାଥ ଦେବଙ୍କ ଜାଗର ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମାପନ ସହିତ ଶ୍ରଦ୍ଧାଳୁ ମାନେ ଯେପରି ସୁଖପ୍ରଦ ଅନୁଭୂତି ନେଇ ବାହୁଡିବେ ସେଥି ପ୍ରତି ପ୍ରତ୍ୟେକ ଯତ୍ନ ବାନ ହେବାକୁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ନିର୍ଦ୍ଦେଶ ଦେଇଛନ୍ତି। ଆଜି ସଂଧ୍ୟାରେ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳ ଶ୍ରୀ ପରିଡା ଆଗାମୀ ଶ୍ରୀ ଲୋକନାଥ ଦେବଙ୍କ ଜାଗର ଯାତ୍ରାର ସମୀକ୍ଷା କରିଥିଲେ। ଚଳିତ ବର୍ଷ ଫେବୃଆରୀ ୧୫ ତାରିଖରେ ମହାଶିବରାତ୍ରି ବା ଜାଗର ପଡୁଛି। ବିଗତ ବର୍ଷ ତୁଳନାରେ ଚଳିତ ବର୍ଷ ଜାଗର ଯାତ୍ରାରେ ଅଧିକ ଜନସମାଗମ ହେବାର ସମ୍ଭାବନା ଅଛି। ତେଣୁ ଚଳିତ ଯାତ୍ରାକୁ ଅତ୍ୟନ୍ତ ଶୃଙ୍ଖଳିତ ଭାବେ ପରିଚାଳନା ସହ ଯେପରି ଶ୍ରଦ୍ଧାଳୁ ମାନଙ୍କୁ କୌଣସି ଅସୁବିଧା ନ ହୁଏ ସେଥିପାଇଁ ସମସ୍ତ ବିଭାଗ ଓ ମନ୍ଦିର କମିଟି ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ। ଫେବୃଆରୀ ମାସ ୧୩ ତାରିଖରେ ପଙ୍କୋଦ୍ଧର ଏକାଦଶୀ ଓ ୧୫ ତାରିଖରେ ଶିବରାତ୍ରୀ ପଡୁଛି। ପୂର୍ବ ବୈଠକରେ ଜାଗର ଯାତ୍ରାର ନିତୀକାନ୍ତି, ସମୟ ନିର୍ଘଣ୍ଟ ର ସୂଚନା ଦିଆଯିବା ସହ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଆଇନ ଶୃଙ୍ଖଳା ରକ୍ଷା, ପାର୍କିଂ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ପରିଷ୍କାର ପରିଚ୍ଛନ୍ନତା, ପରିମଳ ବ୍ୟବସ୍ଥା, ବିଦ୍ୟୁତ ବ୍ୟବସ୍ଥା, ବ୍ୟାରିକେଡ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର, ଆମ୍ବୁଲାନ୍ସ ବ୍ୟବସ୍ଥା, ସୂଚନା କେନ୍ଦ୍ର ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇ ସଠିକ କାର୍ଯ୍ୟ ପରିଚାଳନା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏ ସବୁ କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ପୂର୍ଣ୍ଣାଙ୍ଗ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଉପ ଜିଲ୍ଲାପାଳ ରାଜ କିଶୋର ଜେନା ସମସ୍ତଙ୍କୁ ସ୍ୱାଗତ ସହ ପୂର୍ବ ବୈଠକ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ବରିଷ୍ଠ ସେବାୟତ ରବି ନାରାୟଣ ପଣ୍ଡା, ଅନ୍ୟାନ୍ୟ ବିଭାଗର ଅଧିକାରୀ, ସେବାୟତ ନିଯୋଗ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସୂଚନା ଯୋଗ୍ୟ ଯେ ପଙ୍କୋଦ୍ଧାର ପାଇଁ ୧୩ ତାରିଖ ରାତ୍ର ୧୨.୩୦ ଘଟିକା ସମୟରେ ପହୁଡ଼ ଦ୍ୱାର ଖୋଲା, ରାତ୍ର ୧.୧୫ ମିନିଟରୁ ମଙ୍ଗଳ ଆରତୀ, ଅବକାଶ ଇତ୍ୟାଦି, ରାତ୍ର ୧.୪୫ ମିନିଟ ରୁ ରାତ୍ର ୩ ଘଟିକା ମଧ୍ୟରେ ସକାଳ ଧୂପ, ରାତ୍ର ୩ ଘଟିକା ରୁ ରାତ୍ର ୪ ଘଟିକା ମଧ୍ୟରେ ମଧ୍ୟାହ୍ନ ଧୂପ, ରାତ୍ର ୪ ଘଟିକା ରୁ ସକାଳ ୮ ଘଟିକା ପର୍ଯ୍ୟନ୍ତ ପଙ୍କୋଦ୍ଧାର କାର୍ଯ୍ୟକ୍ରମ ଓ ମାଘ ସ୍ନାନ, ଦିବା ୧୨ ଘଟିକାରୁ ରାତ୍ର ୧୦ ଘଟିକା ସର୍ବସାଧାରଣ ଦର୍ଶନ ଓ ରାତ୍ର ୧୦ ଘଟିକାରୁ ରାତ୍ର ୧୧ଟା ମଧ୍ୟରେ ଧୂପ ଓ ଅନ୍ୟାନ୍ୟ ନୀତି ଏବଂ ବଡସିଂହାର ବେଶ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ସ୍ଥିର ହେଲା।ସେହିପରି ୧୫ ତାରିଖ ଜାଗରରେ ରାତ୍ର ୧୨.୩୦ ରୁ ପହୁଡ଼ ଓ ଦ୍ୱାରଖୋଲା, ରାତ୍ର ୧ ଘଟିକାରୁ ୪ଟା ମଧ୍ୟରେ ମଙ୍ଗଳ ଆରତୀ, ଅବକାଶ, ସୂର୍ଯ୍ୟ ପୂଜା, ଭୋର ୪ ଟାରୁ ରାତ୍ର ୧୦ ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ, ରାତ୍ର ୧୦ ରୁ ରାତ୍ର ୨ ଘଟିକା ପର୍ଯ୍ୟନ୍ତ ବିଭିନ୍ନ ନୀତି,ରାତ୍ର ୨ ଘଟିକା ରୁ ରାତ୍ର ୩ ଘଟିକା ପର୍ଯ୍ୟନ୍ତ ହରିହର ପୂଜା, ଭୋଗ ସମ୍ପନ୍ନ, ବଡ ସିଂହାର ବେଶ ଓ ମହଦୀପ ପ୍ରଜ୍ୱଳନର କାର୍ଯ୍ୟକ୍ରମ ରହିଛି।

# ବ୍ଲକ୍‌ସ୍ତରୀୟ ଉଦ୍ୟାନ କୃଷି ତାଲିମ ଦକ୍ଷତା ବିକାଶ କର୍ମଶାଳା

**କଣ୍ଟାପଡ଼ା,୩୧।୧/ଏନ୍‌ଏନ୍‌ଏସ୍:** କଣ୍ଟାପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ଆଜି ଓଡିଶା ରାଜ୍ୟ ଯୋଜନା ଆନୁକୂଲ୍ୟରେ ବ୍ଲକସ୍ତରୀୟ ଉଦ୍ୟାନ କୃଷି ତାଲିମ ଓ ଦକ୍ଷତ ବିକାଶ କର୍ମଶାଳା ବ୍ଲକ ଉଦ୍ୟାନ କୃଷି ଅଧିକାରୀ ଶ୍ରୀମତୀ ପ୍ରିୟଙ୍କା ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି କଣ୍ଟାପଡ଼ା ବ୍ଲକ ଅଧକ୍ଷ ପ୍ରଦୀପ୍ତ କୁମାର ପାତ୍ର ଅଧକ୍ଷତା କରିଥିଲାବେଳେ ସମ୍ମାନୀତ ଅତିଥି ଭାବରେ ଓୟୁଏଟି ର ପ୍ରାକ୍ତନ ପ୍ରଫେସର ଡ. ଦେବବ୍ରତ ରାୟ ବ୍ଲକ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ରୁବି ତପସ୍ୱିନୀ ଦାସ ବ୍ଲକ ପ୍ରାଣୀ ସଂପଦ ଅଧିକାରୀ ମୃତ୍ୟୁଞ୍ଜୟ ବେଉରା ବ୍ଲକ୍ କୃଷି ଅଧିକାରୀ ଶୁଭଶ୍ରୀ ନନ୍ଦ, ସରପଞ୍ଚ କଣ୍ଟାପଡ଼ା ନିର୍ମଳ କୁମାର ସାହୁ ସରପଞ୍ଚ ବାଗଲପୁର ଜ୍ୟାସ୍ନା ରାଣୀ ସେଠୀ ପ୍ରମୁଖ ଯୋଗଦେଇ ଚାଷୀ ଓ ଚାଷର ପ୍ରଗତି



ସମ୍ବନ୍ଧୀୟ ଅନେକବିଷୟରେ ଆଲୋକପାତ କରିଥିଲେ। ଚାଷୀମାନେ କିପରି କମ ପରିଶ୍ରମ ସ୍ୱଳ୍ପ ଖର୍ଚ୍ଚ ବିନିମୟରେ ମାଟିକୁ ଉର୍ବରତା କରିବ ଓ ଉକ୍ତ ଉର୍ବରତା ଜମିରୁ କିଭଳି ଭାବରେ ଉନ୍ନତମାନର ଓ ଅଧିକ ପରିମାଣର ଶସ୍ୟ ତଥା ଉଦ୍ୟାନ ଜାତ ଶସ୍ୟ ଭିତ୍ତିକ ଫସଲ ଉତ୍ପାଦନ କରାଯିବ ସେ ସଂପର୍କରେ ଚାଷୀମାନଙ୍କୁ ବ୍ଲକ ଉଦ୍ୟାନ ଅଧିକାରୀ ପ୍ରିୟଙ୍କା ଦାସ ସୁବିସ୍ତୃତ ଆଲୋଚନା କରିଥିଲେ। ଚାଷୀ ଯେତେ ସକ୍ଷମହେବ ଦେଶ ସେତେ ସଶକ୍ତ ହେବ ବୋଲି ଆମ୍ଭ ଅଧକ୍ଷ ତାଙ୍କ ବ୍ୟକ୍ତବ୍ୟରେ ଚାଷୀମାନଙ୍କୁ ଆହ୍ୱାନ ଦେଇଥିଲେ. ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଉଦ୍ୟାନ କୃଷି ଅଧିଦର୍ଶକ ସୁନିଲ କୁମାର ରଥ ଉଦ୍ୟାନ କୃଷି ସଂପ୍ରସାରଣ କର୍ମଚାରୀ ଶୁଶାନ୍ତ କୁମାର ଜେନା ଉଦ୍ୟାନ କୃଷି କର୍ମଚାରୀ ସୁରେଶ କୁମାର ରାଉତରାୟ ପ୍ରମୁଖ କାର୍ଯ୍ୟକ୍ରମପରିଚାଳନାରେ ସହାୟତା କରିଥିଲେ।

# ରାଧାଚରଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୪ର୍ଥ ବାର୍ଷିକ ଉତ୍ସବ

**ମୁଣ୍ଡମୁହାଣ,୩୧।୧/ଏନ୍‌ଏନ୍‌ଏସ୍:** ଭୁବନେଶ୍ୱର ଉପକଣ୍ଠ ଯାଁଳା ପଞ୍ଚାୟତ ରାଧାଚରଣପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଚତୁର୍ଥ ବାର୍ଷିକ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ତ୍ରିନାଥ ଦେହୁରୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜଟଣୀ ବ୍ଲକ୍ ବିଧାୟକ ବିଭୁତି ଭୂଷଣ ବଳବନ୍ତରାୟ, ମୁଖ୍ୟବକ୍ତା ଭାବେ ଶ୍ରୀଯୁକ୍ତ ଯୋଗେଶ ଚନ୍ଦ୍ର ସାମନ୍ତ ସିଂହାର ବ୍ଲକ୍ ଶିକ୍ଷା ଅଧିକାରୀ ଜଟଣୀ, ଯୋଗଦେଇଥିଲେ, ଶିକ୍ଷୟତ୍ରୀ ଅନ୍ନପୂର୍ଣ୍ଣା ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସସ୍ମିତା ମହାଲିକ ଅତିଥି ପରିଚୟ କରିଥିଲେ, ଏହି କାର୍ଯ୍ୟକ୍ରମରେ ସମ୍ମାନୀୟ ଅତିଥି ଭାବେ, ଯାଁଳା ଗ୍ରାମ ପଞ୍ଚାୟତ ସରପଞ୍ଚ ଶ୍ରଦ୍ଧାଞ୍ଜଳି ବେହେରା, ସମାଜସେବୀ ଶ୍ୱେତାସିନ୍ଧୁ ପ୍ରଧାନ,(ଯାଁଳା) ପୂର୍ବତନ ମିନିବ୍ୟାଙ୍କ ସଭାପତି



ଯାଁଳା ପ୍ରଦୀପ୍ତ କୁମାର ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ବେହେରା ବି.ଆର୍.ସି.ସି ଜଟଣୀ ବ୍ଲକ୍, ମନ୍ମଥ ମହାପାତ୍ର ଆୟୋଜକ ରାଧାଚରଣ ପୁର, ଡଃ. ସବିତା ପାଣିଗ୍ରାହୀ ଏ.ବି.ଇ.ଓ ଜଟଣୀ ବ୍ଲକ୍, ପ୍ରମିଳା ସାହୁ ଏ.ବି.ଇ.ଓ ଜଟଣୀ ବ୍ଲକ୍, ମହେଶ କୁମାର ଅଗ୍ରୱାଲ ସି.ଇ.ଓ ମା ମଙ୍ଗଳା ଅଟାକଳ, ପୁଷ୍ପଲତା ପରିଡା ସି.ଆ଼ର.ସି.ସି ସରକାରୀ ଉ.ପ୍ରା ବିଦ୍ୟାଳୟ ରାଧାଚରଣ ପୁର, ଗୌତମ ମାଝୀ ଏସ୍.ଏମ୍.ସି ଚେୟାର ମ୍ୟାନ୍ ଆଦି ଯୋଗ ଦେଇଥିଲେ, ତତ୍‌ସହିତ ଅତିଥିମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ପରିଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା।

# ବୋଲେରୋକୁ ପିଟିଲା ବାଇକ୍: ୧ ମୃତ, ଜଣେ ଆହତ

**ଦଶପଲ୍ଲା,୩୧।୧/ଏନ୍‌ଏନ୍‌ଏସ୍:** ଶୁକ୍ରବାର ରାତିରେ ଦଶପଲ୍ଲା ଥାନା କୁଆଁରିଆ ଛକ ନିକଟରେ ଏକ ବୋଲେରୋକୁ ବାଇକ ଧକ୍କା ଦେବାରୁ ଘଟଣା ସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ଆହତ ହୋଇଛି। ମୃତକ ହେଉଛନ୍ତି ସ୍ଥାନୀୟ ନୂଆଗାଁ ଗ୍ରାମର ସମୀର ପ୍ରଧାନଙ୍କ ପୁଅ ରିତେଶ ପ୍ରଧାନ(୨୧) ଏବଂ ଆହତଙ୍କ ନାଁ ଧରମା ପ୍ରଧାନ(୨୦)ଓ ତାଙ୍କ ଘର ସ୍ଥାନୀୟ ରଥଗାଁ ଗ୍ରାମରେ। ଉଭୟ ବାଇକରେ ଘରକୁ ଫେରୁଥିବା ବେଳେ ଫୁଲବାଣୀ ଯିବା ପାଇଁ ଜାତୀୟ ରାଜପଥ ପାର୍ଶ୍ୱରେ ଠିଆ ହୋଇଥିବା ଏକ ବୁଲେରୋ ସହ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ରିତେଶର ମୃତ୍ୟୁ ହୋଇଥିବା ବେଳେ ଧରମାର ଗୋଡ଼ ଭାଙ୍ଗି ଗୁରୁତର ଆହତ ହୋଇଥିଲା। ଉଭୟଙ୍କୁ ଉଦ୍ଧାରକରି ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ରିତେଶକୁ ଡାକ୍ତର ମୃତ ଘୋଷଣା କରିଥିଲେ। ଆହତ ଧରମାକୁ ପ୍ରାଥମିକ ଚିକିତ୍ସା ପରେ ନୟାଗଡ଼ ସ୍ଥାନାନ୍ତର କରାଯାଇଛି। ଏହି ଘଟଣା ରେ ପୋଲିସ ଏକ ମାମଲା ରୁଜୁ କରି ବାଇକ ଓ ବୋଲେରୋକୁ ଜବତ କରିଥିବା ବେଳେ ମୃତ ରିତେଶର ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏହି ଘଟଣାରେ ପୁଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

# ସ୍ୱର୍ଣ୍ଣଲତା ନର୍ସିଂ କଲେଜରେ ସ୍ୱାଗତ ଓ ବିଦାୟ ଉତ୍ସବ

**କୋଣାର୍କ,୩୧।୧/ଏନ୍‌ଏନ୍‌ଏସ୍:** କୋଣାର୍କ ମାଧିପୁର ସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ସ୍ୱର୍ଣ୍ଣଲତା ନର୍ସିଂ କଲେଜ ପକ୍ଷରୁ ନବାଗତ ଛାତ୍ରୀ ମାନଙ୍କୁ ସ୍ୱାଗତ ଓ ଶେଷ ବର୍ଷର ଛାତ୍ରୀମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ମହାସମାରୋହ ରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ଅଚ୍ୟୁତ ରାଧାକୃଷ୍ଣ ମହାନ୍ତି ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ପ୍ରାକ୍ତନ ପ୍ରାଧାପକ ତଥା ବରିଷ୍ଠ ଶିକ୍ଷାବିତ ଶରତଚନ୍ଦ୍ର ପ୍ରଧାନ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହାର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବରିଷ୍ଠ ସମାଜସେବୀ ନିରଞ୍ଜନ ସାହୁ, ଚମ୍ପାହର ଅଗ୍ନିଶମ ସେବା କେନ୍ଦ୍ରର ଅଧିକାରୀ ବିଚିତ୍ର ଚୌଧୁରୀ, ଆର୍ତ୍ତତ୍ରାଣ କାର୍ତିକେଶ୍ୱର ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ରାମକୃଷ୍ଣ ମହାନ୍ତି, ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିହାର



ପ୍ରସାଦ ଲେଙ୍କା, ଯୁବ ସମାଜସେବୀ ଅଶୋକ ବରାଳ ଓ ଅଧ୍ୟାପିକା ଶରତ ବାଳା ଖଟୋଇ ପ୍ରମୁଖ ଯୋଗ ଦେଇ କହିଥିଲେ ନର୍ସିଂ ଛାତ୍ରୀ ମାନେ ହେଉଛନ୍ତି ସେବାର ମୂର୍ତ୍ତିମନ୍ତ ପ୍ରତୀକ। ସେମାନଙ୍କର ନିଷ୍ପାର ତ୍ୟାଗ ଓ ସ୍ୱାସ୍ଥ୍ୟ ସେବା ସମାଜ ପାଇଁ ଉଲ୍ଲେଖନୀୟ ଅବଦାନ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପରେ ଅତିଥିମାନଙ୍କ ଦ୍ୱାରା ପାରମ୍ପରିକରୀତି ରେ ନୂତନ ଓ ବିଦାୟ ନେଉଥିବା ଛାତ୍ରୀଙ୍କ ସମେତ କୋଣାର୍କ ଅଂଚଳର ବରିଷ୍ଠ ସାମ୍ବାଦିକ ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସ୍ୱର୍ଣ୍ଣଲତା ନର୍ସିଂ କଲେଜର ଅଧକ୍ଷା ସସ୍ମିତା ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅନୁଷ୍ଠାନର ସ୍ମୃତି ରଞ୍ଜନ, ଆକାଶ ଓ ନର୍ସିଂ କଲେଜର ଶିକ୍ଷକ ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଅଧାପିକା ଶ୍ରାବଣୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟସ୍ତରୀୟ ସ୍ଥାୟୀ ଜୀବନଶୈଳୀ ପ୍ରଦର୍ଶନୀରେ ଛାତ୍ରଙ୍କ କୃତିତ୍ୱ



**ବୋଲଗଡ଼,୩୧।୧/ଏନ୍‌ଏନ୍‌ଏସ୍:** ଓଡ଼ିଶା ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପି.ଏମ.ଶ୍ରୀ ଆଇ.ଆ଼ର.ସି.ଭିଲେଜ,ଭୁବନେଶ୍ୱର ଉଚ୍ଚ ବିଦ୍ୟାଳୟରେ ଶନିବାର ଆୟୋଜିତ ରାଜ୍ୟସ୍ତରୀୟ ସ୍ଥାୟୀ ଜୀବନଶୈଳୀ ପ୍ରଦର୍ଶନୀ ପ୍ରତିଯୋଗିତା ହୋଇଥିଲା। ଏଥିରେ ବୋଲଗଡ଼ ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ପିଚୁକୁଳିର ଷଷ୍ଠ ଶ୍ରେଣୀର ଛାତ୍ର ସିଦ୍ଧି ଶ୍ରେୟାଂଶ ଶ୍ରୀଚନ୍ଦନ ତୃତୀୟ ସ୍ଥାନ ଅଧିକାର କରି ୬ହଜାର ଟଙ୍କା ଅର୍ଥରାଶି ଓ ଟ୍ରଫି ସହିତ ପୁରସ୍କୃତ ହୋଇଛନ୍ତି। ଛାତ୍ର ଶ୍ରେୟାଂଶ ଖୋର୍ଦ୍ଧା ଜିଲ୍ଲାର ଏକମାତ୍ର କୃତୀ ପ୍ରତିଯୋଗୀ ଥାଇ ପୁରସ୍କୃତ ହୋଇଥିବାରୁ ତାଙ୍କୁ ଜିଲ୍ଲା ଶିକ୍ଷା ଅଧିକାରିଣୀ ସୋନାମିକା ରାୟ, ବୋଲଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁ ଅଭିନନ୍ଦନ ଜଣାଇଛନ୍ତି। ପୁରସ୍କୃତ ଛାତ୍ର ଶ୍ରେୟାଂଶୁ ବୋଲଗଡ଼ସ୍ଥିତ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶାନ୍ତନୁ କୁମାର ଶ୍ରୀଚନ୍ଦନଙ୍କ ସୁପୁତ୍ର ଅଟନ୍ତି।

# ଆଇନ ସେବା ପ୍ରାଧିକରଣର ପଦକ୍ଷେପ ପରେ ବୃଦ୍ଧଙ୍କୁ ଥଇଥାନ

**ପୁରୀ,୩୧।୧/ଏନ୍‌ଏନ୍‌ଏସ୍:** ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଉଦ୍ୟମରେ ଖୋର୍ଦ୍ଧା ଜିଲ୍ଲାର ନରହରି ସାହିର ୭୮ ବର୍ଷୀୟ ବୃଦ୍ଧ ଧନୀ ବେହେରାଙ୍କୁ ହୋପ ଇଜ ଲାଇଫ, ବୃଦ୍ଧାଶ୍ରମରେ ଥଇଥାନ କରାଯାଇଛି। ଶ୍ରୀ ବେହେରା ନିଜ ପୁଅ ଠାରୁ ନିର୍ଯାତିତ ହୋଇ ଘର ଛାଡି ୭-୮ ଦିନ ହେବ ଷ୍ଟେସନରେ ରହୁଥିଲେ। ଆଜି ଦିବା ୧୦ ଘଟିକା ସମୟରେ ବୃଦ୍ଧଜଣଙ୍କ ଟାଉନ ଥାନା, ପୁରୀ କୁ ଆସିଥିଲେ। ଉକ୍ତ ଦିନରେ ଟାଉନ ଥାନା ରେ କାର୍ଯ୍ୟରତ ଥିବା ଜିଲ୍ଲା ଆଇନ ସେବା ପ୍ରାଧିକରଣ, ପୁରୀର ସ୍ୱେଚ୍ଛାସେବୀ ଗୁରୁପ୍ରସାଦ ଦାସ ବୃଦ୍ଧଜଣଙ୍କ ସଂସ୍ପର୍ଶରେ ଆସିଥିଲେ ଏବଂ ତାଙ୍କ ବିଷୟରେ ସମ୍ପୂର୍ଣ୍ଣ ବିବରଣୀ ନେଇଥିଲେ। ବୃଦ୍ଧ ଜଣଙ୍କ ବହୁତ ବିତସ୍ପୃହ ହୋଇ ନିଜର ଥଇଥାନ ପାଇଁ ଅନୁରୋଧ କରିଥିଲେ। ଏହି ବିଷୟର ସ୍ୱେଚ୍ଛାସେବୀ ଜଣଙ୍କ ପୁରୀ ବଡଦାଣ୍ଡ ଟାଉନ ଥାନା ନିକଟସ୍ଥ ନୀଳାଦ୍ରୀ ଭକ୍ତ ନିବାସ ପ୍ରାଙ୍ଗଣରେ ଥିବା ଆଇନ ସହାୟତା ଏବଂ ମଧ୍ୟସ୍ଥତା ପ୍ରଚାର କେନ୍ଦ୍ରରେ କାର୍ଯ୍ୟରତ ଥିବା ପୂର୍ଣ୍ଣଚନ୍ଦ୍ର ଚଇନି ଜଣାଇବା ପରେ ଥାନା ଭରପ୍ରାପ୍ତ ଅଧିକାରୀଙ୍କ ସହାୟତାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପରିତୋଷ କୁମାର ସେଠୀଙ୍କ ବିହିତ ପଦକ୍ଷପରେ ବୃଦ୍ଧ ଧନୀ ବେହେରାଙ୍କୁ ହୋପ ଇଜ ଲାଇଫ ବୃଦ୍ଧାଶ୍ରମରେ ଥଇଥାନ କରାଯାଇଛି।

# ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ଅଧକ୍ଷାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଚାରିଛକ,୩୧।୧/ଏନ୍‌ଏନ୍‌ଏସ୍:** ନିମାପଡା ବ୍ଲକ ଅନ୍ତର୍ଗତ ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ମହାବିଦ୍ୟାଳୟର ଅଧକ୍ଷା ପ୍ରଫେସର ମିତ୍ରା ମହାପାତ୍ରଙ୍କର ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରାଧାପକ ଡ଼ଃ ଅଶୋକ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ରୂପେ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ପ୍ରଫେସର ଗୋପୀନାଥ କର ଯୋଗ ଦେଇ ଅଧକ୍ଷାଙ୍କର କାର୍ଯ୍ୟକାଳ ମହାବିଦ୍ୟାଳୟ ଇତିହାସରେ ସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ହୋଇ ରହିବ ବୋଲି ଅଭିହିତ କରିବା ସହ ତାଙ୍କର ଅବସର ପରବର୍ତ୍ତୀ ଜୀବନ ସୁସ୍ଥ ଏବଂ ନିରାମୟ ପାଇଁ କାମନା କରିଥିଲେ। ମୁଖ୍ୟ ବକ୍ତା ରୂପେ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ଼ଃ ପ୍ରଭାତ ଚନ୍ଦ୍ର ମିଶ୍ର ଏବଂ



ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଭାରତୀୟ ରାଜସ୍ୱ ସେବା ଅଧିକାରୀ ଚନ୍ଦ୍ରକାନ୍ତ ଦଳାଇ ଯୋଗଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସଂସାଦଙ୍କ ବ୍ଲକ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ସମାଜସେବୀ ସନାତନ ପାତ୍ର,କୁଳମଣି ମେମୋରିଆଲ ଟ୍ରଷ୍ଟର ଅଧକ୍ଷ ଡ଼ଃ କେଦାରନାଥ ସାହୁ, ଚାରିଛକ ପ୍ରେସ କ୍ଲବ ସଭାପତି ପ୍ରଫୁଲ୍ଲ କର ପ୍ରମୁଖ ଯୋଗଦେଇଥିଲେ। ମହାବିଦ୍ୟାଳୟର ଇଂରାଜୀ ବିଭାଗ ମୁଖ୍ୟ କାନନବାଳା ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷା ବିଭାଗ ମୁଖ୍ୟ ଡ଼ଃ ଶ୍ରୀଲେଖା ନାୟକ ମାନପତ୍ର ପଠନ କରିଥିଲେ। ସଂସ୍କୃତ ବିଭାଗ ଅଧାପକ ଜୀବନ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମହାବିଦ୍ୟାଳୟ ତରଫରୁ ଅଧକ୍ଷାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶେଷରେ ଓଡ଼ିଆ ବିଭାଗ ମୁଖ୍ୟ ଡ଼ଃ ଶର୍ମିଷ୍ଠାରାଣୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରାଧାପକ ଡ଼ଃ ଅଶୋକ କୁମାର ବିଶ୍ୱାଳ ନୂତନ ଅଧକ୍ଷ ରୂପେ ଦାୟିତ୍ୱ ଗ୍ରହଣ କରିଥିଲେ। ମହାବିଦ୍ୟାଳୟ ତରଫରୁ ନୂତନ ଅଧକ୍ଷଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ ଦିଆଯାଇଥିଲା।

ନିତିଦିନ NITIDIN



## ବାଲୁଗାଁ ମହାବିଦ୍ୟାଳୟ ଓଡ଼ିଆ ସାହିତ୍ୟ ପରିଷଦର ବାର୍ଷିକ ସାରସ୍ୱତ ସମାରୋହ

# 'ସର୍ଜନଶୀଳତା ଛାତ୍ରଛାତ୍ରୀଙ୍କ ହୃଦୟକୁ ବିସ୍ତାରିତ କରେ'

**ବାଲୁଗାଁ,୩୧।୧/ଏନ୍‌ଏନ୍‌ଏସ୍:** ବାଲୁଗାଁ ମହାବିଦ୍ୟାଳୟ ଓଡ଼ିଆ ସାହିତ୍ୟ ପରିଷଦ ର ବାର୍ଷିକ ସାରସ୍ୱତ ସମାରୋହ, କବିତା ପାଠୋତ୍ସବ ଓ ପୁରସ୍କାର ବିତରଣ ଉତ୍ସବ ଆଜି ଅଧକ୍ଷ ଡକ୍ଟର ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସାରସ୍ୱତ ସମାରୋହରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଗାଳ୍ପିକ ଶିବ ମିଶ୍ର ଓ ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପିକା ଡକ୍ଟର ଜୟନ୍ତୀ ସାମଲ ଯୋଗ ଦେଇ ଭାଷା ସାହିତ୍ୟର ବିକାଶ ପାଇଁ ଛାତ୍ରଛାତ୍ରୀମାନଙ୍କ ଉତ୍ତରଦାୟିତ୍ୱ ସମ୍ପର୍କରେ ଅବତାରଣା କରିବା ସହ ଗଳ୍ପ, କବିତା ଆଦି ସର୍ଜନଶୀଳ ଲେଖାର ଶୈଳୀ ଓ ଗଠନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ସର୍ଜନଶୀଳତା ଛାତ୍ର ଛାତ୍ରୀମାନଙ୍କ ହୃଦୟକୁ ବିସ୍ତାରିତ କରିବା ସହ ମଣିଷ, ପ୍ରକୃତି ଓ ଜଗତ ସହ କିପରି ଏକାତ୍ମ ହେବାକୁ ପ୍ରେରିତ କରେ ତାହା ଅତିଥିମାନେ ଆଲୋଚନା କରିଥିଲେ । ପ୍ରାରମ୍ଭରେ ଓଡ଼ିଆ ସାହିତ୍ୟ ପରିଷଦର ଉପଦେଷ୍ଟା ଅଧ୍ୟାପକ ଡକ୍ଟର କୈଳାସ ଚନ୍ଦ୍ର ମହାରଣା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ପରେ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଝରଣା ନାଥଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ଚାଳିଶ ଜଣ ଛାତ୍ର ଛାତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ । କବିତା ପାଠୋତ୍ସବ ପରେ ଅଧ୍ୟାପିକା ଶୁଭଦର୍ଶିନୀ ବିଶ୍ୱାଳଙ୍କ ମଞ୍ଚ ସଂଯୋଜନାରେ ଅନୁଷ୍ଠିତ ଅନୁଷ୍ଠାନିକ ସାରସ୍ୱତ ସଭାରେ ସଭାପତି ଡକ୍ଟର ଲକ୍ଷ୍ମୀଧର ସୁବୁଦ୍ଧି, ମୁଖ୍ୟ ଅତିଥି କଥାକାର ଶିବ ମିଶ୍ର, ମୁଖ୍ୟ ବକ୍ତା ଡକ୍ଟର ଜୟନ୍ତୀ ସାମଲ, ଉପଦେଷ୍ଟା ଡକ୍ଟର କୈଳାସ ଚନ୍ଦ୍ର ମହାରଣା ଓ ସମ୍ମାନିତ ଅତିଥି ଭାବେ କବି ରବୀନ୍ଦ୍ର ପ୍ରଧାନ, ରବୀନ୍ଦ୍ର ମାନସିଂହ, ବ୍ୟଙ୍ଗକବି ରୋଜି ମିଶ୍ର, ଗାଳ୍ପିକ ସୁଶାନ୍ତ ଦାଶ, କବି ଶଶୀଭୂଷଣ ବରାଳ, ବ୍ରଜ ଜେନା ପ୍ରମୁଖ ଯୋଗଦେଇ କବିତା ଓ ଗଳ୍ପ ପାଠ କରିବା ସହ ଶିକ୍ଷାର୍ଥୀମାନଙ୍କୁ ମୌଳିକ ଲେଖା ଲେଖିବା ପାଇଁ ଅନୁପ୍ରେରିତ କରିଥିଲେ । ଏହାପରେ ସାହିତ୍ୟ ପରିଷଦ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ଶ୍ରେଷ୍ଠ ଛାତ୍ର ଛାତ୍ରୀ ଭାବେ ଶାଶ୍ୱତୀ ମିଶ୍ର, ପଦ୍ମିନୀ ରାଉତ, ସୁଶୀଳା ଜାଲି, ମନୀଷା ଦିହୁଡି, ପୂଜା ଦିହୁଡି ମାନଙ୍କୁ, ପ୍ରିୟଙ୍କା ବେହେରା, ପ୍ରଜ୍ଞାସ୍ମିତା ସାହୁ, ସରସ୍ୱତୀ ଘଟୁଆଳି, ଜଗନ୍ନାଥ ସାହୁ, ମୋନାଲି ଗୁମାନସିଂହଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିବା ପରେ ପରିଷଦ ପକ୍ଷରୁ ଅତିଥିମାନଙ୍କୁ ଅଧକ୍ଷ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଉପଦେଷ୍ଟା ଅଧ୍ୟାପକ ଧୋବୀଚରଣ ପରିଡା । କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଅଧ୍ୟାପିକା ଝରଣା ନାଥ ।




## କୋଣାର୍କରେ ପୋକରା କାଜୁ ଓ ନକଲି ପୋସ୍ତକ ବିକ୍ରି ଘଟଣା

# ଜୋର୍‌ଦାର୍ ଚଢ଼ଉ: ୫ ଗିରଫ

**କୋଣାର୍କ,୩୧।୧/ଏନ୍‌ଏନ୍‌ଏସ୍:** ଆନ୍ତର୍ଜାତୀୟ ପର୍ଯ୍ୟଟନ କ୍ଷେତ୍ର କୋଣାର୍କ ରେ ପର୍ଯ୍ୟଟକଙ୍କୁ ପ୍ରତିଦିନ ପୋକରା କାଜୁ ଓ ପୋସ୍ତକ ନାମରେ ଅଖାଦ୍ୟ ଘାସ ମଞ୍ଜି ବିଭିନ୍ନ ଲୋଭନୀୟ ପ୍ୟାକେଟରେ ବିକ୍ରିକରି ଲୁଟ କରୁଥିବା

### ୧୧ କ୍ୱିଣ୍ଟାଲ୍‌ରୁ ଊର୍ଦ୍ଧ୍ୱ କାଜୁ, ୨ବସ୍ତା ନକଲି ପୋସ୍ତକ, ପ୍ୟାକିଙ୍ଗ ପ୍ୟାକେଟ୍ ଓ ସିଲିଙ୍ଗ ମେସିନ୍ ଜବତ



ଘଟଣାକୁ ନେଇ ପୁରୀ ଏସପିଙ୍କ କଡ଼ା ନିର୍ଦ୍ଦେଶକ୍ରମେ ଶୁକ୍ରବାର ଓ ଶନିବାର ଅପରାହ୍ନରେ ନିମାପଡା ଏସ ଡିପିଓ ଜାନାର୍ଦ୍ଦନ ପାଢ଼ୀଙ୍କ ତତ୍ତ୍ୱାବଧାନରେ କୋଣାର୍କ ପୋଲିସ ପକ୍ଷରୁ ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ ଏକ ସେକ୍ସନ ଫୋର୍ସଙ୍କୁ ନେଇ କୋଣାର୍କ ସୂର୍ଯ୍ୟମନ୍ଦିର ସମ୍ମୁଖ ବଜାର ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା । ଏଥିରେ ୪ଜଣ ପୋକରା କାଜୁ ଓ ପୋସ୍ତକ ନାମରେ ଘାସ ମଞ୍ଜି ବିକ୍ରି କରୁଥିବା ବେପାରୀଙ୍କୁ ଧରିବା ସହ ୧୧ କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ କାଜୁ ପ୍ୟାକେଟ, ଦୁଇ ବସ୍ତା ନକଲି ପୋସ୍ତକ ,ଦୁଇ ବସ୍ତା ପ୍ୟାକିଙ୍ଗ ପ୍ୟାକେଟ ଓ ପ୍ୟାକିଂ ମେସିନ ପୋଲିସ ପୋଲିସ ଜବତ କରି ମାମଲା ରୁଜୁ କରି ଦୁଇଜଣ ଆସାମୀଙ୍କୁ କୋଣାର୍କ କୋର୍ଟରେ ହଜାର କରାଇଥିଲେ । ସେଠାରେ ଜାମିନ ନାମଞ୍ଜୁର ହେବାରୁ ନିମାପଡା ଜେଲ୍‌କୁ ପଠାଇ ଦିଆଯାଇଛି । ଅନ୍ୟ ଦୁଇଜଣ ମୁଖ୍ୟ ଅଭିଯୁକ୍ତ ରାଉଳପଟଣା ଗ୍ରାମର ଆସାମୀ ନିରଞ୍ଜନ ସ୍ୱାଇଁ(ବାବୁ) ଓ ଅନ୍ୟ ଜଣେ କୋଣାର୍କ ମାଉସୀମା ସାହିର ଦେବରାଜ ରାଉତ(ଓଲ)ଙ୍କୁ କୋଣାର୍କ ଥାନାର ଦକ୍ଷ ପୋଲିସ ଅଫିସର କେଦାରନାଥ ଦୋରା ନିଜର ଜାଲ ବିଛାଇ ଚତୁରତାର ସହ ଗୋଡ଼ାଇ ଗୋଡାଇ ଗିରଫ କରି ଏହି ବେପାରର ମୁଖ୍ୟ କିଂଗପିନକୁ ଧରିବାକୁ ଅଧିକ ତଦନ୍ତ ଚଳାଇଥିବା ଜଣାପଡ଼ିଛି । ଆସନ୍ତାକାଲି ଦୁଇଅଭିଯୁକ୍ତଙ୍କୁ କୋର୍ଟରେ ହଜାର କରାଯିବ ବୋଲି କୋଣାର୍କ ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି । ଗତ ୨୮ ତାରିଖରେ ହୋଇଥିବା ଜଣେ ଗିରଫ ସହ ପୋଲିସ ପକ୍ଷରୁ ଅସାଧୁ ବେପାରୀ ସମୁଦାୟ ୫ଜଣଙ୍କୁ ପର୍ଯ୍ୟାୟକ୍ରମେ ଗିରଫ କରାଯାଇ ସାରିଛି । ସେମାନଙ୍କଠାରୁ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ନକଲି କାଜୁ ଓ ନକଲି ପୋସ୍ତକ ଜବତ କରାଯାଇଛି । କୋଣାର୍କ ପୋଲିସର ତ୍ୱରିତ ପଦକ୍ଷେପକୁ ନେଇ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି । ଆଗକୁ ଆହୁରି ଏହି ନକଲି ପୋସ୍ତକ ଓ ପୋକରା କାଜୁ ବିକ୍ରି କରୁଥିବା ବେପାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇ ଗିରଫ କରାଯିବ ବୋଲି ନିମାପଡା ଏସଡିପିଓ ଶ୍ରୀ ପାଢ଼ୀ ପ୍ରକାଶ କରିଛନ୍ତି ।

# ଯବାନଙ୍କ ମୃତ୍ୟୁରେ ଶୋକାକୂଳ ପରିବେଶ

**ନୟାଗଡ଼,୩୧।୧/ଏନ୍‌ଏନ୍‌ଏସ୍:** ଭାରତୀୟ ସେନାବାହିନୀରେ କାର୍ଯ୍ୟରତ ଥିବା ନୟାଗଡ଼ ବ୍ଲକ୍ ଆନନ୍ଦପଲ୍ଲୀ ଗାଁର ଯବାନ ଜିତୁ ବେହେରାଙ୍କର ଜମ୍ମୁକାଶ୍ମୀରରେ ଡ୍ୟୁଟିରେ ଥିବା ବେଳେ ମୃତ୍ୟୁ ହୋଇଛି । ଗତ ୨୬ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିବା ବେଳେ ତାଙ୍କର ମରଶରୀର ନିଜର ପୈତୃକ ଗାଁରେ ପହଞ୍ଚିଥିଲା । ଘଟଣାସ୍ଥଳରେ ଜିଲ୍ଲାପାଳ ମଧୁମିତା ରଥ, ନୟାଗଡ଼ ଏସ୍ ?ଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଥିବା ବେଳେ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ । ଜିତୁଙ୍କର ପତ୍ନୀ ଶୁଭଶ୍ରୀ ଜିଲ୍ଲାପାଳଙ୍କୁ କୁଣ୍ଢାଇ ଧରି କାନ୍ଦୁଥିବାର କରୁଣ ଦୃଶ୍ୟରେ ପରିବେଶ ସ୍ତବ୍ଧ ହୋଇଯାଇଥିଲା । ଜିଲ୍ଲାପାଳ ଲୁହ ଛଳଛଳ ଆଖିରେ ତାଙ୍କୁ ସାନ୍ତ୍ୱନା ଦେଇଥିଲେ । ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ ଜିତୁଙ୍କର ଅନ୍ତେଷ୍ଟି କ୍ରିୟା କରାଯାଇଥିଲା । ଜିତୁଙ୍କ ବାପା ପ୍ରହଲ୍ଲାଦଙ୍କ ସୂଚନା ମୁତାବକ, ତାଙ୍କର ଦୁଇ ପୁଅ ସେନା ବାହିନୀରେ କାର୍ଯ୍ୟରତ ରହିଛନ୍ତି । ସମସ୍ତଙ୍କ ସହ ସେ ପ୍ରତ୍ୟେକ ଦିନ ଫୋନ୍ ?ରେ କଥା ହୁଅନ୍ତି । ମାତ୍ର ଗତ ୨୬ ତାରିଖରେ ସେ ଆଉ ଫୋନ୍ ଉଠାଇନଥିଲେ । ପରେ ଜିତୁଙ୍କର ଦେହାନ୍ତ ହୋଇଥିବା ଖବର ମିଳିଥିଲା । ହୃଦ୍‌ଘାତରେ ତାଙ୍କର ଦେହାନ୍ତ ହୋଇଥିବା ଶୁଣୁଛୁ ବୋଲି ଜିତୁଙ୍କର ପରିବାର ଲୋକ କହିଛନ୍ତି । ଜିତୁଙ୍କ ମରଶରୀର ଗାଁରେ ପହଞ୍ଚିବା ବେଳକୁ ସେଠାରେ ପ୍ରବଳ ଜନସମାଗମ ହୋଇଥିବା ଦେଖିବାକୁ ମିଳିଥିଲା । ଜିତୁଙ୍କ ମୃତ୍ୟୁରେ ଆନନ୍ଦାପଲ୍ଲୀ ଗାଁରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା ।



# ବୋଲଗଡ଼ରେ ୭୯ତମ ଗାନ୍ଧୀ ତିରୋଧାନ ଦିବସ

**ବୋଲଗଡ଼,୩୧।୧/ଏନ୍‌ଏନ୍‌ଏସ୍:** ବୋଲଗଡ଼ ଗାନ୍ଧୀ ପୀଠ ତଥା ଖଦିକେନ୍ଦ୍ର ଠାରେ ୭୯ତମ ଗାନ୍ଧୀ ତିରୋଧାନ ଦିବସ ଜାନୁଆରୀ ୩୦ ଶୁକ୍ରବାର ପାଳନ କରାଯାଇଛି । ଗାନ୍ଧୀ ତିରୋଧାନ ଅବସରରେ ଶିକ୍ଷାବିତ ଗୋପୀନାଥ ଖାଡଙ୍ଗାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଐତିହାସିକ ରବିନ୍ଦ୍ର କୁମାର ପରିଡ଼ା ଯୋଗ ଦେଇ ଜାତିର ପିତା ଗାନ୍ଧିଜୀଙ୍କ ସମ୍ପର୍କରେ ଆଲୋକ ପାତ କରିଥିଲେ । ୧୯୨୭ ମସିହାରେ ଜାତିର ଜନକ ଗାନ୍ଧିଜୀ ଜରୁରୀ ସଭା କାର୍ଯ୍ୟକ୍ରମକୁ ନେଇ ଓଡିଶା ଗ୍ରସ୍ତରେ ଆସି ଡିସେମ୍ବର ୯,୧୦ ଓ ୧୧ ଦୀର୍ଘ ୩ଦିନ ବୋଲଗଡ଼ସ୍ଥିତ ଡାକ ବଙ୍ଗଳାରେ ରହଣି କରି ରାତ୍ରି ଯାପନ କରିଥିଲେ । ଗାନ୍ଧିଜୀଙ୍କ ରହଣି ମଧ୍ୟରେ ସ୍ଥାନୀୟ ଅଂଚଳ ବୁଲି ଚରଖା ଦ୍ୱାରା ସୂତାକାଟିବା ଲାଗି ଉତ୍ସାହିତ କରିଥିଲେ ଓ ପରେ ସୁତା କଟାଳି ମାନଙ୍କ କାର୍ଯ୍ୟ ଦକ୍ଷତା ଉପରେ ଅତ୍ୟନ୍ତ ଖୁସି ପ୍ରକଟ କରିଥିଲେ । ଏହି ତିରୋଧାନ ଦିବସ ବୈଠକରେ ଅବସର ପ୍ରାପ୍ତ ଶିକ୍ଷକ ହରିବନ୍ଧୁ ସାହୁ, ରଘୁନାଥ ଦଳବେହେରା, କୈଳାସ ଚନ୍ଦ୍ର ତ୍ରିପାଠୀ, ରାଧାଶ୍ୟାମ ରାୟଗୁରୁ ମହାପାତ୍ର ଓ ନାରାୟଣ ସେବା ସଂଘ (ବାପୁକୁଟୀ) ସମ୍ପାଦକ ତଥା ସାମାଜିକ କର୍ମୀ ଗୌରାଙ୍ଗ ଚମ୍ପତି ପ୍ରମୁଖ ଯୋଗଦେଇଥିଲେ ।

# ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**ଅସ୍ତରଙ୍ଗ,୩୧।୧/ଏନ୍‌ଏନ୍‌ଏସ୍:** ଭାରତ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଅଧିନ ପୁରୀଙ୍କ ସହଯୋଗ ଓ କାକଟପୁର ବ୍ଲକ ଅନ୍ତର୍ଗତ ମହାଦେବବସ୍ତ ଗ୍ରାମର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ମା' ଗଜଲକ୍ଷ୍ମୀ ୟୁଥ୍ ସୋସିଆଲ ଅର୍ଗାନାଇଜେସନର ଆୟୋଜନରେ ବ୍ଲକ୍‌ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଦୁଇଦିନ ବ୍ୟାପି ଅନୁଷ୍ଠିତ ହୋଇଯାଇଛି । ତ୍ରିଲୋଚନେଶ୍ୱର ବିଦ୍ୟାଳୟର ମିନି ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଥିବା କ୍ରୀଡା ପ୍ରତିଯୋଗିତାରେ କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳର (୧୫୦) ଜଣ ଯୁବକ ଯୁବତୀ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ ଦୁଇଜଣ କ୍ରୀଡା ନିରୀକ୍ଷକ ପାର୍ଥ ସାରଥି ଦାସ ଓ ସୁଧାଂଶୁ ବିଶ୍ୱାଳ କ୍ରୀଡା ପରିଚାଳନା କରିଥିଲେ । ଉକ୍ତ କ୍ରୀଡା ଉତ୍ସବକୁ ସ୍ଥାନୀୟ ସରପଞ୍ଚ ଉଦଘାଟନ କରିଥିବା ବେଳେ ବରିଷ୍ଠ ଶିକ୍ଷାବିତ୍ ଅକ୍ଷୟ କୁମାର ସ୍ୱାଇଁ, ଶିକ୍ଷାବିତ୍ ଗୁରୁ ଚରଣ ବିଶ୍ୱାଳ, ତ୍ରିଲୋଚନେଶ୍ୱର ବିଦ୍ୟାପୀଠର ଶିକ୍ଷୟତ୍ରି ଟିକିନା ରାଉତ, ସ୍ମୃତି ସ୍ୱାଗତିକା ବିଶ୍ୱାଳ ଯୋଗ ଦେଇଥିଲେ । ପୁରୁଷ ବିଭାଗରେ ଗ୍ରୁପ୍ କ୍ରୀଡାରେ ଭଲିବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ବେଳେ ଏକକ ପ୍ରତିଯୋଗିତାରେ ବ୍ୟାଡମିଣ୍ଟନ ଓ ୧୦୦ ମିଟର ଦୌଡ ପ୍ରତିଯୋଗୀତା କରାଯାଇଥିଲା । ସେହିପରି ବାଳିକା ବିଭାଗରେ ଗ୍ରୁପ୍ କ୍ରୀଡାରେ (ଖୋ) (ଖୋ) ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ବେଳେ ଏକକ ପ୍ରତିଯୋଗିତାରେ ବ୍ୟାଡମିଣ୍ଟନ ଓ (୧୦୦) ମିଟର ଦୌଡ ପ୍ରତିଯୋଗିତା କରାଯାଇଥିଲା କ୍ଷ ଉକ୍ତ ଉତ୍ସବର ଉଦ୍ଯାପନୀ ଉତ୍ସବରେ ସମିତି ସଭ୍ୟ ଦୈତାରୀ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦଳଗତ କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା ଟିମ୍ ଓ ଏକକ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ । କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳର କ୍ରୀଡାବିତ୍ ଯୁବକ ଯୁବତୀ ମାନଙ୍କୁ କ୍ରୀଡ଼ା ନିମନ୍ତେ ଉତ୍ସାହିତ କରିଥିବାରୁ ବରିଷ୍ଠ ଅଧିକାରୀଙ୍କ ସହିତ ସମସ୍ତ କର୍ମକର୍ତ୍ତାମାନଙ୍କୁ ଅତିଥିମାନେ ଭୂରି ଭୂରି ପ୍ରଶଂସା କରିଥିଲେ । ମା' ଗଜଲକ୍ଷ୍ମୀ ୟୁଥ୍ ସୋସିଆଲ ଅର୍ଗାନାଇଜେସନର ସମ୍ପାଦକ ସୂର୍ଯ୍ୟକାନ୍ତ ଦଳାଇ ସମସ୍ତ ଅତିଥି ଅଧିକାରୀ ଅଧିକାରୀ, କ୍ରୀଡାବିତ୍ ଓ କ୍ରୀଡ଼ା ପ୍ରତିଯୋଗିତାକୁ ସଫଳ ଆୟୋଜନ କରିଥିବା ସ୍ୱେଚ୍ଛାସେବୀ ଅଂଶୁମାନ ପରିଡା, ସୌମ୍ୟ ରଞ୍ଜନ ଦଳାଇଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସେଣ୍ଟ୍ ଜାଭିୟର୍ସ ହାଇସ୍କୁଲ୍‌ର ବାର୍ଷିକ ଉତ୍ସବ

**ଅସ୍ତରଙ୍ଗ,୩୧।୧/ଏନ୍‌ଏନ୍‌ଏସ୍:** କାକଟପୁର ପ୍ରାଚୀ ବିହାର ସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ୧୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଉତ୍ସବରେ ହାଇସ୍କୁଲର ଅଧକ୍ଷ ଦୁର୍ଗା ଚରଣ ପରିଡ଼ାଙ୍କ ଅଧକ୍ଷତା ରେ ମୁଖ୍ୟ ଅତିଥି ଭାବେ କାକଟପୁର ବ୍ଲକ ଅଧକ୍ଷ ଶ୍ରୀଧର ନାୟକ, ମୁଖ୍ୟବକ୍ତା ରୂପେ ହିମାଂଶୁ ଭୂଷଣ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଇଫିତେଖାର ଅଲ୍ଲୀ ଖାଁ, ଜ୍ୟୋତିର୍ମୟୀ ଦଳାଇ, ସୁରେଶ ଚନ୍ଦ୍ର ବିଶ୍ୱାଳ, ଶର୍ମିଷ୍ଠା ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ । ବିଭିନ୍ନ ପ୍ରତିଯୋଗିତା ରେ ଭାଗ ନେଇଥିବା ଛାତ୍ରଛାତ୍ରୀ ମଧ୍ୟରୁ କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ମଞ୍ଚାସିନ ଅତିଥି ମାନେ ପୁରସ୍କୃତ କରିଥିଲେ । ହାଇସ୍କୁଲର ଉପାଧକ୍ଷ ନିରଞ୍ଜନ ବିଶ୍ୱାଳ ଉତ୍ସବକୁ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜଶ୍ରୀ ପରିଡ଼ା, ସନ୍ତୋଷ ପଣ୍ଡା, ସରିତା ସାସମଲ, ଲତୀଫୁର ରହେମାନ ଖାଁ, ତୃପ୍ତିବାଳା ବିଶ୍ୱାଳ, ସୋନାଲିକା ସ୍ୱାଇଁ, ଲକ୍ଷ୍ମୀପ୍ରିୟା ସାହୁ, ରାଜେଶ କୁମାର ସାହୁ, ରତ୍ନପୂର୍ଣ୍ଣା ନାୟକ, ଲକ୍ଷ୍ମୀପ୍ରିୟା ଦାସ, ପିନାକ୍ଷୀ ପ୍ରିୟଦର୍ଶିନୀ ପଣ୍ଡା, କ୍ରିଷ୍ଣା ସାହୁ, ଶାଶ୍ୱତୀ ପରିଡ଼ା, ରଶ୍ମିରଂଜନ ନାୟକ, କିଶୋର କୁମାର ମାଣ୍ଡୋଇ, ଗାୟତ୍ରୀ ଖୁଣ୍ଟିଆ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ । ପରିଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉତ୍ସବ ରେ ଅଭିଭାବକ, ଅଭିଭାବିକା ଓ ସ୍ଥାନୀୟ ବୃଦ୍ଧିଜୀବୀ ମାନେ ଯୋଗଦେଇ ମନ ମୁଗ୍ଧ କରିଥିଲେ ସମସ୍ତ କାର୍ଯ୍ୟ ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଥିବାରୁ ହାଇସ୍କୁଲର ପ୍ରତିଷ୍ଠାତା ସୁରେଶ ଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଦେବା ସହ କୃତଜ୍ଞତା ଜଣାଇଥିଲେ ।

# ରୋଟାରୀ କ୍ଲବ୍ ତରଫରୁ ବିଶ୍ୱ କୁଷ୍ଠ ଦିବସ

**ମୁଣ୍ଡମୁହାଣ,୩୧।୧/ଏନ୍‌ଏନ୍‌ଏସ୍:** ରୋଟାରୀ କ୍ଲବ ଭୁବନେଶ୍ୱର କନ୍‌ଫ୍ଲୁଏନ୍ସ ତରଫରୁ ଶୁକ୍ରବାର ବିଶ୍ୱ କୁଷ୍ଠ ଦିବସ ଓଗଲପଡ଼ା ସ୍ଥିତ ଗାନ୍ଧୀ ଶାନ୍ତି ନିବାସ ଠାରେ ପାଳିତ ହୋଇଯାଇଛି । ସଭାପତି ରୁଦ୍ର ପ୍ରସନ୍ନ ହୋତାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କ୍ଲବ୍ ତରଫରୁ ରୋଟାରୀ ଆନ୍ ମାନେ ଓଗଲପଡ଼ା ସ୍ଥିତ ଗାନ୍ଧୀ କୁଷ୍ଠ ସେବାଶ୍ରମରେ ଉପସ୍ଥିତ ରହି ରୋଗୀ ମାନଙ୍କ ଅଶୁ ଆରୋଗ୍ୟ କାମନା କରିବା ସହିତ ୩୦୦ରୁ ଊର୍ଦ୍ଧ୍ୱ ଅନ୍ତେବାସୀଙ୍କ ଆଜି ଦିନର ଖାଇବା ପାଇଁ ରାସନ୍ ପ୍ରଦାନ କରିଥିଲେ । ବିଏମ୍‌ସି ୱାର୍ଡ ନମ୍ବର ୬୫ର କର୍ପୋରେଟର ରଶ୍ମି ରଂଜନ ପାଟସାଣୀ ଏହି ମହତ୍ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରାଇବା ସହିତ ସମସ୍ତ ରୋଗୀମାନଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ କରିଥିଲେ । ରୋଟାରୀ ଆନ୍ ରବିନ୍ଦ୍ରନାଥ ସାହୁ, ଅଭିଳାଷ ପତି, ଗଗନ ବିହାରୀ ଦାଶ, ଅରବିନ୍ କୁମାର ଓ ଇସାନି ପତି ଉପସ୍ଥିତ ଥିଲେ ।

# ବାଳିକା ବିଦ୍ୟାଳୟର ସେବା ନିବୃତ୍ତ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

**ଓଡ଼ଗାଁ,୩୧।୧/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ଆନନ୍ଦ ସାହୁ ବାଳିକା ଉଚ୍ଚ ବିଦ୍ୟାଳୟର ଚତୁର୍ଥଶ୍ରେଣୀ କର୍ମଚାରୀ ନିତ୍ୟାନନ୍ଦ ସାହୁଙ୍କୁ ଶନିବାର ବିଦ୍ୟାଳୟ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ଖେଳ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ପଣ୍ଡା ସଂଯୋଜନା କରିଥିବାବେଳେ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ବିଜନ ପାଇକରାୟ, ବିଦ୍ୟାଳୟର ପୁରାତନ ପ୍ରଧାନଶିକ୍ଷୟିତ୍ରୀ ନିରୁପମା ସାହୁ, ହୃଷିକେଶ ପ୍ରଧାନ, ବରିଷ୍ଠ କିରାଣି ରାମେଶ୍ୱର ପଣ୍ଡା, ଲକ୍ଷ୍ମଣ ତ୍ରିପାଠୀ, ସାମ୍ବାଦିକ ଗଣେଶ୍ୱର ସାହୁ,ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ସିମାଞ୍ଚଳ ସାହୁ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ ବିଦାୟୀ କର୍ମଚାରୀଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଏବଂ ମାନପତ୍ର ପ୍ରଦାନକରି ସମ୍ମାନିତ କରିବା ସହିତ ତାଙ୍କର କାର୍ଯ୍ୟାବଳୀ ବିଷୟରେ ଆଲୋକପାତ କରିଥିଲେ । ନିତ୍ୟାନନ୍ଦ ଭାଇ ବିଦ୍ୟାଳୟରେ ଚାକିରି ଜୀବନର ପ୍ରଥମ ଦିନରୁ କାର୍ଯ୍ୟକରି ଅବସର ପର୍ଯ୍ୟନ୍ତ ଏହି ବିଦ୍ୟାଳୟରେ ସମସ୍ତଙ୍କ ସହଯୋଗରେ ନିଜର କର୍ତ୍ତବ୍ୟ ସୁଚାରୁରୂପେ ସମ୍ପାଦନା କରିପାରିଥିବାରୁ ସେସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ବିଦ୍ୟାଳୟର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ଶେଷରେ ବିଦ୍ୟାଳୟର ବର୍ତ୍ତମାନର ଓ ପୁରାତନ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଶ୍ରୀ ସାହୁଙ୍କୁ ଏକ ଶୋଭାଯାତ୍ରାରେ ନେଇ ନିଜ ବାସଭବନ ମଦନପୁର ଗ୍ରାମରେ ଛାଡିଦେଇ ଆସିଥିବା ଜଣାପଡ଼ିଛି ।



# ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଓଡ଼ଗାଁ,୩୧।୧/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ଶିକ୍ଷାମଣ୍ଡଳ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକଉତ୍ସବ ପାଳିତ ହୋଇଯାଇଛି । ପ୍ରଧାନଶିକ୍ଷୟିତ୍ରୀ ପୁଷ୍ପଲତା ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ବିଜ୍ଞାପିତ ଅଞ୍ଚଳପରିଷଦ ଓଡ଼ଗାଁର କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଂଜନ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ରାଜକିଶୋର ସାହୁ ସ୍ୱତନ୍ତ୍ର ଅତିଥିଭାବେ ଏବଂ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ପ୍ରଭାତି ପଟ୍ଟନାୟକ, ଅବସରପ୍ରାପ୍ତ ଶିକ୍ଷକ ପଞ୍ଚାନନ ପଣ୍ଡା, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସୌଦାମିନୀ ମହାପାତ୍ର, ମଣାବାରୀ କ୍ଲଷ୍ଟର୍ ସିଆରସିସି ଯଶୋବନ୍ତ ପଟ୍ଟନାୟକ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରଞ୍ଜନ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ବାର୍ଷିକ ଉତ୍ସବର ମହତ୍ତ୍ୱ ଏବଂ ଛାତ୍ରଛାତ୍ରୀମାନଙ୍କ ଅନ୍ତର୍ନିହିତ ଗୁଣାବଳିର ବିକାଶ କିପରି ହୋଇପାରିବ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ ।ସିଆରସିସି ନରେଶ ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କ ?ତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ସମାଜସେବିକା ଭକ୍ତି ମହାପାତ୍ର, ଅଚ୍ୟୁତାନନ୍ଦ ମେମୋରିଆଲ୍ ଓ ସତ୍ୟଭାମା ମେମୋରିଆଲ୍ ପକ୍ଷରୁ ୨୫ହଜାର ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ । ପରିଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ଜଣାପଡ଼ିଛି ।



# ଆଇଏନ୍‌ଏସ୍ ଚିଲିକା ଓ ଗଣମାଧ୍ୟମ ବନ୍ଧୁମିଳନ

**ବାଣପୁର,୩୧।୧/ଏନ୍‌ଏନ୍‌ଏସ୍:** ଭାରତୀୟ ନୌସେନା ପକ୍ଷରୁ ଆଇଏନଏସ ଚିଲିକା ଠାରେ ବାର୍ଷିକ ସାମ୍ବାଦିକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି । ନାଭାଲ ଇନଚାର୍ଜ(ଓଡ଼ିଶା) ଓ ଆଇଏନଏସ ଚିଲିକା କମାଣ୍ଡିଂ ଅଫିସର କୋମଡ଼ର ବି ଦୀପକ ଅନୀଲଙ୍କ ପୌରହିତ୍ୟରେ ଖୋର୍ଦ୍ଧା, ବାଲୁଗାଁ, ବାଣପୁର, ଟାଙ୍ଗୀ, ଚିଲିକା ଓ ଗଞ୍ଜାମ ଆଦି ଅଞ୍ଚଳରୁ ୫୦ ରୁ ଊର୍ଦ୍ଧ୍ୱ ସାମ୍ବାଦିକ ଏହି ବନ୍ଧୁମିଳନରେ ଯୋଗ ଦେଇଥିଲେ । ଆଇଏନଏସ ଚିଲିକା ପକ୍ଷରୁ ସମସ୍ତ କର୍ମଜୀବୀ ସାମ୍ବାଦିକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯିବା ପରେ ଭାରତୀୟ ନୌସେନା ସମ୍ବନ୍ଧରେ ସମ୍ୟକ ବିବରଣୀ ଉପସ୍ଥାପନ କରାଯାଇଥିଲା । ଏଥିସହିତ ଏକ ବର୍ଷ ମଧ୍ୟରେ ଆଇଏନଏସ ଚିଲିକା ପକ୍ଷରୁ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଭିଡିଓ ମାଧ୍ୟମରେ ଉପସ୍ଥାପନ କରାଯାଇଥିଲା । ପ୍ରଚାର ଓ ପ୍ରସାରର ମୁଖ୍ୟ ସ୍ରୋତ ସାଜିଥିବା ଗଣମାଧ୍ୟମ ପ୍ରତିନିଧିମାନେ ଆଇଏନଏସ ଚିଲିକାର ପ୍ରତିଟି ଖବର ରାଜ୍ୟ ତଥା ଦେଶର ଜନସାଧାରଣଙ୍କ ନିକଟରେ ପହଞ୍ଚାଇ ଥିବାରୁ ସମସ୍ତ ଛାପା ଗଣମାଧ୍ୟମ ଓ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନାଭାଲ ଇନଚାର୍ଜ(ଓଡ଼ିଶା) ଓ ଆଇଏନଏସ ଚିଲିକା କମାଣ୍ଡିଂ ଅଫିସର କୋମଡ଼ର ବି ଦୀପକ ଅନୀଲ ଭୂୟାଁସି ପ୍ରଶଂସା କରିଥିଲେ । ଏଥିସହିତ ଗଣମାଧ୍ୟମ ଓ ଆଇଏନଏସ ଚିଲିକା ମଧ୍ୟରେ ସଦାସର୍ବଦା ସୁସମ୍ପର୍କ ବଜାୟ ରହିବ ବୋଲି ସର୍ବଜନ ମତପ୍ରକାଶ ପାଇଛି । ଏଥିରେ ଆଇଏନଏସ ନିବାରିଣୀ କମାଡାଣ୍ଟ, ସମସ୍ତ ଲେଫ୍ଟନାଣ୍ଟ କମାଣ୍ଡରଙ୍କ ସମେତ ଚିଲିକା ଲୋକସମ୍ପର୍କ ପରାମର୍ଶଦାତା ପ୍ରମୁଖ ଉପସ୍ଥିତ ଥିଲେ ।

# ମାଣିକାଗୋଡ଼ା ପ୍ରିମିୟର୍ ଲିଗ୍ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଯାପିତ

**ବୋଲଗଡ଼,୩୧।୧/ଏନ୍‌ଏନ୍‌ଏସ୍:** ବୋଲଗଡ଼ ବ୍ଲକ ଅନ୍ତର୍ଗତ ମାଣିକାଗୋଡା କ୍ରିକେଟ୍ କ୍ଲବ୍ ଆନୁକୁଲ୍ୟରେ ମାଣିକାଗୋଡା ପ୍ରିମିୟର ଲିଗ୍ କ୍ରିକେଟ୍ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି । ଚଳିତ ବର୍ଷ ଏହି କ୍ରିକେଟ ପ୍ରତିଯୋଗିତାରେ ଚାରିଟି ଦଳ ଅଂଶଗ୍ରହଣ କରିଥିଲେ । ବିଡି ଚାଲେଞ୍ଜର, କ୍ରୀଷ୍ଣା ରାଇଜିଙ୍ଗ ଷ୍ଟାର, ଆଇସା ୱାରିଆର ଓ ସୋନୁ ଫାଇଟର ମଧ୍ୟରେ କଡ଼ା ମୁକାବିଲା ହୋଇଥଲା ।ଫାଇନାଲ ମ୍ୟାଚରେ କ୍ରୀଷ୍ଣା ରାଇଜିଙ୍ଗ ଷ୍ଟାର ବିଜୟ ଲାଭ କରି ଚମ୍ପିୟାନ ହୋଇଥିଲା, ଆଇସା ୱାରିଆର ରନ୍ସ ଅପ୍ ହୋଇଥିଲା । ଉଭୟ ଦଳକୁ ମୁଖ୍ୟ ଅତିଥି ବେଗୁନିଆ-ବୋଲଗଡ଼ ବିଧାୟକ ପ୍ରଦୀପ କୁମାର ସାହୁ ଟ୍ରଫି ପ୍ରଦାନ କରିଥିଲେ । ଫାଇନାଲ ମ୍ୟାଚରେ ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ଇଂ. କର୍ପୂର ସାହୁ, ସରପଞ୍ଚ ସୁଶାନ୍ତ କୁମାର ପରିଡ଼ା, ସମିତି ସଭ୍ୟା ପ୍ରତିନିଧି ଶରତ କୁମାର ଦଳେଇ, ସମାଜସେବୀ ଭୀମସେନ ଦଳେଇ, ବିରଞ୍ଚି କୁମାର ପ୍ରଧାନ, ରସିଦ ଅଲ୍ଲୀ ଖାଁ , ରବୀନ୍ଦ୍ର କୁମାର ମହାପାତ୍ର , ରବୀନ୍ଦ୍ର କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । ମ୍ୟାଚ୍ର ଟୀକାକାର ଅଭିମନ୍ୟୁ ଦଳେଇ ଧାରା ବିବରଣୀ ପ୍ରଦାନ କରିଥିଲେ । ଶେଖ୍ ଇସୁଫ, ମୋହରମ୍ ଖାଁ, ଚାନ୍ଦ ଖାଁ, ଅଜିତ ମହାପାତ୍ର ଓ ମନୋହର ହୁସେନ୍ ମ୍ୟାଚ୍ ପରିଚାଳନ କରିଥିଲେ । ସୁନୀଲ ଦଳେଇ ଧନ୍ୟବାଦ୍ ଅର୍ପଣ କରିଥିଲେ । ଫାଇନାଲ ମ୍ୟାଚରେ ପ୍ରାୟ ୨ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ମ୍ୟାଚକୁ ଉପଭୋଗ କରିଥିଲେ ।



# ମହାବିଦ୍ୟାଳୟର ଇଂରାଜୀ ଭାଷା ସାହିତ୍ୟ ବିଭାଗରେ ସଂପାନ

**ସାକ୍ଷୀଗୋପାଳ,୩୧।୧/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ଉତ୍କଳମଣି ସ୍ମୃତି ମହାବିଦ୍ୟାଳୟ ର ଇଂରାଜୀ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଶୁକ୍ରବାର ଇଂରାଜୀ ସାହିତ୍ୟ ମାଧ୍ୟମ ରେ ଭାଷା ଶିକ୍ଷା :ସାମ୍ପ୍ରତିକ ସମୟ ର ସମସ୍ୟା ଓ ସମ୍ଭାବନା ଶୀର୍ଷକ ଏକ ସମ୍ପାନ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ଅଧକ୍ଷା ପ୍ରାଧ୍ୟାପିକା ପୁଷ୍ପମିତ୍ରା ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଇଂରାଜୀ ଭାଷା ଶିକ୍ଷା ଅନୁଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର ମନ୍ମଥ କୁଣ୍ଡୁ ମୁଖ୍ୟ ସାଧନକର୍ମୀ ଭାବରେ ଯୋଗଦେଇ ଆମ ଦେଶ ତଥା ରାଜ୍ୟରେ ଇଂରାଜୀ ଭାଷା ଶିକ୍ଷଣର ବିଭିନ୍ନ ଦିଗ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଇଂରାଜୀ ଶିକ୍ଷଣ ପ୍ରାରମ୍ଭିକ ଅବସ୍ଥାରେ ଭାଷା ବ୍ୟାକରଣ ଓ ପରବର୍ତ୍ତୀ ସ୍ତର ସାହିତ୍ୟ ଅଧ୍ୟୟନ ମାଧ୍ୟମରେ ହେବା ଆବଶ୍ୟକ ବୋଲି ପ୍ର. କୁଣ୍ଡୁ ଦୃଢ଼ମତ ଦେବା ସହ ଏହା ସହିତ ପାଠ୍ୟକ୍ରମ ଚୟନ, ରଚନା, ଶିକ୍ଷକ ପ୍ରଶିକ୍ଷଣ, ଅନୁକୂଳ ଶୈକ୍ଷିକ ପରିବେଶର ନିର୍ମାଣ ଉପରେ ଭାଷା ଶିକ୍ଷା ନିର୍ଭର କରେ ବୋଲି କହିଥିଲେ । କାର୍ଯ୍ୟକ୍ରମର ଅନ୍ୟତମ ସାଧନ କର୍ମୀ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଇଂରାଜୀ ବିଭାଗ ଆସିଷ୍ଟାଣ୍ଟ ପ୍ରଫେସର ରବୀନ୍ଦ୍ର କୁମାର ପ୍ରଧାନ ସାହିତ୍ୟ ମଣିଷର ହୃଦୟର ଭାଷାର ପ୍ରତିଫଳନ ତେଣୁ ଭାଷା ଶିକ୍ଷା ପାଇଁ ସାହିତ୍ୟ ଠାରୁ ଆଉ ଉତ୍କୃଷ୍ଟ ମାଧ୍ୟମ କିଛି ନାହିଁ ବୋଲି ମତପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଅଧକ୍ଷକ୍ଷ ପ୍ର. ପଟ୍ଟନାୟକ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଭାଷାକୁ ଭଲ ପାଇବା ଓ ପଠନ ମାଧ୍ୟମ ସମୃଦ୍ଧ କରିବାକୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ଇଂରାଜୀ ସମ୍ମାନର ଛାତ୍ରୀ ପୁନମ ମହାନ୍ତି ଓ ପ୍ରିୟମ୍ବଦା ମହାନ୍ତି ସ୍ୱଲିଖିତ ପ୍ରବନ୍ଧ ପାଠ କରିଥିଲେ । ବରିଷ୍ଠ ଅଧ୍ୟାପିକା ଡ଼କ୍ଟର ପୁପୁଲ ମହାନ୍ତି ପ୍ରାରମ୍ଭିକ ସୂଚନା ଦେବା ସହ ପ୍ରବନ୍ଧ ଉପସ୍ଥାପନା କରିଥିଲେ । ବିଭାଗ ମୁଖ୍ୟ ପ୍ରାଧ୍ୟାପକ ମନୋଜ ପରିଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ପଣସପଦାକ୍ଷର ଅଧକ୍ଷ ସୁବର୍ଣ୍ଣ ସାମନ୍ତରାୟ, କଣାସ କଲେଜର ଅଧ୍ୟାପକ ନିରଞ୍ଜନ ସ୍ୱାଇଁ, ଇନ୍ଦିପୁର କଲେଜର ଅଧ୍ୟାପକ ଶୈଳେନ୍ଦ୍ର ସେନାପତି, କଲ୍ୟାଣପୁର କଲେଜର ଅଧ୍ୟାପକ ଲୋକନାଥ ମିଶ୍ର, ପ୍ରତାପ ପୁରୁଷୋତ୍ତମପୁର କଲେଜର ଅଧ୍ୟାପକ ବିଦ୍ୟାଧର ନାୟକ, ବଳଙ୍ଗା କଲେଜର ଅଧ୍ୟାପକ ଧୀରେନ୍ଦ୍ର ନାଥ ମହାରଣା, ସୁରଜମଲ କଲେଜର ଅଧ୍ୟାପକ ସୁମନ ଦାସ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ । ଅଧ୍ୟାପିକା ଜ୍ୟୋସ୍ନାରାଣୀ ରାଓ ଧନ୍ୟବାଦ ଅର୍ପଣ କରିଥିଲେ ।

ନିତିଦିନ NITIDIN
ରବିବାର, ୧ ଫେବୃଆରୀ,୨୦୨୬

ନିତି ଭାରତୀ

ଜୀବନ ହେଉଛି ଠିକ୍ କାମ କରିବା ଏବଂ ଯାତ୍ରା ଚାଲୁ ରଖିବା...
- ଆର୍‌କେ ନାରାୟଣ



ଭଦ୍ରଂ କର୍ଣ୍ଣେଭିଃ ଶୃଣୁୟାମ ଦେବା...

ମନୋଜ କୁମାର ମହାପାତ୍ର

# ଜଗତ କ'ଣ ସତରେ ମିଥ୍ୟା ? (୪)

ପୂର୍ବ ଆଲେଖ୍ୟ (୩)ରେ ସୂଚୀତ ହୋଇଥିଲା ଯେ ରାଜା ସୁରଥ ଓ ବୈଶ୍ୟ ସମାଧି ମେଧା ଋଷିଙ୍କଠାରୁ ଦେବୀ ମାହାତ୍ମ୍ୟର ରହସ୍ୟ ଶୁଣିବା ପରେ ଉଭୟେ ଶକ୍ତିଙ୍କର ଉପାସନା ଆରମ୍ଭ କରିଥିଲେ। ରାଜା ସୁରଥ ନିଜର ଅପହୃତ ରାଜ୍ୟ ପାଇବା ଆଶାରେ ସାଧନା କଲେ ଏବଂ ସମାଧି ବ୍ରହ୍ମ-ଉପଲବ୍ଧି ନିମନ୍ତେ ସାଧନା କଲେ। ଦୁହିଁଙ୍କର ଅଭୀଷ୍ଟ ପୂରଣ ହେଲା। ତେବେ କାହିଁକି ଶଙ୍କର କହିଲେ ଜଗତ ମିଥ୍ୟା ? ଯଦି ମିଥ୍ୟା, ତେବେ ଶକ୍ତି ରୂପୀ ମାୟାର ଉପାସନା ଦ୍ୱାରା କେମିତି ବୈଶ୍ୟ ସମାଧି ବ୍ରହ୍ମ-ଉପଲବ୍ଧି କରି ପରିବର୍ତ୍ତନଶୀଳ ଜଗତରୁ ନିସ୍ତାର ପାଇଲେ ? ଏଭଳି ପ୍ରଶ୍ନ ଉଠିବା ସ୍ୱାଭାବିକ। ସେଥିପାଇଁ ଶ୍ୱେତାଶ୍ୱତର ଉପନିଷଦର ନଅ ଓ ଦଶ ମନ୍ତ୍ରରେ ମଧ୍ୟ ସମାନ କଥା କୁହାଯାଇଛି- ପରମେଶ୍ୱର ପଞ୍ଚ ମହାଭୂତ ଆଦି ଜଡ଼-ତତ୍ତ୍ୱ ଦ୍ୱାରା ଏହି ବିଶ୍ୱ ଜଗତ ସୃଷ୍ଟି କରିଛନ୍ତି। ଏଠାରେ ଲକ୍ଷ୍ୟ କରିବାକୁ ହେବ ଯେ ବ୍ରହ୍ମ ଅପରିବର୍ତ୍ତନୀୟ, ତାଙ୍କର ବିକାର ବା ପରିବର୍ତ୍ତନ ନାହିଁ। ଜଗତ ପରିବର୍ତ୍ତନ, ଠିକ୍ ବ୍ରହ୍ମଙ୍କର ନିର୍ଗୁଣ ସ୍ଥିତିର ବିପରୀତ। ପ୍ରଶ୍ନ ଆମ ମନରେ ଉଠିପାରେ- ଯିଏ ଅପରିବର୍ତ୍ତନୀୟ, ସେ କିପରି ପରିବର୍ତ୍ତନୀୟ ଜଗତକୁ ସୃଷ୍ଟି କଲେ ? ପ୍ରଫେସର ଚିତ୍ତରଂଜନ ଦାସ ଏହି ଦୁଇଟି ମନ୍ତ୍ରର ବ୍ୟାଖ୍ୟା ସୁନ୍ଦର ଭାବେ ନିଜର ଉପନିଷଦ ପୁସ୍ତକରେ କରିଛନ୍ତି- 'ଯଦି ଈଶ୍ୱରଙ୍କୁ ଯାଇ କିଏ ପଚାରିବ- ଆପଣ ତ ଅପରିବର୍ତ୍ତନୀୟ, ଆପଣ ପରିବର୍ତ୍ତନଶୀଳ ଜଗତକୁ ସୃଷ୍ଟି କଲେ କେମିତି ? ପରମେଶ୍ୱର ବା ବ୍ରହ୍ମ କହିବେ- ମୁଁ କିଛି ସୃଷ୍ଟି ଫୃଷ୍ଟି କଥା ଜାଣେନି। ମୁଁ କିଛି ସୃଷ୍ଟି କରିନାହିଁ। ଜଗତ ଭିତରେ ମତେ କାର୍ଯ୍ୟ କରିବା ତୁମେ କେବେ ଦେଖିଛ କି ? ଅନୁସନ୍ଧାନ କରି ଯେତେବେଳେ ଈଶ୍ୱରଙ୍କୁ ସେମାନେ କହିବେ ଯେ ଆପଣ ମାୟା ସୃଷ୍ଟି କରିଛନ୍ତି। ଆପଣଙ୍କୁ କେଉଁଠି ଦେଖିଲୁନି। ଈଶ୍ୱର କହିବେ- ମୁଁ କ'ଣ ମାୟା ? ମୁଁ ମାୟାର ଈଶ୍ୱର ! ମୁଁ ମାୟା ନୁହେଁ। ପରିବର୍ତ୍ତନ ହେଉଛି ମାୟାର କାର୍ଯ୍ୟ। ମୋର ନୁହେଁ।'

ମାୟା ବ୍ରହ୍ମଙ୍କର ଶକ୍ତି ହେଲେ ବି ବ୍ରହ୍ମଙ୍କୁ ଆଘାତ ଓ ପ୍ରଭାବିତ କରି ପାରେନି ବା ବିଜଡ଼ନ କରିପାରିବନି। ସାପର ବିଷ ଅନ୍ୟକୁ କାଟେ। କିନ୍ତୁ ସାପ ନିଜେ ନିଜ ବିଷ ଦ୍ୱାରା ଆକ୍ରାନ୍ତ ହୁଏନି। ଅଗ୍ନିର ତାପ ଅନ୍ୟକୁ ପୋଡ଼ିଦିଏ, କିନ୍ତୁ ଅଗ୍ନି ନିଜକୁ ପୋଡ଼ି ପାରେନି। ମାୟା ଯିଏ, ପ୍ରକୃତି ସିଏ। ମାୟା ଓ ପ୍ରକୃତି ଭିତରେ କିଛି ପ୍ରଭେଦ ନାହିଁ। ମାୟାର ଅଧିପତି ହିଁ ପରଂବ୍ରହ୍ମ। ବ୍ରହ୍ମଙ୍କର ଅଂଶ ହେଉଛି ମାୟା ବା ପ୍ରକୃତି। ପ୍ରକୃତିର ଅଙ୍ଗ ହେଲା ଜଗତ। ଜଗତକୁ ପ୍ରକୃତି ସୃଷ୍ଟି କରିଛି। ଜଡ଼-ଜଗତ ପଞ୍ଚ ମହାଭୂତ ଦ୍ୱାରା ଗଠିତ। ପ୍ରକୃତିର ଅଂଶ ଜଗତ, ବ୍ରହ୍ମଙ୍କର ଅଂଶ ପ୍ରକୃତି ବା ମାୟା। ତେଣୁ ପରଂବ୍ରହ୍ମଙ୍କର ଅଂଶ ହେଉଛି ଜଗତ। ଏଥିରୁ ସ୍ପଷ୍ଟ ହୋଇଛି ଯେ ସର୍ବବ୍ରହ୍ମମୟ ଜଗତ୍। ଏହି ମନ୍ତ୍ରରେ ବେଦାନ୍ତ ଦର୍ଶନର ମାୟା ଓ ସାଂଖ୍ୟ ଦର୍ଶନର ପ୍ରକୃତି ଦୁଇଟି ତତ୍ତ୍ୱର ସମନ୍ୱୟ କରାଯାଇଛି। ଅଂଶ ବୋଲି ଯାହା କୁହାଯାଇଛି, ତାହା ବିଶିଷ୍ଟାଦ୍ୱୈତ ଦର୍ଶନର ତତ୍ତ୍ୱ। ସାଂଖ୍ୟର ପ୍ରକୃତି ଚିରନ୍ତନ ସତ୍ୟ ହୋଇଥିଲା ବେଳେ ବେଦାନ୍ତର ମାୟାର ବାସ୍ତବ ସତ୍ତା ଅଛି, କିନ୍ତୁ ଚିରନ୍ତନ ସତ୍ୟତା ନାହିଁ। ଅଦ୍ୱୈତ ବେଦାନ୍ତରେ ମାୟାକୁ ଚିରନ୍ତନ ସତ୍ୟ ବା ବ୍ରହ୍ମଙ୍କର ଅଂଶ ବୋଲି ସ୍ୱୀକାର କରାଯାଏନି। ପାର୍ଥିବ ଦୃଷ୍ଟିରେ ଜଗତ ଅଛି ଓ ରହିବ, କିନ୍ତୁ ନିର୍ବିଶେଷ ଅଦ୍ୱୈତ ଦୃଷ୍ଟିରେ ଜଗତ ରୂପୀ ମାୟା ଅନସ୍ତିତ୍ୱ ପାଲଟିଯାଏ। ସେଥିପାଇଁ ଜଗତକୁ ମିଥ୍ୟା କୁହାଯାଇଛି।

ପାଠକେ, ଯେହେତୁ ଆମେ ଜଗତର ଏକ ଜୀବ, ତଥାପି ଆମ ଭିତରେ ରହିଛି ଉଭୟ ଜଗତ ଓ ବ୍ରହ୍ମଙ୍କର ଅସ୍ତିତ୍ୱ। ସେଥିପାଇଁ ଉପନିଷଦରେ କୁହାଯାଇଛି- ଯଥା ପିଣ୍ଡେ, ତଥା ବ୍ରହ୍ମାଣ୍ଡେ, ଅର୍ଥାତ୍ ବ୍ୟକ୍ତିକ ଦେହ ବା ପିଣ୍ଡ ହେଉଛି ବ୍ରହ୍ମାଣ୍ଡର ଏକ ପ୍ରତିଫଳନ। ଯାହା ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡରେ ରହିଛି, ସେସବୁ ଆମ ପିଣ୍ଡ ରୂପୀ ଦେହରେ ରହିଛି, ଯଥା- ଉପାଦାନ, ଶକ୍ତି ଓ ଚେତନା। ବିଜ୍ଞାନ ବି ଏହାକୁ କୁହେ Star-dust। ଜଗତର ଉତ୍ପତ୍ତି କାଳରୁ ଆଜି ପର୍ଯ୍ୟନ୍ତ ଯାହା ଘଟିଛି, ସେସବୁର ଅଂଶ ହିଁ ଆମେ। ଅସଂଖ୍ୟ ତାରାର ସୂକ୍ଷ୍ମରୁ ସୂକ୍ଷ୍ମତମ ଅଂଶ ଆମ ଭିତରେ ବିରାଜିତ। କିନ୍ତୁ ଯିଏ ଜଗତର ଅଳୀକତାକୁ ହୃଦୟଙ୍ଗମ କରି କେବଳ ଜଗତ ପଶ୍ଚାତରେ ଚିର ବିଦ୍ୟମାନ ଈଶ୍ୱରଙ୍କ ଉପରେ ନିଜର ସମସ୍ତ ଶକ୍ତିକୁ କେନ୍ଦ୍ରିତ କରିପାରେ, ସେ ନିଶ୍ଚିତ ବ୍ରହ୍ମଙ୍କର ସାକ୍ଷାତ୍କାର ପାଇ ଇହ ଜଗତରୁ ନିସ୍ତରି ଯିବ। ଶ୍ରୀ ରାମକୃଷ୍ଣଙ୍କ ଭାଷାରେ- ବୁଢ଼ୀ ମୋକ୍ଷ ଦ୍ୱାର ନିକଟରେ ଗୋଡ଼ ଲମ୍ବାଇ ବସିଛି, ସେ କାହାକୁ ବାଟ ଛାଡ଼େନି। କିନ୍ତୁ ଯିଏ ତାଙ୍କୁ ଫୁସୁଲାଫୁସୁଲି କରି ମନେଇପାରେ, ସେ ତାକୁ ବାଟ ଛାଡ଼ିଦିଏ। ଏଠାରେ ଫୁସୁଲାଫୁସୁଲିର ଅର୍ଥ ଆମକୁ ବୁଝିବାକୁ ହେବ। ପାଠକେ, କର୍ମ, ଭକ୍ତି, ଜ୍ଞାନ ଓ ଯୋଗର ମାର୍ଗ ହେଉଛି ଫୁସୁଲାଫୁସୁଲି। ଏହି ଚାରୋଟି ମାର୍ଗ ଭିତରୁ ଗୋଟିଏକୁ ଜୀବନର ଆଧାର କରି ସାଧନା କଲେ ଆମେ ଏ ଜଗତର ବାସ୍ତବ ରୂପ କ'ଣ, ତାହା ନିଃସନ୍ଦେହରେ ବୁଝି ପାରିବା। ଗୋଟିଏ ଯୋଗରେ ସିଦ୍ଧ ହୋଇପାରିଲେ ଅନ୍ୟ ତିନୋଟି ଯୋଗ ଆପଣାଛାଏଁ ଆସିଯିବ। ଏଇ ଉକ୍ତିଟିକୁ ଥରେ ବୁଝିଗଲେ ବାଟ ଜଳଜଳ ଦେଖା ହେବ। ଜଗତଟା ମିଛିମିଛିକା ବୋଧ ହେବ।

ଫିଲ୍ମରେ ଦେଖୁଥିବା ଚିତ୍ରଗୁଡ଼ାକ ଯେ ବାସ୍ତବ ନୁହେଁ, ତାହା ଅବବୋଧରେ ଆସିବ। ଯେଉଁ ମୁଭି ଦେଖି ଆମେ କେତେବେଳେ ଆନନ୍ଦ ତ କେତେବେଳେ ଦୁଃଖୀ ହୁଅନ୍ତି, ସେସବୁର କଥା ଓ ବ୍ୟଥା, ସ୍କ୍ରିନ୍ ପ୍ରତି ସଚେତନ ମାଧ୍ୟମରେ ସମାପ୍ତ ହେଇଯାଏ। ପାଠକେ, ଯେତେବେଳେ ଦଉଡ଼ିଟା ବାସ୍ତବରେ ସାପ ନୁହେଁ, ଏହା ଗୋଟିଏ ଦଉଡ଼ି ମାତ୍ର ବୋଲି ବୁଝିହେବ। ବାରମ୍ବାର ବଦଳୁଥିବା ନିଜର ଦେହ, ମନ, ଚିନ୍ତା, କଳ୍ପନା, ବୁଦ୍ଧି ଇତ୍ୟାଦି ଯେ କ୍ଷଣଭଙ୍ଗୁର, ତାହା ଅସଲି ଜ୍ଞାନ ଉଦୟ ମାଧ୍ୟମରେ ଉପଲବ୍ଧି ହେବ। ନିଦ ଭାଙ୍ଗିବା ଉତ୍ତାରୁ ସ୍ୱପ୍ନ ଯେପରି ମିଥ୍ୟା ପାଲଟିଯାଏ, ସେହିପରି ଜ୍ଞାନର ଉଦୟ ଆଜି ପର୍ଯ୍ୟନ୍ତ ଭୁଲ୍ ବୁଝୁଥିବା ବସ୍ତୁଗୁଡ଼ିକ ମିଥ୍ୟାରେ ପରିଣତ ହେବ ହିଁ ହେବ। ଅବଶ୍ୟ ସ୍ୱପ୍ନର ଅବଧି ସ୍ୱଳ୍ପ, କିନ୍ତୁ ଆମର ଜାଗ୍ରତ ଅବସ୍ଥା ଲମ୍ବା ହୋଇଥିବାରୁ ଏହାକୁ ସ୍ୱପ୍ନ ଭଳି ଗ୍ରହଣ କରିବା କଷ୍ଟଦାୟକ। ତଥାପି ନିରନ୍ତର ମନନ ଶେଷରେ ଜାଗ୍ରତ ଅବସ୍ଥାକୁ ସ୍ୱପ୍ନ ଭଳି ଭାବିବାକୁ ଆମକୁ ଯଥେଷ୍ଟ ବଳ ପ୍ରଦାନ କରିବ।

କିନ୍ତୁ ସଂସାରର ଉପଭୋଗରେ ମସ୍ତ୍ ଥିବା ବେଳେ ଏହି ଜଗତକୁ କେବେ ବି ମିଥ୍ୟା କହି ପାରିବାନି; ଯଦି କେହି କୁହେ, ସେ ନିଶ୍ଚିତ ଭାବରେ ଜଣେ ମିଥ୍ୟାଚାରୀ ଓ ଭଣ୍ଡ। ସିନେମା ଦେଖୁଥିବା ବେଳେ କେବେ କ'ଣ କେହି ଏହାକୁ ମିଥ୍ୟା ବୋଲି କହିପାରିବ ନା ଦଉଡ଼ିକୁ ସାପ ଭଳି ଦେଖୁଥିବା ବେଳେ ଏହାକୁ ଦଉଡ଼ି କହିପାରିବ ? ଏମନ୍ତ କ୍ଷେତ୍ରରେ ସିନେମାର ଚଳମାନ ଛବି ଓ ଝାପ୍ସା ଅନ୍ଧାରରେ ପଡ଼ିଥିବା ଦଉଡ଼ି ସତ୍ୟ। ସାପକୁ ଦଉଡ଼ି ଭଳି ଭାବିବାକୁ ହେଲେ ଆଲୋକ ଦରକାର; ସେମିତି ସିନେମାକୁ ଗୋଟିଏ ସ୍କ୍ରିନ୍ ବୋଲି ଭାବିବାକୁ ହେଲେ ମାନସିକ ଜାଗରଣ ଦରକାର। ଏକ ଓ ଅଦ୍ୱୈତ ବ୍ରହ୍ମଙ୍କୁ ଜାଣିବାକୁ ହେଲେ ଜଗତର ବହୁତ୍ୱର ଭାବନାର ବିନାଶ ଦରକାର।

ବର୍ତ୍ତମାନ ଆସେ ଅବିଦ୍ୟାର କଥା। ଅବିଦ୍ୟାର ଅର୍ଥ, ଅଜ୍ଞାନ ନୁହେଁ। ତେବେ ଅବିଦ୍ୟା କ'ଣ ? ସତକୁ ମିଛ ଏବଂ ମିଛକୁ ସତ ବୋଲି ଧରିନେବା ହିଁ ଅବିଦ୍ୟା। କିଏ ଧରେ କାହାକୁ ? ଅଷ୍ଟବକ୍ର ଋଷି ରାଜା ଜନକଙ୍କୁ ପଚାରିଲେ- ଆପଣ କିଏ ? ଜନକ କହିଲେ- ମୁଁ ରାଜା। ଅଷ୍ଟବକ୍ର କହିଲେ- ଇଏ ତ ଆପଣଙ୍କର ପଦବୀ। ଜନକ ତାଙ୍କର ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦେଇ କହିଲେ- ମୁଁ ଜଣେ ପିତା, ମୁଁ ଜଣେ ସ୍ୱାମୀ, ମୁଁ ଜଣେ ପୁତ୍ର ଇତ୍ୟାଦି, ଇତ୍ୟାଦି। ଶେଷରେ ଜନକ ଆଉ ଅଧିକା କିଛି କହି ନପାରି ମୌନ ରହିଲେ। ମୌନ ତ ରହିବା ସ୍ୱାଭାବିକ, କାହିଁକି ନା ରାମକୃଷ୍ଣ ପରମହଂସଙ୍କ ଉକ୍ତି ମୁତାବକ- ପିଆଜର ଗୋଟିଏ ପରେ ଗୋଟିଏ ଚୋପା ପରସ୍ତ ପରସ୍ତ କରି ଛଡ଼ାଇଲେ, ଶେଷରେ ତ ଶୂନ ରହିବ। ସେହି ଶୂନ ହିଁ ମୌନ।

ଛାନ୍ଦୋଗ୍ୟ ଉପନିଷଦରେ ବର୍ଣ୍ଣିତ ଋଷି ଉଦ୍ଦାଳକ ପୁତ୍ର ଶ୍ୱେତକେତୁ ଉପାଖ୍ୟାନରେ ଏଇ କଥାଟି ବେଶ୍ ସ୍ପଷ୍ଟ ହୋଇଛି। ଗୋଟିଏ ପାତ୍ରରେ ଟେଳାଏ ଲୁଣ ପକାଇ ଘାଣ୍ଟିଲା ପରେ ଋଷି ପଚାରିଲେ- ଏହି ପାତ୍ରରେ ଲୁଣ କେଉଁଠି ଅଛି ? ଶ୍ୱେତକେତୁ କହିଲେ- ଲୁଣ ନାହିଁ, ପାଣିରେ ମିଳେଇ ଯାଇଛି। ଋଷି କହିଲେ- ପାଣିରେ ଅବଶ୍ୟ ଲୁଣ ଦେଖାଯାଉନି, କିନ୍ତୁ ପାଣିର ପ୍ରତ୍ୟେକ ଅଂଶରେ ଲୁଣ ରହିଛି। କିନ୍ତୁ ଆମେ ଦେଖି ପାରନ୍ତିନି। ଠିକ୍ ସେହିପରି ବ୍ରହ୍ମ ସମଗ୍ର ଜଗତରେ ପରିବ୍ୟାପ୍ତ। କିନ୍ତୁ ଇନ୍ଦ୍ରିୟ, ମନ, ଚିତ୍ତ, ବୁଦ୍ଧିରୁ ଉତ୍ପନ୍ନ ଅହଙ୍କାର, ଯିଏ ମୁଁ ମୁଁ ମିଛଟାରେ ହେଉଛି, ସେମାନଙ୍କ ବନ୍ଧନରୁ ନିଜକୁ ମୁକ୍ତ କରି ମୌନ ହୋଇଯାଅ, ଦେଖିବ ଚାରିଆଡ଼େ ଗୋଟିଏ ଚେତନା ସମଗ୍ର ଜଗତରେ ରାଜତ୍ୱ କରୁଛି। ସେହି ଚେତନାଟି ହେଉଛି ବ୍ରହ୍ମ, ଯିଏ ତୋର ସମସ୍ତ କର୍ମକୁ କେବଳ ସାକ୍ଷୀ ଭାବରେ ଆତ୍ମା ରୂପରେ ସର୍ବଦା ଦେଖୁଥାନ୍ତି। ଶ୍ୱେତାଶ୍ୱତର ଉପନିଷଦରେ ମଧ୍ୟ ଦୁଇଟି ପକ୍ଷୀର ଗଳ୍ପ ରହିଛି। ଗୋଟିଏ ସବୁ ପ୍ରକାର ଫଳ ଭକ୍ଷଣ କରି ଦୁଃଖ ସୁଖ ଭୋଗୁଛି, ଆର ପକ୍ଷୀଟି ନିଶ୍ଚଳ ହୋଇ କେବଳ ବସିରହି ସବୁ ଦେଖୁଛି। ଯିଏ ଫଳ ଖାଉଛି, ସେ ହିଁ ଅହଙ୍କାର- ମୁଁ ଏବଂ ଯିଏ ନିଶ୍ଚଳ ହୋଇ ବସିଛି, ସେ ହିଁ ଆତ୍ମା ବା ବ୍ରହ୍ମ। ସେ ସାକ୍ଷୀ ମାତ୍ର।

ଏବେ ଆମେ ଆସିବା ଶଙ୍କରାଚାର୍ଯ୍ୟଙ୍କର 'ବ୍ରହ୍ମ ସତ୍ୟ ଜଗତ ମିଥ୍ୟା'ର ବାକ୍ୟ ନିକଟକୁ। ସମସ୍ତ ଆଲୋଚନାକୁ ଦୃଷ୍ଟିରେ ରଖି ଆମେ ଏକ ନିଷ୍କର୍ଷରେ ପହଞ୍ଚିବା ଯେ ପ୍ରତ୍ୟେକ ମଣିଷ ଭିତରେ ରହିଛି ଦୁଇଟି ଗୁରୁତ୍ୱପୂର୍ଣ୍ଣ ସ୍ତର। ଗୋଟିଏ ହେଲା- ଆପେକ୍ଷିକ (Empirical World) ସ୍ତର ବା ଜଗତ, ଅନ୍ୟଟି ହେଲା ପାରମାର୍ଥିକ ସ୍ତର (Absolute World)। ଯେ ପର୍ଯ୍ୟନ୍ତ ମଣିଷ ଅହଙ୍କାରର ବଶବର୍ତ୍ତୀ ହୋଇ ନିଜକୁ ଏକ ପୃଥକ୍ ସତ୍ତା ଭାବି ସଂସାରର ଯାବତୀୟ କାର୍ଯ୍ୟ କରିବା ସହିତ ଧନ, କ୍ଷମତା, ପଦ ପଦବୀର ଉପଭୋଗ କରିବ, ସେଭଳି ବ୍ୟକ୍ତି ପାଇଁ ଜଗତ ମିଥ୍ୟା ହୋଇଥିଲେ ବି ମିଥ୍ୟା ନୁହେଁ। କିନ୍ତୁ ଯିଏ ନିଜକୁ ଚେତନା ବୋଲି ହୃଦୟଙ୍ଗମ କରେ ଏବଂ ସମସ୍ତ କର୍ମ ନିଷ୍କାମ ଚିତ୍ତରେ ସମ୍ପାଦନ କରି ସ୍ୱୟଂକୁ ସାକ୍ଷୀ ଦୃଷ୍ଟିରେ ଦେଖେ, ସେଭଳି ବ୍ୟକ୍ତି ପାଇଁ ଜଗତ ବାସ୍ତବରେ ମିଥ୍ୟା ବା ମାୟା। ଯାହା ପରିବର୍ତ୍ତନଶୀଳ ଓ ଅସ୍ଥାୟୀ, ତାହା ହିଁ ମିଥ୍ୟା। ଉଦାହରଣ ସ୍ୱରୂପ- ଶରୀର, ମନ, ଚିତ୍ତ, ବୁଦ୍ଧି ଦ୍ୱାରା ନିର୍ମିତ ଅହଙ୍କାର ରୂପୀ ଜଗତ ମିଥ୍ୟା, କିନ୍ତୁ ଇହ ଜଗତ ଯାହାଙ୍କ ଦ୍ୱାରା ପ୍ରକାଶିତ, ସେ ହିଁ ସତ୍ୟ। ଆପେକ୍ଷିକ ଜଗତ ଦୃଷ୍ଟିରେ ମିଥ୍ୟା, କିନ୍ତୁ ପରମାର୍ଥିକ ଦୃଷ୍ଟିରେ ଏହି ଜଗତ କେବଳ ସେହି ଏକ ଓ ଅଦ୍ୱୈତ ବ୍ରହ୍ମଙ୍କର ଛାୟା ମାତ୍ର। ଶଙ୍କରଙ୍କର ପାରମାର୍ଥିକ ଦୃଷ୍ଟିରେ- ଏହି ଜଗତ ମିଥ୍ୟା ବା ମାୟା ଅଥବା 'ହେଇ ଅଛି-ହେଇ ନାହିଁ'ର ଭେଳିକି ମାତ୍ର। କିନ୍ତୁ ଆପେକ୍ଷିକ ଦୃଷ୍ଟିରେ ମିଥ୍ୟା ନୁହେଁ। ନିରନ୍ତର ସାଧନାରେ ଯିଏ ପ୍ରତିଷ୍ଠିତ ହେବ, ସେ ହିଁ ବୁଝିପାରିବ ଏହାର ଗୂଢ଼ ରହସ୍ୟ। ■ (ସମାପ୍ତ)

# ଜୀବନ ଓ ଜୀବିକା



ମିନତୀ ପ୍ରଧାନ

ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀରେ ପାଳିତ ହେଉଥିବା ଯୁବ ଦିବସର ଫଟୋ ସାମାଜିକ ଗଣମାଧ୍ୟମରେ ବହୁତ ଦେଖିବାକୁ ମିଳିଲା- ପ୍ରତି ବର୍ଷ ପରି। କିନ୍ତୁ ପ୍ରଶ୍ନ ହେଲା, ଆମେ ଖାଲି ବିବେକାନନ୍ଦ କ'ଣ କହିଥିଲେ, ଆଉ ଯୁବ ସମାଜ କ'ଣ କରିବା ଉଚିତ ଇତ୍ୟାଦି ଭାଷଣରେ ସୀମିତ ରଖୁଛୁ ନା ପ୍ରକୃତରେ ଆମର ଆଗାମୀ ଦାୟାଦଙ୍କ ପାଇଁ ଜୀବନ କେମିତି ବଞ୍ଚିବାକୁ ହେବ, ସେଥିପାଇଁ ଅନୁକୂଳ ବାତାବାରଣ ଓ ନିୟମ କାନୁନ୍‌ର ପ୍ରକୃତରେ ବ୍ୟବସ୍ଥା କରୁଛୁ ?

ଗତ ବର୍ଷ ହୃଦୟକୁ ମନ୍ଥି ଦେଲା ଭଳି ଖବରଟିଏ ପ୍ରକାଶ ପାଇଥିଲା ଗଣମାଧ୍ୟମରେ। ଛବିଶବର୍ଷୀୟା ନୂଆ କରି ସିଏ କରିଥିବା ଯୁବତୀଙ୍କର କାର୍ଯ୍ୟ କ୍ଷେତ୍ରରେ ଅତ୍ୟଧିକ ଚାପ ହେତୁ ହୃଦ୍‌ଘାତରେ ମୃତ୍ୟୁ ହୋଇଥିଲା। ତାଙ୍କ ମାତା ଉପରିସ୍ଥ କର୍ମଚାରୀଙ୍କୁ ଏକ ଚିଠି ଲେଖିଥିଲେ, ଯାହା ଭାରତ ଓ ଅନ୍ୟ ଦେଶରେ ଚର୍ଚ୍ଚାର ବିଷୟ ହୋଇଥିଲା। ହୃଦୟକୁ ମନ୍ଥିଦେଲା ଭଳି ଘଟଣା ଓ ଶବ୍ଦମାନ କୌଣସି ସମ୍ବେଦନଶୀଳ ହୃଦୟକୁ ଯେ ଦିନ ରାତି ଆନ୍ଦୋଳିତ କରିବ, ଏଥିରେ କୌଣସି ସନ୍ଦେହ ନାହିଁ। ସେଇ ଘଟଣା କେବଳ ଗୋଟେ ବରଫ ପାହାଡ଼ର ଅଗ୍ରଭାଗ ଭଳି; ତଳେ ପୂରା ପାହାଡ଼ ଜମିଛି।

ସପ୍ତାହରେ, ମାସକରେ ଗୋଟିଏ ଦୁଇଟି ଆତ୍ମହତ୍ୟା ବା ହୃଦ୍‌ଘାତଜନିତ ମୃତ୍ୟୁରେ ପୀଡ଼ିତ ଯୁବକ ବା ଯୁବତୀଙ୍କ ଫଟୋ ଖବରକାଗଜର ପୃଷ୍ଠା ମଣ୍ଡନ କରିଥାନ୍ତି। କାରଣ ସେଇ ଗୋଟେ-କାର୍ଯ୍ୟକ୍ଷେତ୍ରରେ ଅତ୍ୟଧିକ ଚାପ, ଯାହାକୁ ଆମର ତଥାକଥିତ କର୍ପୋରେଟ ସଂସ୍କୃତି ବୋଲି କହିଥାଉ। ନିକଟରେ ଜଣେ ପ୍ରତିଷ୍ଠିତ ଶିଳ୍ପପତି ଏକ ଦୁର୍ଭାଗ୍ୟଜନକ ମତ ଦେଇଥିଲେ, 'ସପ୍ତାହକୁ ଜଣେ କର୍ମଚାରୀ ଅନ୍ତତଃ ସତୁରି ଘଣ୍ଟା କାମ କରିବା ଉଚିତ।' ତଥାକଥିତ କର୍ପୋରେଟ ସଂସ୍କୃତି ଶିଖାଏ କେମିତି ଟାର୍ଗେଟ୍ ବା ଲକ୍ଷ୍ୟ ସାଧନ କରି ଉପର ପାହ୍ୟାକୁ ଯିବାକୁ ହୁଏ ବା ଆର୍ଥିକ ଅଗ୍ରଗତିର ଶିଡ଼ିରେ କେମିତି ଉଚ୍ଚକୁ ଯିବାକୁ ହୁଏ/ ଜୀବନ କେମିତି ବଞ୍ଚିବାକୁ ହୁଏ। ମାତ୍ର ସଫଳତା ସହ ଖୁସି ରହିବାର କଳା, ବୃତ୍ତିଗତ ଜୀବନ ଆଉ ବ୍ୟକ୍ତିଗତ ଜୀବନକୁ କେମିତି ସନ୍ତୁଳିତ କରାଯାଇପାରିବ, ତାହା ଶିକ୍ଷା ଦେବା ଦୂରର କଥା; ଆର୍ଥିକ ସଫଳତା, ଲୋକପ୍ରିୟତା ଓ ସମାଜରେ ପ୍ରତିଷ୍ଠା ହିଁ ସବୁକିଛି ବୋଲି ପିଲାଦିନରୁ ଆମ ମନରେ ଭର୍ତ୍ତି କରାଯାଇଥାଏ। ତା'ର କୁପ୍ରଭାବରୁ ମୁକୁଳିବା କ'ଣ ଏତେ ସହଜ ? ଆଜିକାଲି କର୍ପୋରେଟ ଟ୍ରେନରମାନେ କର୍ମଚାରୀମାନଙ୍କୁ ଆଚାର, ବ୍ୟବହାର ଓ ଅଧିକ କାର୍ଯ୍ୟକ୍ଷମ ହେବା ପାଇଁ ଟ୍ରେନିଂ ଦେଉଛନ୍ତି। ମାନସିକ ଚାପକୁ ସମ୍ଭାଳିବା ପାଇଁ ବି ତାଲିମ୍ ଦିଆଯାଉଛି, କିନ୍ତୁ ତାହା ସମୁଦ୍ରକୁ ଶଙ୍ଖେ ଭଳି।

ଗବେଷଣାର ତଥ୍ୟ କୁହେ, ଏସିଆରେ କର୍ମଚାରୀମାନେ ତାଙ୍କର ୟୁରୋପୀୟ ପ୍ରତିପକ୍ଷମାନଙ୍କ ତୁଳନାରେ ଅଧିକ ସମୟ କାମ କରୁଛନ୍ତି, ୟୁରୋପ୍‌ରେ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଘଣ୍ଟା କାମ କରିବାର ନିୟମ ଅଛି; ଅଧିକ ସମୟ କାମ କଲେ ତା' ପାଇଁ ବେଶୀ ପାଉଣାର ବନ୍ଦୋବସ୍ତ ଅଛି, ମାତ୍ର ଭାରତରେ ଥିବା ବେସରକାରୀ କମ୍ପାନୀମାନଙ୍କରେ ସେମିତି କିଛି ବ୍ୟବସ୍ଥା ଥିବାର ନଜିର ନାହିଁ।

ସମାଜ, ଦେଶ ଓ ଜାତିର ଉନ୍ନତି ପାଇଁ ଜଣେ ବ୍ୟକ୍ତିର ଦକ୍ଷତାର ବିକାଶ ହେବା ନିହାତି ଜରୁରୀ। କିନ୍ତୁ ଜଣେ ମଣିଷ ଜୀବନ ବିନିମୟରେ କି ଜୀବନସାରା ମାନସିକ ଚାପରେ ରହି ମାନସିକ ବିକାରଗ୍ରସ୍ତ ହୋଇ ନୁହେଁ। ମାନସିକ ବିକାରକୁ ଆମ ଦେଶରେ ଏକ ଆଲୋଚନାଯୋଗ୍ୟ କଥା ନୁହେଁ (ଟାବୁ) ବୋଲି ବିବେଚନା କରାଯାଏ। ମାନସିକ ଅସୁସ୍ଥ ଥିବା ବ୍ୟକ୍ତି ନିଜ ଉପରେ ପାଗଳର ଟ୍ୟାଗ୍ ନ ଲଗାଇବା ପାଇଁ ବା ଲୋକହସା ନ ହେବା ପାଇଁ ନିଜର ଅସୁସ୍ଥତା ଲୁଚାଇଥାନ୍ତି ବା ଚିକିତ୍ସା କରାଇବାରେ ଡେରି କରିଥାନ୍ତି। କିନ୍ତୁ ପ୍ରକୃତରେ ସାହାଯ୍ୟ ଖୋଜୁଥିବା ବ୍ୟକ୍ତି ଦୁର୍ବଳ ନୁହେଁ। ମାନସିକ ରୋଗର ବହୁତ ପ୍ରକାର ଅଛି ଓ ଏହା ଅତି ସାଧାରଣ- ଏଥିରେ ବହୁତ ଲୋକ ପୀଡ଼ିତ।



ମାନସିକ ଚାପ, ଉଦ୍‌ବେଗ ଏବଂ ମାନସିକ ବିଷାଦ ଆତ୍ମହତ୍ୟା ଓ ତତ୍କାଳ ହୃଦ୍‌ଘାତର ମୁଖ୍ୟ କାରଣ; ଏସବୁକୁ ଆହୁରି ଦ୍ରୁତଗାମୀ କରାଉଥିବା ଉପାଦାନଗୁଡ଼ିକ ହେଲା- ଖୁବ୍ ଶୀଘ୍ର ବଢ଼ୁଥିବା ସହରୀକରଣ, ଅର୍ଥନୈତିକ ଚାପ ଏବଂ ବିଶ୍ୱବ୍ୟାପି ମହାମାରୀର ମାନସିକ ଆଘାତ ଓ ମନରେ ଗଭୀର ରେଖାପାତ କରିବା ଭଳି କିଛି ଘଟଣା।

ଦ୍ରୁତ ସହରୀକରଣ ପ୍ରକ୍ରିୟାରେ ଅଧିକାଂଶ ଲୋକ ପୀଡ଼ିତ ହୋଇଥାନ୍ତି। ଛୋଟବେଳୁ ଗ୍ରାମ୍ୟ ପରିବେଶରେ ଅଭ୍ୟସ୍ତ ଥିବା ଲୋକଙ୍କୁ ହଠାତ୍ କରି ସହରର ଚାଲିଚଳଣି ତଥା ସ୍ୱାଧୀନତା ନାମରେ ଆତ୍ମୀୟମାନଙ୍କଠାରୁ ବିଚ୍ଛିନ୍ନତାକୁ ଗ୍ରହଣ କରିବାରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ସହରରେ ନିଜ ସମୁଦାୟ ସହ ସଂଯୋଗ ହେବାକୁ ସମୟ ଲାଗିଥାଏ- ଏସବୁ ମାନସିକ ଉଦ୍‌ବେଗ ସୃଷ୍ଟି କରିଥାଏ। ଅର୍ଥନୈତିକ ଚାପ ସବୁଠୁ ମୂଳ କାରଣ ମାନସିକ ବିଷାଦର। ଖୁବ୍ ଶୀଘ୍ର ବେଶୀ ଉପାର୍ଜନ କରିବା, ଅତ୍ୟାଧୁନିକ ଜୀବନଶୈଳୀରେ ବଞ୍ଚିବା- ଏସବୁ ସଫଳତା ନୁହେଁ, ବରଂ ଅନେକ ବିଷାଦ ଓ ଚାପକୁ ଜନ୍ମ ଦେଇଥାଏ। ଏସବୁକୁ ପରିଚାଳନା କରିବା ପାଇଁ ଯେଉଁ ବୃତ୍ତିଗତ ପରାମର୍ଶଦାତା, ମନୋବିଜ୍ଞାନୀ ଓ ମାନସିକ ଡାକ୍ତରମାନେ ଅତ୍ୟନ୍ତ ଜରୁରୀ, ତାହା ଆମ ଭାରତରେ ଖୁବ୍ କମ୍ ବା ଏକ ଦୂର ସ୍ୱପ୍ନ ବୋଲି କୁହାଯାଇପାରେ।

ପରିସଂଖ୍ୟାନ ଅନୁସାରେ, ଭାରତରେ ପ୍ରତି ଲକ୍ଷେ ଲୋକଙ୍କ ପାଇଁ କେବଳ ୦.୭୫ ବୃତ୍ତିଗତ ମାନସିକ ଚିକିତ୍ସକ ଉପଲବ୍ଧ। ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ଅନୁସାରେ, ପ୍ରତି ଲକ୍ଷେରେ ତିନି ଜଣ ଚିକିତ୍ସକ ରହିବା ଆବଶ୍ୟକ। ଖୁସିର କଥା, ଏହା କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଆମ ଭାରତରେ ପ୍ରାୟ ୧୧୦୦୦ ମନୋଚିକିତ୍ସକ ଅଛନ୍ତି, ଆମର ଜନସଂଖ୍ୟାକୁ ଯଦିଓ ୩୬୦୦୦ରୁ ବେଶୀର ଆବଶ୍ୟକତା ଅଛି। ଆଶ୍ଚର୍ଯ୍ୟର ବିଷୟ, ଏହି ବ୍ୟବଧାନକୁ ପୂରଣ କରିବାକୁ ଯାଇ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ସାମାଜିକ ପ୍ରଭାବକ ଓ ତଥାକଥିତ ଜୀବନ ଗୁରୁମାନେ ନିଜକୁ ଆରୋଗ୍ୟକାରୀ (ହିଲର) ବୋଲି କହି ନିଜର ଅନୁସରଣକାରୀ, ପ୍ରତିପତ୍ତି ଓ ପଇସା ବଢ଼ାଇବାରେ ଲାଗିଛନ୍ତି। ଆଉ ଲୋକେ ଏଇ ସବୁରେ ବିଶ୍ୱାସ କରି ନିଜର ଚିକିତ୍ସାରେ ଆହୁରି ଅବହେଳା ଓ ଡେରି କରୁଛନ୍ତି। ଏହିସବୁ କଥିତ ଗୁରୁ, ପ୍ରଭାବକ ଓ ଭାଗ୍ୟ ଗଣକମାନେ ସ୍ୱାସ୍ଥ୍ୟ ଉପଦେଶ ଦେବା ପାଇଁ ଯୋଗ୍ୟତା ଥାଉ କି ନଥାଉ, ଶୀଘ୍ର ଉପଚାର ପାଇଁ ନିଜର ଉତ୍ପାଦନ ଓ କର୍ମଶାଳା ଇତ୍ୟାଦି କରି ପଇସା କମାଉଛନ୍ତି। ବିଶେଷକରି ଶୀଘ୍ର ଓ ସୁବିଧାଜନକ ଅସ୍ଥାୟୀ ସମାଧାନ, ଯାହା ସମସ୍ତଙ୍କ ପାଇଁ କାମ କରେ ନାହିଁ। ମାନସିକ ଚିକିତ୍ସାରେ ବ୍ୟକ୍ତିଗତ ଆକଳନ ନିହାତି ଜରୁରୀ।

ଗବେଷଣାରୁ ପ୍ରମାଣ ମିଳେ ଯେ ଏସବୁ ଗୋଟେ ମାନସିକ ରୋଗକୁ ଠିକ୍ କରିପାରିବ ନାହିଁ। ଆଧ୍ୟାତ୍ମିକତା, ପ୍ରାର୍ଥନା, ଜପ, ନୃତ୍ୟ ସଙ୍ଗୀତ ଓ କଳା ମଣିଷର ମନକୁ ଶାନ୍ତ ଓ ଆରୋଗ୍ୟକୁ ତ୍ୱରାନ୍ୱିତ କରିପାରେ; କିନ୍ତୁ ଏସବୁ ଉଚିତ ଚିକିତ୍ସା ନୁହେଁ। କିନ୍ତୁ ବଂଶୀୟ ଶୁଭେଦ୍ୟ (ଜେନେଟିକ୍ ଭଲନରେବିଲିଟି), ଦୀର୍ଘକାଳୀନ ମାନସିକ ଚାପ, ଅସମାହିତ ମାନସିକ ଆଘାତ ଭଳି ଲକ୍ଷଣ ପାଇଁ ତୁଟ୍‌କା ବା ଉପର ଠାଉରିଆ ବା ଅଗଭୀର ଚିକିତ୍ସା କାମ କରେନା। ସେଥିପାଇଁ ପ୍ରକୃତ ଆକଳନ ଓ ଚିକିତ୍ସା ଆବଶ୍ୟକ। ସରକାର ଏମିତି ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଉପଦେଶ ଦେଉଥିବା ବ୍ୟକ୍ତିମାନଙ୍କ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ସଂଗ୍ରହ କରିବା ସହ ସେମାନଙ୍କୁ ଦାୟିତ୍ୱବାନ୍ ହେବାକୁ ବାଧ କରିବା ଦରକାର।

ପ୍ରକୃତ ସମସ୍ୟାର ସମାଧାନ କରିବାକୁ ହେଲେ ସମସ୍ତଙ୍କୁ ଏକ ସୁସ୍ଥ ଜୀବନଯାପନର ପ୍ରକ୍ରିୟାକୁ ଆପଣେଇ ନେବାକୁ ପଡ଼ିବ। ସେଥିପାଇଁ ଗୁଣାତ୍ମକ ଜୀବନଶୈଳୀକୁ ଆପଣେଇବାକୁ ପଡ଼ିବ। ପ୍ରତି ରାତିରେ ୭ରୁ ୯ ଘଣ୍ଟା ନିଦ ବ୍ୟକ୍ତିର ହର୍ମୋନ୍ ଓ ମନୋଦଶା (ମୁଡ୍)କୁ ନିୟନ୍ତ୍ରିତ କରିବାରେ ସାହାଯ୍ୟ କରେ। ସନ୍ତୁଳିତ ଆହାର, ବ୍ୟାୟାମ, ସାମାଜିକ ସଂଯୋଗ ଓ ସମ୍ବନ୍ଧ ମାନସିକ ବିକାରଠୁ ଦୂରରେ ରଖେ। ଆଜିର ସମୟରେ ସମୁଦାୟମାନଙ୍କ ଦ୍ୱାରା ମାନସିକ ସ୍ୱାସ୍ଥ୍ୟକୁ ସନ୍ତୁଳିତ କରାଯାଇପାରିବ।

ମନସ୍କତା (ମାଇଣ୍ଡ୍‌ଫୁଲ୍‌ନେସ୍) ଗୋଟେ ଶକ୍ତିଶାଳୀ ମାଧ୍ୟମ- ଆମେ ଯେ କୌଣସି କାମକୁ ମନଯୋଗ ସହକାରେ କରିବା ଉଚିତ। ତାହା କଲେ ମସ୍ତିଷ୍କର ଚାପକୁ ଠିକ୍ ଭାବେ ପରିଚାଳନା କରାଯାଇପାରେ। ସଂଜ୍ଞାନାତ୍ମକ ବ୍ୟବହାର ଚିକିତ୍ସା (କଗ୍‌ନିଟିଭ ବିହେଭିଅରିଆଲ ଥେରାପି)କୁ ପୂର୍ଣ୍ଣ ଭାବେ ମାନସିକ ସ୍ୱାସ୍ଥ୍ୟ ପାଇଁ ବ୍ୟବହାର କରାଯାଇପାରିବ। ବିଦ୍ୟାଳୟ ଓ ଶିକ୍ଷା ଅନୁଷ୍ଠାନମାନଙ୍କରେ ବିଭିନ୍ନ ପ୍ରୋଗ୍ରାମ୍ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କ ଚାପକୁ ନିୟନ୍ତ୍ରଣ କରିବା, ମନକୁ ଦୃଢ଼ ଓ ସ୍ଥିର (ରେଜିଲିଏଣ୍ଟ) କରି ଗଠନ କରିବାର ଶିକ୍ଷା ଦିଆଯିବା ଜରୁରୀ। କର୍ମ କ୍ଷେତ୍ରରେ ଚାପ ଓ ବିଷାଦ ପ୍ରବନ୍ଧ ପରିଚାଳନା ଇତ୍ୟାଦି ପ୍ରତି ପ୍ରାଥମିକ ସ୍ତରରେ ଗୁରୁତ୍ୱ ଦେବା ଜରୁରୀ। ଆଜିର ଡିଜିଟାଲ ଯୁଗରେ ସ୍କ୍ରିନ୍‌ର ବ୍ୟବହାରକୁ କେମିତି କମାଯାଇ ପାରିବ, ତା' ପ୍ରତି ଦୃଷ୍ଟି ଦେବା ଅତ୍ୟନ୍ତ ଆବଶ୍ୟକ। ସ୍କ୍ରିନ୍‌ର ବ୍ୟବହାର ମସ୍ତିଷ୍କ ପ୍ରତି ବହୁତ ହାନିକାରକ, ବିଶେଷ କରି ପିଲାଙ୍କ ପାଇଁ।

ପରିଶେଷରେ, ସରକାର ସବୁ କର୍ପୋରେଟ୍ କମ୍ପାନୀମାନେ ନିଜର କର୍ମଚାରୀଙ୍କ ସୁସ୍ୱାସ୍ଥ୍ୟ- ତାହା ଶାରୀରିକ ହେଉ ବା ମାନସିକ- ସେଥି ପ୍ରତି ଗୁରୁତ୍ୱ ଦେଉଛନ୍ତି କି ନାହିଁ, ତାହା ତଦାରଖ କରିବା ଉଚିତ। ନିର୍ଦ୍ଧାରିତ ସମୟରୁ ଅଧିକ କାମ ଓ ଅତିରିକ୍ତ ସମୟ ପାଇଁ ଉପଯୁକ୍ତ ପ୍ରାପ୍ୟ ଓ ସୀମା ସ୍ଥିର ହୋଇଛି କି ନା, ତାହାର ଯାଞ୍ଚ ପାଇଁ କମିଟି ଗଠନ କରି କାର୍ଯ୍ୟରେ ଲଗାଇବା ଉଚିତ। ଖାଲି ନିୟମ ପ୍ରଣୟନ କରି ଦେଇ, ନିୟମ କାନୁନ କାଗଜରେ ସୀମିତ ରହିଗଲେ ହେବ ନାହିଁ। ତାକୁ ପ୍ରକୃତରେ କାର୍ଯ୍ୟକାରୀ କରିବା ନିହାତି ଆବଶ୍ୟକ। ସମସ୍ତଙ୍କ ପାଇଁ ଜୀବିକା ଜରୁରୀ, କିନ୍ତୁ ଜୀବନ ବେଶି ଜରୁରୀ। ଖାଲି ଜିଡିପିର ବିକାଶକୁ ଆମେ ବିକାଶ ବୋଲି ମାନି ପାରିବାନି, ଯେତେ ପର୍ଯ୍ୟନ୍ତ ଆମ ଜୀବନର ଗୁଣାତ୍ମକ ମାନ ଉନ୍ନତ ନ ହୋଇଛି। ଜୀବିକା ନାଁରେ ଆଉ ଯୁବପିଢ଼ିଙ୍କୁ ଆମେ ବଳି ପଡ଼ିବା ପାଇଁ ଛାଡ଼ି ନ ଦେଇ ତା'ର ଉପଯୁକ୍ତ ସମାଧାନର ରାସ୍ତା ଖୋଜିବା ଜରୁରୀ।

ଶାରୀରିକ ସୁସ୍ଥତା ଯେତିକି ଜରୁରୀ, ମାନସିକ ସୁସ୍ଥତା ସେତିକି ଜରୁରୀ- ମାନସିକ ସୁସ୍ଥତାକୁ ଅଣଦେଖା କରିବା ଉଚିତ ନୁହେଁ। ଏକ ମାନସିକ ଭାବରେ ସୁସ୍ଥ ମଣିଷ ହିଁ ପରିବାର, ସମାଜ ଓ ଦେଶ ଗଠନରେ ସଫଳ ଯୋଗଦାନ ଦେଇପାରିବ। ସରକାର ଏଥିପାଇଁ ହସ୍ପିଟାଲମାନଙ୍କରେ ମନୋଚିକିତ୍ସକ ଓ ମନୋବିଜ୍ଞାନୀମାନଙ୍କ ନିଯୁକ୍ତି ସହ ଅଫିସ୍‌ଗୁଡ଼ିକୁ ନିୟମିତ ଭାବେ ନିୟନ୍ତ୍ରଣ କରିବା ଉଚିତ। ■

ମୋ: ୮୩୧୦୭୮୧୫୨୪

# ପାଇବା ପାଇଁ ମୁଁ କରେ ସାହିତ୍ୟ



ଧ୍ରୁବ ଚରଣ ଘିବେଲା

ଆଜ୍ଞା, ମୁଁ ଜଣେ ନିମିତ୍ତ ମାତ୍ର ସାଧାରଣ ଲେଖକ। ମୁଁ ନୁହେଁ ନାଁକରା ଲେଖକ। ହେଲେ ନାଁକରା, ମୋହରମରା ଲେଖକ ବନିବା ପାଇଁ ମୋର ରହିଥାଏ ବିଶେଷ ଇଚ୍ଛା। କେତେବେଳେ କେମିତି କ'ଣ କିଛି ବିଶେଷ କଥା ମୁଣ୍ଡକୁ ଯାହା ଜୁଟେ, ସେସବୁକୁ ନେଇ କ'ଣ ଟିକେ ଟିକେ ଗାରେଇ ପକାଏ। ଗାରେଇ ଦିଏ ଓ ବର୍ତ୍ତମାନର ଜମାନା ପେପର୍‌ଲେସ ଟ୍ରାଞ୍ଜାକ୍‌ସନ୍ ବା କାଗଜ ବିହୀନ କାରବାରର ସମୟ। ଅନେକ ସରକାରୀ କାମରେ କମ୍ କାଗଜ ବ୍ୟବହାର ହେଲାଣି। କାଗଜର ବ୍ୟବହାର କମି ଆସିଲାଣି। ଲେଖାଲେଖି ପାଇଁ ସେମିତି କାଗଜ ବ୍ୟବହାର ପ୍ରାୟତଃ ନାହିଁ କହିଲେ ଚଳେ। ଅନେକ ଲେଖାଲେଖି ଲ୍ୟାପ୍‌ଟପ୍‌ରେ, ଲ୍ୟାପ୍‌ଟପ୍ ନଥିଲେ ମୋବାଇଲ୍‌ରେ ଆଜିକାଲି କରାଯାଉଛି। ଏ ଲେଖକ ପାଖରେ ଲ୍ୟାପ୍‌ଟପ୍ ନାହିଁ। ତେଣୁ ଏ ଲେଖକ ଲେଖେ ମୋବାଇଲ୍‌ରେ। ଲେଖା ପଠାଏ ବିଭିନ୍ନ ଖବରକାଗଜ ବା ପତ୍ରପତ୍ରିକାକୁ ସେଇ ମୋବାଇଲ୍‌ରେ। ଲେଖିବାକୁ ସିନା ସମୟ ଲାଗେ, ଲେଖା ପଠାଇବାକୁ ବିଶେଷ ସମୟ ଲାଗେନି। ଆଗେ ଡାକରେ ଲେଖା ପଠାଇଲେ ସମୟ ଲାଗୁଥିଲା। ଭୁବନେଶ୍ୱର ବା କଟକକୁ ସ୍ପିଡ୍‌ପୋଷ୍ଟରେ ଲେଖା ପଠାଇଲେ ବି ଦୁଇ ତିନି ଦିନ ଲାଗେ। ଏବେ ସେକଥା ନାହିଁ। ମୋବାଇଲରୁ ମେଲ୍‌ରେ ଲେଖା ପଠାଇଲେ ଶାଗ ସିଝା ମୁହୂର୍ତ୍ତରୁ ବି କେତେ କମ୍ ସମୟ ଲାଗୁଛି ! ପୁଣି ଘରେ ବସି ଲେଖା ପଠାଇ ହେଉଛି ଅତି ସହଜରେ। ସୁବିଧାରେ।

ହଁ ଆଜ୍ଞା, ମୁଁ ପୁଣି କହୁ କହୁ କେତେ କଥା କହିବା ଭିତରେ ଟ୍ରାକ୍ ବାହାରକୁ ଚାଲିଗଲା ଭଳିଆ ଏ ଲେଖକର ଅନୁଭବ ହେଲାଣି। କହିଲେ ତ କେତେ କଥା କହିଦେବ। ସଭାରେ ବକ୍ତା ବିଷୟବସ୍ତୁ ବାହାରକୁ ଗଲେ ଶ୍ରୋତା ଯେମିତି ବୋର୍ ହୁଅନ୍ତି, ଲେଖକ ସେମିତି ଲେଖା ଶୀର୍ଷକଠୁ ଦୂରେଇ ଗଲେ ପାଠକ ମନ ଊଣା କରିପାରନ୍ତି। ସାଧାରଣତଃ ଲେଖାର ଶୀର୍ଷକ ଲେଖା ପାଇଁ ଟ୍ରାକ୍ ସଦୃଶ ବିବେଚିତ ହୁଏ। ଶୀର୍ଷକ ଆଧାରରେ ଲେଖାଟି ଗତିଶୀଳ ରହିଲେ/ ରହିଥିଲେ ସୁଧୀ ପାଠକ ଲେଖାମନସ୍କ ରହି ଗହୀରେଇ ଲେଖାଟିକୁ ପଢ଼ି ବସନ୍ତି। ମନକୁ ଛୁଇଁଲେ କହି ଉଠନ୍ତି- ବାଃ, ଲେଖାଟି ଭଲ ହୋଇଛି। ଆଉ ସେଇ ମୁହୂର୍ତ୍ତରେ ଲେଖା ତଳେ ଉଲ୍ଲିଖିତ ମୋବାଇଲ ନମ୍ବରରେ ଲେଖକ ସହିତ ପାଠକ ଯୋଡ଼ି ହୁଅନ୍ତି। ପାଠକଙ୍କ ମୁହଁରୁ 'ଆଜ୍ଞା ଲେଖାଟି ଭଲ ହୋଇଛି'- ସେଇ କେଇ ପଦ କଥା ଶୁଣିଲେ ଲେଖକ ଖୁବ୍ ଆହ୍ଲାଦିତ ହୁଅନ୍ତି। ଅକୁଳାଣ ଖୁସି/ ସୁଖ ଅନୁଭବ କରନ୍ତି। ପାଠକଙ୍କୁ ଲେଖକ ସେମିତି ଧନ୍ୟବାଦ ଦିଅନ୍ତି, କୃତଜ୍ଞତା ପ୍ରକାଶ କରନ୍ତି ଲେଖାଟି ତାଙ୍କୁ ଭଲ ଲାଗିଥିବାରୁ।

ତେବେ ଏ ଲେଖକ ଲେଖେ/ ଲେଖାଲେଖି କରେ ଖୁସି ସାଉଁଟିବା ପାଇଁ। ପୁଣି ପାଠକଙ୍କ ପ୍ରତିକ୍ରିୟା ଲେଖକ ପାଇଁ ପ୍ରେରଣାଦାୟୀ। ପାଠକଙ୍କ ସକାରାତ୍ମକ ପ୍ରତିକ୍ରିୟା ଲେଖକ ପାଇଁ ଉପଯୁକ୍ତ ପୁରସ୍କାରଠୁ ବଳି। ଆଗେ ଚିଠି ଆସୁଥିଲା ପାଠକଙ୍କ ପାଖରୁ। ଏବେ ଚିଠି ଦେଣନେଣ ନାହିଁ କହିଲେ ଚଳେ। ମୋବାଇଲ୍‌ରେ ପାଠକ ସହିତ ସିଧା ଯୋଡ଼ି ହେବା ଖୁବ୍ ଖୁସିର ମୁହୂର୍ତ୍ତ ଆଣି ଦେଇଥାଏ। ପାଠକଙ୍କ ନିଷ୍କପଟ ମତାମତ ଲେଖକ ପକ୍ଷେ ସ୍ମରଣୀୟ ମନେହୁଏ। ଲେଖକ ଲେଖା ମାଧ୍ୟମରେ ପାଠକ ସହିତ ଯୋଡ଼ି ହେଲେ ଗୋଟେ ସଦ୍‌ଭାବ ଅଙ୍କୁରିତ ହୁଏ। ସେଇ ଲେଖା ପାଲଟେ ଗୋଟେ ସଂଯୋଗର ସେତୁ ଲେଖକ ଓ ପାଠକଙ୍କ ଭିତରେ। ଭାବଗତ ସମ୍ପର୍କ ଯୋଡ଼େ ଲେଖକ ଓ ପାଠକ ଭିତରେ ସେଇ ଲେଖା। ଅତଏବ, ପାଠକ ସହିତ ଯୋଡ଼ିହେବା ପାଇଁ ଲେଖକ ଲେଖନ୍ତି। ଏମିତି ପାଠକ ସହିତ ଯୋଡ଼ି ହେବା ଏକ ବଡ଼ ଉପଲବ୍ଧି ଆଣି ଦେଇଥାଏ ପୁଣି ସେଇ ଲେଖା, ଲେଖକ ପାଇଁ।

ଏବେ ଦେଖିବା ଆସନ୍ତୁ, ଲେଖକ ଲେଖି ପାଏ କ'ଣ କ'ଣ ? ପ୍ରଥମତଃ, ଲେଖକ ପାଏ/ ପାଆନ୍ତି ସମ୍ମାନ। ଅନେକ ଲେଖା ପତ୍ରପତ୍ରିକାରେ, ଖବରକାଗଜରେ ରୀତିମତ ଆସିଗଲେ ଲେଖକଙ୍କ ଲେଖକ ପରିଚୟ ଆପେ ତିଆରି ହୋଇଯାଏ। ନିଜ ପରିସରରେ, ନିଜ ଇଲାକାରେ, ନିଜ ଗାଆଁରେ, ନିଜ ସହରରେ, ନିଜ ସାହିରେ ଜଣାଶୁଣା ହୋଇଯାନ୍ତି ଲେଖକ। ଏମିତି ଲେଖକର ସମ୍ମାନ ତିଆରି ହୁଏ। ଲେଖକଙ୍କୁ ସଭା ସମିତିରେ ଚଉକି ମିଳେ। ଅତିଥି ଆସନ ମିଳେ ସମ୍ମାନ ସହକାରେ ଏଠି ସେଠି। ବିଭିନ୍ନ ଅନୁଷ୍ଠାନରୁ ପୁରସ୍କାର ଆସେ



ଲେଖକଙ୍କ ଝୁଲାମୁଣି ଭିତରକୁ। ଠିକ୍ ଲେଖକ ନିରନ୍ତର ସାଧନା ବଳରେ ପରିଚୟ ପାଆନ୍ତି, ସମ୍ମାନ ପାଆନ୍ତି, ଚଉକି ପାଆନ୍ତି, ସର୍ବୋପରି ପୁରସ୍କାର ପାଆନ୍ତି ଏଠୁ ସେଠୁ। ତେବେ ଲେଖକଙ୍କ ପରିଚୟ, ସମ୍ମାନ ତିଆରି ହୁଏ। ଆଉ ପାଆନ୍ତି ମଞ୍ଚରେ ବସିବା ପାଇଁ ଚଉକି। ପୁରସ୍କାର ଆଦି। ଏବେ ଯୁଗ ବଦଳିଲାଣି। ଏବେ ଏବେ ବିନା ସାଧନାରେ ପୁଣି ପରିଚୟ, ସମ୍ମାନ, ଚଉକି, ପୁରସ୍କାର- ସବୁ ଏକା ଥରକେ ପାଇବାର ମନ୍ଦ ମତଲବ ରଖି କାମ କରନ୍ତି ଏବର କିଛି ଲେଖକ। ସେଇ ମତଲବୀ ଲେଖକଙ୍କ ମନ୍ଦ କାମ କରିବା ଧରା ବି ଧରା ପଡ଼ିଯାଏ କେବେ କେଉଁଠି।

'ମନ୍ଦ କବି ଯଶ ପ୍ରାର୍ଥୀ'ଙ୍କ କେବଳ ଏକମାତ୍ର ଉଦ୍ଦେଶ୍ୟ ଥାଏ 'ପାଇବା ପାଇଁ ମୁଁ ସାହିତ୍ୟ କରେ।' ସେମାନେ ଯେମିତି ହେଉ ପାଇବା ପାଇଁ ଚାହାନ୍ତି ପରିଚୟ, ସମ୍ମାନ, ଚଉକି ଆଉ ପୁରସ୍କାର। ସେଇ ଚାରୋଟିର ପ୍ରାପ୍ତି ପାଇଁ ସେମାନେ ସାହିତ୍ୟ କରିବା ନାଁରେ ନାନା କସରତ କରନ୍ତି। କୌଶଳ ଅବଲମ୍ବନ କରନ୍ତି। ଗଳାବାଟ ଧରନ୍ତି ଏଠି ସେଠି ପହଞ୍ଚିବା ପାଇଁ। ମାନସମ୍ମାନ, ପରିଚୟ, ଚଉକି, ପୁରସ୍କାର- ସବୁକିଛି ପାଇବା ପାଇଁ। ସେମାନେ କରିତ୍‌କର୍ମା। ଖୁବ୍ ପାରିବାର। ସେମାନେ ପାଆନ୍ତି ନାହିଁ, ଅସଲକୁ ହାତେଇ ଜାଣନ୍ତି। ଛିନ୍ଦି ଛଡ଼େଇ ନିଅନ୍ତି। ଯୋଗ୍ୟତା ନ ଥାଇ ଯୋଗ୍ୟ ହୁଅନ୍ତି। ସେମାନେ ଅଧିକ ଯୋଗ୍ୟ ଥାଆନ୍ତି ଧରାକରାରେ, ଦିଆଥୁଆରେ, ସକଳ ନକାରାତ୍ମକ କାର୍ଯ୍ୟରେ। ଆଶ୍ଚର୍ଯ୍ୟର କଥା, ସେମାନେ ଲେଖନ୍ତି କମ୍, ଚାହାନ୍ତି ବେଶି। ଆହୁରି ଯୁକ୍ତି ବାଢ଼ନ୍ତି- ଲେଖନ୍ତି ସିନା କମ୍, ହେଲେ ତାଙ୍କ ଲେଖାରେ ଥାଏ ବହୁତ ଦମ୍। ତାଙ୍କର ଅଳପ ଲେଖା କୁଆଡ଼େ ଗୋଟାଏ ଗୋଟାଏ ମାଷ୍ଟରପିସ୍ ! ଗୋବିନ୍ଦ ଚନ୍ଦ୍ର ଦାସଙ୍କ 'ଅମାବାସ୍ୟାର ଚନ୍ଦ୍ର' ଭଳିଆ ! ସେମାନଙ୍କ ମିଛ ଆସ୍ପର୍ଦ୍ଧା ଅନେକ। ଆତ୍ମବଡ଼ିମା ବହୁତ। ସ୍ଥଳବିଶେଷରେ ସେମାନେ (ଅସାଧୁ/ ଅସ୍ୱଚ୍ଛ ଦଳ) ମେଳି ବାନ୍ଧି ସାଧୁ ବେଶରେ ତିଆରି କରନ୍ତି ଛଦ୍ମ ପରିଚୟ। ମିଛ ପରିଚୟ ତିଆରି ଚଢ଼ନ୍ତି ଚଉକି। ଭେଳିକି ଦେଖାଇ ପାଆନ୍ତି ମାନସମ୍ମାନ, ପୁରସ୍କାର। ଏମିତି ଆଜିକାଲି ଅନେକ ଦୁର୍ବଳ ଅଯୋଗ୍ୟ ହାତରେ ପଡୁଛି ସମ୍ମାନ ପୁରସ୍କାର। ଅପାଇ ପୁଅ ପାଇଲେ କଥା ଯେମିତି ହୁରି ପଡ଼େ, ଛଦ୍ମବେଶୀର ମୁଣ୍ଡରେ ପୁରସ୍କାର ପଡ଼ିଲେ ସିଏ ସେମିତି ନିଜକୁ ଅଧିକ ବିଜ୍ଞାପିତ କରେ। ସେଇଠି ହୁଏ କ'ଣ ନା,ସେଇ ପୁରସ୍କାରର ମର୍ଯ୍ୟାଦା ହାନି। ପୁରସ୍କାରର ଗରିମା ଗୁରୁତ୍ୱ ହରାଏ। ଜନେ ହସିବେ ଏହି ତହୁଁ... କଥା ପ୍ରାୟେ ହୁଏ। ହେଲେ ଅଲାଜୁକଙ୍କ ଲାଜ ସରମ ବୋଲି କିଛି ଥିଲେ ତ ! ଯେଣୁ ପାଇବା ପାଇଁ ମନ୍ଦ କବି କରେ ସାହିତ୍ୟ। ■

ବଉଦରାଜ, ଜି- ବୌଦ୍ଧ
ମୋ: ୯୪୩୭୪୭୮୪୬୬

# ସ୍ତ୍ରୀକୁ ପିଟି ପିଟି ମାରିଦେଲା ସ୍ୱାମୀ

**ଢେଙ୍କାନାଳ,୩୧।୧/ଏନ୍ଏନ୍ଏସ୍:** ଢ଼େଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା ନବକିଶୋରପୁର ପଞ୍ଚାୟତ ଅନ୍ତର୍ଗତ ଆଲୁସିଂହ କାଳିପୋଇ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି । ସୂଚନା ଅନୁଯାୟୀ କାଳିପୋଇ ଗ୍ରାମର ପ୍ରକାଶ ପ୍ରଧାନ ନିଶାସକ୍ତ ଅବସ୍ଥାରେ ତାଙ୍କ ସ୍ତ୍ରୀକୁ ପିଟି ପିଟି ମାରିଦେଇଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ ରାସୋଳ ଥାନା ପୁଲିସ୍ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ପୋଷ୍ଟମର୍ଟମ ପାଇଁ ମେଡିକାଲ୍ ପଠାଇଛି । କେସ୍ ନଂ ୨୩/୨୬ ରେ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତ ସ୍ୱାମୀ ପ୍ରକାଶଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି । ଘରୋଇ କଳହରୁ ଏପରି ଅଭାବନୀୟ ଘଟଣା ଘଟିଥିବା ଜଣାପଡ଼ିଛି ।

# ବିଧାୟକଙ୍କ ଦିନିକିଆ ପରଜଙ୍ଗ ଗସ୍ତ



**ପରଜଙ୍ଗ,୩୧।୧/ଏନ୍ଏନ୍ଏସ୍:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ୍‌ର ବିଭିନ୍ନ ଅନୁଷ୍ଠାନରେ ପହଞ୍ଚି ପରଜଙ୍ଗ ବିଧାୟକ ବିଭୁତି ଭୁଷଣ ପ୍ରଧାନ ଯୋଗ ଦେଇଥିଲେ । ସକାଳେ ଜିଲ୍ଲା ପରିବହନ ନିଗମ ତରଫରୁ ବଡ଼ଝରା ସତ୍ୟ ନାରାୟଣ ଉଚ୍ଚ ବିଦ୍ୟାଳୟ ଠାରେ ସଡ଼କ ସୁରକ୍ଷା ସପ୍ତାହ ପାଳନ କରିଛନ୍ତି । ଏଥିରେ ନବମ ଏବଂ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ବିନା ଲାଇସେନ୍ସରେ ଗାଡ଼ି ଚଳାଇବା, ବିନା ହେଲମେଟ୍‌ରେ ଗାଡ଼ି ଚଳାଇବା ବିପଦଜନକ ବୋଲି ବୁଝାଇ ଥିଲେ । ପରଜଙ୍ଗ ବିଧାୟକ ବିଭୁତି ଭୁଷଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ବୁଝାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପରିବହନ ଅଧିକାରୀ ଶ୍ରୀବତ୍ସ ସାହୁ , ମୋଟର ଯାନ ଇନ୍ସପେକ୍ଟର, ଏଆର୍‌ଟିଓ, ବ୍ଲକ ଶିକ୍ଷା ଅଧିକାରିଣୀ ପ୍ରିୟଦର୍ଶିନୀ ନାୟକ, ବଡଝରା ସରପଞ୍ଚ ରୁନୁବାଳା ପ୍ରଧାନ, ସମିତି ସଭ୍ୟ ଭୃଗୁବର ସାହୁ, ବରିଷ୍ଠ ବିଜେପି ନେତା ବାପୁନ୍ ସାହୁ, ସତ୍ୟ ନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିନୟ କୁମାର ସାହୁଙ୍କ ସମେତ ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ । ପରେ ପରେ ଡ଼ମୋଳ ଗ୍ରାମର ମା'ଚଣ୍ଡୀ ଏବଂ ବାବା ଆନନ୍ଦେଶ୍ୱର ମନ୍ଦିରର ପାଚେରୀ ନିର୍ମାଣ ପାଇଁ ଜିଏମ୍ଆର୍ ଏନର୍ଜି ଲିମିଟେଡ କମଳାଙ୍ଗ, ଢେଙ୍କାନାଳ ତରଫରୁ ପାଚେରୀ ନିର୍ମାଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି ପରଜଙ୍ଗ ବିଧାୟକ । ପରେ ପରେ ଆମ୍ବ ପଳାଶ ଗ୍ରାମରେ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରର ଭିତ୍ତିପ୍ରସ୍ଥର ଶୁଭ ପକା ଯାଇଛି । ଏଠାରେ ବିଧାୟକଙ୍କ ସହିତ ବ୍ଲକ୍ ଅଧକ୍ଷା ଶର୍ମିଷ୍ଠା ଦଳବେହେରା, ଉପାଧକ୍ଷା ଯଶସ୍ୱିନି ରାଉତ, ବିଜେପି ନେତ୍ରୀ ବନଲତା ମହାନ୍ତି, ଆମ୍ବ ପଳାଶ ଗ୍ରାମ ପଞ୍ଚାୟତର ସରପଞ୍ଚ କୁନାଲ ମହାପାତ୍ର ପ୍ରଭୃତି ଉପସ୍ଥିତ ଥିଲେ । ପରେ ପରେ ରଘୁନାଥଜିଉ ଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ହେଉଥିବା ବିଶ୍ୱଶାନ୍ତି ମହାଯଜ୍ଞରେ ଯୋଗ ଦେଇଥିଲେ । ପରେ ଦ୍ୱିତୀୟ କପିଳାସ ପଥର ଗଡଠାରେ ଅନୁଷ୍ଠିତ ମାଘମେଳା ଓ ବିଶ୍ୱଶାନ୍ତି ମହାଯଜ୍ଞରେ ଉପସ୍ଥିତ ରହିଥିଲେ ।

# ମା' ଦୁର୍ଗାଦେବୀ ମନ୍ଦିରର ପ୍ରତିଷ୍ଠା ଉତ୍ସବ

**ଧର୍ମଶାଳା,୩୧।୧/ଏନ୍ଏନ୍ଏସ୍:** ଧର୍ମଶାଳା ନିର୍ବାଚନ ମଣ୍ଡଳୀ ବାରବାଟୀ ଅନ୍ତର୍ଗତ ମା' ଦୁର୍ଗାଦେବୀ ମନ୍ଦିରର ତୃତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ପଣ୍ଡିତ ବିଜୟ କୁମାର କରଶର୍ମାଙ୍କ ନେତୃତ୍ୱରେ ବିଦ୍ୱାନ ପଣ୍ଡିତ ମାନେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିଥିଲେ ।ସକାଳୁ ମା'ଙ୍କ ନିକଟରେ ସୂର୍ଯ୍ୟ ପୂଜା, ଗୋ ପୂଜା, ଗୁରୁପୂଜା ହୋଇଥିଲା । ମା'ଦୁର୍ଗାଦେବୀଙ୍କ ମହା ସ୍ନାନ ପରେ ରୁଦ୍ରାଭିଷେକ, ଷୋଡଶଉପଚାର, ସପ୍ତସତି ଚଣ୍ଡୀ ଆଦି ହୋଇଥିଲା । ଅନୁଷ୍ଠିତ ଉତ୍ସବରେ ବରିଷ୍ଠ ପୁଲିସ ଅଧିକାରୀ ଅମିତାଭ ମହାପାତ୍ର ଯୋଗଦେଇ ମା'ଙ୍କୁ ଦର୍ଶନ କରିବା ସହିତ ବିଭୁକୃପା ଲାଭ କରିଥିଲେ । ଏହି ଅବସରରେ ମା' ଦୁର୍ଗା ଆଞ୍ଚଳିକ ଉନ୍ନୟନ କମିଟି ଦ୍ୱାରା ପ୍ରକାଶିତ ପୁସ୍ତକ 'ସର୍ବସୁରୂପିଣୀ' ଶ୍ରୀ ମହାପାତ୍ରଙ୍କ କରକାମଳରେ ଉନ୍ମୋଚିତ ହୋଇଥିଲା । ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ସଂଗୀତ ନିର୍ଦ୍ଦେଶକ ଅରୁଣ ମନ୍ତ୍ରୀ, କଣ୍ଠଶିଳ୍ପୀ ପଙ୍କଜ ଝାଲଙ୍କ ଦ୍ୱାରା ସଂଗୀତ ପରିବେଷଣ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ମନ୍ଦିର ଟ୍ରଷ୍ଟର କର୍ମକର୍ତ୍ତା ଓ ସଦସ୍ୟମାନେ ପରିଚାଳନା କରିଥିଲେ ।

## ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍

# ଇଲେଭେନ୍ କେନ୍ଦ୍ରାପଡ଼ାକୁ ହରାଇ ପିସିସି ପାରାଦୀପ ଫାଇନାଲ୍‌ରେ



**ପାରାଦୀପ,୩୧।୧/ଏନ୍ଏନ୍ଏସ୍:** ପାରାଦୀପ ଲକଥାନ ଅନ୍ତର୍ଗତ ଜଗତି ଗ୍ରାମରେ ମା'ବୁଢ଼ି ଜାଗୁଆଣୀ ସମୀର-ସୁଶୀଳ ମେମୋରିଆଲ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ପିସିସି ପାରାଦୀପ ଏବଂ ଇଲେଭେନ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଟସ୍ ଜିତି ପିସିସି ପାରାଦୀପ ବ୍ୟାଟିଂର ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୨୦ଓଭରରେ ପିସିସି ପାରାଦୀପ ୮ ୱିକେଟ ହରାଇ ୨୭୯ ରନ୍ ସଂଗ୍ରହ କରିଥିଲା । ଅପରପକ୍ଷରେ ଇଲେଭେନ ୧୭ ଓଭରରେ ସମସ୍ତ ୱିକେଟ ହରାଇ ୧୯୦ ରନ୍ କରି ପରାଜୟ ବରଣ କରିଛି । ପାରାଦୀପ ପିସିସିର ଆବିଷ୍କାର ପଟ୍ଟନାୟକ ମ୍ୟାନ ଅଫ୍ ଦି ମ୍ୟାଚ୍ ହୋଇଥିଲେ । ଆଶିଷ ଗୌତମ ଇଲେଭେନ କେନ୍ଦ୍ରାପଡ଼ାର ଧୁଆଁ ଧାର ବ୍ୟାଟିଂ କରି ୯୭ ରନ୍ ସଂଗ୍ରହ କରିଥିଲେ । ଅମ୍ପାୟାର ପ୍ଲାବନ ସ୍ୱାଇଁ ଏବଂ ଅନୁପ ରାଉତ ଖେଳ ପରିଚାଳନା କରିଥିଲେ । ଆଜିର ମ୍ୟାଚ୍‌ରେ ଧାରା ବିବରଣୀ ପ୍ରଦାନ କରିଥିଲେ ଲକ୍ଷ୍ମୀକାନ୍ତ ଦାସ । ସ୍କୋରଙ୍ଗ ଦାୟିତ୍ୱରେ ଥିଲେ କେବିସି ଜାଦବ,ସରୋଜ ମହାନ୍ତି । ଆଜିର ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ ସମାଜସେବୀ ଇଂ ସଞ୍ଜୟ ପାଣି, ଯୁବ ପରିବେଶବିତ୍ ସତ୍ୟପ୍ରକାଶ ମହାନ୍ତି ସମ୍ମାନିତ ଅତିଥି ଭାବେ ସମାଜସେବୀ ଜୀବନଜ୍ୟୋତି ସ୍ୱାଇଁ ଯୋଗ ଦେଇଥିଲେ । ଏହି ଟୁର୍ଣ୍ଣାମେଣ୍ଟକୁ ମାଁ ବୁଢ଼ି ଜାଗୁଆଣୀ କ୍ଳବ ପକ୍ଷରୁ ସଞ୍ଜୟ ଦାସ, ଜିଙ୍କୁନା ସ୍ୱାଇଁ, ଟୁକନ ଦାସ, ସଞ୍ଜୟ ସ୍ୱାଇଁ, ବୁଦ୍ଧଦେବ ଦାସ, ଆଜିର ମ୍ୟାଚ୍‌କୁ ସଫଳ ଭାବେ ଆୟୋଜନ କରିଥିଲେ । ଆସନ୍ତାକାଲିର ଫାଇନାଲ ମ୍ୟାଚ ଆଦର୍ଶ କ୍ଲବ ବାଲେଶ୍ୱର ଏବଂ ପିସିସି ପାରାଦୀପ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କ୍ଲବ୍‌ର ସଂଯୋଜକ ମନୋଜ ମହାନ୍ତି ସୁଚନା ଦେଇଛନ୍ତି ।

# ବଜରଙ୍ଗୀ ଆଶ୍ରମର ପ୍ରତିଷ୍ଠାତା 'ବାବା ଅରକ୍ଷିତ ଦାସ'ଙ୍କ ଦେହାନ୍ତ



**ପାଟକୁରା,୩୧।୧/ଏନ୍ଏନ୍ଏସ୍:** ଗରଦପୁର ବ୍ଲକ ଅଧିନସ୍ଥ ବେଡାରୀ ,ସୋଲପାଟ ଓ କୁଲଟୁଠୀ ଗ୍ରାମର ମିଳିତ ସହଯୋଗରେ ବାବା ଅରକ୍ଷିତ ଦାସ ଗ୍ରାମର ପୂର୍ବଭାଗରେ ୧୯୮୪ ମସିହାରେ ପ୍ରତିଷ୍ଠା କରିଥିଲେ ହନୁମାନଙ୍କ ବିଗ୍ରହ ଯାହା ଦୀର୍ଘ ୪୨ ବର୍ଷ ହେଲା ପ୍ରସିଦ୍ଧ ଲାଭ କରିଛି । ଏହି ମନ୍ଦିର ବ୍ୟତୀତ ବାବା ଅରକ୍ଷିତ ଦାସ ମଧ ରାମ ମନ୍ଦିର ନିର୍ମାଣ କରି ସେଠାରେ ରାମ,ଲକ୍ଷ୍ମଣ ଓ ସିତାଙ୍କ ବିଗ୍ରହ ସ୍ଥାପନ କରି ପୂଜାର୍ଚ୍ଚନା କରୁଥିଲେ । ଏହି ଆଶ୍ରମରେ ବର୍ଷକୁ ବିଶ୍ୱଶାନ୍ତି ମହାଯଜ୍ଞ ଓ ଅନ୍ୟାନ ପୂଜାର୍ଚ୍ଚନା କରାଯାଇଥାଏ । ଲୋକପ୍ରିୟ ବାବା ଅରକ୍ଷିତ ଦାସ କିଛିଦିନ ହେଲା ଶ୍ୱାସଜନୀତ ରୋଗରେ ପିଡିତ ହୋଇ ଭୁବନେଶ୍ୱରର ଏକ ଘରେଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ଶନିବାର ସକାଳ ପ୍ରାୟ ୭ ଟା ବେଳେ ତାଙ୍କର ଦେହାନ୍ତ ହୋଇଥିଲା । ଖବର ଜଣାପଡିବା ପରେ ପାଟକୁରା ଅଞ୍ଚଳରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା । ଭୁବନେଶ୍ୱରୁ ସ୍ୱର୍ଗଦ୍ୱାରା ଗାଡିରେ ମରଶରୀରକୁ ସଜ୍ଜିତ କରାଯାଇ ତାଙ୍କର ଜନ୍ମସ୍ଥାନ ପାଟକୁରା ଥାନା ତଥା ମାର୍ଶାଘାଇ ବ୍ଲକ ନରସିଂହପୁର ଗ୍ରାମକୁ ନିଆଯାଇଥିଲା । ଏହାପରେ ବେଡାରୀ ,ସୋଲପାଟ ଓ କୁଲଟୁଠୀ ଗ୍ରାମରେ ସଂକୀର୍ତ୍ତନ ଶୋଭାଯାତ୍ର କରାଯାଇ ତାଙ୍କର ଦୀର୍ଘ ୪୨ ବର୍ଷର ସାଧାନସ୍ଥଳ ଓ କର୍ମଭୂମି ବେଡାରୀ ବଜରଙ୍ଗି ଆଶ୍ରମକୁ ନିଆଯାଇଥିଲା । ଶତାଧିକ ଭକ୍ତ ତଥା ଗ୍ରାମର ଅନେକ ଶ୍ରଦ୍ଧାଳୁ ତାଙ୍କ ଶୋଭାଯାତ୍ରରେ ଭାଗନେଇ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ଏହାପରେ ବଜରଙ୍ଗୀ ଆଶ୍ରମ ପରିସରରେ ତାଙ୍କୁ ସମାଧୀ ଦିଆଯାଇଥିଲା । ପଦ୍ମପୁର ଆଶ୍ରମର ସାଧୁ ନରୋତ୍ତମ ଦାସ ରୀତିନୀତି ମୁତାବକ ବାବା ଅରକ୍ଷିତଙ୍କୁ ସମାଧିସ୍ଥ କରାଇଥିଲେ । ଆସନ୍ତା ଫେବୃଆରୀ ୨୦ ତାରିଖ ଦିନ ତାଙ୍କର ସମାଧି ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ ବୋଲି ଆଶ୍ରମ ପକ୍ଷରୁ କହାଯାଇଛି ।

# ୩୦ ହଜାର ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ଭେଟେନାରୀ ପ୍ରୋଗ୍ରାମ ଆସିଷ୍ଟାଣ୍ଟ୍

**ବଡ଼ଚଣା,ଚଣ୍ଡିଖୋଲ,୩୧।୧/ଏନ୍ଏନ୍ଏସ୍:** ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ମାଡ଼ିବସିଲା ଭିଜିଲାନ୍ସ ଟିମ୍ । ଜଣେ ହିତାଧିକାରୀଙ୍କୁ ସବ୍‌ସିଡି ଅର୍ଥ କରାଇଦେବାକୁ କହି ୩୦ ହଜାର ଟଙ୍କା ଲାଞ୍ଚ ନେଇଥିବା ବେଳେ କଟକ ଭିଜିଲାନ୍ସ ହାତରେ ଧରାପଡିଛନ୍ତି ବଡ଼ଚଣା ବ୍ଲକ ଭେଟନାରୀ କାର୍ଯ୍ୟାଳୟରେ ଥିବା ପ୍ରୋଗ୍ରାମ ଆସିଷ୍ଟାଣ୍ଟ ସୁଭାଶିଷ ସାମଲ । ଏନେଇ କଟକ ଭିଜିଲାନ୍ସ ୫/୨୦୨୬,ଧାରା ୭ ଆଇପିସି ୨୦୧୮ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛନ୍ତି । ଘଟଣାରୁ ପ୍ରକାଶ ସରକାରଙ୍କ କୁକୁଡ଼ା ଚାଷ ରିହାତି ଯୋଜନାରେ ଜଣେ ହିତାଧିକାରୀ ବଡ଼ଚଣା ପଶୁ ଚିକିତ୍ସା ବିଭାଗ ମାଧ୍ୟମରେ କୁକୁଡ଼ା ଚାଷ କରିବା ପାଇଁ ୭୨ହଜାର ଟଙ୍କା ଋଣ କରିଥିଲେ । ସରକାରଙ୍କ ନିୟମ ଅନୁସାରେ ଏହି ଯୋଜନାରେ ହିତାଧିକାରୀ ସମୁଦାୟ ୬୦ ଭାଗ ସବସିଡି ଅର୍ଥ ସରକାରଙ୍କ ଠାରୁ ପାଇବେ ଯାହାକି ୪୩,୨୦୦୦ ଟଙ୍କା । ଫାର୍ମର ଘର ନିର୍ମାଣ ସରିଲେ ପ୍ରଥମ କିସ୍ତି ଅର୍ଥ ପାଇବାର ନିୟମ ରହିଅଛ । ମାତ୍ର ହିତାଧିକାରୀ ଘର ନିର୍ମାଣ କରିସାରି ଦ୍ୱିତୀୟ କିସ୍ତି ପାଇବାକୁ ହକଦାର ଥିଲେ ମଧ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ସାମଲ ସମୁଦାୟ ଋଣର ୧୦ ଭାଗ ଅର୍ଥ ୪୦ ହଜାର ଟଙ୍କା ଦେଲେ ତାଙ୍କର ସବସିଡି ଅର୍ଥ ମିଳିବ ବୋଲି ତାଙ୍କୁ କହି ବାରମ୍ବାର ଦୌଡ଼ାଉ ଥିଲେ । ଏବଂ ଲାଞ୍ଚ ନ ଦେଲେ ସବସିଡ୍ ମିଳିବ ନାହିଁ ବୋଲି କହୁଥିଲେ । ଏ ନେଇ ହିତାଧିକାରୀ କଟକ ଭିଜିଲାନ୍ସ ଟିମକୁ ଜଣାଇଥିଲେ । ଯୋଜନା ମୁତାବକ ଆଜି ହିତାଧିକାରୀ ସୁଭାଶିଷଙ୍କୁ ଡାକି ଜାତୀୟ ରାଜପଥ ୧୬ ଚଣ୍ଡିଖୋଲ ନିକଟସ୍ଥ ଗାନ୍ଧୀ ଛକ ନିକଟରେ ୩୦ହଜାର ଟଙ୍କା ଦେଉଥିବା ବେଳେ ପୂର୍ବରୁ ଛକି ଥିବା ଭିଜିଲାନ୍ସ ଟିମ ସୁଭାଶିଷଙ୍କୁ କାବୁ କରିନେବା ସହ ତାଙ୍କଠାରୁ ୩୦ହଜାର ଟଙ୍କା ଜବତ କରିଥିଲେ ।

# ହାଇୱା ଧକ୍କାରେ ସାଇକେଲ୍ ଆରୋହୀଙ୍କ ମୃତ୍ୟୁ

## କ୍ଷତିପୂରଣ ଦାବିରେ ରାସ୍ତାରୋକ୍



**ଧର୍ମଶାଳା,୩୧।୧/ଏନ୍ଏନ୍ଏସ୍:** ଧର୍ମଶାଳା ଥାନା ୫୩ ନମ୍ବର ଜାତୀୟ ରାଜପଥର କାନପୁର ଠାରେ ଆଜି ଜଣେ ସାଇକେଲ୍ ଆରୋହୀଙ୍କ ଉପରେ ହାଇୱା ଗାଡି ମାଡିଯିବାରୁ ଘଟଣାସ୍ଥଳରେ ସାଇକଲ୍ ଅରୋହୀଙ୍କ ମୃତ୍ୟୁ ଘଟିଛି । ମୃତକ ସ୍ଥାନୀୟ କାନପୁର ଗ୍ରାମର ଗଜେନ୍ଦ୍ର ଦେଉରୀ (୪୮) ବୋଲି ଜଣାପଡିଛି । ଗଜେନ୍ଦ୍ର ଔଷଧ ଆଣିବକୁ ଆଜି ନିଜ ସାଇକେଲ୍‌ରେ ଅରୁହା ଛକକୁ ଯାଉଥିବା ବେଳେ ଡୁବୁରୀ ପଟରୁ ଚଣ୍ଡିଖୋଲ ଆଡକୁ ଯାଉଥିବା ଓଡି-୦୪ ଏ- ୩୨୭୫ନଂ ମାଲବୋଝେଇ ହାଇୱା ଗାଡି ତାଙ୍କ ଉପରେ ଚଡିଯାଇଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । କ୍ଷତିପୂରଣ ସହିତ ଉକ୍ତ ସ୍ଥାନରେ ଏକ ଗଳିପୋଲ ନିର୍ମାଣ କରିବା ଦାବିରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ । ତେବେ ଖବର ପାଇ ଧର୍ମଶାଳା ଥାନା ଅଧିକାରୀ ଓ ଅନ୍ୟ ପୁଲିସ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକମାନଙ୍କୁ ବୁଝାସୁଝା କରିଥିଲେ ମଧ କ୍ଷତିପୂରଣ ସହ ସେଠାରେ ଗଳିପୋଲ ନିର୍ମାଣର ପ୍ରତିଶ୍ରୁତି ନମିଳିବା ଯାଏଁ ରାସ୍ତା ଅବରୋଧ ଜାରିରହିବ ବୋଲି ଉତ୍ୟକ୍ତ ଲୋକେ ଜିଦ ଧରି ବସିଥିଲେ । ଫଳରେ ଚଣ୍ଡିଖୋଲ ଡୁବୁରୀ ୫୩ ନଂ ଜତୀୟ ରାଜପଥର ଉଭୟ ପାର୍ଶ୍ୱରେ ଶହ ଶହ ସଂଖ୍ୟାରେ ଗାଡି ଅଟକି ରହିଥିଲା । ଘଟଣାସ୍ଥଳରେ ଧର୍ମଶାଳା ଅତିରିକ୍ତ ତହସିଲ୍‌ଦାର ଗଗନ ବିହାରୀ ଦାଶ ପହଞ୍ଚି ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାର ପ୍ରତିଶ୍ରୁତି ଦେଇଥିଲେ । ଏଥିସହିତ ଜାତୀୟ ରଜପଥ ପ୍ରାଧିକରଣର ଅଧିକାରୀମାନେ ସେଠାରେ ପହଞ୍ଚି ଗଳିପୋଲ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେବା ପରେ ୪ ଘଣ୍ଟା ପରେ ରାସ୍ତା ଅବରୋଧ ହଟିଥିଲା । ଦୁର୍ଘଟଣାକୁ ନେଇ ଧର୍ମଶାଳା ପୁଲିସ ୩୬/୨୬ରେ ଏକ ମାମଲା ରୁଜୁ କରିବା ସହ ଦୁର୍ଘଟଣାଗ୍ରସ୍ତ ସାଇକେଲ୍ ଓ ହାଇୱା ଗାଡିକୁ ଜବତ କରି ଶବ ବ୍ୟବଚ୍ଛେଦ କରାଇ ଘଟଣାର ତଦନ୍ତ ଚଳାଇଛି । ଅନ୍ୟପଟେ ଦୀର୍ଘ ବର୍ଷ ଧରି ଚଣ୍ଡିଖୋଲ ଡୁବୁରୀ ଜତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ଚାଲୁଥିବା ବେଳେ ଏହା କେବେ ସମାପ୍ତ ହେବ ତାକୁ ନେଇ ଲୋକମାନଙ୍କ ମଧ୍ୟରେ ଆଶା ଓ ଆଶଙ୍କା ଦେଖାଦେଇଛି । ଏହି ସମ୍ପ୍ରସାରଣ କାର୍ଯ୍ୟ ଯେଗୁଁ ଅନେକ ସମୟରେ ଦୁର୍ଘଟଣାମାନ ଘଟି ଧନଜୀବନ ହାନୀ ହେଉଛି । ଏଥିପ୍ରତି ବିଭଗୀୟ ଉଚ୍ଚ ଅଧିକାରୀମାନେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

## ତାଳଚେରରେ ଥମୁନି ବାୟୁ ପ୍ରଦୂଷଣ

# ଜନଜୀବନ ଅସ୍ତବ୍ୟସ୍ତ, ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ 'ଫୁ'

**ତାଳଚେର,୩୧।୧/ଏନ୍ଏନ୍ଏସ୍:** ଭାରତର ପ୍ରଦୂଷଣରେ ଦିଲ୍ଲୀ ପରେ ଓଡ଼ିଶାର ତାଳଚେର ୧ମ ଭୂମିକାରେ ଚିହ୍ନଟ ହୋଇଇଥିବା ବେଳେ ଏହାର ପ୍ରତିକାର ପାଇଁ କାହାର ହେଲେ ସାମନ୍ୟ ଦରଦି ନଥିବା ଭଳି ଭନେ ହେଉନାହିଁ । ତାଳଚେର ଏୟାର କ୍ୱାଲିଟି ଏକ୍ୟୁଆଇ (ବାୟୁପ୍ରଦୂଷଣ) ୩୫୫ ଛୁଇଁଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଏନଏସଏସ୍ ଆକ୍ଟ ଲାଗୁ କରାଯାଇଥିଲା । ସରକାରଙ୍କ ନିର୍ଦ୍ଦେଶ ମୁତାବକ ଜାତୀୟ ରାଜପଥ ଓ ଅନ୍ୟାନ୍ୟ ରାସ୍ତାର ଗୁଡ଼ିକରେ ଦିନକୁ ତିନିଥର ପାଣି ସିଂଚନ ସହିତ ରାସ୍ତାରୁ ଧୂଳି ହଠାଇବାକୁ ଏମସିଏଲକୁ କୁହାଯାଇଥିଲା । ପ୍ରାୟ ୩ରୁ ୫ଦିନ ରାସ୍ତା ଗୁଡ଼ିକରେ ପାଣି ସିଂଚନ ହେବା ଫଳରେ ଏହାର ଏକ୍ୟୁଆଇ ଖସି ୨୫୫-୫୬ରେ ସିମୀତ ଥିଲା । ମାତ୍ର ଏବେ ୩-୪ଦିନ ହେବ ଜାତୀୟ ରାଜପଥ ସମେତ ଅନ୍ୟାନ୍ୟ ରାସ୍ତା ଗୁଡ଼ିକରେ ସଠିକ୍‌ଭାବେ ପାଣିସିଂଚନ ହେଉନଥିବାରୁ ଧୂଳିଧୂଆଁରେ ଏଠିକାର ଅଂଚଳବାସୀ ଅଣନିଶ୍ୱାସୀ ହୋଇ ତ୍ରାହିତ୍ରାହି ଡ଼ାକ ଦେଉଥିବା ଅଭିଯୋଗ ହେଉଛି । ନିକଟରେ ଜିଲ୍ଲାପାଳ ଏମସିଏଲକୁ କୋଇଲା ପାଉଁଶ ମିଶ୍ରିତ ଗୁଣ୍ଡ ରାସ୍ତାରୁ ସଫା କରିବାକୁ ଏମସିଏଲକୁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର କ'ଣ ହେଲା କେଜାଣି କୁଆଡ଼େ ଗୋଟିଏ ଦିନରେ ପୌରପରିଷଦ ପକ୍ଷରୁ୧୨ଜଣ ସଫେଇ କର୍ମଚାରୀଙ୍କୁ ଲଗାଇ ତାଳଚେର ବାଇପାସ୍ ଟ୍ରାଫିକ ଠାରୁ ୨ଶହରୁ ୩ଶହ ମିଟର ରାସ୍ତା ସଫା କରିଥିବା ଜଣାପଡ଼ିଛି । ଏଠାରୁ ରାଜ୍ୟ ସରକାର କୋଟି କୋଟି ଟଙ୍କା ରାଜସ୍ୱ ନେଉଥିଲେ ମଧ ତାଳଚେରବାସୀଙ୍କୁ କାହିଁକି ମୃତ୍ୟୁ ମୁଖକୁ ଠେଲୁଛନ୍ତି ତାକୁ ନେଇ ଅଂଚଳବାସୀଙ୍କ ମନରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ବର୍ତମାନ ୧୪୯ନମ୍ବର ଜାତୀୟ ରାଜପଥ ଗୋଡ଼ିବନ୍ଧ ଠାରୁ ବହ୍ଲର ପର୍ଯ୍ୟନ୍ତ ପ୍ରଚୁର ଧୂଳିଧୂଆଁଶ ଯୋଗୁଁ ବାଟୋଇ ଦାଣ୍ଡୋଇ ମାନେ ଯାତାୟତ କରିବାକୁ ନିରାପଦ ମଣୁନାହାନ୍ତି । ପୁନଶ୍ଚ ଯେଉଁ ସମୟରେ ଏକ୍ୟୁଆଇ ୩୫୫ ରହିଥିଲା ସେହି ସମୟରେ କେନ୍ଦ୍ର ଓ ରାଜ୍ୟ ଉଭୟ ସରକାର ଏମସଏଲ ଓ ପୌରପରିଦେ ସମେତ ଜିଲ୍ଲାପାଳ ସ୍ଥାନୀୟ ଉପଜିଲ୍ଲପାଳଙ୍କୁ ତୁରନ୍ତ ଏହାର ପ୍ରତିକାର ପାଇଁ କଡ଼ାକଡ଼ି ନିର୍ଦ୍ଦେଶ ଦେଇଥିଲେ । ସେହି ନର୍ଦ୍ଦଶନାମାକୁ ନଜରରେ ରଖି ପ୍ରାୟ ୩ରୁ ୫ଦିନ ତାଳବେଡ଼ା ଠାରୁ ବହ୍ଲରଛକ ଓ ପୌରପରିଷଦ ବଡ଼ଦାଣ୍ଡ ସାହି ଠାରୁ ହାଣ୍ଡିଧୂଆଁ ପର୍ଯ୍ୟନ୍ତ ସଫେଇ ସହ ଜଳସିଂଚନ ଦିନକୁ ୩ଥର ହେଉଥିଲା । ମାତ୍ର ଏବେ କାହା ସ୍ୱାର୍ଥରେ ନା ସିଂଚନ ହେଉଛି ପାଣି ନା ସଫେଇ ହେଉଛି ଧୂଳି । ତେଣୁ ଏଥିପ୍ରତି ପ୍ରଦୂଷଣ ବିଭାଗ କଡ଼ାକଡ଼ି ପଦକ୍ଷେପ ନନେଲେ ଅଗାମୀ ଦିନରେ ଆହୁରି ଅବସ୍ଥା ଜଟିଳ ହେବ ବୋଲି ଅଶଶଙ୍କାକୁ ଏଡ଼ାଇ ଦିଆଯାଇନାପରେ ।

# ରାଜ୍ୟପାଳଙ୍କୁ ଭେଟିଲେ ପାରାଦୀପ ବନ୍ଦର ଅଧ୍ୟକ୍ଷ



**ପାରାଦୀପ,୩୧।୧/ଏନ୍ଏନ୍ଏସ୍:** ଉଚ୍ଚସ୍ତରୀୟ ରଣନୈତିକ କାର୍ଯ୍ୟର ବିକାଶ ପାଇଁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ (ପିପିଏ)ର ଅଧକ୍ଷ ଶ୍ରୀ ପି. ଏଲ୍. ହରାନାଦ ଆଇଆରଟିଏସ୍, ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଏବଂ ମୁଖ୍ୟ ସଚିବଙ୍କୁ ଭେଟି ରାଜ୍ୟର ସାମୁଦ୍ରିକ କ୍ଷେତ୍ର ପାଇଁ ଏକ ମହତ୍ୱାକାଂକ୍ଷୀ ଏବଂ ପରିବର୍ତ୍ତନକାରୀ ରୋଡମ୍ୟାପ୍ ପ୍ରସ୍ତୁତ କରିଛନ୍ତି । ଏହି କାର୍ଯ୍ୟଗୁଡ଼ିକ ଭାରତର ପ୍ରମୁଖ ବନ୍ଦର ଭାବରେ ପାରାଦୀପ ବନ୍ଦରର ସ୍ଥିତିକୁ ପୁନଃନିର୍ଦ୍ଦିଷ୍ଟ କରିବା ଏବଂ ବିକଶିତ ଭାରତର ଜାତୀୟ ଦୃଷ୍ଟିକୋଣକୁ ଆଗକୁ ବଢ଼ାଇବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ପଷ୍ଟ କରିଛି । ଶ୍ରୀ ହରାନାଦ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡକ୍ଟର ହରି ବାବୁ କାମ୍ଭମପତିଙ୍କୁ ଭେଟି ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ଦ୍ୱାରା ଗ୍ରହଣ କରାଯାଉଥିବା ଏବଂ ଆଗାମୀ ବିକାଶମୂଳକ ପଦକ୍ଷେପ ବିଷୟରେ ଅବଗତ କରାଇଥିଲେ । ଏହି ଆଲୋଚନା ମାଧ୍ୟମରେ ବନ୍ଦର-ନେତୃତ୍ୱାଧୀନ ଭିତ୍ତିଭୂମି ଅଭିବୃଦ୍ଧିକୁ ଓଡ଼ିଶାର ବ୍ୟାପକ ଆର୍ଥିକ ବିକାଶ କ୍ଷେତ୍ରରେ କାର୍ଯ୍ୟ କରିବା ନେଇ ଗୁରୁତ୍ୱାରୋପ କରାଯାଇଥିଲା । ଯେତେବେଳେ ସାମୁଦ୍ରିକ ଭିତ୍ତିଭୂମିର ଆଧୁନିକୀକରଣ, ଲଜିଷ୍ଟିକ୍ସ ଦକ୍ଷତା ବୃଦ୍ଧି ଏବଂ ଏହି ଅଞ୍ଚଳକୁ ସ୍ଥାୟୀ ସାମାଜିକ-ଆର୍ଥିକ ଲାଭ ପ୍ରଦାନ କରିବା ପାଇଁ ପିପିଏର ପ୍ରତିବଦ୍ଧତାକୁ ଦୃଢ଼ କରାଯାଇଥିଲା । ଏହି ରୋଡମ୍ୟାପରେ ଆଗାମୀ ଶ୍ରୀ ଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ନିକଟରେ ୫୦୦ କୋଟି ବ୍ୟୟରେ ଯୋଜନା କରାଯାଇଥିବା ପୁରୀ କ୍ରୁଜ୍ ଟର୍ମିନାଲର ବିକାଶ ମଧ୍ୟ ଅନ୍ତର୍ଭୁକ୍ତ । ପର୍ଯ୍ୟଟନ ବିକାଶ ସହିତ ସାମୁଦ୍ରିକ ଐତିହ୍ୟକୁ ମିଶ୍ରଣ କରିବା ପାଇଁ ପରିକଳ୍ପିତ, ଏହି ଟର୍ମିନାଲ ପୁରୀକୁ ବିଶାଖାପାଟଣା, ଦୀଘା ଏବଂ ଆଣ୍ଡାମାନ ଦ୍ୱୀପପୁଞ୍ଜ ଭଳି ସ୍ଥାନ ସହିତ ସଂଯୋଗ କରିବ ବୋଲି ଆଶା କରାଯାଉଛି । ଏହି ପଦକ୍ଷେପ ଉପକୂଳ ପର୍ଯ୍ୟଟନ ସର୍କିଟକୁ ପରିବର୍ତ୍ତନ କରିବା ଏବଂ ଓଡ଼ିଶାର ସାମୁଦ୍ରିକ ଏବଂ ପର୍ଯ୍ୟଟନ ଦୃଶ୍ୟପଟରେ ଏକ ନୂତନ ପରିମାଣ ଯୋଡ଼ିବା ପାଇଁ ପ୍ରସ୍ତୁତ । ଏହା ସହିତ,ବନ୍ଦର ଅଧ୍ୟକ୍ଷ ଡିଜିଟାଇଜଡ୍ ଲଜିଷ୍ଟିକ୍ସ, ଭିତ୍ତିଭୂମି ସମସ୍ୟା କୁ ଦୂର କରିବା ଏବଂ କାର୍ଯ୍ୟକ୍ଷମ ଦକ୍ଷତା ମାଧ୍ୟମରେ କ୍ଷମତା ବୃଦ୍ଧି ଉପରେ କେନ୍ଦ୍ରିତ ରଣନୈତିକ ପଦକ୍ଷେପଗୁଡ଼ିକୁ ଉଲ୍ଲେଖ କରିଥିଲେ, ଯାହାର ଲକ୍ଷ୍ୟ ଭାରତର ଏକ ନମ୍ବର ପ୍ରମୁଖ ବନ୍ଦର ଭାବରେ ପାରାଦୀପ ବନ୍ଦରର ସ୍ଥିତିକୁ ସୁଦୃଢ଼ କରିବା । ଏହି ପଦକ୍ଷେପଗୁଡ଼ିକ ଓଡ଼ିଶାର ସାମୁଦ୍ରିକ ଐତିହ୍ୟରେ ପାରାଦୀପ ବନ୍ଦର ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବା ସହିତ ସାଟେଲାଇଟ୍ ବନ୍ଦର, ଜାହାଜ ନିର୍ମାଣ କ୍ଲଷ୍ଟର ଏବଂ କ୍ରୁଜ୍ ଭିତ୍ତିଭୂମିରେ ନିବେଶ କରି, ଆମେ କେବଳ କ୍ଷମତା ବିସ୍ତାର କରୁନାହୁଁ ବରଂ ଏକ ଦୃଢ଼ ସାମୁଦ୍ରିକ ଇକୋସିଷ୍ଟମ ସୃଷ୍ଟି କରୁଛୁ ଯାହା ଆର୍ଥିକ ଅଭିବୃଦ୍ଧିକୁ ଆଗେଇ ନେବ ଏବଂ ଭବିଷ୍ୟତ ପିଢ଼ି ପାଇଁ ସୁଯୋଗ ସୃଷ୍ଟି କରିବ ବୋଲି କହିଥିଲେ ପାରାଦୀପ ବନ୍ଦର ଅଧକ୍ଷ ପି ଏଲ ହରାନାଦ ।

## ମାଛଗାଁ ମିନି ବ୍ୟାଙ୍କ୍‌ରୁ ୯୧,୨୩୪ ଟଙ୍କା ମିସାପରେସନ୍ ଘଟଣା

# ସମ୍ପାଦକ ଓ ସହ-ସମ୍ପାଦକଙ୍କୁ ୫ବର୍ଷ ଜେଲ୍

**ଜଗତ୍‌ସିଂହପୁର,୩୧।୧/ଏନ୍ଏନ୍ଏସ୍:** ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅନ୍ତର୍ଗ ମାଛଗାଁ ସ୍ଥିତ ମାଛଗାଁ ସମବାୟ ସମିତି ଓ ମିନି ବ୍ୟାଙ୍କ୍‌ର ସମ୍ପାଦକ ସୂର୍ଯ୍ୟାନନ୍ଦ ସ୍ୱାଇଁ ଓ ସହ-ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ଜେନାଙ୍କୁ ଶନିବାର ଜିଲ୍ଲା ମୁଖ୍ୟ ନ୍ୟାୟିକ ବିଚରପତି ମିନି ବ୍ୟାଙ୍କ୍‌ର ଟଙ୍କା ମିସାପରେସନ ମାମଲାକୁ ବିଚାର କରି ୫ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ କରିବା ସହିତ ୫ହଜାର ଟଙ୍କା ଅର୍ଥ ଦଣ୍ଡରେ ଦଣ୍ଡାଦେଶ ପ୍ରଦାନ କରିଛନ୍ତି । ଅନାଦେୟ ଅର୍ଥ ନିମନ୍ତେ ଅଧିକ ୧ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ପ୍ରକାଶ କରିଛନ୍ତି । ତେବେ ମାନ୍ୟବର ବିଚାରପତି ୧୭ଜଣ ସାକ୍ଷ୍ୟ ଓ ୧୭ଟି ପ୍ରମାଣ ପତ୍ରକୁ ତନ୍ନତନ୍ନ କରି ବିଚାର କରି ଦଫା ୪୦୯/୩୪ ଆଇପିସି ୬୨ରେ ଅଭିଯୁକ୍ତ ଦ୍ୱୟଙ୍କୁ ୫ବର୍ଷ ଜେଲ୍ ଓ ୫ହଜାର ଟଙ୍କା ଜୋରିମାନା ନିର୍ଦ୍ଦେଶ ହୋଇଥିବା ବେଳେ ଦଫା ୪୬୮/୩୪ରେ ଦ୍ୱୟଙ୍କୁ୨ବର୍ଷ ସଶ୍ରମ କାରାଦଣ୍ଡ ସହିତ ୧ହଜାର ଟଙ୍କା ଜୋରିମାନାର ନିର୍ଦ୍ଦେଶ ହୋଇଥିବା ପବ୍ଲିକ ପ୍ରୋସିକ୍ୟୁଟର ତପନ କୁମାର ପାଲ ସୁଚନା ପ୍ରଦାନ କରିଛନ୍ତି । ପ୍ରକାଶ, ୩୧ ମାର୍ଚ୍ଚ ୨୦୦୦ ମସିହାରେ ମାଛଗାଁ ସମବାୟ ମିନି ବ୍ୟାଙ୍କର ଅଡିଟିରେ ୯୧ହଜାର ୨୩୪ଟଙ୍କା ମିସାପରେସନ ହୋଇଥିବା ବାହାରିବା ପରେ, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ବାଲିକୁଦା ଥାନାରେ ମାଛଗାଁ ମିନି ବ୍ୟାଙ୍କର ଟଙ୍କା ଦେଣ ନେଣ ଦାୟୀତ୍ୱରେ ଥିବା ସମବାୟ ସମ୍ପାଦକ ସୂର୍ଯ୍ୟାନନ୍ଦ ସ୍ୱାଇଁ ଓ ସହ ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ଜେନାଙ୍କ ବିରୋଧରେ ତା ୨୦।୧୦।୨୦୦୧ରିଖରେ ଏଫ୍‌ଆଇଆର୍ ହୋଇଥିଲା । ଯାହାକୁ ନେଇ ବାଲିକୁଦା ପୁଲିସ ଅଭିଯୁକ୍ତ ଦ୍ୱୟଙ୍କ ବିରୋଧରେ ଦଫା ୪୦୯/୪୬୮ ୩୪ ଆଇପିସିରେ ମାମଲା ନଂ ୧୧୮/୨୦୦୧ ରୁଜୁ କରିଥିଲେ । ଏହି ମାମଲାର ଚାର୍ଜ ସିଟ୍ ୬।୩।୨୦୦୨ରିଖରେ କୋର୍ଟକୁ ପଠାଯିବା ପରେ ବିଚାର ଆରମ୍ଭ ହୋଇଥିଲା । ଆଜି ବିଚାରପତି ଏହି ମାମଲାର ଅନ୍ତିମ ବିଚାର ଶୁଣାଣି କରି ଅଭିଯୁକ୍ତ ଦ୍ୱୟଙ୍କୁ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଏହି ମାମଲାକୁ ଆଇନଜୀବୀ ଆର୍‌ଏନ୍ ସ୍ୱାଇଁ ଏବଂ ଏ. ମହାପାତ୍ର ପରିଚାଳନା କରିଥିବା ବେଳେ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରୋସିକ୍ୟୁଟର ନୃସିଂହ ଚରଣ ବାରିକ ସୁପରିଚାଳନା କରିଥିଲେ ।

# ନାବାଳିକାଙ୍କ ଉଲଗ୍ନ ଫଟୋ ଭାଇରାଲ୍ କରି ଯୁବକ ଗିରଫ



**ଜଗତ୍‌ସିଂହପୁର,୩୧।୧/ଏନ୍ଏନ୍ଏସ୍:** କେନ୍ଦୁଝର ଜିଲ୍ଲା ନନ୍ଦିପଡା ଥାନା ଅନ୍ତର୍ଗତ ହାବଲେଶ୍ୱର ଗ୍ରାମର ରଶ୍ମୀ ରଞ୍ଜନ ମହାନ୍ତି ନାମକ ଜଣେ ୨୬ ବର୍ଷର ଯୁବକ, ଜଗତସିଂହପୁର ସଦର ଥାନା ଅଞ୍ଚଳର ଏକ ନାବାଳିକାଙ୍କ ଇଷ୍ଟାଗ୍ରାମ୍ ଆକାଉଣ୍ଟରେ ଉଲଗ୍ନ ଫଟୋ ଏବଂ ଭିଡିଓ ଛାଡି ବ୍ଲାକ୍‌ମେଲିଂ କରିବା ଅଭିଯୋଗରେ ଶନିବାର ଜଗତସିଂହପୁର ପୁଲିସ ଗିରଫ କରି କୋର୍ଟଚାଲଣ କରିଛି । ଅଭିଯୋଗ ମୁତାବକ, ସୋସିଆଲ ମିଡିଆରେ ଜଗତସିଂହପୁର ସଦର ଥାନା ଅଞ୍ଚଳର ଜଣେ ନାଳିକା ସହିତ ହାବଳେଶ୍ୱର ଗ୍ରାମର ମୋହନ କୁମାର ମହାନ୍ତିଙ୍କ ପୁଅ ରଶ୍ମୀ ରଞ୍ଜନ ସହିତ ଦୋସ୍ତି ଆରମ୍ଭ ହୋଇଥିଲା । ପରେ ରଶ୍ମୀ ସୋସିଆଲ ମିଡିଆରେ ନାବାଳିକାଙ୍କୁ ବିଭିନ୍ନ ଉପାୟରେ ପ୍ରଲୋଭିତ କରି ନାବାଳିକାଙ୍କ ଇଷ୍ଟାଗ୍ରାମ ଆକାଉଣ୍ଟ ସଂଗ୍ରହ କରି ନେଇଥିଲେ । ନାବାଳିକାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟ ପାଇବା ପରେ ବିବାହ ପାଇଁ ଚାପ ପକାଇ ଥିଲେ । ଏଥିରେ ନାବାଳିକା ଜଣଙ୍କ ରାଜି ନହେବାରୁ, ରଶ୍ମୀ ଇଷ୍ଟାଗ୍ରାମରେ ବିଭିନ୍ନ ପ୍ରକାର ଫେକ୍ ଆଇଡି ଖୋଲି ଉଲଗ୍ନ ଫଟୋ ଓ ସେକ୍ସ ଭିଡିଓ ମାନ ଛାଡି ବ୍ଲାକ୍ ମେଲିଂ କରିଥିଲେ । ଯାହାକୁ ନେଇ ନାବାଳିକା ଜଣଙ୍କ ପରିବାର ଲୋକଙ୍କୁ ଜଣାଇବା ପରେ, ପରିବାର ଲୋକେ ୩୧।୧୦।୨୦୨୫ରେ ସଦର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତିକରି ସଦର ପୁଲିସ ଥାନାରେ ୮୭୧/୨୦୨୫ ମାମଲା ରୁଜୁ କରି ରଶ୍ମୀକୁ ଗିରଫ କରିବା ଛାନଭିନ ଆରମ୍ଭ କରିଥିଲେ । ରଶ୍ମୀ ତାର ଘରେ ଥିବା ସୁଚନା ପାଇଁ ଜଗତସିଂହପୁର ପୁଲିସ ନନ୍ଦିପଡା ପୁଲିସ ସହାୟତାରେ ଗିରଫ କରି ଜଗତସିଂହପୁର ଆଣି କୋର୍ଟଚାଲଣ କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି ।

# ରଶିଲଗାଇ ବସ୍ କଣ୍ଡକ୍ଟର୍‌ଙ୍କ ଆତ୍ମହତ୍ୟା

**ପାଟକୁରା,୩୧।୧/ଏନ୍ଏନ୍ଏସ୍:** ପାଟକୁରାରୁ କଟକ ଯାଉଥିବା 'ହରଗୌରୀ' ନାମକ ଯାତ୍ରୀବାହୀ ବସ୍‌ରେ କଣ୍ଡକ୍ଟର୍ ଭାବେ କାମ କରୁଥିବା କେଦାର ନାୟକ (୪୯) ନିଜ ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି । ତାଙ୍କ ଘର ପାଟକୁରା ଗ୍ରାମରେ । ତାଙ୍କର ବିଧବା ସ୍ତ୍ରୀ ସହ ୩ ଝିଅ ଅଛନ୍ତି । ସେଥିରୁ ଗୋଟିଏ ଝିଅ ଭିନ୍ନକ୍ଷମ ରହିଛି । କେଉଁ କାରଣରୁ କେଦାର ଆତ୍ମହତ୍ୟା କଲେ ତାହା ଜଣାପଡିନାହିଁ । ପାଟକୁରା ପୁଲିସ ଶବକୁ ଜବତ କରି ଏକ ଅପମୃତ୍ୟୁ ମାମଲାରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ପଠାଇଦେଇଛି ।

## ପ୍ରଥମ ପୃଷ୍ଠାରୁ

### ଆଜି ଆସିବ ବଜେଟ୍ ...

ଅଂଶୀଦାରଙ୍କ ସହିତ ବଜେଟ୍ ପୂର୍ବ ପରାମର୍ଶ ବୈଠକ କରିଥିଲେ ଏବଂ ଏମାନଙ୍କ ପରାମର୍ଶଗୁଡ଼ିକୁ ବେଶ୍ ସତର୍କତାର ସହ ଶୁଣିଥିଲେ। କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ କୃଷି ଏବଂ ଗ୍ରାମୀଣ ବିକାଶ ସହିତ ଜଡିତ ବିଭିନ୍ନ ଦିଗ ଉପରେ ବ୍ୟାପକ ପ୍ରାକ ବଜେଟ୍ ପୂର୍ବ ପରାମର୍ଶ ମଧ୍ୟ କରିଥିଲେ ଏବଂ ଅର୍ଥମନ୍ତ୍ରୀଙ୍କୁ ପରାମର୍ଶଗୁଡ଼ିକର ଏକ ସଂକଳିତ ରିପୋର୍ଟ ପ୍ରଦାନ କରିଥିଲେ। ସେହିପରି ବଜେଟ୍ ପ୍ରସ୍ତୁତି ସମୟରେ, ବିଭିନ୍ନ ପ୍ଲାଟଫର୍ମ ମାଧ୍ୟମରେ ଯୁବପିଢ଼ି ସମେତ ନାଗରିକମାନଙ୍କଠାରୁ ବିଭିନ୍ନ ମତାମତ ଲୋଡାଯାଇଥିଲା, ଯାହାକି ଆଗାମୀ କେନ୍ଦ୍ର ବଜେଟ୍ ୨୦୨୬-୨୭ ରେ ପ୍ରତିଫଳିତ ହେବ ବୋଲି ଅନୁମାନ କରାଯାଉଛି। ଆସନ୍ତା କାଲି ପୂର୍ବାହ୍ନ ୧୧ଟା ସମୟରେ କେନ୍ଦ୍ର ଅର୍ଥମନ୍ତ୍ରୀ ସୀତାରମଣ ଲୋକସଭାରେ ୨୦୨୬-୨୭ ବଜେଟ୍ ପେଡି ଖୋଲିବେ। ତେବେ ଏହାପୂର୍ବରୁ ଦେଶର ମାନୁଫାକ୍ଚରିଂ ଏବଂ ଲଜିଷ୍ଟିକ୍ ସେକ୍ଟର, ଇନ୍‌ଫ୍ରାଷ୍ଟ୍ରକ୍ଚର ସେକ୍ଟର, ହୋଟେଲ ସେକ୍ଟର, କ୍ରିପ୍ଟୋ ସେକ୍ଟର, ଜ୍ୱେଲାରୀ ସେକ୍ଟର, ଟେକ୍ ମାନୁଫାକ୍ଚରିଂ ସେକ୍ଟର ସହ ରିୟଲ ଇଷ୍ଟେଟ୍, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ମହିଳା, ବେତନଭୋଗୀ କର୍ମଚାରୀଙ୍କ ଭଳି ସବୁ ବର୍ଗଙ୍କ ଆଶା ବଢ଼ିଯାଇଛି। ନିଯୁକ୍ତି ସୁଯୋଗ ସଂକ୍ରାନ୍ତରେ ମଧ୍ୟ କିଛି ବଡ଼ ଘୋଷଣା ହୋଇପାରେ ବୋଲି ଅନୁମାନ କରାଯାଉଛି। ଅନ୍ୟପକ୍ଷେ ଦେଶରେ ଏବେ ଯେତେବେଳେ ସୁନା, ରୁପା ଭଳି ଅଳଙ୍କାର ମୂଲ୍ୟ ଅହେତୁକ ଭାବେ ବୃଦ୍ଧି ପାଉଛି ସେତେବେଳେ ସରକାର ଏହା ଉପରେ ଏକ ବଡ଼ ଘୋଷଣା କରିପାରନ୍ତି ଯାହାକି ଦେଶବାସୀଙ୍କୁ ଆଶ୍ୱସ୍ତି ପ୍ରଦାନ କରିବ ବୋଲି ଅନୁମାନ କରାଯାଉଛି। ବିଶେଷକରି ସୁନା ଓ ରୁପା ଭଳି ଅଳଙ୍କାର ଉପରେ ଶୁଳ୍କ ପରିମାଣ ୬% କିମ୍ବା ୪%କୁ ହ୍ରାସ କରିବା ନେଇ ଘୋଷଣା ହୋଇପାରେ। ଯଦି ଏହା ହୁଏ, ତେବେ ସୁନା ପ୍ରତି ୧୦ ଗ୍ରାମ ପ୍ରାୟ ୩,୦୦୦ ଟଙ୍କା ଏବଂ ରୁପା ୬,୦୦୦ ଟଙ୍କା ଶସ୍ତା ହୋଇପାରେ। ପ୍ରକାଶ, ୨୦୨୫ ରେ ସୁନା ମୂଲ୍ୟ ୭୫% ଏବଂ ରୁପା ୧୬୭% ବୃଦ୍ଧି ପାଇଛି। ଏସବୁ ବ୍ୟତୀତ ଅର୍ଥମନ୍ତ୍ରୀ ରେଳ ଭିତ୍ତିଭୂମି ବିକାଶ ସମ୍ପର୍କୀତ, ଆୟକର ସମ୍ପର୍କୀତ, କୃଷକ ସମ୍ମାନ ନିଧି ରାଶି ବୃଦ୍ଧି ସମ୍ପର୍କୀତ ଆଦି ଦିଗରେ ମଧ୍ୟ ବଡ଼ ଘୋଷଣା କରିବେ ବୋଲି ଆଶା କରାଯାଉଛି।

### ୫ ଜୀବନ ନେଲା ...

ପ୍ରକାଶ ଯେ ଶନିବାର ମଧ୍ୟାହ୍ନରେ ଚଳଚଞ୍ଚଳ ରହିଥିଲା ବ୍ରହ୍ମପୁରରୁ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଗୋଷାଣୀ ନୂଆଗାଁ ହଳଦିଆପଦର ଓଭରବ୍ରିଜ୍। ଗାଡ଼ିମୋଟର ଯିବା ଆସିବା କରୁଥିବା ବେଳେ ବ୍ରହ୍ମପୁରରୁ ଜାତୀୟ ରାଜପଥକୁ ହଳଦିଆପଦର ଓଭରବ୍ରିଜ୍ ଦେଇ ଯାଉଥିବା ଏକ ଟ୍ରକ୍‌ର ଡ୍ରାଇଭର ନିୟନ୍ତ୍ରଣ ହରାଇବାରୁ ବିପରୀତ ଦିଗରୁ ଆସୁଥିବା ୩ ବାଇକ୍ ଉପରକୁ ମାଡ଼ିଯାଇଥିଲା। ଗୋଟିଏ ପରେ ଗୋଟିଏ ବାଇକକୁ ଧକ୍କା ଦେଇ ବାଇକ ଆରୋହୀମାନଙ୍କୁ ପ୍ରାୟ କିଛି ମିଟର ଦୂରକୁ ଘୋଷାଡ଼ି ନେଇଯାଇଥିଲା। ଟ୍ରକ୍‌ଟି ବ୍ରିଜ୍‌ରେ ଧକ୍କା ଖାଇବା ପରେ ଅଟକି ଯାଇଥିଲା। ତେବେ ଟ୍ରକ୍ ଚକା ତଳେ ଚାପି ହୋଇ ୫ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଟ୍ରକ୍ ଡ୍ରାଇଭର ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ସ୍ଥାନୀୟ ଲୋକ ଓ ପୁଲିସ୍ ସହାୟତାରେ ଆହତଙ୍କୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ପଠାଯାଇଥିଲା। ତ୍ରୁଟିପୂର୍ଣ୍ଣ ଓଭରବ୍ରିଜ୍ ନିର୍ମାଣ ଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ରାସ୍ତାର ଉଭୟ ପଟୁ କିଛି ସମୟ ପାଇଁ ଗାଡି ମୋଟର ଯିବା ଆସିବାରେ ସମସ୍ୟା ସୃଷ୍ଟି ହୋଇଥିଲା। ଗୋଷାଣୀନୂଆଗାଁ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଟ୍ରାଫିକ୍ ସମସ୍ୟା ସ୍ୱାଭାବିକ କରିଥିଲା। ଦୁର୍ଘଟଣାରେ ୩ଟି ବାଇକ୍ ଚୁରମାର ହୋଇଯାଇଛି। ଦୁର୍ଘଟଣା ଏତେ ଜୋର ଥିଲା ଯେ, ଦୁଇ ଯୁବକଙ୍କ ମୃତଦେହ ଚିହ୍ନିବା କଷ୍ଟକର ହୋଇପଡ଼ିଥିଲା। ପୁଲିସ ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଓ ବାଇକ୍‌କୁ ଜବତ କରିବା ସହ ଡ୍ରାଇଭରକୁ ଧରିବା ପାଇଁ ତଦନ୍ତ ଆରମ୍ଭ କରିଛି। ଘଟଣା ସ୍ଥଳରେ ଗଞ୍ଜାମ ଜିଲ୍ଲାପାଳ କିର୍ତ୍ତି ଭାସନ ଓ ଦକ୍ଷିଣାଞ୍ଚଳ ପୁଲିସ ମହାନୀରିକ୍ଷକ ନୀତି ଶେଖର ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଅନ୍ୟପକ୍ଷରେ ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ପ୍ରତି ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି(ସିଏମ୍‌ଆର୍‌ଏଫ୍)ରୁ ୪ଲକ୍ଷ ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଏହାଛଡ଼ା ଦୁର୍ଘଟଣାରେ ଆହତଙ୍କ ପାଇଁ ସର୍ବୋତ୍ତମ ଚିକିତ୍ସା ସେବା ସୁନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

### ପ୍ରେମ ପାଇଁ ସ୍କୁଲରେ ...

ପାଇଁ ଏହି କାଣ୍ଡ ଭିଆଇଥିବା ସ୍ୱୀକାର କରିଛି। ଏନେଇ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜୁରାଣୀ ଦାସ ମହାପାତ୍ର ଲିଖିତ ଭାବେ ଥାନାରେ ଜଣାଇଛନ୍ତି । ପୀଡ଼ିତ ପରିବାର ପକ୍ଷରୁ ମଧ୍ୟ ଥାନାରେ ଏତଲା ଦିଆଯାଇଛି। ତେବେ ପୁଲିସ ବ୍ୟବହୃତ ଭୁଜାଲିଟିକୁ ଜବତ୍ କରିବା ସହ ଘଟଣାର ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷରେ ରେମୁଣା ତହସିଲଦାର ଭର୍ତ୍ତୃହରି ଭୂୟାଁ, ଅତିରିକ୍ତ ତହସିଲଦାର ମନୋଜ କୁମାର ସାହୁ ଏବଂ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ବଳରାମ ନାୟକଙ୍କ ସମେତ ବିଧାୟକଙ୍କ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ଗିରି ପ୍ରମୁଖ ସ୍କୁଲରେ ଘଟଣାର ଅନୁଧ୍ୟାନ କରି ଫେରିଛନ୍ତି ।

### କୋଲଟାନ୍ ଖଣିରେ ...

ସରଞ୍ଜାମର ଅଭାବ ଯୋଗୁ ଦୁର୍ଗମ ପାହାଡିଆ ଅଞ୍ଚଳରେ ସାହାଯ୍ୟ ଓ ରିଲିଫ୍ ସାମଗ୍ରୀ ପହଞ୍ଚାଇବାରେ ବହୁତ ବିଳମ୍ବ ହୋଇଥିଲା। ତେବେ ଶନିବାର ସୁଦ୍ଧା ଏହି ଖଣି ମଧ୍ୟରୁ ୨୨୭ଟି ମୃତଦେହ ଉଦ୍ଧାର କରାଯାଇଥିବା ସୂଚନା ମିଳିଛି। ଏହାରି ମଧ୍ୟରେ ପ୍ରାୟ ୨୦ରୁ ଅଧିକ ଆହତଙ୍କୁ ମଧ୍ୟ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଭୂମିସ୍ଖଳନର ବିପଦ ଜାରି ରହିଥିବାରୁ ସ୍ଥାନୀୟ କର୍ତ୍ତୃପକ୍ଷ ପ୍ରଭାବିତ ଅଞ୍ଚଳରୁ ଦୂରେଇ ରହିବାକୁ ଲୋକଙ୍କୁ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷେ ମୃତ୍ୟୁ ସଂଖ୍ୟା ଆହୁରି ବୃଦ୍ଧି ପାଇବା ଆଶଙ୍କା କରାଯାଉଛି। ରୁବାୟା ଖଣି ବିଶ୍ୱ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ବିଶ୍ୱର ପ୍ରାୟ ୧୫% କୋଲଟାନ୍ ଉତ୍ପାଦନ କରିଥାଏ। କୋଲଟାନ୍‌ରୁ ଟାଣ୍ଟାଲମ୍ ନାମକ ଏକ ଧାତୁ ଉତ୍ପାଦିତ ହୋଇଥାଏ। ଏହା ଏକ ଉତ୍ତାପ-ପ୍ରତିରୋଧୀ ଧାତୁ ହୋଇଥିବାରୁ ଏହାକୁ ସ୍ମାର୍ଟ ମୋବାଇଲ୍ ଫୋନ୍, କମ୍ପ୍ୟୁଟର, ମହାକାଶ ଉପାଦାନ ଏବଂ ଗ୍ୟାସ୍ ଟରବାଇନ୍ ନିର୍ମାତା କମ୍ପାନୀମାନେ ବ୍ୟବହାର କରିଥାନ୍ତି। ମୋଟାମୋଟି ବିଶ୍ୱ ପ୍ରଯୁକ୍ତି ଶିଳ୍ପରେ ଏହି ଧାତୁର ଚାହିଦା ଅଧିକ। ତେଣୁ ବିପଦପୂର୍ଣ୍ଣ ପରିସ୍ଥିତିରେ ମଧ୍ୟ ସେଠାରେ ଖଣି ଖନନ ଜାରି ରହିଛି। ଜାତିସଂଘର ଏକ ରିପୋର୍ଟ ଅନୁଯାୟୀ, ଖଣିଟି ୨୦୨୪ ମସିହାରୁ ଏଫ୍‌ସିଇ/ଏମ୍-୨୩ବିଦ୍ରୋହୀ ଗୋଷ୍ଠୀର ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିଛି। ବିଦ୍ରୋହୀ ଗୋଷ୍ଠୀ ନିଜର ଅସ୍ତ୍ରଶସ୍ତ୍ର ଓ ଯୁଦ୍ଧ କାର୍ଯ୍ୟ ପାଇଁ ଖଣିର ରାଜସ୍ୱ ବ୍ୟବହାର କରୁଛି। ଏମାନେ ଅନଭିଜ୍ଞ ସ୍ଥାନୀୟ ଲୋକଙ୍କୁ ବିନା କୌଣସି ସୁରକ୍ଷା ଉପକରଣ ସହ ଖଣି ଖନନ କରିବାକୁ ବାଧ୍ୟ କରିଥାନ୍ତି।

### ଶପଥ ନେଲେ ସୁନେତ୍ରା ...

ହୋଇଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ଓ ଉପ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତଙ୍କୁ ଭେଟି ଶପଥ ପାଠ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ନିମନ୍ତ୍ରଣ କରିଥିଲେ। ଅପରାହ୍ଣ ୫ଟାରେ ଶପଥ ପାଠ ପାଇଁ ସମୟ ଧାର୍ଯ୍ୟ ହୋଇଥିଲା। ଏହାର ଠିକ୍ ପୂର୍ବରୁ ସୁନେତ୍ରା ଲୋକଭବନରେ ପହଞ୍ଚି ପ୍ରଥମେ ଅଜିତ ପୱାରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହାପରେ ଅଜିତ ପୱାର ଅମର ରହେ ନାରା ମଧ୍ୟରେ ସେ ଉପ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ଉପମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିବା ପରେ ସୁନେତ୍ରା ପୱାରଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭେଚ୍ଛା ଜଣାଇଛନ୍ତି। ସୋସିଆଲ ମିଡିଆରେ ଏକ ପୋଷ୍ଟରେ ମୋଦୀ କହିଛନ୍ତି, ‘ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଭାବରେ ତାଙ୍କର କାର୍ଯ୍ୟକାଳ ଆରମ୍ଭ କରିବା ପାଇଁ ସୁନେତ୍ରା ପୱାର ଜୀଙ୍କୁ ଅଭିନନ୍ଦନ, ଏହି ପଦବୀରେ ଥିବା ପ୍ରଥମ ମହିଳା। ମୁଁ ନିଶ୍ଚିତ ଯେ ସେ ରାଜ୍ୟବାସୀଙ୍କ କଲ୍ୟାଣ ପାଇଁ ଅକ୍ଲାନ୍ତ ଭାବରେ କାମ କରିବେ ଏବଂ ସ୍ୱର୍ଗତ ଅଜିତଦାଦା ପୱାରଙ୍କ ଦୃଷ୍ଟିକୋଣକୁ ପୂରଣ କରିବେ।’

### ଓଡ଼ିଆରେ ପଢ଼ିବେ ଏକାଦଶ ...

ଭାଷାରେ ସନ୍ଦର୍ଭ ପୁସ୍ତକ ଉପଲବ୍ଧ କରିବା ପାଇଁ ଏକ ବଳିଷ୍ଠ ପଦକ୍ଷେପ ହେବ ବୋଲି ସେ ପ୍ରକାଶ କରିଛନ୍ତି।

ଉକ୍ତ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଆଇନ, ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ, ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଶିଳ୍ପ, ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଉଚ୍ଚଶିକ୍ଷା ତଥା ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡିକେ ସିଂହ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଏନ୍ ଥିରୁମାଲା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବୁଡ଼ିବାକୁ ବସିଲାଣି ଖୋର୍ଦ୍ଧା କ୍ରସର୍ ଶିଳ୍ପ

## ଦୀର୍ଘଦିନ ଧରି ପଡ଼ିରହିଛି ତାଲା !



**ଖୋର୍ଦ୍ଧା,୩୧।୧/ଏନ୍ଏନ୍ଏସ୍:** ଖୋର୍ଦ୍ଧା କ୍ରସର ଶିଳ୍ପ ଉପରେ ଖୋର୍ଦ୍ଧା ସମେତ ଆଖପାଖ ଜିଲ୍ଲାର ହଜାର ହଜାର ଶ୍ରମିକ ନିର୍ଭର କରୁଥିଲେ। ମାତ୍ର ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଦୀର୍ଘବର୍ଷ ଧରି ବନ୍ଦ ପଡିଛି କ୍ରସର ଶିଳ୍ପ । ଏହି ଶିଳ୍ପ ଏବେ ବୁଡିବାକୁ ବସିଥିବାବେଳେ କ୍ରସର ଉପରେ ନିର୍ଭର କରୁଥିବା ଶ୍ରମିକ ଏବେ କାମ ଅନ୍ୱେଷଣରେ ବାହାରକୁ ଗଲେଣି ତ ଆଉ କିଏ ଭୋକ ଉପାସରେ ପଡିଛି। କେବଳ ସେତିକି ନୁହେଁ କ୍ରସର ଶିଳ୍ପକୁ ଦୃଷ୍ଟିରେ ରଖି କରାଯାଇଥିବା ଆସବାବପତ୍ର ଯଥା: ଟ୍ରକ, ଜେସିବି ମେସିନ୍, ଟ୍ରାକ୍ଟର, ବ୍ରେକର, ପ୍ରୋକଲିନ୍ ପ୍ରଭୃତି ଏବେ ପଡି ଖତ ଖାଉଥିବା ଦେଖାଯାଇଛି। ଅନ୍ୟପକ୍ଷରେ ଧାର କରଜ କରି କ୍ରସର ଶିଳ୍ପ କରିଥିବା ମାଲିକଙ୍କ ଅବସ୍ଥା କହିଲେ ନସରେ। କେଉଁଠି ବ୍ୟାଙ୍କ କର୍ତ୍ତୃପକ୍ଷ କିସ୍ତି ପାଇଁ ଦ୍ୱାରକୁ ଆସିଲେଣି ତ ଆଉ କେଉଁଠି ମହାଜନ ଟଙ୍କା ଫେରାଇବାକୁ ଦାବି କଲାଣି । ଏଥିସହିତ ଟ୍ରକ, ଜେସିବି ମେସିନ୍, ଟ୍ରାକ୍ଟର, ବ୍ରେକର, ପ୍ରୋକଲିନ୍ ପ୍ରଭୃତି କରିଥିବା ମାଲିକଙ୍କ ଅବସ୍ଥା ମଧ୍ୟ ସମାନ। ଯାହା ଆଜି କିଛି କ୍ରସର ମାଲିକ କୋହଭରା କଣ୍ଠରେ ପ୍ରକାଶ କରିବା ଘଟଣା ସ୍ପଷ୍ଟ କରୁଛି। ଗାଡି ଓ କ୍ରସର ବାବଦ ବ୍ୟାଙ୍କ ଋଣ ଅର୍ଥ ସୁଝିବାକୁ ଯାଇ ଘରେ ଥିବା ସୁନା ଗହଣା ବ୍ୟାଙ୍କରେ ବନ୍ଧା ପଡିଥିବାବେଳେ ତାହା ମଧ୍ୟ ଏବେ ବୁଡିବାକୁ ବସିଲାଣି । ସେପଟେ କ୍ରସର ଶିଳ୍ପ ଚାଲିବା ଲାଗି କୌଣସି ବାଟ ଫିଟୁନଥିବାବେଳେ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ ଯେଉଁ ଜମିରେ କ୍ରସର ବସିଛି ତାର ପାଉଣା ଲାଗି ତାଗିଦ କରିବା ଏବେ ମାଲିକମାନଙ୍କୁ ବେଢି ଉପରେ କୋରଡା ମାଡ ସଦୃଶ ହୋଇଛି। ପ୍ରକାଶଥାଉକି, ଖୋର୍ଦ୍ଧାର ଦଳେଇପୁଟ, କୁରାଢମଲ୍ଲ, ଦୁର୍ଗାପୁର, ବାଜପୁର, ଛତ୍ରମା, ଦଧିମାଛଗାଡିଆ, ତାପଙ୍ଗ, ମଳିପଡା, କଁପୁର, ଗୋଡା ପ୍ରଭୃତି ଅଞ୍ଚଳରେ ରହିଛି ୪୫୦ରୁ ଉର୍ଦ୍ଧ୍ୱର କ୍ରସର ଶିଳ୍ପ। କ୍ରସର ଶିଳ୍ପ ଚାଲିଲେ ଖୋର୍ଦ୍ଧା ବଜାର ସମେତ ଏହାର ଉପକଣ୍ଠ ଅଂଚଳ ବଜାର ସରଗରମ ହେଉଥିଲା । ମାତ୍ର କିଛି ବର୍ଷ ହେବ ଉପରୋକ୍ତ ଅଂଚଳମାନଙ୍କରେ କ୍ରସର ଶିଳ୍ପ ଉପରେ ନିର୍ଭର କରି ଚାଲୁଥିବା ସାପ୍ତାହିକ ହାଟ ଓ ବ୍ୟବସାୟିକ ଅନୁଷ୍ଠାନ କ୍ରସର ଶିଳ୍ପ ବନ୍ଦ ଯୋଗୁ ଏବେ ଧିରେ ଧିରେ ତାଲା ପଡିବାକୁ ବସିଲାଣି। ସେହିପରି କ୍ରସର ଶିଳ୍ପ ବନ୍ଦ ଯୋଗୁ ହଜାର ହଜାର ଶ୍ରମିକଙ୍କ ପରିବାର ଅନ୍ଧାକାରମୟ ଭିତରକୁ ଠେଲି ହୋଇଛନ୍ତି। ଦୀର୍ଘ ବର୍ଷ କ୍ରସର ଶିଳ୍ପ ବନ୍ଦ ହେବା ଯୋଗୁ ଶ୍ରମିକ ମାନେ ପରିବାରର ଗୁଜୁରାଣ ମେଂଟାଇବାକୁ ଏବେ ଦାଦନ ମୁହାଁ ହେଉଥିବା ଦେଖିବାକୁ ମିଳିଛି। ତେଣୁ ଖୋର୍ଦ୍ଧା ଅଂଚଳରେ ଥିବା ସମସ୍ତ କ୍ରସରଶିଳ୍ପକୁ ଆଇନ ମୁତାବକ ଚାଲିବା ପାଇଁ ରାଜ୍ୟସରକାର ପଦକ୍ଷେପ ଗ୍ରହଣ କରିବା ସହ କ୍ରସର ଶିଳ୍ପକୁ କଂଚାମାଲ ଉଚିତ ମୂଲ୍ୟରେ ଯୋଗାଇ ଦେବା ଲାଗି ପାହାଡ ଗୁଡିକ ଚଳାଇବାକୁ ସୁବନ୍ଦବସ୍ତ କରିବା ଲାଗି ଦାବି ହେଉଛି।

## ସାପ ଧରାଳିକୁ ଖସାଇ ଅଡୁଆରେ ବନବିଭାଗ

**ଓଡ଼ଗାଁ,୩୧।୧/ଏନ୍ଏନ୍ଏସ୍:** ୟୁଟ୍ୟୁବ୍ ଓ ସୋସିଆଲ ମିଡ଼ିଆରେ ସାପଧରିବାର ଦୃଶ୍ୟ ଭାଇରାଲ କରି ଟଙ୍କା ରୋଜଗାର କରୁଥିବା ମହାରାଷ୍ଟ୍ରର ଆକାଶ ଯାଦବକୁ ଛତିଶଗଡ଼ ପୁଲିସ ଗିରଫ କରିଛି। ନୟାଗଡ଼ ବନଖଣ୍ଡ ଓଡ଼ଗାଁ ବନାଞ୍ଚଳରେ ଏହି ସାପଧରାଳି ଆସି ବିଭିନ୍ନ ସଂରକ୍ଷିତ ଜଙ୍ଗଲ ଭିତରେ ପଶି ବିଷଧର ସାପ ଧରିଥିଲେ। ଗତ ଅକ୍ଟୋବର ମାସରେ ଜଣେ ଯୁବକ ଓ ଜଣେ ଯୁବତୀ ଓଡ଼ଗାଁକୁ ଏକ କଳାରଙ୍ଗର ସ୍କର୍ପିଓ ଗାଡ଼ିରେ ଆସି ଏହି କଳାକାରନାମା କରୁଥିବା ବନବିଭାଗ ଖବରପାଇ ସେମାନଙ୍କୁ ଧରିବାକୁ ଗୋଡ଼ାଇଥିଲା। ଓଡ଼ଗାଁ,ଶରଣକୁଳ, ନୟାଗଡ଼,ଇଟାମାଟି ପୁଲିସ ଓ ବନକର୍ମଚାରୀ ମାନେ ରାସ୍ତାକୁ ନାକାବନ୍ଦୀ କରି ଖୋର୍ଦ୍ଧା ଅଞ୍ଚଳରୁ ଆକାଶ ଯାଦବକୁ କାବୁକରି ନେଇଥିଲେ। କିନ୍ତୁ ସାଙ୍ଗରେ ଥିବା ଅନ୍ୟଜଣେ ଯୁବତୀ ଟ୍ରେନରେ ଚଢି ମହାରାଷ୍ଟ୍ର ଚାଲି ଯାଇଥିଲେ। ଓଡ଼ଗାଁ ଡେପୁଟି ରେଞ୍ଜର ଅଭିମନ୍ୟୁ ମଲ୍ଲିକ, ଫରେଷ୍ଟର ସରିତା ବରାଳ ଓ କର୍ମଚାରୀମାନେ ସ୍କର୍ପିଓ ଗାଡ଼ି ସହ ଆକାଶ ଯାଦବକୁ କାର୍ଯ୍ୟାଳୟକୁ ଆଣି ଅଟକ ରଖିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସେମାନଙ୍କୁ ଛାଡ଼ି ଦେଇଥିଲେ। ଏହି ଘଟଣାରେ ନୟାଗଡ଼ ବନଖଣ୍ଡ ଅଧିକାରୀ ଦେବାର୍ଚ୍ଚନ ବେହେରା ପ୍ରମାଣ ଅଭାବରୁ ସେମାନଙ୍କୁ ଛାଡ଼ି ଦେଇଥିବା ପ୍ରକାଶକରି ଅଡୁଆରେ ପଡ଼ିଥିଲେ। ଏବେ ଆକାଶ ଯାଦବ ଛତିଶଗଡ଼ରୁ ସାପଧରି ପୁଲିସଦ୍ୱାରା ଗିରଫ ହୋଇଛନ୍ତି। ମହାରାଷ୍ଟ୍ରର ଆକାଶ ଯାଦବକୁ ଯଦି ଛତିଶଗଡ଼ ବନବିଭାଗ ଓ ପୁଲିସ ଗିରଫକଲେ ତେବେ ଓଡ଼ିଶାର ବନକର୍ମଚାରୀ କେତେଦକ୍ଷ ତାହା ସହଜରେ ବୁଝାପଡୁଛି। ସେଉଳକୁ ଛାଡ଼ି କେରାଣ୍ଡି ଧରି ବନବିଭାଗ ବାହାବା ନେଉଥିବା ପରିବେଶପ୍ରେମୀ ସ୍ୱର ଉଠାଇଛନ୍ତି। ଯଦି ଅନ୍ୟରାଜ୍ୟରୁ ସାପଧରାଳି ଆସି ଆଡ୍ଡା ଜମାଇବା ସହିତ ସାପ ଚୋରାଚାଲାଣ କରନ୍ତି ତେବେ ଅଜଗର, ଅହିରାଜ ଭଳି ସାପ ଲୋପ ପାଇଯିବ ବୋଲି ଆଶଙ୍କା ଦେଖାଦେଇଛି।

## ପୀର୍ ଜାହାନିଆଁ ସମୁଦ୍ର କୂଳରେ କୁମ୍ଭୀର, ଭୟରେ ପର୍ଯ୍ୟଟକ



**ଅସ୍ତରଙ୍ଗ,୩୧।୧/ଏନ୍ଏନ୍ଏସ୍:** ପୁରୀଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ଅନ୍ତର୍ଗତ ପୀର୍ ଜାହାନିଆଁ ପର୍ଯ୍ୟଟନ ସ୍ଥଳ ସମୁଦ୍ର କୂଳ ରେ ଆଜି କୁମ୍ଭୀର ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ କି ପୀର୍ ଜାହାନିଆଁ ପର୍ଯ୍ୟଟନ ସ୍ଥଳ ଶୀତ ଆରମ୍ଭ ନଭେମ୍ବର ମାସ ଦେଖିବାକୁ ମିଳିଥିଲା ଏକ କୁମ୍ଭୀର। ଲୋକଙ୍କୁ ଦେଖି ପୁଣି ସମୁଦ୍ରକୁ ଚାଲିଯାଇଥିଲା। ପୁଣି ଶନିବାର ଦିନ ୧୦ ଫୁଟର ଏକ କୁମ୍ଭୀର ସମୁଦ୍ର କୂଳରେ ଦେଖିବାକୁ ମିଳିଛି। ଏବେ ପୁଣି କୁମ୍ଭୀର ଦେଖି ସ୍ଥାନୀୟ ଜନସାଧାରଣ ମନରେ ଭୟ ସୃଷ୍ଟି ହୋଇଛି। କୁମ୍ଭୀରଟି ଉପରେ ପଡିରହୁଛି ସମୁଦ୍ରକୁ ଯାଉନାହିଁ ଯାହା ଜଣାପଡୁଛି ତାହାକୁ କୌଣସି ଆଘାତ ଲାଗିଥିବା ଅନୁମାନ କରାଯାଉଛି। ଏବେ ସେଠାରେ ବନବିଭାଗ ପକ୍ଷରୁ କର୍ମଚାରୀ ଜଗିରହିଛନ୍ତି। ଉକ୍ତ ସ୍ଥାନକୁ ପର୍ଯ୍ୟଟକଙ୍କୁ ଯିବାକୁ ବାରଣ କରାଯାଇଛି। ତେଣୁ ସେମାନଙ୍କ ସୁରକ୍ଷିତ ସ୍ନାନ କିମ୍ବା ସ୍ନାନକୁ ବାରଣ କରିବା ଉପରେ ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।

## ଶକ୍ତିଶ୍ରୀ ସଶକ୍ତିକରଣ ଉଦ୍‌ଘାଟିତ



**ଚିଲିକା,୩୧।୧/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲା ନାଚୁଣୀ ମହାବିଦ୍ୟାଳୟ ପରିସର ମଧ୍ୟରେ ଶକ୍ତିଶ୍ରୀ ସଶକ୍ତିକରଣ କାର୍ଯ୍ୟକ୍ରମର ୬ଦିନିଆ ଆତ୍ମ ରକ୍ଷା କୌଶଳ ଶିବିର ବହୁସଂଖ୍ୟକ ଛାତ୍ରୀମାନଙ୍କ ଉପସ୍ଥିତିରେ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଉଦ୍ ଘାଟନ କରିଥିଲେ ବାଲୁଗାଁ ଏସ୍.ଡ଼ି.ପି. ଓ. ସଂଜୟ କୁମାର ପଟ୍ଟନାୟକ। ଏହି ଉପଲକ୍ଷେ ଆୟୋଜିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ସୁନୀଲ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଏସ୍.ଡ଼ି.ପି.ଓ ସଂଜୟ କୁମାର ପଟ୍ଟନାୟକ ଯୋଗ ଦେଇ ଛାତ୍ରୀମାନଙ୍କୁ ତାଙ୍କର ଅନ୍ତଃ ନିହିତ ପ୍ରତିଭାର ବିକାଶ ପାଇଁ ଆହ୍ୱାନ ଦେବା ସହ ସେମାନଙ୍କ ମନୋବଳ ଏବଂ କଠିନ ଅଧ୍ୟବସାୟ ବଳରେ ଯେ କୌଣସି ସ୍ତରରେ ସଫଳତା ହାସଲ କରିପାରିବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମଟିକୁ ଶକ୍ତିଶ୍ରୀ ସାଥୀ ଛାତ୍ରୀ ମିତାଲି ସାସମଲ ସମେତ ସହଯୋଗୀ ସାଥୀଭାବେ ପ୍ରତ୍ୟେକ ସମ୍ମାନ ବିଭାଗ ତରଫରୁ ସଂଘମିତ୍ରା ପରିଡା, ମୋନାଲିସା ସାହୁ, ଦିବ୍ୟଜ୍ୟୋତି ସାହୁ, ଶାନ୍ତିଲତା ସେଣ, ମୋନାଲିକା ନାୟକ, ଲିଜା ମହାରଥୀ, ପ୍ରାଚୀ ପ୍ରିୟଦର୍ଶିନୀ, ଶାଶ୍ୱତ ପ୍ରଧାନ, ପିଙ୍କି ରଣସିଂହ, ପି.ସ୍ନିଗ୍ଧାରାଣୀ ପୃଷ୍ଟି ଓ ପ୍ରିତିପ୍ୟାଲି ପଟ୍ଟନାୟକ ପ୍ରମୁଖ ଛାତ୍ରୀମାନେ ପ୍ରତିନିଧିତ୍ୱ କରିଥିଲେ। ଉକ୍ତ କାର୍ଯ୍ୟକ୍ରମଟିକୁ ସଂଯୋଜିକା ତଥା ପ୍ରାଣୀ ବିଜ୍ଞାନର ଅଧ୍ୟାପିକା ଡକ୍ଟର ସି. ମଞ୍ଜୁଲତା ପରିଚାଳନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ସହ-ସଂଯୋଜିକା ତଥା ଉଦ୍ଭିଦ ବିଜ୍ଞାନର ଅଧ୍ୟାପିକା ଲୋପାମୁଦ୍ରା ମିଶ୍ର।

## ବେଣ୍ଟପଦା ମଣ୍ଡଳରେ ହିନ୍ଦୁ ସମ୍ମିଳନୀ

**ଆଠଗଡ଼,୩୧।୧/ଏନ୍ଏନ୍ଏସ୍:** ବେଣ୍ଟପଦାସ୍ଥିତ ଶ୍ରୀ ଶ୍ରୀ ବ୍ରଜବିହାରୀ ଦେବ ମନ୍ଦିର ପ୍ରାଙ୍ଗଣରେ ବେଣ୍ଟପଦା ମଣ୍ଡଳର ହିନ୍ଦୁ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ବିଶ୍ୱ ହିନ୍ଦୁ ପରିଷଦର ପୂର୍ବତନ ଆଠଗଡ ସାଂଗଠନିକ ଜିଲ୍ଲା ସମ୍ପାଦକ ଶରତ ଚନ୍ଦ୍ର ସାମନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ସ୍ୱାମୀ ଆଞ୍ଜନେୟାନନ୍ଦ ଗିରି, ମୁଖ୍ୟ ବକ୍ତା ଭାବେ ଅସିତ କୁମାର ସାହୁ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସହ ପ୍ରାନ୍ତ ପ୍ରଚାରକ, ଓଡ଼ିଶା ପୂର୍ବ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ପଦ୍ମନାଭ ଶତପଥୀ, ବିଜୟ କୁମାର ମହାନ୍ତି ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସହ ଜିଲ୍ଲା ସେବା ପ୍ରମୁଖ, କଟକ ଜିଲ୍ଲା ସରୋଜ କାନ୍ତ ପାଇଟଲ ଉପସ୍ଥିତ ଥିଲେ। ବିଶ୍ୱଶାନ୍ତି ପାଇଁ ସମରସ ଏବଂ ସଂଗଠିତ ହିନ୍ଦୁ ସମାଜ ନିର୍ମାଣ କରିବା ଆବଶ୍ୟକ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତା ଶ୍ରୀ ସାହୁ ସମାଜରେ ପଞ୍ଚ ପରିବର୍ତ୍ତନ ଏବଂ ନାଗରିକ କର୍ତ୍ତବ୍ୟବୋଧ ଉପରେ ଆଲୋକପାତ କରିଥିଲେ। ଆଠଗଡ଼ ଖଣ୍ଡର ହିନ୍ଦୁ ସମ୍ମିଳନୀ ସଂଯୋଜକ ଶିଶିର କୁମାର ମଲ୍ଲିକ ଅତିଥିଙ୍କ ପରିଚୟ ପ୍ରଦାନ, ଶିକ୍ଷାବିତ ନବକିଶୋର ରାଉତ କାର୍ଯକ୍ରମ ସଂଯୋଜନା ଏବଂ ସମାଜସେବୀ ବିଶ୍ୱନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ତୋଷ କୁମାର ସେନାପତି, ପ୍ରକାଶ ଚନ୍ଦ୍ର ବେହେରା, ଦିନେଶ କୁମାର ସାହୁ, ମିଲନ ଦାସ, ସୁଦ୍ଧାନିଧି ସାହୁ ଓ ସତୀଶ ରଞ୍ଜନ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ନଗର କୀର୍ତ୍ତନ, ଯଜ୍ଞ ଓ ହନୁମାନ ଚାଳିଶା ପାଠ କରାଯିବା ସହ ୫୦୦ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗଦାନ କରିଥିଲେ।

## ଶିଶୁ ବିଦ୍ୟାମନ୍ଦିରରେ ଜେଜେବାପା, ଜେଜେମାଆ ପୂଜନ

**ଓଡ଼ଗାଁ,୩୧।୧/ଏନ୍ଏନ୍ଏସ୍:** ଓଡ଼ଗାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଜେଜେବାପା, ଜେଜେମାଆ, ଅଜା, ଆଈ ପୂଜନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶିଶୁମନ୍ଦିର ଅଧ୍ୟକ୍ଷ ପ୍ରଫୁଲ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରା ଯୋଗଦେଇ ବାର୍ଦ୍ଧକ୍ୟ ଅବସ୍ଥାରେ ଜେଜେବାପା, ଜେଜେମାଆ, ଅଜା, ଆଈଙ୍କୁ ଅବହେଳା ନକରି ସେମାନଙ୍କର ଦାୟୀତ୍ୱନେବା ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଦେଢଶହରୁ ଉର୍ଦ୍ଧ୍ୱ ଅଭିଭାବକ ଯୋଗଦେଇଥିବାବେଳେ ସମସ୍ତ ଗୁରୁଜୀ ଓ ଗୁରୁମା ସହଯୋଗ କରିଥିଲେ।

## ଜାତୀୟ ପତାକା ଉତ୍ତୋଳନକଲେ ଅବସରପ୍ରାପ୍ତ ସେନା ଅଧିକାରୀ

**ଟାଙ୍ଗୀ,୩୧।୧/ଏନ୍ଏନ୍ଏସ୍:** ଦେଶ ର ସୁରକ୍ଷା ନିୟୋଜିତ ରହି ସେବା କରି ଅବସରନେବା ପରେ ଏବେ ମଧ୍ୟ ଦେଶର ସୁରକ୍ଷା ପାଇଁ ଜୀବନ ଦେବାକୁ ପଛଘୁଞ୍ଚା ଦେବି ନାହିଁ ବୋଲି ସାଧାରଣତନ୍ତ୍ର ଦିବସରେ ଜାତୀୟ ପତାକା ଉତ୍ତୋଳନ କରି ଏଭଳି ବକ୍ତବ୍ୟ ରଖିଛନ୍ତି ଅବସରପ୍ରାପ୍ତ ସେନା ଅଧିକାରୀ ହେମନ୍ତ ମଣିଆ। ବାହାଦୁରାପାଟଣା ମଧୁ ବାବୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ସରକାରୀ ପ୍ରାଥମିକ ବିଦ୍ୟାଳୟ ୭୭ତମ ସାଧାରଣତନ୍ତ୍ର ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ସେନା ଅଧିକାରୀ ଶ୍ରୀ ମାଣିଆ ଯୋଗ ଦେଇ ପତାକା ଉତ୍ତୋଳନ କରିବା ସହ ଜାତୀୟ ସଙ୍ଗୀତ ଗାନ କରିଥିଲେ। ତାହା ସହ ଦେଶ ର ବୀର ଯବାନ ମାନେ କିଭଳି ନିଜର ଜୀବନ ବାଜି ଲଗାଇ ଭାରତ ମାତାର ସୁରକ୍ଷା ଦେଉଛନ୍ତି ସେ ନେଇ ଅଭିଭାଷଣ ରଖିବା ନିଜେ ମଧ୍ୟ ସେନା ବିଭାଗରେ ଯୋଗଦେଇ ନିଜ ଜୀବନକୁ ଧନ୍ୟ କରିପାରିଛି ବୋଲି ମତପ୍ରକାଶ କରିଥିଲେ। ଆମେ ସମସ୍ତେ ଦେଶର ସୁରକ୍ଷା ପାଇଁ କେବେ ପଛଘୁଞ୍ଚା ଦେବା ନାହିଁ ବୋଲି ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। ପରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଚିତ୍ର ଅଙ୍କନ ଓ ବକ୍ତୃତା ପ୍ରତିଯୋଗୀତାରେ ପ୍ରଥମ ଦିତୀୟ, ତୃତୀୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଶ୍ରୀ ମାଣିଆ ପୁରସ୍କାର ପ୍ରଧାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସହ ଗ୍ରାମର ଅଭିଭାବକ ଉପସ୍ଥିତ ରହିଥିଲେ।

**AFFIDAVIT**

By virtue of an affidavit sworn before the Executive Magistrate, Cuttack, dtd. 30.01.2026, I, Subhalaxmi Das, aged about 41 years, W/o- Asha Prakash Mohanty, resident At/Po- Uttamapur, Ps- Cuttack Sadar, Dist- Cuttack - 753011, Odisha do hereby declare that my actual name is Subhalaxmi Das as per my Aadhaar card & Voter card but my Indian Bank Pass Book name is Subhalaxmi Mohanty. That **Subhalaxmi Das & Subhalaxmi Mohanty** both name is one and same person.

## ପ୍ରସିଦ୍ଧ ପଞ୍ଚୁଦୋଳ ଯାତ୍ରା ପ୍ରସ୍ତୁତି ବୈଠକ

**ଆଠଗଡ଼,୩୧।୧/ଏନ୍ଏନ୍ଏସ୍:** ଆଠଗଡର ପ୍ରସିଦ୍ଧ ପଞ୍ଚୁଦୋଳ ଯାତ୍ରା ଓ ହୋଲି ଯାତ୍ରାର ସୁପରିଚାଳନା ନିମନ୍ତେ ପ୍ରସ୍ତୁତି ବୈଠକ ସ୍ଥାନୀୟ ଉପଜିଲ୍ଲାପାଳ ଙ୍କ ସମ୍ମିଳନୀ କକ୍ଷରେ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳ ଶ୍ରୀ ଶର୍ମା ସମସ୍ତ ସଦସ୍ୟମାନଙ୍କୁ ସ୍ୱାଗତ କରି ଆଗାମୀ ଦୋଳ, ପଞ୍ଚୁଦୋଳ ଓ ହୋଲି ଯାତ୍ରାରେ ସମସ୍ତଙ୍କର ସକ୍ରିୟ ସହଯୋଗ ପାଇଁ ନିବେଦନ କରିଥିଲେ। ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡାଙ୍କ କର୍ଜୟକ୍ରମକୁ ପରିଚାଳନା କରି ଆସନ୍ତା ମାର୍ଚ୍ଚ ୩ ତାରିଖରୁ ଦୋଳ ଆରମ୍ଭ ହେବା ସହିତ ୮ ତାରିଖରେ ପଞ୍ଚୁଦୋଳ ପର୍ବ ଅନୁଷ୍ଠିତ ହେବାର ସୂଚନା ଦେଇଥିଲେ। ଫେବୃୟାରୀ ୨୬ ରେ ପୂର୍ଣ୍ଣମା ପଡୁଥିବାରୁ ଆଠଗଡସ୍ଥିତ ସମସ୍ତ ଜୀୟୁ ମାନେ ସାହି ବସ୍ତିରେ ସନ୍ଧ୍ୟା ୭ ଘଟିକା ଠାରୁ ୧୦ ଘଟିକା ମଧ୍ୟରେ ‘ଚାଚେରୀ’ ଭୋଗ ଲାଗି ହେବେ। ହୋଲି ଏବଂ ପଞ୍ଚୁଦୋଳ ସମୟରେ ରାସାୟନିକ ରାଙ୍ଗ ବିକ୍ରୟ କରିବା ଏବଂ ଖେଳିବା ମନା ତତସହିତ ବିମାନ ବାହକମାନଙ୍କୁ କେହି ରଙ୍ଗ ଲଗେଇ ପାରିବେ ନାହିଁ। ଗ୍ରହଣ ଲାଗୁଥିବାରୁ ମୁକ୍ତି ମଣ୍ଡପର ପରାମର୍ଶ ପରେ ଦୋଳ ମଣ୍ଡପଠାରେ ପାଞ୍ଜି ପାଠ କରାଯିବା ନେଇ ସ୍ଥିର କରାଯିବ। ଏତଦବ୍ୟତୀତ ରାସ୍ତା ମରାମତି, ବାରିକେଡିଙ୍ଗ, ସଫେଇ କାର୍ଯ୍ୟ, ଆଲୋକୀକରଣ, ପାନିୟଜଳ ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା, ଗାଡି ପାର୍କିଂ ବ୍ୟବସ୍ଥା ସହ ନିରବଚ୍ଛିନ୍ନ ବିଦ୍ୟୁତ ସରବରାହ ନିମନ୍ତେ ଟି. ପି. ସି. ଓ. ଡି. ଏଲ କର୍ତ୍ତୃପକ୍ଷଙ୍କୁ ଦାୟିତ୍ୱ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଯାତ୍ରା ସମୟରେ ୪ ଚକିଆ ଓ ୨ ଚକିଆ ଯାନର ଚଳାଚଳକୁ ସମ୍ପୂର୍ଣ୍ଣ ନିଷେଧ କରିବା ସହିତ ରାତ୍ର ସମୟରେ ଯେଉଁ ଭାରି ଯାନ ବା ପରିବହନ ଗାଡ଼ିଗୁଡ଼ିକୁ ଡାଇଭରସନ ରୁଟୁ କରାଇବା ପାଇଁ ଭାରପ୍ରାପ୍ତ ଥାନା ଅଧିକାରୀ ଆଠଗଡ଼ଙ୍କୁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରସ୍ତୁତି ବୈଠକରେ ଭାରପ୍ରାପ୍ତ ଥାନା ଅଧିକାରୀ ସୁମତୀ ମହାନ୍ତି, ସହକାରୀ ଜିଲ୍ଲାପାଳ ଶ୍ରୀ ମାନସ ରଞ୍ଜନ ବେହେରା, ରାଜପୁରଧା ସୁଶାନ୍ତ ମିଶ୍ର, ମୁଖ୍ୟ ପୂଜକ ରାଧାଗୋବିନ୍ଦ ମନ୍ଦିର ସୁବାସ ଚନ୍ଦ୍ର ପଣ୍ଡା, ସଂକୀର୍ତ୍ତନ ମଣ୍ଡଳୀର ସଭାପତି ଅଜୟ ଦାସ, ବିଭୁତି ପଣ୍ଡାଙ୍କ ସମେତ ଆଠଗଡ଼ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଗଣମାଧ୍ୟମର ପ୍ରତିନିଧିବୃନ୍ଦ ଉପସ୍ଥିତ ଥିଲେ।

ଶ୍ରଦ୍ଧାଞ୍ଜଳୀ / ସ୍ମୃତି ଏକ ରୁପା ଜହ୍ନ



ସାତ ଜନମର ସାଥୀ ପ୍ରିୟତମା,
ତୁମେ ଥିଲ ରାତି ସୁନ୍ଦରକୁ ସାଥୀ ସୁନ୍ଦର। ଅବେଳରେ ଅଫେରା ରାଇଜକୁ ଚାଲିଗଲ ଜଗତର ନାଥ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଏବଂ ମା ଭଗରିକା ଠାକୁରାଣୀ ବଡମ୍ମାଙ୍କ ପାଦ ତଳେ ମୋର ଏହି ପ୍ରାର୍ଥନା ତୁମେ ଯେଉଁଠେ ଥାଅ ବି ଭଲରେ ଥାଅ।

୰ମନୋରମା ନାଏକ
ପିତା - ରାଘୁଧର ନାଏକ
ଗ୍ରାମ/ପୋ - ରଗଡିପଡ଼, ବ୍ଲକ - ବଡମ୍ବା, ଜିଲ୍ଲା - କଟକ
ଜନ୍ମ ତାରିଖ
୧୦.୦୬.୧୯୬୮
ତିରୋଧାନ ତାରିଖ
୧୧.୦୩.୨୦୨୨

।। ଇତି ।।
ଶୋକସନ୍ତପ୍ତ ପରିବାର
ସ୍ୱାମୀ-ସନାତନ ନାଏକ, ଝିଅ-ପ୍ରତିଭା ନାଏକ, ପୁତ୍ର-ଶିବ ପ୍ରସାଦ ନାଏକ ଏବଂ ସୁମିତ୍ ନାଏକ, ସା-ବାରଡ଼ିଆ, ପୋ/ଥାନା-ବାରଡ଼ିଆ, ଜିଲ୍ଲା-ଅନୁଗୋଳ
ମୋ: ୭୯୯୧୦୭୯୮୪୩

# ନାସ୍ତିକ



ଡ. ଶୁଭେନ୍ଦୁ ମହାପାତ୍ର

ଗାଢ଼ ନିଦରୁ ସେଦିନ ହଠାତ୍ ରାତି ତିନିଟାବେଳେ ସୁମନ୍ତ ବାବୁ ବିଛଣାରେ ଉଠି ବସିଲେ। ସତେ ଯେମିତି ତାଙ୍କୁ କିଏ ଡାକୁଥିବାର ସେ ଶୁଣିଲେ, ଥରେ ନୁହେଁ ବାରମ୍ବାର। ଆଖି ମଳିମଳି ମନେ ପକାଇଲେ। ହଁ, ଠିକ୍ ସ୍ମରଣ କରିପାରିଲେ ସ୍ୱପ୍ନରେ ଆସିଥିବା ମଣିଷଟା ଯେ ଆଉ କେହି ନୁହେଁ ତାଙ୍କ ପ୍ରାଣପ୍ରିୟା ସହଧର୍ମିଣୀ ପ୍ରତିମା, ହେଲେ ସେ ତ ଦଶମାସ ପୂର୍ବରୁ ସ୍ୱର୍ଗାରୋହଣ କଲେଣି। ଆଉ କିଛିଦିନ ପରେ ତାଙ୍କର ବାର୍ଷିକ ପିଣ୍ଡଦାନ ଦିଆଯିବ। ତାଙ୍କର ଆଲୋକଚିତ୍ର ତାଙ୍କ ସାମ୍ନା କାନ୍ଥରେ ଝୁଲୁଛି, ଚାହିଁଲେ ସୁମନ୍ତ ବାବୁ, ସେହି ହସ ହସ ମୁହଁ। କେବେ ତ ସ୍ୱପ୍ନରେ ଆସି ନଥିଲେ ତେବେ ଆଜି କାହିଁକି, କଅଣ ବାର୍ଷିକ ଶ୍ରାଦ୍ଧ କଥା ମନେ ପକାଇଦେବାକୁ ଆସିଥିଲେ। ଛାଡ, ଏଥର ପୁନର୍ବାର ଶୋଇବାକୁ ଚେଷ୍ଟା କଲେ, କିନ୍ତୁ ଆଖିକୁ ନିଦ ଆସିଲା ନାହିଁ। ପ୍ରତିମା ସ୍ୱପ୍ନରେ ଆସିବା କଥାଟି ବାରମ୍ବାର ମନକୁ ଆନ୍ଦୋଳିତ କଲା। ପ୍ରତିମା କଅଣ ସୂଚାଇ ଦେବାକୁ ଚାହୁଁଥିଲେ ?

ଭାବି ଚାଲିଥିଲେ। ରାତି ପାହିଯିବାରୁ ମନ୍ଦିରରେ ଘଣ୍ଟା ମର୍ଦ୍ଦଳ ଶୁଭିଲା, ଏଥର ମନେ ପଡ଼ିଗଲା ଆଜି ତାଙ୍କର ଜନ୍ମଦିନ। ପ୍ରତିମା ଜୀବିତ ଅବସ୍ଥାରେ କୁହନ୍ତି ଯାହା ବି ହେଉ ଜନ୍ମଦିନରେ ଟିକେ ଗାଁ ଜଗନ୍ନାଥ ମନ୍ଦିରରେ ମୁଣ୍ଡିଆ ମାରି ଆସିବ, କାରଣ ସେ ଜାଣିଥିଲେ ଯେ ମୁଁ ନାସ୍ତିକ। ମୃତ୍ୟୁ ପରେ ବି ମୋ ଜନ୍ମଦିନକୁ ସେ ଭୁଲି ନାହାଁନ୍ତି।

ଗତବର୍ଷ ରୋଗଶଯ୍ୟାରେ ପଡି ମଧ ମତେ ମନ୍ଦିର ପଠାଇଥିଲେ। ଇତିମଧ୍ୟରେ ତାଙ୍କୁ ସତୁରିଟି ବସନ୍ତ ଅତିକ୍ରମ କରିସାରିଛି। ପ୍ରତିମାଙ୍କର ଧାରଣା ମନ୍ଦିର ଗଲେ ବୋଧହୁଏ ଆୟୁଷ ବଢିଯାଏ।

ସ୍ତ୍ରୀ ଲୋକମାନେ ବହୁତ ଭାବପ୍ରବଣ ତେଣୁ ତାଙ୍କ କଥା କାଟି ନପାରି ବାଧ୍ୟ ଶିଶୁଟି ଭଳି ପ୍ରତି ଜନ୍ମଦିନରେ ମନ୍ଦିର ଯାଇ ମୁଣ୍ଡିଆ ମାରିଆସେ।

ସିନ୍ଦୂରା ଫାଟି ସୂର୍ଯ୍ୟଙ୍କର ରକ୍ତିମ ଆଭା ଚାରିଆଡେ ବିଛାଡ଼ି ହୋଇ ପଡ଼ିଲା। ସୁମନ୍ତ ବାବୁ ସ୍ନାନାଦି ନିତ୍ୟକର୍ମ ସାରି ଗଛରୁ ଫୁଲ କିଛି ତୋଳି ମନ୍ଦିରକୁ ଗଲେ। ସେ ଯିବା ପୂର୍ବରୁ କିଛି ଯୁବକ ଯୁବତୀ ଓ ବୟସ୍କ ପୁରୁଷ ମହିଳା ମନ୍ଦିର ବେଢ଼ାରେ ରୁଣ୍ଡ ହୋଇଥିଲେ। ପିଲାମାନେ ନିଜନିଜ ଭିତରେ କଥା ହେଉଥିଲେ, ଅଙ୍କଲ ତ କେବେ ମନ୍ଦିର ଆସନ୍ତି ନାହିଁ, ଆଜି କ'ଣ ପାଇଁ ଏତେ ସକାଳୁ ଆସିଛନ୍ତି। ସୁମନ୍ତ ବାବୁଙ୍କ କାନରେ କଥାଟା ବାଜିଗଲା, ନିଜଆଡୁ କହିଲେ ହଁରେ ପିଲାମାନେ ଆଜି ମୋର ଜନ୍ମଦିନ ସେ ପାଇଁ ଆସିଛି, ମୁଁ ନାସ୍ତିକ ସେ ପାଇଁ ମନ୍ଦିର ଆସେ ନାହିଁ, ମୁଁ କର୍ମବାଦୀ ମଣିଷଟିଏ କର୍ମରେ ବିଶ୍ୱାସ କରେ, ଆମ ପୂର୍ବପୁରୁଷ ପରା କହିଛନ୍ତି ଅପନା ହାତ ଜଗନ୍ନାଥ ତଥାପି ସିଏ ହୃଦୟରେ ଅଛନ୍ତି। ତୁମ ଆଣ୍ଟି ଥିଲେ ସତ୍ୟନାରାୟଣ ପୂଜାଟିଏ କରୁଥିଲେ ଆଉ ଯିବାବେଳେ ତାଗିଦ୍ କରି କହିଯାଇଥିଲେ ଜନ୍ମଦିନରେ ମନ୍ଦିର ଯାଇ ଠାକୁରଙ୍କୁ ମୁଣ୍ଡିଆଟେ ମାରିଆସିବ। ଆଜିଠାରୁ ମୋ ଆୟୁଷ ଏକ ବର୍ଷ କମିଗଲାରେ ପିଲେ, ମୃତ୍ୟୁ ଆଡ଼କୁ ଆଉ ପାଦେ ଆଗେଇଲି। ଠାକୁରଙ୍କ ଆଶୀର୍ବାଦ ଭିକ୍ଷା କରିବି କେମିତି ଅବଶିଷ୍ଟ ଜୀବନ ନିରାମୟରେ କଟିଯାଉ। ଏହାକହି ଠାକୁରଙ୍କ ଉଦ୍ଦେଶ୍ୟରେ ବ୍ରାହ୍ମଣଙ୍କୁ ଫୁଲତକ ଓ ପ୍ରଣାମୀ କିଛି ଦେଇ ମୁଣ୍ଡିଆ ମାରି ଚାଲିଆସିଲେ।

ପିଲାମାନେ ନିର୍ଲିପ୍ତ ନୟନରେ ତାଙ୍କ ଚଲାପଥକୁ ଚାହିଁ କଥାହେଲେ ଅଙ୍କଲ ଖୁବ୍ ସୁନ୍ଦର ଲୋକ କିନ୍ତୁ ଭଗବାନ ଏତେ ନିର୍ଦ୍ଦୟ ଗୋଟିଏ ବୋଲି ପୁଅକୁ ତାଙ୍କଠାରୁ ଦୁର୍ଘଟଣାରେ ଛଡେଇ ନେଇଥିଲେ, ପରେ ପରେ ଆଣ୍ଟିକୁ ବି, ଏ ବୟସରେ ଏକା ଚଳିବା ଯେ କେତେ କଷ୍ଟକର ସେ ହିଁ ଅଙ୍ଗେ ଲିଭାଉଥିବେ। ଆଣ୍ଟି ଥିଲେ ଆଜି ରାତିରେ କଲୋନୀସାରା ଖାଇବାକୁ ଦେଇଥାନ୍ତେ। ଦୀର୍ଘଶ୍ୱାସ ପକାଇଲେ ପିଲାମାନେ, ତାପରେ ପୂଜାସାରି ସମସ୍ତେ ନିଜନିଜ ମଧ୍ୟରେ କଥାହୋଇ ଘରକୁ ଫେରିଗଲେ।



ସନ୍ଧ୍ୟା ସମୟ ମନ୍ଦିରରେ ଆରତୀ ହେବାର ଘଣ୍ଟି ବାଜିଲା। ସୁମନ୍ତ ବାବୁ ଠାକୁରଙ୍କ ଉଦ୍ଦେଶ୍ୟରେ ହାତ ଉଠାଇ ପ୍ରଣିପାତ କଲେ। ବୋଧହୁଏ ମଣିଷ ଅସହାୟ ହୋଇଗଲେ ଆସ୍ତିକ ହୋଇଯାଏ। ତା'ପରେ ଟିକେ ଚାହା କରି ପିଇଲେ ଏବଂ ଥାକରୁ ଏକ ବହି ବାହାରକରି ପଢ଼ିବସିଲେ। ଏତେବଡ଼ ଘରଟାରେ ଏକଲାପଣକୁ ଦୂରେଇବା ପାଇଁ ପୁସ୍ତକ ହିଁ ଏକମାତ୍ର ସାହାରା।

ଠିକ୍ ଏତିକିବେଳେ କଲୋନୀର କିଛି ପିଲା ଉଭୟ ପୁଅଝିଅ ଗୋଟାଏ ପେଟି ଓ ବ୍ୟାଗଧରି ଆସି ପହଞ୍ଚିଲେ ଓ ଭିତରକୁ ଯିବାକୁ ଅନୁମତି ଚାହିଁଲେ। ସୁମନ୍ତ ବାବୁ ନିର୍ବାକ ହୋଇ ଚାହିଁ ରହିଲେ। କିଛି କହିବା ପୂର୍ବରୁ ପିଲାମାନେ ଟେବୁଲଟା ଘରମଝିକୁ ଆଣି ପେଟିଟି ତା' ଉପରେ ରଖିଲେ, ବ୍ୟାଗ୍‌ରୁ ବେଲୁନ କାଢି ଟାଙ୍ଗିଲେ। ସୁମନ୍ତ ବାବୁଙ୍କ ହାତଧରି ଟେବୁଲ ପାଖକୁ ଆଣିଲେ ଓ ଚନ୍ଦନ ସିନ୍ଦୂର ଲଗାଇଦେଲେ। ପେଟିରୁ କେକ୍‌ଟିଏ କାଢି ଟେବୁଲ ଉପରେ ରଖିଲେ, ମହମବତୀ ଲଗାଇ ଜାଳିଲେ। ସୁମନ୍ତ ବାବୁଙ୍କୁ ଫୁଙ୍କି ଲିଭାଇବାକୁ କହିଲେ। ହାତରେ ଛୁରିଟିଏ ଧରାଇଦେଇ କାଟିବାକୁ କହିଲେ। ପିଲାମାନେ ହାପି ବାର୍ଥଡେ ଗୀତ ଗାଇଲେ। ଅଙ୍କଲଙ୍କୁ କେକ୍ ଖଣ୍ଡେ ଖୁଆଇଦେଲେ। ସୁମନ୍ତ ବାବୁଙ୍କ ଆଖିରେ ଆଖିଏ ଲୁହ, ଖଣ୍ଡେ କେକ୍ ଧରି ପ୍ରତିମାଙ୍କ ଫଟୋ ପାଖକୁ ଯାଇ କହିଲେ ଦେଖ ପ୍ରତିମା ତୁମେ ନାହିଁ ବୋଲି ପିଲାମାନେ ମୋ ଜନ୍ମଦିନକୁ କେତେ ଧୂମଧାମରେ ପାଳନ କଲେ। ସେଇ ସ୍ୱର୍ଗରେ ଥାଇ ପିଲାମାନଙ୍କୁ ଆଶୀର୍ବାଦ କର, ସେମାନେ ନିଜ ନିଜ କ୍ଷେତ୍ରରେ ଖୁବ୍ କୃତିତ୍ୱ ଅର୍ଜନ କରନ୍ତୁ। ପଡିଶାଘର ଶାନ୍ତନୁ ବାବୁ ତାଙ୍କ ସ୍ତ୍ରୀ ଓ କଲୋନୀର ଅଧିକାଂଶ ଲୋକ ଫୁଲତୋଡା ଧରି ସୁମନ୍ତବାବୁଙ୍କ ଘର ସାମ୍ନାରେ ଧାଡି ବାନ୍ଧି ବଧେଇ ଜଣାଇଲେ। ପିଲାମାନେ ପୁରି ତରକାରି ମିଠା ପ୍ରସ୍ତୁତକରି ଆଣିଥିଲେ କଲୋନୀର ସମସ୍ତଙ୍କୁ ଖାଇବାକୁ ଦେଲେ। ସୁମନ୍ତବାବୁଙ୍କ ଆଖିରୁ କେଇବୁନ୍ଦା ଲୁହ ଝରି ପଡ଼ିଲା। ମନକୁ ପାପ ଛୁଉଁଥିଲା ନାସ୍ତିକ ନହୋଇ ଆସ୍ତିକ ହୋଇଥିଲେ ସ୍ତ୍ରୀ ପୁଅ ହୁଏତଃ ବଞ୍ଚିଯାଇ ଥାଆନ୍ତେ।

ଠାକୁରଙ୍କୁ ଧନ୍ୟବାଦ ଅର୍ପଣ କଲେ ଆଜି ସେ ନିଜକୁ ଖୁବ୍ ସମର୍ଥ ଅନୁଭବ କରୁଥିଲେ। ସେ ଯେ ନିଃସ୍ୱ ଏ ପ୍ରକାର ଭ୍ରମାତ୍ମକ ଧାରଣା ଦୂରହେଲା। କିଛି କ୍ଷଣ ପାଇଁ ସବୁ ଦୁଃଖକୁ ହଜମକରି ଆତ୍ମବିଭୋର ହୋଇପଡ଼ି ପୁଣି ତାଙ୍କ ଯୁବକ ଅବସ୍ଥାକୁ ଫେରିଗଲେ, ପିଲାମାନଙ୍କ ସହିତ ଖୁବ୍ ମସ୍ତିକଲେ।

-ସତ୍ୟବିହାର, ପଳାଶୁଣି, ଭୁବନେଶ୍ୱର
ମୋ -୯୪୩୮୦୬୪୯୦୮

# ଫାଟ



ମଧୁସ୍ମିତା ପଟ୍ଟନାୟକ

ମୂଳହିନ୍ଦୀ-ସୁରେନ୍ଦ୍ର କୁମାର ଅରୋଡା
ଅନୁବାଦ-ମଧୁସ୍ମିତା ପଟ୍ଟନାୟକ

'କେବେକେବେ ତ ମୋତେ ଟିକିଏ ମନେ ପକେଇବ' ?

'ଭୁଲି ପାରିଲେ ନିଶ୍ଚୟ ମନେ ପକେଇବି।'

'କ'ଣ ଯାଉ ଯାଉ ବିଦ୍ରୁପ କରୁଛ ମୋତେ' ?

ବିଦ୍ରୁପ କରିବି...ପୁଣି ତୁମକୁ ?ବୋଧହୁଏ ଜୀବନକୁ ବିଦ୍ରୁପ କରିବା ପାଇଁ ଆମେ ଭେଟିଥିଲେ ପରସ୍ପରକୁ।

ତା'ହେଲେ ଠିକ୍ ଅଛି ନା'...ତୁମେ ଯାଅନି ଏବେ ମୋତେ ଛାଡିକରି। କାହିଁକିନା ତୁମ ବିନା ମୋ ବଞ୍ଚିବା ଅସମ୍ଭବ ହେଇଯିବ।

'ଯଦି ଅଟକିବା ମୋ ପାଇଁ ସମ୍ଭବ ହେଇଥାନ୍ତା। ତେବେ ମୁଁ ଯିବା କଥା କାହିଁକି କରିଥାନ୍ତି' ?

'ଜୀବନର ତେବେ ହେବ କ'ଣ' ?

'ତାହା ତ ଭାଗ୍ୟକୁ ଜଣାଥିବ। ସେ ଯେଉଁଆଡେ ଚାହିଁବ ଆମ ଜୀବନକୁ ସେଇଆଡେ ନେବ'।



ଯଦି ସବୁକିଛି ନିୟତିକୁ କରିବାକୁ ଅଛି, ତା'ହେଲେ ଆମର ଅସ୍ତିତ୍ୱର ଆଉ କ'ଣ ମାନେ ଅଛି ?

'ଅସ୍ତିତ୍ୱର ମାନେ ? ବହୁତ ଥର ଦେଖିସାରିଲିଣି ଅସ୍ତିତ୍ୱର ଅର୍ଥ ଖୋଜିଖୋଜି, ହେଲେ ଶେଷରେ ମିଳିଲା କ'ଣ ?

କିଛି ତ ରାସ୍ତା ଥିବ ! ପ୍ଲିଜ୍, ତୁମେ ଯାଅ ନାହିଁ ! ତୁମ ଗଲା ମାତ୍ରକେ ସବୁ ସରିଯିବ..ସବୁ ଶେଷ ହେଇଯିବ।

'ଏତେଦିନ ଆମ ସହିତ କ'ଣ କରୁଥିଲେ ? ଏହା ହିଁ ତ କରୁଥିଲେ'। ଯଦି କିଛି ରାସ୍ତା ଥାନ୍ତା, ତା'ହେଲେ ନିଶ୍ଚୟ ମିଳିସାରନ୍ତାଣି। ପ୍ରକୃତିର ଏହା ହିଁ ନିୟମ କି ଏଠି କିଛି ବିଶେଷ ହୁଏ ନାହିଁ, କେବଳ ବଦଳିଯାଏ। ପଦାର୍ଥ ଆଉ ତା'ର ଉର୍ଜା ସେମିତି ଆଉ ସେତିକି ହିଁ ରହିଥାଏ।

'ତା'ହେଲେ ପୁଣି ଥରେ ରୂପ ବଦଳେଇ ନିଅ ହେଲେ ଅଟକିଯାଅ...କୌଣସି ନୂଆ ରୂପରେ।'

'ନୂଆ ରୂପରେ ଯଦି ମୁଁ ତୁମର ଛାଞ୍ଚରେ ଫିଟ୍ ନହେଲି ତେବେ ତୁମେ କ'ଣ କରିବ' ?

ସେ ହଠାତ୍ ସକ୍ ପକେଇଗଲା ଏହି କଥା ଶୁଣି। ଆରେ ସତେ ତ..ସେ ଏକଥା ତ ଅଦୌ ଭାବି ନଥିଲା। ତା'ର ଶବ୍ଦ ସବୁ ଭିତରେ ଭିତରେ ଚାପି ହୋଇ ରହିଗଲେ। ନିଃଶ୍ୱାସ ପ୍ରଶ୍ୱାସ ଅଟକିଗଲା ଭଳି ଲାଗିଲା ତାକୁ। ସମୟ ତାକୁ ଭାରି ଲାଗିବାକୁ ଲାଗିଲା।

ଏବେ କୁହ ରହିବି ନା'ଚାଲିଯିବି ? ପ୍ରଶ୍ନକଲା ସେ ହସିଦେଇ।'

'...ଉତ୍ତର ସେ କେଉଁଠୁ ଆଣିଥାନ୍ତା। ପାଟି ତା'ର ଲାଖିଗଲା। ସେ କିଛି ବୁଝିପାରୁ ନଥିଲା। ତେଣୁ ସେ ଚୁପ୍‌ଚାପ୍ ଉଠି ଚାଲିଗଲା।'

ହସୁଥିଲା ନିୟତି ଏହା ଦେଖି।

ତାକୁ ଲାଗିଲା ବାଦଲ୍ ଆସିଥିଲେ। ଆଉ ଚାଲି ମଧ୍ୟ ଗଲେ। କାହିଁକି ପଛରେ ବୋହୁଥିବା ପବନ ବହୁତ ଜୋର୍‌ରେ ବୋହୁଥିଲା। ସେମାନଙ୍କର ବର୍ଷିବା ପୂର୍ବରୁ ପବନ ଉଡେଇ ନେଇଗଲା ବାଦଲମାନଙ୍କୁ ନିଜ ସାଙ୍ଗରେ।

ତା'ଶୁଖିଲା ଧରାରେଏବେ ଫାଟ ପଡିବାକୁ ଲାଗିଥିଲା। ଦିନେ ଶସ୍ୟଶ୍ୟାମଳା ଦିଶୁଥିବା ଜମି ଏବେ ତା'ର ଶୁଷ୍କ ଟାଙ୍ଗରା ଭୂଇଁରେ ପରିବର୍ତ୍ତିତ ହେବାକୁ ଲାଗିଥିଲା। ଧୀରେ ଧୀରେ ଦୃଶ୍ୟମାନ ହେବାକୁ ଲାଗିଲା ଫାଟ ଜମିରେ। ଠିକ୍ ଏତିକି ବେଳେ ଚାଲି ଯାଉଥିବା ବାଦଲମାନେ କହିଲେ, 'ଡର ନାହିଁ ! ଆମେ ପୁଣି ଆସିବୁ। ଆଉ ଯେତେବେଳେ ବି ଆସିବୁ ବର୍ଷିବାକୁ ଆସିବୁ।'

ପ୍ଲଟ ନମ୍ବର-୨୭,
ବ୍ରହ୍ମେଶ୍ୱରବାଗ,
ଟଙ୍କପାଣିରୋଡ,
ଭୁବନେଶ୍ୱର-୭୫୧୦୧୮

# ଜୀବନ ପ୍ରତି



ବିକେଶ ସାହୁ

ହେ ମୋର ଜୀବନ !
ନିଜଠୁ ନିଜକୁ ମୋତେ ମୁକ୍ତକର
ନିଜଠୁ ନିଜକୁ ମୋତେ
ପରିତ୍ରାଣ କର।

ନିଜ ବିରୁଦ୍ଧରେ ନିଜର ଯୁଦ୍ଧ
ରକ୍ତପାତ,
ନିଜ ଭିତରେ ନିଜ ପ୍ରତି ଅସିଘାତ
ଯୁଦ୍ଧ ଦେହିର ଡାକରା,
ରକ୍ତମୁଖା ହୋଇ
ପ୍ରାଣଘାତୀ ଆକ୍ରମଣ - ପ୍ରତି
ଆକ୍ରମଣ,
ନିଜ ପ୍ରତି ନିଜର ହିଁ
ବୈର ଭାବ,
ସର୍ବୋପରି ସତତ ଅଶାନ୍ତ
ମୋର ମନ ମଧୁବନ,
କେଉଁଠାରେ ନେବି ମୁଁ
ଆଶ୍ରୟ।



ସବୁଠି ଗଳିତ ଶବ, ବିଭତ୍ସ ହତ୍ୟା
ଆପଣାର
ରକ୍ତ, ପୂଜ ଆଉ କବନ୍ଧର ଭିଡ଼ ତ ସବୁଠି
ସନ୍ତ୍ରସ୍ତ ଏ ପ୍ରାଣ ମୋର
ଏ ନର୍କରୁ ମୋତେ ଉଦ୍ଧାର କର।

ହେ ମୋର ଜୀବନ !
ନିଜ ବିରୁଦ୍ଧରେ ନିଜର ଏ ଯୁଦ୍ଧ,
ଏ ଯୁଦ୍ଧରୁ ମୁକ୍ତ କର,
ସବୁ ଯୁଦ୍ଧ ଅଥବା ସନ୍ଧିର ଅନ୍ତରେ
ଜିଇଁବାର ଶକ୍ତି ଦିଅ
ନିଜେ ନିଜକୁ ଲଙ୍ଘି ଯିବାର ପନ୍ଥା
ଦେଖାଅ
ନିଜଠୁ ନିଜକୁ ମୋତେ
ପରିତ୍ରାଣ କର।

-ଓଡ଼ିଆ ଅଧ୍ୟାପକ, ନୟାଗଡ଼ ପ୍ରଜାମଣ୍ଡଳ
ମହିଳା ମହାବିଦ୍ୟାଳୟ, ନୟାଗଡ଼
ମୋ: ୯୩୩୭୧୬୬୧୭୨

# ଅନ୍ଧାର



-ସୁଜିତ କୁମାର ମିଶ୍ର

ଏଠି ଅନ୍ଧାରକୁ
ବୁଝନ୍ତି ଲୋକେ ଆଲୋକ।

ଦଶନ୍ଧି ଦଶନ୍ଧି ଶେଷ ହେବା ପରେ ବି
ରାଜନୀତିର ଗୋଲାପୀ ତପ।

ପୋକ ସାଲୁବାଲୁ ପରି
ଘେରିଛି ଅନ୍ଧାର
ମାଳତି ମାଝି ସହର ଗୋଟି
ସାରୁ ସାରୁ
ସଂଜ ହେଲା ପରେ ହୁଏ ଅନ୍ଧ,
ଅଣ୍ଡାଳି ଅଣ୍ଡାଳି ପାର୍ ହୁଏ ରାସ୍ତା
ଆଖି ଦୁଇଟିକୁ କରେ ଶସ୍ତା ଟର୍ଚ୍ଚ
ବାକି ଦେହଟାକୁ ଘରମୁହାଁ କରେ
ବୁଲା କୁକୁରର ବିକଟାଳ ଶବ୍ଦରେ
ଦେହର ଖାଲରେ ଭିଜେ ଅନ୍ଧାର ଘର।

ଅଭାବୀ ଓଜନ ସହ
ମାନି ମୁଣ୍ଡା ପେଟରେ
ଦଶମାସର ଛୁଆ,
ଯାବତ୍ ଯନ୍ତ୍ରଣାରେ ବଇଦ ନନା
କି ଔଷଧ ଦେଲା କେଜାଣି
ଆଉ ନାହିଁ ତା' ମନରେ ପୁନେଇଁ ରାତିର
ସପନ ଛୁଆଁ,
ଶୁଭୁନି ଆଶା ଶବ୍ଦର କୁଁ
କାଁ।



କଳାକାରଟି ଷ୍ଟେଜ ପରେ ଷ୍ଟେଜ ଅନେକ
ମଧୁର ଗୀତର ମୂର୍ଚ୍ଛନାରେ
ଅନେକଙ୍କୁ ବାନ୍ଧି ବାନ୍ଧି କିଏ ଜାଣିଥିଲା
ସେ ହେବ ନିଃସ୍ୱ,
ବାକି ସବୁ ଚଢିବେ ଚାରି ଚକିଆ,
ଅଭିସନ୍ଧିର ପାହାଡରେ ଛିଡା ହୋଇ
ତଳକୁ ହାତ ବଢେଇବା ବେଳେ
ଆଲୋକର ଦେଖା ଆଉ କାହିଁ ?

ଏବେ ଏବେ ଖୁସିରେ
ଝୁମୁଛନ୍ତି କୁଆଡେ ନୂଆପଡ଼ାବାସୀ
ଦେଖାଯାଉ ଟିପଚିହ୍ନର
କି କରାମତି,
ଅନ୍ଧାର ମୁହାଁ ରାସ୍ତାକଡର ବତିଖୁଣ୍ଟ ବି
ବେଶ୍ ଏଥର ସୀମାହୀନ ଆଶାବାଦୀ।

ଅନ୍ଧାର ଏବେ ସଫା ହେବ ବିହାରରେ,
ବିରାଜିବ ଜହ୍ନରାତି
ପୁନେଇଁ ତିଥି ପରି,
ଫଡଫଡ ଉଡ଼ିଲାଣି ପ୍ରତିଶ୍ରୁତି
ଯେମିତିକି ପତାକା ଆଉ ପଞ୍ଜୁରୀର ପକ୍ଷୀ
ଉଡୁଥାଏ ନୀଳ ଆକାଶରେ
ପ୍ରତିବର୍ଷ ଅଗଷ୍ଟ ପନ୍ଦରରେ।

ଜିଭ ଲହରେଇ ଜାତୀୟ ରାଜପଥ ପରି
ଲମ୍ବିଛି ଲମ୍ବୁଛି ଅନ୍ଧାର,
କେବେ ହେବ ଆଲୋକର ଅଭିସାର ?

-ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
ମୋ-୭୬୮୩୮୬୭୭୪୨

## ନବପ୍ରକାଶ

# ଈଗଲ୍





ଲେଖକ: ଡା. ମଞ୍ଜୁବାଳା ପଣ୍ଡା
ପ୍ରକାଶକ: ପଶ୍ଚିମା ପବ୍ଲିକେଶନ୍ସ, ଭୁବନେଶ୍ୱର
ମୂଲ୍ୟ:୧୯୯ /-

ସେମାନେ ଆଦର୍ଶବାଦର କଥା କୁହନ୍ତି। ସାମ୍ୟବାଦରେ ବିଶ୍ୱାସ କରନ୍ତି। ବୈପ୍ଳବିକ ଭାବଧାରାରେ ଅନୁପ୍ରାଣିତ ହୋଇଥାନ୍ତି। ସମାଜର ଅବହେଳିତ, ବଞ୍ଚିତ, ନିଷ୍ପେସିତମାନଙ୍କ ସୁରକ୍ଷା ପାଇଁ ସେମାନେ ସ୍ୱର ଉତ୍ତୋଳନ କରିଥାନ୍ତି। ସେମାନେ ଚରମପନ୍ଥୀ ନକ୍ସଲ। ସମାଜ ଆଉ ସରକାର ଘୃଣ୍ୟ ଦୃଷ୍ଟିରେ ସେମାନଙ୍କୁ ବିଚାର କରେ। ସେଥିପାଇଁ ସେମାନେ ବଣ ପାହାଡ଼ ଘେରା ଅଞ୍ଚଳକୁ ବାଛି ନିଅନ୍ତି ନିଜର ଆଶ୍ରୟସ୍ଥଳ। ଏମିତି ଏକ ପୃଷ୍ଠଭୂମି ଉପରେ ରଚିତ ହୋଇଛି ଡା. ମଞ୍ଜୁବାଳା ପଣ୍ଡାଙ୍କ ଉପନ୍ୟାସ 'ଈଗଲ୍'। ପାହାଡ଼ ଜଙ୍ଗଲ ଘେରା ଆଦିବାସୀ ଅଧ୍ୟୁଷିତ ଗାଁ ଝର୍ଣ୍ଣପାଲି ଯାହାର ମୁଖିଆ କୀର୍ତ୍ତନ ମାଝି। ତା'ର ସବୁଠୁ ବଡ଼ ପରିଚୟ ହେଲା ସେ ମାଓବାଦୀଙ୍କର ଏକାନ୍ତ ବିଶ୍ୱସ୍ତ। ସେଥିପାଇଁ ଛତିଶଗଡ଼ର ଭୟଙ୍କର ମାଓ ସଂହାର ପରେ କ୍ୟାଡର ମାଓ ନେତା ଶୌର୍ଯ୍ୟକାନ୍ତ ଏବଂ ତା'ର ଚାରି ସହଯୋଗୀ ମଧୁବ୍ରତା, ଜିତେନ୍ଦ୍ର, ରମେଶ, ରତନ ଚାଲି ଆସନ୍ତି କୀର୍ତ୍ତନ ମାଝି ଘରକୁ। ବର୍ଷ ବର୍ଷ ଧରି ଆତିଥେୟତାରେ ଅବହେଳା କରି ନଥିବା ଏକାନ୍ତ ବିଶ୍ୱସ୍ତ କୀର୍ତ୍ତନ କିନ୍ତୁ କୋଟିଏ ଟଙ୍କା ଲୋଭରେ ଷଡଯନ୍ତ୍ର ରଚିଛି ସରକାରଙ୍କ ସହ ହାତମିଳେଇ, ଶେଷରେ ପୋଲିସ୍ ଗୁଳିରେ ସେମାନଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ଏଥିରେ ମୁଖ୍ୟ ଚରିତ୍ର ଝଡ଼ର ଈଗଲ ଶୌର୍ଯ୍ୟକାନ୍ତ ଜେଏନ୍‌ୟୁ ଟପର୍, ତା'ର ମୁଖ୍ୟ ସହଯୋଗୀ କମ୍ରେଡ ମଧୁବ୍ରତା ଯିଏ କି ମାତ୍ର ଚଉଦ ବର୍ଷ ବୟସରେ ଗାଁ ସରପଞ୍ଚର ମଦ୍ୟପ ପୁତ୍ର ଆଉ ତା'ର ଚରିତ୍ରହୀନ ସାଙ୍ଗର କାମନାର ଶିକାର ହୋଇ ଶେଷରେ ମାଓବାଦରେ ବିଶ୍ୱାସ କରିଛି। ଅନ୍ୟ ତିନି ନକ୍ସଲ ଚରିତ୍ର ହେଲେ ଜିତେନ୍ଦ୍ର, ରତନ ଆଉ ରମେଶ। ଯୌବନରେ ଆଦର୍ଶବାଦରେ ଅନୁପ୍ରାଣିତ ହେବା, ମାଓବାଦରେ ବିଶ୍ୱାସ କରିବା ସଂଘର୍ଷରେ ନିଜର ଆୟୁଷ, ବୟସ, ଭବିଷ୍ୟ ବଳି ପକେଇ ଶେଷରେ ନିଜ ନିଜ ଭିତରେ ପଥଭ୍ରଷ୍ଟ ହୋଇ ଶୋଚନୀୟ ମୃତ୍ୟୁକୁ କୋଳେଇ ନେବାର ଛାତିଥରା କାହାଣୀ 'ଈଗଲ୍'। ଡିଟେକ୍ଟିଭ୍‌ର କାହାଣୀ ପରି ପ୍ରତିଟି ପୃଷ୍ଠାରେ ରହିଛି ରୋମାଞ୍ଚକର ବର୍ଣ୍ଣନା ଆଉ ସସ୍ପେନ୍ସ ଯାହା ପାଠକକୁ ଆଚ୍ଛନ୍ନ କରି ରଖିବ। ଉପନ୍ୟାସଟିର ପ୍ରକାଶକ ଭୁବନେଶ୍ୱରର ପଶ୍ଚିମା ପବ୍ଲିକେସନ୍ସ।

ସମୀକ୍ଷା : ବିପ୍ଳବ, ବାଙ୍କୀ, କଟକ, ମୋ : ୯୪୩୭୪୬୮୦୧୬

# ସେଇ ନିଆଁଶ୍ରୀ ଲୋକଟି



ଶ୍ରୀକାନ୍ତ ମହାନ୍ତି

ଅସ୍ପଷ୍ଟ ହୋଇଯାଏ
ସାମ୍ନାର ଦୃଶ୍ୟ
ଆଖିରୁ ଲୁହ ବୋହିଲେ...
ଲୁହର ପରଳ ନୁହେଁ ତ...
ଅସୀମ ଆକାର ଇଏ
ଜଳର ପ୍ରାଚୀର
ଯାହା ନିମିଷକେ ଲୁଚାଇଦିଏ
ଶହ ଶହ ନକ୍ଷତ୍ର, ଛାୟାପଥ
ଓ ସପ୍ତର୍ଷିମଣ୍ଡଳ।
ଜଳର ପ୍ରାଚୀର ନୁହେଁ ତ ...
ଇଏ ପ୍ରଳୟର ଜଳ...
ଜଳାର୍ଣ୍ଣବ ହୋଇଯାଏ
ମୁହୂର୍ତ୍ତ ଭିତରେ
ସାରାଟି ସଂସାର।
ସବୁ ତୁଚ୍ଛ ହୋଇଯାଏ
ନିଆଁଶ୍ରୀ ଲୋକଟି ପାଖରେ
ତା' ଏକାକୀତ୍ୱର ବଟପତ୍ରଟି
କ୍ରମଶଃ ଭାସିଉଠେ
ପ୍ରଳୟର ପୟୋଧି ଜଳରେ ...।

-୪୧୧, ସହିଦ ନଗର,
ଭୁବନେଶ୍ୱର- ୭୫୧୦୦୭

# ରଏବାରୀ ବଡେ



ପଲ୍ଲବୀ ଦାସ

ତା'ର ପଦିଏ କଥାରେ
ଛୁଆଙ୍କ ମୁହଁରେ ହସଫୁଟେ,
ସେ ହାତ ବୁଲେଇଦେଲେ
ପେଟକୁ ଦାନା ପଶେ,
ତା' ଯତନରେ କାନ୍ଧରେ ଡେଣା ଲାଗେ,
ଆଖିରେ ସ୍ୱପ୍ନ ସମ୍ଭାବନା ଡ଼ିଆଁମାରେ
ପାଦକୁ ବଳ ଆସେ।

ରଏବାରୀ ବଡେ ଶେଯରୁ ଉଠିଲେ
ଫର୍ଚ୍ଚା ଦିଶେ ସକାଳ,
ଖୁସିରେ ଝରିପଡୁଥାଏ ଧଳା କନିଅର
ଚିଇଁ ଚିଇଁ କରେ ଘରଚଟିଆ
ବାଟ ଓଗାଳନ୍ତି କୁକୁଡା ଚିଆଁ।

ବଡେ, ଛେରା ଝିଟୁ ଝିଟୁ
ଚାଲେ ଗାଁଲୋକଙ୍କ ଅଳି
ଅର୍ଦ୍ଦଳିର ଭିଡ଼ ,
ପୋଛିଦିଏ ସଭିଙ୍କ ଅନ୍ଧାର ଅଳନ୍ଧୁ,
କୁଲା ପରି ଛାତିରେ ଚାପିଧରି ଦିଏ
ଅଯୁତବଳ,
ଅଜାଡ଼ିଦିଏ ସ୍ନେହ ଅନାବିଳ।



ସେ କେବେ କହିନି
କାହାକୁ ନିଜ ମରମ
ଯନ୍ତ୍ରଣା,
କାହାକୁ
ଦେଖେଇନି
ନିଜ ଆଖି
ଲୁହ,

ଏକାନ୍ତରେ ଝରାଏ, ବତୁରିଯାଏ ତକିଆ
ପବନ ବି ଶୁଣିପାରେନା ତା' କଇଁକଇଁ କାନ୍ଦ।

ସମସ୍ତଙ୍କ କଥା ବୁଝିବୁଝି
ଅଣଦେଖା କରିଦେଇଛି ସେ ତା' ନିଜକୁ,
ରଏବାରୀ ବଡେ ବି ଏତିକି ବି ଜାଣେନା
ତା' ମନଚେର ମାଡ଼ି ଚାଲିଛି ମାଟିତଳକୁ ନା
ଦେଖାଗଲାଣି ଉପରକୁ।

-ଜୁନାଗଡ, କଳାହାଣ୍ଡି
ମୋ - ୮୬୫୮୭୪୦୨୯୧

# ଜିତେନ୍ଦ୍ର ହରିପାଲ ପ୍ରାଚୀ କଳା ସମ୍ମାନରେ ସମ୍ମାନିତ



**କଟକ,୩୧।୧/ଏନ୍‌ଏନ୍‌ଏସ୍‌:** ପ୍ରାଚୀ ଅନୁଷ୍ଠାନ ପକ୍ଷରୁ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲଙ୍କୁ ଅଇଁଠାପାଲି, ପିଏଚ୍‌ଡି ପଡିଆ, ସମ୍ବଲପୁର ପୁସ୍ତକ ମେଳାରେ ମାନପତ୍ର ଓ ଉପଢୌକନ ପ୍ରଦାନ କରି 'ପ୍ରାଚୀ କଳା ସମ୍ମାନ'ରେ ସମ୍ମାନିତ କରାଯାଇଛି। ସେ ସମ୍ବଲପୁରୀ ସଙ୍ଗୀତକୁ ବିଶ୍ୱ ଦରବାରରେ ପହଞ୍ଚାଇବା ସହ ରଙ୍ଗବତୀ ଗୀତକୁ ସମ୍ବଲପୁରୀ ଢାଞ୍ଚାରେ କଣ୍ଠଦାନ କରି କୋଟି କୋଟି ସଂଗୀତପ୍ରେମୀଙ୍କ ହୃଦୟର ରାଜା ହୋଇ ସାରିଛନ୍ତି । ଏକ ହଜାରରୁ ଊର୍ଦ୍ଧ୍ୱ ସମ୍ବଲପୁରୀ ସଙ୍ଗୀତକୁ ସ୍ୱରଦାନ କରି ସେ ସଙ୍ଗୀତ ଜଗତରେ ଏକ ନିଆରା ଉଦାହରଣ ସୃଷ୍ଟି କରିପାରିଛନ୍ତି। ଏହି ସଭାରେ ସୁକାନ୍ତ କର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ମୀନକେତନ ପାଠୀ, ମୁଖ୍ୟବକ୍ତା ଭାବେ ଡକ୍ଟର ଶ୍ୟାମ ଭୋଇ ଓ ବିଶିଷ୍ଟ ଅତିଥି ଭାବେ ଡାକ୍ତର ରମା ବଲ୍ଲଭ ମିଶ୍ର, ସମ୍ମାନିତ ଅତିଥି ଭାବେ ଡକ୍ଟର ପରିକ୍ଷିତ ଭୋଇ, ସ୍ୱଚ୍ଛ ପ୍ରକାଶ ପଣ୍ଡା ଯୋଗଦାନ କରି ପଦ୍ମଶ୍ରୀ ଶ୍ରୀ ହରିପାଲଙ୍କୁ ପ୍ରଶଂସା କରିଥିଲେ। ଏହି ସଭାରେ କାଇଁଚଲତା ମଲ୍ଲିକ, ଇନ୍ଦ୍ରଜିତ ପାତ୍ର, ଲୋଜିନ ବାଘ,ବିକାଶ କୁମାର ଦାସ,ଅଂଶୁମାନ ପାତ୍ର ଓ କାହ୍ନୁ ମଲ୍ଲିକ ସହଯୋଗ କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ପଦ୍ମଶ୍ରୀ ଶ୍ୟାମାମଣି ଦେବୀ ଓ ସଭାପତି ପ୍ରଫେସର ଡ.ମନ୍ଦାକିନୀ ଦାସ ଶୁଭେଚ୍ଛା ବାର୍ତ୍ତା ଜଣାଇଥିଲେ। ସମ୍ପାଦକ ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ ଶେଷରେ ଧନ୍ୟବାଦ ଦେଇଥିଲେ।

# ଅନ୍ଦରପୁର ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ



**କଟକ,୩୧।୧/ଏନ୍‌ଏନ୍‌ଏସ୍‌:** ସ୍ଥାନୀୟ ଅନ୍ଦରପୁର ଗ୍ରାମରେ ଶୁକ୍ଳପକ୍ଷ କୁମ୍ଭ ବରାହ ଦ୍ୱାଦଶୀ ତିଥିରେ ଗୋପୀନାଥଜୀଉ ଠାକୁରଙ୍କ ବିଜେସ୍ଥଳରେ ୨୩ତମ ଶ୍ରୀଶ୍ରୀ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଅଧିକାରୀ ପ୍ରମୋଦ ଭୋଳଙ୍କ ସଂଯୋଜନାରେ ୨୯ରେ ଶୁଭାଧିବାସ, ୩୦ରେ ଅହୋରାତ୍ର ନାମଜଜ୍ଞ ସହ ପ୍ରସାଦ ସେବନ ଏବଂ ୩୧ ତଥା ଉଦ୍‌ଯାପନୀରେ ନଗରକୀର୍ତ୍ତନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ, ସ୍ଥାନୀୟ କର୍ପୋରେଟର୍ ଅରବିନ୍ଦ ଜେନା, ବିଧାୟକଙ୍କ ପ୍ରତିନିଧି ରମାକାନ୍ତ ଲେଙ୍କା, ୨୨ ଦିଗଭାଗର ସର୍ବାଧିକାରୀ ସୁବାସ ଚନ୍ଦ୍ର ସାହୁ, ସଭ୍ୟ ରବୀନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହନ୍ତ ଦିଲ୍ଲୀପ କୁମାର ଜେନା, କଟୁଆଳ ବିଶ୍ୱରଞ୍ଜନ ସ୍ୱାଇଁ, ଗୋପୀନାଥଜୀଉ ଉନ୍ନୟନ କମିଟିର ସଭାପତି ସୁରେନ୍ଦ୍ର ପଟ୍ଟନାୟକ, ସମ୍ପାଦକ ବିନୟ କୁମାର ଦାସ, କୋଷାଧ୍ୟକ୍ଷ ରବିନାରାୟଣ ମହାନ୍ତି, ମୁରବୀ ବାମନ ଚରଣ ମହାନ୍ତି, ପ୍ରସନ୍ନ ମହାନ୍ତି, ଚିତ୍ତରଞ୍ଜନ ନାୟକ, ରଞ୍ଜିତ ରାଉତ, ପର୍ଶୁରାମ ଆଚାର୍ଯ୍ୟ, ବିଶ୍ୱରଞ୍ଜନ ଜେନା, ଅନିଲ ଜେନା, ବାସୁଦେବ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ମହାରଣା, ବାଉରୀବନ୍ଧୁ ମହାନ୍ତି, ନାଲୁ ସ୍ୱାଇଁଙ୍କ ସମେତ ବହୁ ସଂଖ୍ୟାରେ ଗ୍ରାମବାସୀ ଉପସ୍ଥିତ ଥିଲେ।

# କବି ରଘୁନାଥ ଦାସଙ୍କ ସ୍ମୃତିସନ୍ଧ୍ୟା



**କଟକ,୩୧।୧/ଏନ୍‌ଏନ୍‌ଏସ୍‌:** ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଆୟୋଜିତ ବିଶିଷ୍ଟ କବି ରଘୁନାଥ ଦାସ (ଜଟାୟୁ)ଙ୍କ ସ୍ମୃତି ସଭା ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନରେ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଆୟୋଜିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ବିଶିଷ୍ଟ ଭାଷାବିତ୍ ତଥା ଓଡ଼ିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ଡକ୍ଟର କୈଳାସ ଚନ୍ଦ୍ର ଟିକାୟତରାୟ ମୁଖ୍ୟଅତିଥି, ବିଶିଷ୍ଟ କବି ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଚିବ ଅଶ୍ୱିନୀ କୁମାର ମିଶ୍ର ମୁଖ୍ୟବକ୍ତା ରୂପେ ଯୋଗଦେଇ ଜଟାୟୁଙ୍କ ଜୀବନ ଓ ପ୍ରତିଭାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏଥିରେ ଅନୁଷ୍ଠାନର ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିବାବେଳେ ସାଧାରଣ ସଂପାଦକ ରାଜୀବ କୁମାର ଷଡ଼ଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ ମଞ୍ଚ ଆମନ୍ତ୍ରଣ ଓ ସଂଗଠନ ସମ୍ପାଦକ ଶଶିକାନ୍ତ ରାଉତ ଧନ୍ୟବାଦ୍ ଦେଇଥିଲେ । ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ମହାନ୍ତି, କୋଷାଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ, କାର୍ଯ୍ୟନିର୍ବାହିକା ସମିତି ସଭ୍ୟା ଡକ୍ଟର ବୈଜୟନ୍ତୀ ମାଳା ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ଜଟାୟୁଙ୍କ ଜାମାତା ଡକ୍ଟର ଅଜୟ କୁମାର ପଟ୍ଟନାୟକ ଓ କନ୍ୟା ଡକ୍ଟର ମମତା ଦାସ ଉପସ୍ଥିତ ଥିଲେ।

## ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବ

# ବିକଶିତ ଓଡ଼ିଶା ସ୍ୱପ୍ନ ସାକାର ଲାଗି ଛାତ୍ରଛାତ୍ରୀ ପ୍ରତିଭାର ବିନିଯୋଗ କରନ୍ତୁ: ରାଜ୍ୟପାଳ

**ଟାଙ୍ଗୀ,୩୧।୧/ଏନ୍‌ଏନ୍‌ଏସ୍‌:** ଛାତ୍ରଛାତ୍ରୀମାନେ ଆତ୍ମବିଶ୍ୱାସ, ଦକ୍ଷତା ଓ ଚରିତ୍ରବତ୍ତା ସହ ଆଗକୁ ବଢ଼ିବା ଏବଂ ବିକଶିତ ଓଡ଼ିଶା ଓ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାରେ ନିଜର ପ୍ରତିଭାକୁ ବିନିଯୋଗ କରିବା ସହିତ ସତ୍ୟତା ଓ ସେବା ମାଧ୍ୟମରେ ରାଜ୍ୟ ତଥା ଦେଶକୁ ସଶକ୍ତ କରିବାକୁ ରାଜ୍ୟପାଳ ଡ. ହରିବାବୁ କମ୍ଭମପଟି ଛାତ୍ରଛାତ୍ରୀଙ୍କୁ ଦିଗ୍‌ଦର୍ଶନ ଦେଇଛନ୍ତି। ଶନିବାର କଟକର ଟାଙ୍ଗୀସ୍ଥିତ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବରେ ପୌରୋହିତ୍ୟ କରି ରାଜ୍ୟପାଳ କହିଲେ ଡିଗ୍ରୀ ହାସଲ ଶିକ୍ଷାର ପରିସମାପ୍ତି ନୁହେଁ, ଶିକ୍ଷା ହେଉଛି ଏକ ଅନ୍ତହୀନ ଯାତ୍ରା। ଛାତ୍ରଛାତ୍ରୀମାନେ କୌଣସି ପଥ ବାଛନ୍ତୁ, ତାହା ଶିଳ୍ପ ହେଉକି ଉଦ୍ୟମିତା, ଉଚ୍ଚ ଶିକ୍ଷା, ଗବେଷଣା କିମ୍ବା ସରକାରୀ ଚାକିରୀ ମାତ୍ର ସେହି କାର୍ଯ୍ୟରେ ସମର୍ପଣ, ନୂତନ ଚିନ୍ତାଧାରା ଓ ନୀତିନିଷ୍ଠତା ପ୍ରତିବିମ୍ବିତ ହେବା ଦରକାର। 'ଜାତୀୟ ଶିକ୍ଷାନୀତି ୨୦୨୦' ଉପରେ ଅଭିମତ ଦେଇ ଏକ ବିଂଶ ଶତାବ୍ଦୀର



ଆବଶ୍ୟକତା ପୂରଣ ଲାଗି ନୂତନ ଜାତୀୟ ଶିକ୍ଷାନୀତି ଏକ ଦୂରଦର୍ଶୀ ପଦକ୍ଷେପ ଏବଂ ଏହାକୁ କାର୍ଯ୍ୟକାରୀ କରିବା ଦିଗରେ 'ଡ୍ରିମ୍‌ସ' ଅର୍ଥପୂର୍ଣ୍ଣ ପଦକ୍ଷେପ ନେଇଥିବାରୁ ସେ ସାଧୁବାଦ ଜଣାଇଥିଲେ। ମୁଖ୍ୟଅତିଥି ଭାରତର ପୂର୍ବତନ ବୈଦେଶିକ ସଚିବ ଲଳିତ ମାନସିଂହ 'ଓଡ଼ିଶା: ଗତକାଲି, ଆଜି ଏବଂ ଆଗାମୀ କାଲି' ପ୍ରସଙ୍ଗରେ ଦୀକ୍ଷାନ୍ତ ଅଭିଭାଷଣ ପ୍ରଦାନ କରିଥିଲେ। ଆଜି ଭାରତର ଦ୍ରୁତତମ ଅର୍ଥନୈତିକ ଅଗ୍ରଗତି ଭିତରେ ଓଡ଼ିଶା ନିଜର ଭିତ୍ତିଭୂମିକୁ ସୁଦୃଢ଼ କରିପାରିଛି ଏବଂ ରାଜ୍ୟ ସରକାରଙ୍କ 'ବିକଶିତ ଓଡ଼ିଶା -୨୦୩୬' ସଂକଳ୍ପ ସାକାର ଲାଗି ଉଦ୍ୟମ ଜାରି ରହିଥିବା ସେ କହିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା 'ଡ୍ରିମ୍‌ସ'ର ସଫଳତା ସଂପର୍କରେ ବିବରଣୀ ପ୍ରଦାନ କରିଥିଲାବେଳେ ସହ ଅଧ୍ୟକ୍ଷ ଇଂ ଦୁର୍ଗାପ୍ରସାଦ ରଥ ସ୍ୱାଗତ ସୂଚନା ଓ ରେଜିଷ୍ଟ୍ରାର କୃଷ୍ଣପ୍ରସାଦ ପତି ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଶିଷ୍ଟ ସମାଜସେବୀ ପଦ୍ମଶ୍ରୀ ଡ. ତୁଳସୀ ମୁଣ୍ଡା ଓ ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ପଦ୍ମଶ୍ରୀ ଡ. ଦମୟନ୍ତୀ ବେଶ୍ରାଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଥିଲା । ଏଥି ସହିତ ପରୀକ୍ଷାରେ ସର୍ବୋଚ୍ଚ ସଫଳତା ହାସଲ କରିଥିବା ୧୮ଜଣ କୃତୀ ବିଦ୍ୟାର୍ଥୀଙ୍କୁ ସ୍ୱର୍ଣ୍ଣପଦକ ଓ ୬୯୮ ଜଣଙ୍କୁ ଡିଗ୍ରୀ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ସମାବର୍ତ୍ତନ ଉତ୍ସବକୁ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ସଫଳତା ପାଇଁ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ। ବିଶ୍ୱବିଦ୍ୟାଳୟ ବୋର୍ଡ ଅଫ ଗଭର୍ଣ୍ଣରର ସଦସ୍ୟ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର, ପ୍ରଫେସର ଡା. ଶକ୍ତି ପ୍ରସାଦ ଦାସ, ଇଂ ଡ. ପ୍ରଭାକର ସ୍ୱାଇଁ, ପ୍ରଫେସର ଡ. ବିଜୟାନନ୍ଦ ସିଂହ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାଧ୍ୟାପିକା ଅନୁରେଖା ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମାବର୍ତ୍ତନ ସମାରୋହର ଆବାହକ ଡ. ବିଶ୍ୱରଂଜନ ମହାନ୍ତି, ଡେପୁଟୀ ରେଜିଷ୍ଟ୍ରାର ଇଂ ଶିଶିର କୁମାର ସାହୁ, ପଦ୍ମିନୀ କେୟାରର ପରିଚାଳନା ନିର୍ଦ୍ଦେଶିକା ନୀଳଞ୍ଜନା ମୁଖାର୍ଜୀ, ପ୍ରଫେସର ଡା. ଶିଶୁଶଙ୍କର ମିଶ୍ର, ଅରିନ୍ଦମ ରାୟ, ବିସି ମହାନ୍ତି, ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ, ଏସପି ଭିନୀତ୍ ଅଗ୍ରୱାଲଙ୍କ ସମେତ ବରିଷ୍ଠ ସରକାରୀ ପଦାଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉତ୍ସବରେ ଉପସ୍ଥିତ ଥିଲେ।

# ସିଡିଏର ଗ୍ରାମସ୍ତରୀୟ ହିତାଧିକାରୀ ବୈଠକ





**କଟକ,୩୧।୧/ଏନ୍‌ଏନ୍‌ଏସ୍‌:** କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡ଼ିଏ) ପକ୍ଷରୁ ବାରଙ୍ଗ ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ ହୋଇଥିବା ପ୍ରସ୍ତାବିତ ଟାଉନ ପ୍ଲାନିଂ ସ୍କିମ ନଂ -୧ ପ୍ରଥମ ଗ୍ରାମସ୍ତରୀୟ ହିତାଧିକାରୀ ବୈଠକ ଶେଷ ହୋଇଛି। ରତାଗଡ଼-ଲେଙ୍କାସାହି ଏବଂ ଚଣ୍ଡୀପ୍ରସାଦ ଗ୍ରାମର ଜମି ମାଲିକମାନେ ବୈଠକରେ ଅଂଶଗ୍ରହଣ କରି ଯୋଜନା ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲେ। ସିଡିଏର ଉପାଧ୍ୟକ୍ଷା କିରଣଦୀପ କୌର ସହୋତାଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ସିଡିଏ ସଚିବ ଡ. ଶ୍ୱେତ କୁମାର ଦାସ, ସହକାରୀ ଟାଉନ ପ୍ଲାନ୍‌ର ବିଷ୍ଣୁ ପ୍ରସାଦ ସାହୁ, ପ୍ରଶାସନିକ ଅଧିକାରୀ ଜନକ ନାୟକ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଜମି ସମ୍ବନ୍ଧୀୟ ଯୋଜନା ପ୍ରସ୍ତାବ, ବିକାଶ ବ୍ୟବସ୍ଥା ଏବଂ ଟାଉନ ପ୍ଲାନିଂ ସ୍କିମ -୧ ଅନ୍ତର୍ଗତ ଆବଣ୍ଟନ ନୀତି ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ବୈଠକରେ ଜମି ମାଲିକମାନଙ୍କୁ ସେମାନଙ୍କର ମତାମତ, ପରାମର୍ଶ ଏବଂ ସମ୍ପୃକ୍ତ ହେବା ପାଇଁ ଉତ୍ସାହିତ କରାଯାଇଥିଲା। ସିଡିଏର ଉପାଧ୍ୟକ୍ଷା ସ୍ୱଚ୍ଛ ଶାସନ ଓ ଅନ୍ତର୍ଭୁକ୍ତ ଯୋଜନା ପ୍ରତି ସିଡିଏର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ଶେଷରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ମା' ଆତଙ୍କନାଶିନୀଙ୍କ ବାର୍ଷିକୋତ୍ସବ

**କଟକ,୩୧।୧/ଏନ୍‌ଏନ୍‌ଏସ୍‌:** ଦରଘାବଜାରସ୍ଥିତ କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସିଟି ହସ୍ପିଟାଲ ପରିସରରେ ମା'ଆତଙ୍କ ନାଶିନୀଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଯଥାରିତୀ ପାରମ୍ପରିକ ପ୍ରଥା ଅନୁଯାୟୀ ଯଜ୍ଞ, ପୂର୍ଣ୍ଣାହୁତି ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବୋଲି ମନ୍ଦିରର ପୂଜକ କୃଷ୍ଣ ଚନ୍ଦ୍ର ଦାଶ ସୂଚନା ଦେଇଛନ୍ତି। ଏହି ଉତ୍ସବରେ ମନ୍ଦିରର କର୍ମକର୍ତ୍ତା ଓ ହସ୍ପିଟାଲର କର୍ମଚାରୀମାନେ ଯୋଗ ଦେଇ ସମସ୍ତ କାର୍ଯ୍ୟକ୍ରମକୁ ସମାପନ କରିଥିବାବେଳେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ପ୍ରସାଦ ସେବନ କରିଥିଲେ।

# ଜିଲ୍ଲା କାର୍ଯ୍ୟାଳୟରେ ବିଜେଡିର ବନ୍ଧୁମିଳନ



**କଟକ,୩୧।୧/ଏନ୍‌ଏନ୍‌ଏସ୍‌:** କଟକ ଜିଲ୍ଲା ବିଜୁ ଜନତା ଦୋଳମୁଣ୍ଡାଇ ସ୍ଥିତ କାର୍ଯ୍ୟାଳୟଠାରେ ଏକ ବିଶେଷ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଚନ୍ଦ୍ର ସାରଥୀ ବେହେରା ଯୋଗ ଦେଇ ରାଜ୍ୟ ସରକାରଙ୍କର ଭୟଙ୍କର ଜନ ମାରଣ ନୀତି ଯୋଗୁଁ ଗାଁ ଗହଳିରେ ଲୋକେ ହନ୍ତସନ୍ତ ହେଉଛନ୍ତି ବୋଲି କହିଥିଲେ। ଏନେଇ ବିଜେଡି ଲୋକଙ୍କୁ ସଚେତନ କରିବା ସହିତ ଜନ ଆନ୍ଦୋଳନ କରିବ ବୋଲି ବନ୍ଧୁମିଳନରେ ଉପସ୍ଥିତ ବରିଷ୍ଠ ନେତାମାନେ ମତ ଦେଇଥିଲେ। ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ପୂର୍ବତନ ଡେପୁଟି ମେୟର ମଧୁସୂଦନ ସାହୁ, ମହମ୍ମଦ ସକିଲ, ପ୍ରଫୁଲ୍ଲ ବେହେରା, ପ୍ରକାଶ ସିଂହ, ତାପସ ମହାନ୍ତି,ଅନିତା ବେହେରା, ପୂର୍ଣ୍ଣିମା ସିଂହ, ତନ୍ମୟା ରାୟ, ବନଲତା ପ୍ରଧାନ, ଦେବେନ୍ଦ୍ର କାହାଳି, ପ୍ରଦୀପ ସିଂହ, ବିଜୟ ଓଝା, ରାଜେନ୍ଦ୍ର ରଣା, ଜନସନ ମହାପାତ୍ର, ସରୋଜ ରଞ୍ଜନ କର, ବିଷ୍ଣୁ ସାହୁ, ଅବଦୁଲ କରିମ, ନିମାଇଁ ବିଶ୍ୱାଳ, ଯୁଧିଷ୍ଠିର ବିଶ୍ୱାଳ, କାଳନ୍ଦୀ ନାରାୟଣ ମଲ୍ଲିକ, ସେକ ରିୟାଜୁଲ୍ଲା, ଅର୍ପିତା ଦାସ, ପ୍ରତାପ ନାୟକ, ସମ୍ପଦ ମଲ୍ଲିକ, ସଜ୍ଜାଦ ହୁସେନ, ରଞ୍ଜନ ପାଲ ଓ ରାକେଶ ଦାସ ପ୍ରମୁଖ ଯୋଗ ଦେଇଥିଲେ।

# ଦହିବରା ଆଳୁଦମ୍ ବ୍ୟବସାୟୀ ସଂଘର ସାଧାରଣ ପରିଷଦ ବୈଠକ



**କଟକ,୩୧।୧/ଏନ୍‌ଏନ୍‌ଏସ୍‌:** କଟକ ଦହିବରା ଆଳୁଦମ ବ୍ୟବସାୟୀ ସଂଘର ସାଧାରଣ ପରିଷଦ ବୈଠକ କଟକ ବିଡାନାସୀଠାରେ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ଅଙ୍ଗଦାନ ସମିତିର ଅଧ୍ୟକ୍ଷ ଡଃ ପ୍ରଭାସ ଆଚାର୍ଯ୍ୟ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସଂଘର ସଭାପତି ପ୍ରଦୀପ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବୃହତ୍ତର କଟକ ନାଗରିକ ମହାସଭାର ଆବାହକ ମନୋଜ କୁମାର ପତି ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ଶିଳ୍ପପତି ପ୍ରଶାନ୍ତ କୁମାର ବିଶ୍ୱାଳ, ଚାଟାର୍ଡ ଆକାଉଣ୍ଟାଣ୍ଟ ଜିତେନ୍ଦ୍ର କୁମାର ଗୌର, ଦହିବରା ଏକ୍ସପ୍ରେସର ପ୍ରତିଷ୍ଠାତା ଅଧ୍ୟକ୍ଷ ସୌରଭ ଖଣ୍ଡେଲୱାଲ, ସମାଜସେବୀ ପ୍ରଣତୀ ଭୂୟାଁ, ସମାଜସେବୀ ବସନ୍ତ କୁମାର ବେହେରା ଓ ସମାଜସେବୀ ଆଶିଷକାନ୍ତ ମହାନ୍ତି ଯୋଗ ଦେଇଥିଲେ। ଦହିବରା ଆଳୁଦମ୍‌କୁ ଆଗାମୀ ଦିନରେ ଜିଆଇ ଟ୍ୟାଗ୍‌ର ମାନ୍ୟତା ପ୍ରଦାନ ପାଇଁ ସଂଘର ପ୍ରୟାସକୁ ଆହୁରି ବ୍ୟାପକ କରାଯିବା ପାଇଁ ବୈଠକରେ ଅତିଥିମାନେ ମତ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର କାର୍ଯକାରୀ ସଭାପତି ବିଜନ କୁମାର ଦାସ, ଉପସଭାପତି ପ୍ରତାପ କୁମାର ବାରିକ, ଯୁଗ୍ମ ସମ୍ପାଦକ ହେମନ୍ତ ସାହୁ, ସହସମ୍ପାଦକ ଅଜୟ ବେହେରା, କୋଷାଧ୍ୟକ୍ଷ ସନ୍ତୋଷ କୁମାର ସାହୁ, ଉପଦେଷ୍ଟା ଉତ୍ତମ ପଣ୍ଡା ଓ ଉପଦେଷ୍ଟା ସମ୍ବିତ କୁମାର ରାଉତ ଯୋଗ ଦେଇଥିଲେ। ସଂଘର ଉପଦେଷ୍ଟା ସୁକାନ୍ତ ମହାନ୍ତି ସଭା ପରିଚାଳନା କରିଥିବା ବେଳେ କେଦାରନାଥ ସାଶମଲ ଧନ୍ୟବାଦ୍ ଦେଇଥିଲେ।

# କଟକ ଘରୋଇ ବସ୍ ମାଲିକ ସଂଘର ନିର୍ବାଚନ



**କଟକ,୩୧।୧/ଏନ୍‌ଏନ୍‌ଏସ୍‌:** କଟକ ଘରୋଇ ବସ ମାଲିକ ସଂଘର ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଉପଦେଷ୍ଟା ମଣ୍ଡଳୀ ଏବଂ ଶତାଧିକ ସଭ୍ୟ ଉପସ୍ଥିତ ଥିଲେ। ପୂର୍ବ ସାଧାରଣ ପରିଷଦ ବୈଠକ ଅନୁସାରେ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ମାନେ କର୍ମକର୍ତ୍ତା ଚୟନର ଏକ ଚିଠା ସମସ୍ତଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ଉକ୍ତ ତାଲିକା ଆଧାରରେ ସଭାପତି ଭାବେ ପ୍ରିୟବ୍ରତ ତ୍ରିପାଠୀ, ସାଧାରଣ ସମ୍ପାଦକ ଭାବେ ଶିଶିର ପାତ୍ର ଓ କୋଷାଧ୍ୟକ୍ଷ ଭାବେ ମନୀଷ ବାରିକଙ୍କ ନାମ ଘୋଷଣା କରିଥିଲେ। ତତ୍‌ସହିତ ପାଞ୍ଚଜଣ ଉପ ସଭାପତି, ୫ଜଣ ଯୁଗ୍ମ ସମ୍ପାଦକ, ୫ ଜଣ ସହସମ୍ପାଦକ ଏବଂ ୨୫ ଜଣିଆ କାର୍ଯ୍ୟକାରୀ ସଭ୍ୟ ନାମ ଘୋଷଣା କରିଥିଲେ। ସମସ୍ତ ନିର୍ବାଚିତ କର୍ମକର୍ତ୍ତା ଏବଂ କାର୍ଯ୍ୟକାରୀ ସଭ୍ୟମାନଙ୍କୁ ବରିଷ୍ଠ ଉପଦେଷ୍ଟା ଲକ୍ଷ୍ମୀପ୍ରସନ୍ନ ତ୍ରିପାଠୀ ଶପଥପାଠ କରାଇଥିଲେ।

## ଖ୍ରୀଷ୍ଟ କଲେଜର ବାର୍ଷିକ ଉତ୍ସବ

# 'ପୁସ୍ତକ ଅଧ୍ୟୟନ ହିଁ ଜ୍ଞାନ ଅର୍ଜନର ମୂଳାଧାର'



**କଟକ,୩୧।୧/ଏନ୍‌ଏନ୍‌ଏସ୍‌:** ଖ୍ରୀଷ୍ଟ କଲେଜର ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷା ମଧୁମିତା ପାତ୍ର ସ୍ୱାଗତ ଭାଷଣରେ ଛାତ୍ରଛାତ୍ରୀ ତଥା ମହାବିଦ୍ୟାଳୟର ଗୌରବମୟ ଗାଥା ଉପସ୍ଥାପନ କରିଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ପ୍ରାଧ୍ୟାପକ ଡଃ ଦୈତ୍ୟାରୀ ଶୁକ୍ଳ। ସମ୍ମାନିତ ଅତିଥି ପରିଚାଳନା ସମିତିର ସଭାପତି ଅନୁପମ ପାତ୍ର ଓ ସମ୍ପାଦକ ଶୁଭାଶୀଷ ସାହୁ କଲେଜର ସମସ୍ତ କର୍ମଚାରୀ, ବିଦ୍ୟାର୍ଥୀ ତଥା ଭିତ୍ତିଭୂମିର ବିକାଶ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟଅତିଥି ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଦାଶବେନହୁର୍ ପୁସ୍ତକ ଅଧ୍ୟୟନ ହିଁ ଜ୍ଞାନ ଅର୍ଜନର ମୂଳାଧାର, ମୋବାଇଲ ନୁହେଁ ବୋଲି କହିବା ସହିତ ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ଶିକ୍ଷା ଓ ଶିକ୍ଷିତ ମାନଙ୍କ ମଧ୍ୟରେ ଲୁଚିରହିଥିବା ଉଚ୍ଚ ଆଦର୍ଶଗତ ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। କଲେଜର ସ୍ନାତକୋତ୍ତର,ସ୍ନାତକ ଓ ଯୁକ୍ତଦୁଇ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ସର୍ବୋଚ୍ଚ ନମ୍ବର ରଖିଥିବା ବିଦ୍ୟାର୍ଥୀମାନଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା। ଜିଲ୍ଲା ପ୍ରଶାସନ ଦ୍ୱାରା ପରିଚାଳିତ ନାଟକ ପ୍ରତିଯୋଗିତାରେ ବିଶେଷ ସଫଳତା ଅର୍ଜନ କରିଥିବା କଲେଜର ବିଦ୍ୟାର୍ଥୀ ଅଭିନେତା ଓ ଅଭିନେତ୍ରୀମାନଙ୍କୁ ସ୍ୱତନ୍ତ୍ରଭାବେ ସମ୍ମାନିତ କରାଯାଇଥିଲା। ଅଧ୍ୟାପକ ଡଃ ସାରଦା ପ୍ରସାଦ କର, ଅଧ୍ୟାପିକା ରିଙ୍କୁମହାପାତ୍ର, ବିଶ୍ୱରୂପା ମହାନ୍ତି ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ନୃତ୍ୟ, ଗୀତ, ବାଦ୍ୟ ଓ ଏକକ ଅଭିନୟ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଓଡ଼ିଶାର ସୁନାମଧନ୍ୟ ସଂଯୋଜିକା ଅଧ୍ୟାପିକା ଡଃ ଜିତା ରାୟ। ଅଧ୍ୟାପକ ଡଃ ଜ୍ଞାନେଶ୍ୱର ରଥ ଧନ୍ୟବାଦ ଅର୍ପଣ କରିଥିଲେ। ପରିଚାଳନା ସମିତିର ସଭ୍ୟ ଚନ୍ଦନ ଦାସ, ସୌମେନ୍ଦ୍ର ଦାସ, ପ୍ରଦୀପ୍ତ ଚୌଧୁରୀ, ଉପାଧ୍ୟକ୍ଷା ଡଃକ୍ଷଣପ୍ରଭା ନନ୍ଦ, ପ୍ରଶାସନିକ ବର୍ସାର ସୁମନ ରଏଙ୍କ ସହିତ ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହିବିଦ୍ୟାର୍ଥୀମାନଙ୍କ ଦ୍ୱାରା ପରିବେଷିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ପ୍ରାଧ୍ୟାପକ ଶୋଭନ ପଣ୍ଡା, ଡଃ ଅଶୋକ କୁମାର ସାହୁ, ସୁବ୍ରତବଳ ଓ ହେଡ୍‌କ୍ଲର୍କ ସୁରେନ୍ଦ୍ର କୁମାର ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## କଟକ ଜିଲ୍ଲା ପ୍ରଥମ ଦିଶା ବୈଠକ

# ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଉପରେ ଗୁରୁତ୍ୱ



**କଟକ,୩୧।୧/ଏନ୍‌ଏନ୍‌ଏସ୍‌:** ଜିଲ୍ଲା ପ୍ରଶାସନ ପକ୍ଷରୁ ଚଳିତ ବର୍ଷର ପ୍ରଥମ ବିକାଶ ସମନ୍ୱୟ ଏବଂ ତଦାରଖ କମିଟି (ଦିଶା) ବୈଠକ ଆଜି ପୂର୍ବାହ୍ନରେ ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଡମଡମଣି ପୀଠ ପରିସରରେ ସାଂସଦ ଭର୍ତ୍ତୃହରି ମହତାବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ବାରବାଟୀ କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଷ, କଟକ ସଦର ବିଧାୟକ ପ୍ରକାଶ ସେଠୀ, ବଡ଼ମ୍ବା ବିଧାୟକ ବିଜୟ ଦଳବେହେରା ପ୍ରମୁଖ ଉପସ୍ଥିତ ରହି ବୈଠକରେ ଆଲୋଚନା କରିଥିଲେ।

ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୈଠକ ଅନୁଷ୍ଠିତ ହୋଇଥିଲା। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅର୍ନ୍ତଗତ ଜିଲ୍ଲାର ସମସ୍ତ ବ୍ଲକରେ ଚାଲିଥିବା କାର୍ଯ୍ୟ ପ୍ରକଳ୍ପର ସ୍ଥିତି, ନିୟୋଜିତ ଶ୍ରମିକ ଓ ସମୁଦାୟ ଶ୍ରମିକ ଦିବସ ଆଦି ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଅନ୍ତର୍ଗତ କାର୍ଯ୍ୟକ୍ରମ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଏଥିସହ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅନ୍ତର୍ଗତ ଫସଲ ବୀମାରେ ଚାଷୀ ଉପକୃତ ହେବା ସହ କୃଷି ଉଦ୍ୟାନ କ୍ଷେତ୍ରରେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରାଯିବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଦିବ୍ୟଲୋଚନ ମହାନ୍ତ, ଆଠଗଡ଼ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ବାଙ୍କୀ ଉପଜିଲ୍ଲାପାଳ ପ୍ରଣବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଅନ୍ତିମ ଟି-୨୦ରେ ୪୬ ରନ୍‌ରେ ହାରିଲା ନ୍ୟୁଜିଲାଣ୍ଡ

# ୪-୧ରେ ସିରିଜ୍ ପୋଛିନେଲା ଭାରତ



**ଥିରୁଅନନ୍ତପୁରମ୍, ୩୧।୧ଏଜେନ୍ସି:** ପ୍ରଥମେ ଈଶାନ୍ କିଶନ୍ ଏବଂ ଅଧିନାୟ ସୂର୍ଯ୍ୟ କୁମାରଙ୍କ ବିସ୍ଫୋରକ ବ୍ୟାଟିଂ ଏବଂ ପରେ ଅର୍ଶଦୀପ ସିଂହଙ୍କ ଘାତକ ବୋଲିଂ ଦ୍ୱାରା ୫ ୱିକେଟ୍ ଅକ୍ତିଆର ଫଳରେ ଭାରତ ଟି-୨୦ ଶୃଙ୍ଖଳାର ପଞ୍ଚମ ତଥା ଶେଷ ମୁକାବିଲାରେ ନ୍ୟୁଜିଲାଣ୍ଡକୁ ୪୬ ରନ୍‌ରେ ପରାସ୍ତ କରିଛି। ଏହି ବିଜୟ ସହ ଭାରତ ସିରିଜ୍‌କୁ ୪-୧ରେ ନିଜ ନାମରେ କରିନେଇଛି। ତେବେ ଟି-୨୦ ବିଶ୍ୱକପ୍ ଆରମ୍ଭ ହେବାକୁ ଆଉ ମାତ୍ର ଏକ ସପ୍ତାହ ଥିବା ବେଳେ ଆଜିର ଏହି ସିରିଜ୍ ବିଜୟ ଭାରତୀୟ ସ୍କ୍ୱାଡ୍‌ର ଆତ୍ମବିଶ୍ୱାସକୁ ବହୁମାତ୍ରାରେ ବଢ଼ାଇଦେଇଛି। ଅନ୍ୟପକ୍ଷେ ଦିନିକିଆ ସିରିଜ୍‌ରେ ଭାରତକୁ ପରାସ୍ତ କରିଥିବା ଏହି ଭ୍ରମଣକାରୀ ଦଳ ୫ଟି ଟି-୨୦ ମ୍ୟାଚ୍‌ରେ ମାତ୍ର ଗୋଟିଏରେ ବିଜୟୀ ହୋଇପାରିଥିଲା।

ଥିରୁଅନନ୍ତପୁରମ୍ ସ୍ଥିତ ଗ୍ରିନଫିଲ୍ଡ ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଆଜିର ଏହି ମ୍ୟାଚ୍‌ରେ ଭାରତ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଭାରତ ଧାର୍ଯ୍ୟ ୨୦ ଓଭର ସୁଦ୍ଧା ୫ ୱିକେଟ୍ ବିନିମୟରେ ୨୭୧ ରନ୍ କରିଥିଲା। ମ୍ୟାଚ୍‌ରେ ଅନ୍ୟତମ ଓପନର ଭାବେ ପଡିଆକୁ ଓହ୍ଲାଇଥିବା ସଞ୍ଜୁ ସାମ୍‌ସନ୍ ଆଜି ପୁଣିଥରେ ନିଜ ପ୍ରଶଂସକଙ୍କୁ ନିରାଶ କରିଥିଲେ ଏବଂ ମାତ୍ର ୬ ରନ୍ କରି ପାଭିଲିୟନ୍ ଫେରିଥିଲେ। ତେବେ ଅଭିଷେକ୍ ଶର୍ମା କିନ୍ତୁ ୧୬ ବଲ୍‌ରୁ ଦ୍ରୁତ ୩୦ ରନ୍ ସଂଗ୍ରହ କରିଥିଲେ ମଧ୍ୟ ଅଧିକ ସମୟ ଟିକି ପାରିନଥିଲେ। କିନ୍ତୁ ଈଶାନ କିଶନ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ସହ ମିଶି ମାତ୍ର ୯.୩ ଓଭରରେ ୧୩୭ ରନ୍ ଯୋଡ଼ିଥିଲେ। ଈଶାନ ୨୮ ବଲ୍‌ରୁ ଏବଂ ସୂର୍ଯ୍ୟ ମାତ୍ର ୨୬ ବଲ୍‌ରୁ ଅର୍ଦ୍ଧଶତକ ପୂର୍ଣ୍ଣ କରିଥିଲେ। ଈଶାନ ମାତ୍ର ୪୩ ବଲ୍‌ରୁ ନିଜର ଧୂଆଁଧାର ଶତକୀୟ ଇନିଂସ ଖେଳିଥିଲେ। ଈଶାନ୍ ୪୩ ବଲ୍‌ରେ ୧୦୩ ରନ୍ ସଂଗ୍ରହ କରିଥିଲେ ଯେଉଁଥିରେ ୬ଟି ଚୌକା ଏବଂ ୧୦ଟି ଛକା ସାମିଲ ଥିଲା। ସେହିପରି ସୂର୍ଯ୍ୟକୁମାର ୩୦ ବଲ୍‌ରୁ ୬୩ ରନ୍‌ର ପାଳି ଖେଳିଥିଲେ ଯେଉଁଥିରେ ୪ଟି ଚୌକା ଏବଂ ୬ଟି ଛକା ସାମିଲ ରହିଛି। ସେହିପରି ଦଳର ନିର୍ଭରଯୋଗ୍ୟ ଅଲ୍‌ରାଉଣ୍ଡର୍ ହାର୍ଦ୍ଦିକ ପାଣ୍ଡ୍ୟା ମଧ୍ୟ ପଡ଼ିଆକୁ ଆସି ତୁଫାନୀ ପାଳି ଖେଳିଥିଲେ। ପାଣ୍ଡ୍ୟା ମାତ୍ର ୧୭ ବଲ୍‌ରୁ ବିସ୍ଫୋରକ ୪୨ ରନ୍ କରିଥିଲେ। ରିଙ୍କୁ ସିଂହ ଏବଂ ଶୁଭମ୍ ଦୁବେ କେବଳ ମ୍ୟାଚ୍‌କୁ ଚୌକା ଏବଂ ଛକା ମାରି ଶେଷ କରିଥିଲେ।

୨୭୨ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ନ୍ୟୁଜିଲାଣ୍ଡ କିନ୍ତୁ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଓପନର ଫିନ୍ ଆଲେନ୍‌ଙ୍କୁ ବାଦ୍ ଦେଲେ ଦଳର ଅନ୍ୟ କୌଣସି ଖେଳାଳି ସେପରି ଆଖି ଦୃଶିଆ ସ୍କୋର କରିପାରିନଥିଲେ। ଫିନ୍ ଆଲେନ୍ ୩୮ ବଲ୍‌ରୁ ୮୦ ରନ୍ ସଂଗ୍ରହ କରିଥିଲେ। ଭାରତ ପକ୍ଷରୁ ଅର୍ଶଦୀପ ସିଂହ ଆଜିର ମ୍ୟାଚ୍‌ରେ ନିଜ ୪ ଓଭର ସ୍ପେଲ୍‌ରେ ୫୧ ରନ୍ ଦେଇ ୫ଟି ୱିକେଟ୍ ଅକ୍ତିଆର କରିଥିଲେ। ଆଜିର ମ୍ୟାଚ୍‌ରେ ବିସ୍ଫୋରକ ପାଳି ଖେଳିଥିବା ଈଶାନ୍ କିଶନ୍‌ଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ସେହିପରି ପୁରା ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ସ୍କୋର (୨୪୨ ରନ୍) ସଂଗ୍ରହକାରୀ ଭାବେ ଅଧିନାୟକ ସୂର୍ଯ୍ୟ କୁମାର ଯାଦବଙ୍କୁ ପ୍ଲେୟାର ଅଫ୍ ଦି ସିରିଜ୍ ଘୋଷଣା କରାଯାଇଥିଲା।

## ଟି-୨୦ ବିଶ୍ୱକପ୍ ଦଳରୁ ବାଦ୍ ପଡ଼ିଲେ ପ୍ୟାଟ୍ କମିନ୍ସ

### ମିଚେଲ୍ ମାର୍ଶ ଅଧିନାୟକ; ୩ ନୂଆ ଖେଳାଳିଙ୍କୁ ସୁଯୋଗ

**ମେଲବର୍ଣ୍ଣ, ୩୧।୧/ଏଜେନ୍ସି:** କ୍ରିକେଟ୍ ଅଷ୍ଟ୍ରେଲିଆ ପାଇଁ ଏକ ବଡ଼ ଚିନ୍ତାର ବିଷୟ ସାମ୍ନାକୁ ଆସିଛି। ଅଷ୍ଟ୍ରେଲିଆ ଟିମ୍‌ର ନିୟମିତ ଅଧିନାୟକ ପ୍ୟାଟ୍ କମିନ୍ସ ଏପର୍ଯ୍ୟନ୍ତ ନିଜ ପିଠି ଆଘାତରୁ ସୁସ୍ଥ ହୋଇପାରିନାହାନ୍ତି। ଫଳରେ କ୍ରିକେଟ୍ ଅଷ୍ଟ୍ରେଲିଆ ବୋର୍ଡ଼ ବାଧ୍ୟ ହୋଇ ଫେବ୍ରୁଆରୀ ୭ରୁ ଆରମ୍ଭ ହେଉଥିବା ଟି-୨୦ ବିଶ୍ୱକପ୍‌ରୁ ପ୍ୟାଟ୍ କମିନ୍ସଙ୍କୁ ବାଦ୍ ଦେଇଛି। ତାଙ୍କ ସ୍ଥାନରେ ବାମହାତୀ



ପେସ୍ ବୋଲର୍ ବେନ୍ ଡ୍ୱାରଶୁଇସ୍‌ଙ୍କୁ ସୁଯୋଗ ଦିଆଯାଇଛି। ତେବେ କମିନ୍ସଙ୍କ ବ୍ୟତୀତ, ମାଥ୍ୟୁ ସର୍ଟଙ୍କୁ ମଧ୍ୟ ବାଦ୍ ଦିଆଯାଇଛି। ତାଙ୍କ ସ୍ଥାନରେ ମ୍ୟାଟ୍ ରେନଶାଙ୍କୁ ମନୋନୀତ କରାଯାଇଛି। କ୍ରିକେଟ୍ ଅଷ୍ଟ୍ରେଲିଆ ଶନିବାର ଦଳ ଟି-୨୦ ବିଶ୍ୱକପ୍ ପାଇଁ ଚୂଡାନ୍ତ ଖେଳାଳି ତାଲିକା ଘୋଷଣା କରିଛି। ଏଥିରେ ମିଚେଲ୍ ମାର୍ଶଙ୍କୁ ଅଧିନାୟକ ଭାବେ ନିଯୁକ୍ତି ମିଳିଥିବା ବେଳେ ଜାଭିୟର ବାର୍ଟଲେଟ୍, କୁପର କନୋଲି ଏବଂ ମାଥ୍ୟୁ କୁହ୍ନେମାନଙ୍କ ଭଳି ଯୁବ ଖେଳାଳିଙ୍କୁ ସ୍ଥାନିତ କରାଯାଇଛି। ଅନ୍ୟପକ୍ଷେ ଟିମ୍ ଡେଭିଡ୍, ଗ୍ଲେନ୍ ମ୍ୟାକ୍ସୱେଲ୍, ମାର୍କସ୍ ଷ୍ଟୋଇନିସ୍ ଏବଂ କ୍ୟାମେରନ୍ ଗ୍ରୀନ୍ ଭଳି ଅଭିଜ୍ଞ ଅଲରାଉଣ୍ଡରଙ୍କୁ ସାମିଲ କରାଯାଇଛି। ସେହିପରି ବୋଲିଂ ଦାୟିତ୍ୱ ଜୋଶ୍ ହାଜେଲଉଡ୍, ଜାଭିୟର ବାର୍ଟଲେଟ୍‌ଙ୍କ ଉପରେ ନ୍ୟସ୍ତ ରହିଛି। ଆଡାମ ଜାମ୍ପା ଏବଂ ନାଥନ୍ ଏଲିସ୍ ମଧ୍ୟ ବୋଲିଂ ଲାଇନଅପ୍‌ର ଅଂଶ ବିଶେଷ ରହିଛନ୍ତି। ପ୍ରକାଶ, ଅଷ୍ଟ୍ରେଲିଆ ଦଳ ଫେବୃଆରୀ ୧୧ ତାରିଖରେ କଲମ୍ବୋ ଷ୍ଟାଡିୟମରେ ଆୟର୍ଲାଣ୍ଡ ବିପକ୍ଷରେ ଏହାର ଅଭିଯାନ ଆରମ୍ଭ କରିବ।

## ଦେଶ ବିଦେଶ

# ଯୋଧପୁର ଏମ୍ସରେ ୱାଙ୍ଗଚୁକ୍ ଭର୍ତ୍ତି

**ଜୟପୁର, ନୂଆଦିଲ୍ଲୀ, ୩୧।୧/ଏଜେନ୍ସି:** ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ପରିବେଶ କର୍ମୀ ତଥା ବୈଜ୍ଞାନିକ ସୋନମ୍ ୱାଙ୍ଗଚୁକ୍‌ଙ୍କୁ ଯୋଧପୁର ଏମ୍ସରେ ଭର୍ତ୍ତି କରାଯାଇଛି। ୱାଙ୍ଗ୍‌ଚୁକ୍ ସମ୍ପ୍ରତି ନ୍ୟାୟିକ ହେପାଜତରେ ଥିବା ବେଳେ ଶନିବାର ସକାଳେ ହଠାତ୍ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଯାଇଥିଲା। ସୁତରାଂ ୱାଙ୍ଗଚୁକ୍‌ଙ୍କୁ ପୁଲିସ ଯୋଧପୁର ଏମ୍ସର ଜରୁରୀକାଳୀନ ୱାର୍ଡ଼ରେ ଭର୍ତ୍ତି କରିଥିଲା। ତାଙ୍କୁ ପ୍ରାୟ ଦେଢ଼ ଘଣ୍ଟାଧରି ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟମାନେ ନିରୀକ୍ଷଣରେ ରଖିବା ପରେ ଜଣାପଡିଥିଲା ଯେ, ସୋନମ୍‌ଙ୍କର ପାକସ୍ଥଳୀ ଜନିତ ସମସ୍ୟା ରହିଛି। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଯନ୍ତ୍ରଣା ହେଉଥିବା ମଧ୍ୟ ସେ



ଅଭିଯୋଗ କରୁଛନ୍ତି। ପ୍ରକାଶ, ଦିନକ ପୂର୍ବରୁ ତାଙ୍କୁ ଏମ୍ସକୁ ପରୀକ୍ଷଣ ପାଇଁ ନିଆଯାଇଥିଲା। ପରେ କଡ଼ା ସୁରକ୍ଷା ମଧ୍ୟରେ ପୁଣି ଥରେ ଯୋଧପୁର ସେଣ୍ଟ୍ରାଲ ଜେଲ୍‌କୁ ପଠାଇ ଦିଆଯାଇଥିଲା। ସୋନମ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ତାଙ୍କ ପତ୍ନୀ ଚିନ୍ତା ପ୍ରକଟ କରିବା ସହିତ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ୱାଙ୍ଗଚୁକ୍‌ଙ୍କୁ ଜେଲରେ ଦିଆଯାଉଥିବା ପାଣି ଯୋଗୁ ତାଙ୍କଠାରେ ପାକସ୍ଥଳୀ ସମସ୍ୟା ଦେଖାଯାଉଛି, ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ତାଙ୍କର ଚିକିତ୍ସା କରାଯାଉନାହିଁ ବୋଲି ତାଙ୍କ ପତ୍ନୀ ଅଭିଯୋଗ କରିଥିଲେ। ତେବେ ଏହା ଉପରେ ଶୁଣାଣି କରି ସୁପ୍ରିମକୋର୍ଟ ୱାଙ୍ଗ୍‌ଚୁକ୍‌ଙ୍କୁ ତାଙ୍କ ପରିବାର ପକ୍ଷରୁ ଦିଆଯାଉଥିବା ପାନୀୟ ଜଳ ପିଇବାକୁ ଅନୁମତି ଦେବାକୁ ଏବଂ ଆସନ୍ତା ଫେବୃଆରୀ ୨ ତାରିଖ ସୁଦ୍ଧା ତାଙ୍କ ମେଡିକାଲ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜସ୍ଥାନ ସରକାରଙ୍କ ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ପକ୍ଷ ରଖି କହିଥିଲେ ଯେ, ୱାଙ୍ଗଚୁକ୍‌ଙ୍କର ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ଗତ ୪ ମାସରେ ତାଙ୍କର ୨୧ ଥର ସ୍ୱାସ୍ଥ୍ୟ ପରୀକ୍ଷା ହୋଇସାରିଛି। ପ୍ରକାଶ, ଲଦାଖକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରଦାନ ଦାବିରେ ଗତବର୍ଷ ସେପ୍ଟେମ୍ବରରେ ଲେହରେ ହିଂସା ଦେଖାଯାଇଥିଲା। ଏଥିରେ ୪ ଜଣଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣା ପରେ ୱାଙ୍ଗଚୁକ୍‌ଙ୍କୁ ଜାତୀୟ ନିରାପତ୍ତା ଆଇନ ଆଧାରରେ ଗିରଫ କରାଯାଇଛି।

### ଜାତିସଂଘ ସଦସ୍ୟତା ଦେୟ ଓ ଋଣ ଅର୍ଥ ପୈଠରେ ବିଳମ୍ବ କରୁଛି ଆମେରିକା

# ସମୟସୁଦ୍ଧା ଦେୟ ପୈଠ କରିବାକୁ ସବୁ ସଦସ୍ୟ ରାଷ୍ଟ୍ରଙ୍କୁ ଗୁଟେରସ୍‌ଙ୍କ ଅନୁରୋଧ

**ନ୍ୟୁୟର୍କ, ୩୧।୧/ଏଜେନ୍ସି:** ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ମିଳିତ ଜାତିସଂଘର ସମସ୍ତ ସଦସ୍ୟ ରାଷ୍ଟ୍ରଙ୍କ ଉଦ୍ଦେଶ୍ୟରେ ଏକ ବଡ଼ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ, ଯଦି ସମସ୍ତ ୧୯୩ ସଦସ୍ୟ ରାଷ୍ଟ୍ର ସେମାନଙ୍କର ପ୍ରାପ୍ୟ ପୈଠ କରିବାରେ ବିଫଳ ହୁଅନ୍ତି ତେବେ ସଂଗଠନ ଖୁବ୍ ଶୀଘ୍ର ଏକ ଗମ୍ଭୀର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇପାରେ। ଗୁଟେରେସ୍ ବିଶେଷ ଭାବରେ ଆମେରିକାକୁ ଇଙ୍ଗିତ କରି ଏଭଳି କହିଥିବା ଅନୁମାନ କରାଯାଉଛି। କାରଣ ଆମେରିକା ପକ୍ଷରୁ କୋଟି କୋଟି ଡଲାର ଦେୟ ବକେୟା ପଡ଼ିଛି। ଅନ୍ୟପକ୍ଷେ ଏସବୁ ଅର୍ଥ ପୈଠ



କରିବାକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ତାଙ୍କ ସରକାର ପଛଘୁଞ୍ଚା ଦେଉଛନ୍ତି। ସୁତରାଂ ସମସ୍ତ ସଦସ୍ୟ ରାଷ୍ଟ୍ରକୁ ଏକ ଚିଠି ଲେଖି ଗୁଟେରେସ୍ ଚେତାବନୀ ଦେଇଛନ୍ତି ଯେ ଜୁଲାଇ ସୁଦ୍ଧା ସଂଗଠନର ବଜେଟ୍ ଶେଷ ହୋଇପାରେ। ଯାହା ଜାତିସଂଘର କାର୍ଯ୍ୟକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ପ୍ରଭାବିତ କରିବ। ସମସ୍ତ ସଦସ୍ୟ ରାଷ୍ଟ୍ର ସେମାନଙ୍କର ଆର୍ଥିକ ଦାୟିତ୍ୱକୁ ସମ୍ମାନ ପ୍ରଦାନ କରି ସମୟାନୁସାରେ ଦେୟ ପୈଠ କରିବା ଉଚିତ୍। ଏଥିସହ ତୁରନ୍ତ ଆର୍ଥିକ ପତନକୁ ରୋକିବା ପାଇଁ ଆମର ଆର୍ଥିକ ନିୟମଗୁଡ଼ିକୁ ମୌଳିକ ଭାବରେ ପରିବର୍ତ୍ତନ କରିବା ଜରୁରୀ ବୋଲି ସେ ଲେଖିଛନ୍ତି।

ଗୁଟେରସ୍ କୌଣସି ଦେଶ କିମ୍ବା ନିର୍ଦ୍ଦିଷ୍ଟ ପରିମାଣର ବକେୟା ଅର୍ଥ ରାଶି ସମ୍ପର୍କରେ କୌଣସି ସୂଚନା ଦେଇନାହାନ୍ତି। କିନ୍ତୁ ଜାତିସଂଘର ଜଣେ ଅଧିକାରୀ ନିଜ ନାମ ଗୋପନ ରଖିବା ସୂତ୍ରରେ ସୂଚନା ଦେଇଛନ୍ତି ଯେ, ଆମେରିକାର ପ୍ରାୟ ୨.୧୯୬ ବିଲିୟନ ଡଲାରର ଋଣ ଅଛି। ଚଳିତ ବର୍ଷ ବର୍ଷ ଆଉ ୭୬୭ ନିୟୁତ ଡଲାରର ଋଣ ରହିବ। ଏହା ସହିତ, ପୃଥକ ଶାନ୍ତିରକ୍ଷା ବଜେଟରେ ଆମେରିକାର ୧.୮ ବିଲିୟନ ଡଲାର ଋଣ ରହିଛି। ସେହିପରି ଭେନେଜୁଏଲା ଉପରେ ଜାତିସଂଘ ପକ୍ଷରୁ ୩୮ ନିୟୁତ ଆମେରିକୀୟ ଡଲାର ଋଣ ଅଛି।

### ପଶ୍ଚିମବଙ୍ଗରେ ଗର୍ଜିଲେ ଅମିତ୍ ଶାହ

# ୨୦୨୬ ରାଜ୍ୟ ରାଜନୀତିରେ ପରିବର୍ତ୍ତନର ବର୍ଷ ହେବ

**କୋଲକାତା, ୩୧।୧/ଏଜେନ୍ସି:** ଆଗକୁ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ। ଏହାକୁ ନେଇ ଏବେ ରାଜନୈତିକ ଦଳଗୁଡ଼ିକ ନିର୍ବାଚନୀ ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି। ବିଶେଷକରି ଆଗାମୀ ବିଧାନସଭା ନିର୍ବାଚନରେ ବିଜେପିର ନଜର କ୍ଷମତା ହାସଲ କରିବା ଉପରେ ରହିଥିବା ବେଳେ ବିଜେପିର ହାଇପ୍ରୋଫାଇଲ୍ ନେତାମାନେ ଏବେ ନିୟମିତ ବ୍ୟବଧାନରେ ପଶ୍ଚିମବଙ୍ଗ ଗସ୍ତ କରିବା ସହ ପ୍ରଚାର କରୁଥିବାର ଦେଖିବାକୁ ମିଳୁଛି। ଏହିକ୍ରମେ ଶନିବାର ପଶ୍ଚିମବଙ୍ଗର ଉତ୍ତର ୨୪ ପ୍ରଗଣାର ବାରାକପୁର୍ ଗସ୍ତ କରିବା ପୂର୍ବକ ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କରିଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ।




ଶାହ, ନିଜ ଭାଷଣ ଆରମ୍ଭରୁ ହିଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ତାଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ (ଟିଏମ୍‌ସି)କୁ ଟାର୍ଗେଟ୍ କରିବା ଆରମ୍ଭ କରିଥିଲେ। ଶାହ କହିଥିଲେ, 'ଦିନେ ରାବଣ ବି ଭାବିଥିଲା ତାକୁ କେହି ହରାଇପାରିବେ ନାହିଁ, କିନ୍ତୁ ଶେଷରେ ତା'ର କ'ଣ ପରିଣତି ହେଲା ତାହା ସମସ୍ତେ ଜାଣିଛନ୍ତି'। ପଶ୍ଚିମବଙ୍ଗରେ ଟିଏମ୍‌ସି ସରକାରର ପତନ ନିଶ୍ଚିତ ଏବଂ ୨୦୨୬ ରାଜ୍ୟ ରାଜନୀତିରେ ପରିବର୍ତ୍ତନର ବର୍ଷ ହେବ ବୋଲି ଶାହ ଦାବି କରିଛନ୍ତି। ତାଙ୍କ କହିବାନୁସାରେ ବାମପନ୍ଥୀମାନଙ୍କୁ ହଟାଇବା ପାଇଁ ବଙ୍ଗଳାର ଲୋକମାନେ ଟିଏମସିକୁ କ୍ଷମତା ହସ୍ତାନ୍ତର କରିଥିଲେ, କିନ୍ତୁ ଆଜି ସେହି ସରକାର ଦୁର୍ନୀତି, ଭ୍ରଷ୍ଟାଚାର, ପୁଲିସର ଅପବ୍ୟବହାର ଓ ଅନୁପ୍ରବେଶକୁ ପ୍ରୋତ୍ସାହିତ କରି ରାଜ୍ୟକୁ ପଛକୁ ନେଉଛନ୍ତି। ତେଣୁ ୨୦୨୬ ଟିଏମ୍‌ସିକୁ ବିଦାୟ ଦେବାର ବର୍ଷ। ଶାହ କହିଛନ୍ତି ମା, ମାଟି, ମାନୁଷ ସ୍ଲୋଗାନ ଦେଇ କ୍ଷମତାକୁ ଆସିଥିବା ଟିଏମ୍‌ସି ଏବେ କିନ୍ତୁ ରାଜ୍ୟରେ ଆଜି ମା, ମାଟି ଏବଂ ମାନୁଷ୍‌ଙ୍କୁ ସୁରକ୍ଷା ଦେଇପାରୁନାହିଁ। ମହିଳାଙ୍କ ସୁରକ୍ଷା ପାଇଁ କୌଣସି ଦୃଢ଼ ଗ୍ୟାରେଣ୍ଟି ନାହିଁ। ମାନୁଷ ମମତାଙ୍କ ସିଣ୍ଡିକେଟ୍ ଦ୍ୱାରା ବିଚଳିତ ଏବଂ ମାଟିକୁ ଅନୁପ୍ରବେଶକାରୀମାନେ ଗ୍ରାସ କରିଛନ୍ତି। ଏଥର ବଙ୍ଗଳାରେ ସରକାର ଗଠନ କେବଳ ରାଜ୍ୟ ପାଇଁ ନୁହେଁ, ବରଂ ସମଗ୍ର ଦେଶର ସୁରକ୍ଷା ଓ ଭବିଷ୍ୟତ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ଶାହ କହିଛନ୍ତି। ଶେଷରେ, ସେ କର୍ମୀମାନଙ୍କୁ ଏକଜୁଟ ହୋଇ ବଙ୍ଗଳାରେ ପରିବର୍ତ୍ତନ ଆଣିବା ପାଇଁ ନିର୍ବାଚନୀ ମୈଦାନରେ ପ୍ରବେଶ କରିବାକୁ ଆହ୍ୱାନ ଦେଇଛନ୍ତି।

ସେହିପରି ପଶ୍ଚିମବଙ୍ଗକୁ ବାଂଲାଦେଶୀଙ୍କ ଅନୁପ୍ରବେଶ ସମ୍ପର୍କରେ ମତ ରଖି ଶାହ କହିଛନ୍ତି, ବଙ୍ଗଳାରେ ଅବୈଧ ପ୍ରବେଶ କେବଳ ରାଜ୍ୟ ନୁହେଁ ବରଂ ସମଗ୍ର ଦେଶର ସୁରକ୍ଷା ପାଇଁ ବିପଦ ସୃଷ୍ଟି କରୁଛି। ସେ ଅଭିଯୋଗ କରିଛନ୍ତି ଯେ ରାଜ୍ୟ ସରକାର ସୀମାରେ ବାଡ଼ ଦେବା ପାଇଁ ଜମି ଯୋଗାଇ ଦେଉନାହାଁନ୍ତି, ଯାହା ସୀମା ସୁରକ୍ଷା ବାହିନୀ (ବିଏସଏଫ୍)କୁ ତା'ର କାର୍ଯ୍ୟ କରିବାରେ ବାଧା ସୃଷ୍ଟି କରୁଛି। ହାଇକୋର୍ଟ ଏହି ମାମଲାରେ ବିଏସ୍‌ଏଫ୍ ସପକ୍ଷରେ ରାୟ ଦେଇଛନ୍ତି, କିନ୍ତୁ ଏହା ସତ୍ତ୍ୱେ, ଜମି ଯୋଗାଇ ଦିଆଯାଉନାହିଁ କାରଣ ଅନୁପ୍ରବେଶକାରୀମାନେ ଶାସକ ଦଳର ଭୋଟ୍ ବ୍ୟାଙ୍କ। ଶାହ ଦାବି କରିଛନ୍ତି, ବିଜେପି କ୍ଷମତାକୁ ଆସିବା ପରେ, ୪୫ ଦିନ ମଧ୍ୟରେ ସୀମାରେ ବାଡ଼ ନିର୍ମାଣ ସମାପ୍ତ ହେବ ଏବଂ ସୁରକ୍ଷାକୁ ସୁଦୃଢ଼ କରାଯିବ।

# ବଲୁଚ ବିଦ୍ରୋହୀଙ୍କ ଆକ୍ରମଣରେ ୧୪ ପାକ୍ ସୁରକ୍ଷା କର୍ମୀ ନିହତ

**କ୍ୱେଟ୍ଟା, ୩୧।୧/ଏଜେନ୍ସି:** ବଲୁଚିସ୍ତାନ ଲିବରେସନ ଆର୍ମି (ବିଏଲ୍‌ଏ) ପକ୍ଷରୁ ବଲୁଚିସ୍ତାନର ପ୍ରାୟ ୧୨ଟି ସ୍ଥାନରେ ସାମୂହିକ ଆକ୍ରମଣ କରାଯାଇଛି। ଏଥିରେ ୧୦ ସୁରକ୍ଷା ବାହିନୀ କର୍ମଚାରୀ ମୃତ୍ୟୁବରଣ କରିଥିବା ବେଳେ ଜଣେ ଡେପୁଟି କମିଶନର ପାହ୍ୟାର ଅଧିକାରୀଙ୍କୁ ଅପହରଣ କରିନିଆଯାଇଛି। ବିଏଲ୍‌ଏ ପକ୍ଷରୁ ଏକ ଭିଡ଼ିଓ ଜାରି କରାଯାଇଛି ଯେଉଁଥିରେ ଏମାନେ କ୍ୱେଟ୍ଟାର ଏକ ଅଞ୍ଚଳକୁ କବ୍‌ଜା କରିନେଇଥିବାର ଦାବି କରୁଥିବାର ଦେଖାଇଛନ୍ତି। ଏତଦ୍‌ବ୍ୟତୀତ ଭିଡିଓରେ ଅପହୃତ ହୋଇଥିବା ପୁଲିସ୍ ଡେପୁଟି କମିଶନରଙ୍କ ସମ୍ପର୍କରେ ମଧ୍ୟ ସୂଚନା ଦିଆଯାଇଛି। ବିଏଲ୍‌ଏ ଏହି ଆକ୍ରମଣକୁ 'ଅପରେସନ୍ ହେରୋଫ୍' ନାମ ଦେଇଛି। ପାକିସ୍ତାନର ଜଣେ ସୁରକ୍ଷା ଅଧିକାରୀ କହିଛନ୍ତି ଯେ ଶନିବାର ସକାଳେ ବଲୁଚିସ୍ତାନ ବିଦ୍ରୋହୀମାନେ କେଟ୍ଟା, ପାସନି, ମାସ୍ତୁଙ୍ଗ, ନୁସ୍କି ଏବଂ ଗ୍ୱାଦର ଜିଲ୍ଲାରେ ୧୨ରୁ ଅଧିକ ସ୍ଥାନରେ ଏକକାଳୀନ ଆକ୍ରମଣ କରିଥିଲେ। ଏମାନେ ନୁସ୍କି ଜିଲ୍ଲାର ଡେପୁଟି କମିଶନରଙ୍କୁ ମଧ୍ୟ ଅପହରଣ କରିନେଇଛନ୍ତି। ତେବେ ଏହି ଆକ୍ରମଣରେ ରାଜଧାନୀ କ୍ୱେଟ୍ଟାରେ କେବଳ ଅତିକମ୍‌ରେ ୪ ପୁଲିସ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ଅନ୍ୟପକ୍ଷେ ନିହତ ମୋଟ୍ ୧୦ସୁରକ୍ଷା କର୍ମୀଙ୍କ ମଧ୍ୟରେ ଏହି ୪ ପୁଲିସ କର୍ମଚାରୀ ଥିଲେ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ତେବେ ଏମାନଙ୍କ ଆକ୍ରମଣର ଜବାବ ଦେବାକୁ ଯାଇ ପାକିସ୍ତାନୀ ସୁରକ୍ଷା ବାହିନୀ ମଧ୍ୟ ଭୟଙ୍କର ପାଲଟା ଆକ୍ରମଣ କରିଥିଲା। ପାକିସ୍ତାନ ସୁରକ୍ଷା ବାହିନୀର ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନରେ ପ୍ରାୟ ୩୭ ବିଏଲଏ ସଂଗ୍ରାମୀଙ୍କ ମୃତ୍ୟୁ ହୋଇଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ଆକ୍ରମଣ ପରେ, ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଏକ ବିବୃତ୍ତି ଜାରି କରି ଦାବି କରିଛନ୍ତି ଯେ ଏହି ଆକ୍ରମଣ ପଛରେ ଭାରତର ହାତ ରହିଛି। ସେହିପରି 'ଆତଙ୍କବାଦର ମୂଳୋତ୍ପାଟନ ନହେବା ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି ସେ କହିଛନ୍ତି।

# 'ଏଣିକି ଋଣ ମାଗିବାକୁ ମଧ୍ୟ ଲଜ୍ଜା ଲାଗୁଛି'

**ଇସଲାମାବାଦ୍, ୩୧।୧/ଏଜେନ୍ସି:** ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ଦେଶର ବିଦେଶୀ ଋଣ ଉପରେ ବଢୁଥିବା ନିର୍ଭରଶୀଳତା ଉପରେ ଅସନ୍ତୋଷ ପ୍ରକାଶ କରିବାକୁ ଯାଇ ପରୋକ୍ଷରେ ନିଜ ଦେଶର ଦୁର୍ବଳ ଆର୍ଥିକ ସ୍ଥିତିକୁ ସ୍ୱୀକାର କରିଛନ୍ତି। ଶରିଫ୍ କହିଛନ୍ତି, ଦେଶର ଭୟଙ୍କର ଆର୍ଥିକ ପରିସ୍ଥିତି ତାଙ୍କୁ ବିଦେଶୀ ରାଷ୍ଟ୍ରଙ୍କୁ ଋଣ ମାଗିବା ପାଇଁ ବାରମ୍ବାର ବିଦେଶ ଗସ୍ତ କରିବାକୁ ବାଧ୍ୟ କରିଛି। କେବଳ ସେ ନୁହଁନ୍ତି ପାକିସ୍ତାନ ସେନା ମୁଖ୍ୟ ଫିଲ୍ଡ ମାର୍ଶଲ ଅସିମ୍ ମୁନିର୍ ମଧ୍ୟ ବିଶ୍ୱର ବିଭିନ୍ନ ଦେଶ ଗସ୍ତ କରିବା ପୂର୍ବକ ପାକିସ୍ତାନ ପାଇଁ ଅର୍ଥ ଯୋଗାଡ କରିବାକୁ ବାଧ୍ୟ ହୋଇଛନ୍ତି। ତେବେ ଏପ୍ରକାର ଋଣ ମାଗିବା ଏକ ପ୍ରକାର ଭିକ ମାଗିବା ସହ ସମାନ ବୋଲି ମଧ୍ୟ ଶେହବାଜ ସ୍ୱୀକାର କରିଛନ୍ତି। ଶେହବାଜ୍‌ଙ୍କ କହିବାନୁସାରେ ପରିସ୍ଥିତି



ଏବେ ଏପରି ହୋଇଛି ଯେ, "ଆମେ ଏବେ ଋଣ ମାଗିବାକୁ ମଧ୍ୟ ଲଜ୍ଜିତ ଅନୁଭବ କରୁଛୁ। ଋଣ ପାଇବା ପାଇଁ ଆମେ ଅନ୍ୟ ଦେଶମାନଙ୍କ ଆଗରେ ମୁଣ୍ଡ ନୁଆଇଁବାକୁ ତଥା ସେମାନଙ୍କ ସର୍ତ୍ତଗୁଡ଼ିକୁ ଗ୍ରହଣ କରିବାକୁ ବାଧ୍ୟ ହେଉଛୁ।" ସୁତରାଂ ପାକିସ୍ତାନକୁ ଏବେ ଠାରୁ ଏକ ବିକଳ୍ପ ଉପାୟ ଖୋଜିବାକୁ ପଡ଼ିବ ବୋଲି ଶେହବାଜ୍ କହିଛନ୍ତି। ତାଙ୍କ କହିବାନୁସାରେ ଋଣ ବୋଝ ଦେଶର ମର୍ଯ୍ୟାଦା ଉପରେ ଭାରୀ ପଡୁଛି ଏବଂ ବିକଳ୍ପ ଆର୍ଥିକ ରାସ୍ତା ଖୋଜିବା ଆବଶ୍ୟକ। ପ୍ରକାଶ, ପାକିସ୍ତାନରେ ଦାରିଦ୍ର୍ୟ ଜନସଂଖ୍ୟାର ପ୍ରାୟ ୪୫% ବୃଦ୍ଧି ପାଇଛି। ଏହା ମୁଦ୍ରାସ୍ଫୀତି, ବନ୍ୟା ଏବଂ ଆର୍ଥିକ ଅସ୍ଥିରତା ଯୋଗୁଁ ହୋଇଛି। ବେକାରୀ ହାର ପ୍ରାୟ ୭.୧% ରେ ପହଞ୍ଚିଛି ଏବଂ ୮ ନିୟୁତରୁ ଅଧିକ ଲୋକ ବେକାର ଅଛନ୍ତି।

# ପତଞ୍ଜଳି ୱେଲ୍‌ନେସ୍ ସେଣ୍ଟରରେ 'ଯୋଗ ଅଲିମ୍ପିଆଡ୍ ଓରିଏଣ୍ଟେସନ୍ ଏବଂ ତାଲିମ କାର୍ଯ୍ୟକ୍ରମ'

**ହରିଦ୍ୱାର, ୩୧।୧/ଏଜେନ୍ସି:** ହରିଦ୍ୱାର ସ୍ଥିତ ପତଞ୍ଜଳି ଗବେଷଣା ପ୍ରତିଷ୍ଠାନ ଏବଂ ୱେଲ୍‌ନେସ୍ ସେଣ୍ଟରରେ 'ଯୋଗ ଅଲିମ୍ପିଆଡ୍ ଓରିଏଣ୍ଟେସନ୍ ଏବଂ ତାଲିମ କାର୍ଯ୍ୟକ୍ରମ'ର ଏକ ୯ ଦିନିଆ (ଜାନୁଆରୀ ୨୨ରୁ ୩୦ ତାରିଖ ପର୍ଯ୍ୟନ୍ତ) ତାଲିମ କାର୍ଯ୍ୟକ୍ରମ ସଫଳତା ପୂର୍ବକ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମ ଯୋଗ ଦର୍ଶନ, ମନସ୍ତତ୍ତ୍ୱ ଏବଂ ଆଧ୍ୟାତ୍ମିକତା ଉପରେ ଆଧାରିତ ଥିଲା, ଯାହା ଆନ୍ତରିକ ଶାନ୍ତି ଏବଂ ଆଧ୍ୟାତ୍ମିକ ଚିନ୍ତନ ପାଇଁ ଦିଗଦର୍ଶନ ପ୍ରଦାନକାରୀ ସାବ୍ୟସ୍ତ ହୋଇଥିଲା। ସିକିମ୍ ସରକାରଙ୍କ ଶିକ୍ଷା ବିଭାଗର ପ୍ରତିନିଧିମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ତାଲିମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଗ୍ରାମାଞ୍ଚଳରେ ବିକାଶ, ସମାନତା ଏବଂ ଯୋଗର ବ୍ୟାପକ ପ୍ରସାରକୁ ପ୍ରୋତ୍ସାହିତ କରିବା। କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରି, ଆୟୁର୍ବେଦ ଶିରୋମଣି ଆଚାର୍ଯ୍ୟ ବାଲକୃଷ୍ଣ କହିଥିଲେ ଯେ, ଯୋଗ ପ୍ରାଚୀନ ଭାରତର ଏକ ସମଷ୍ଟିଗତ ଶାରୀରିକ, ମାନସିକ ଏବଂ ଆଧ୍ୟାତ୍ମିକ ଅଭ୍ୟାସ। ଯୋଗର ଲକ୍ଷ୍ୟ ହେଉଛି ମନ, ଶରୀର ଏବଂ ଆତ୍ମା ମଧ୍ୟରେ ସନ୍ତୁଳନ ସ୍ଥାପନ କରିବା, ଯାହା ଆତ୍ମ-ସାକ୍ଷାତ, ମାନସିକ ଶାନ୍ତି ଏବଂ ମୋକ୍ଷ



### ସିକ୍କିମ୍ ସରକାରଙ୍କ ଶିକ୍ଷା ବିଭାଗ ପ୍ରତିନିଧିଙ୍କ ପାଇଁ ୯ ଦିନିଆ ତାଲିମ କାର୍ଯ୍ୟକ୍ରମ ସମ୍ପନ୍ନ

### 'ଯୋଗ' ମନ, ଶରୀର ଏବଂ ଆତ୍ମାରେ ସନ୍ତୁଳନ ଆଣିଥାଏ: ଆଚାର୍ଯ୍ୟ ବାଲକୃଷ୍ଣ

### ପତଞ୍ଜଳି ଏବଂ ସିକ୍କିମ୍ ସରକାରଙ୍କ ମିଳିତ ପ୍ରୟାସରେ ଅପାର ସମ୍ଭାବନା ରହିଛି: ସ୍ୱାମୀ ରାମଦେବ

ପ୍ରଦାନ କରେ। ଯୋଗ ସାମଗ୍ରିକ ସ୍ୱାସ୍ଥ୍ୟକୁ ଉନ୍ନତ କରେ, ଚାପ ହ୍ରାସ କରେ ଏବଂ ଏକ ଶୃଙ୍ଖଳିତ ଜୀବନଶୈଳୀକୁ ପ୍ରୋତ୍ସାହିତ କରେ।

ଏହି ଅବସରରେ, ଯୋଗଋଷି ସ୍ୱାମୀ ରାମଦେବ କହିଥିଲେ ଯେ ପ୍ରାକୃତିକ ଚିକିତ୍ସା, କିମ୍ବା ପ୍ରାକୃତିକ ଔଷଧ, ଏକ ଔଷଧ-ମୁକ୍ତ ଚିକିତ୍ସା ପଦ୍ଧତି ଯାହା ଶରୀରର ପ୍ରାକୃତିକ ଆରୋଗ୍ୟ କ୍ଷମତାକୁ ସକ୍ରିୟ କରିଥାଏ। ଏହା ସନ୍ତୁଳିତ ଖାଦ୍ୟ, ଔଷଧି, ଜଳ ଏବଂ କାଦ ଚିକିତ୍ସା, ଯୋଗ, ପ୍ରାଣାୟାମ, ଉପବାସ, ସୂର୍ଯ୍ୟ ଚିକିତ୍ସା ଏବଂ ଆକ୍ୟୁପଙ୍କଚର ମାଧ୍ୟମରେ ରୋଗର ମୂଳ କାରଣଗୁଡ଼ିକର ଚିକିତ୍ସା କରେ। ସେ ଗୁରୁତ୍ୱାରୋପ କରିଥିଲେ ଯେ ପ୍ରାକୃତିକ ଚିକିତ୍ସା ଏକ ପ୍ରଭାବଶାଳୀ ପରିପୂରକ ଚିକିତ୍ସା ପଦ୍ଧତି, କିନ୍ତୁ ଗୁରୁତର ରୋଗ ପାଇଁ, ଜଣେ ଅଭିଜ୍ଞ ଚିକିତ୍ସକଙ୍କ ପରାମର୍ଶ ଜରୁରୀ। ସେ ପତଞ୍ଜଳି ଏବଂ ସିକିମ ସରକାରଙ୍କ ମଧ୍ୟରେ ମିଳିତ ପ୍ରୟାସର ସମ୍ଭାବନା ଉପରେ ମଧ୍ୟ ଆଲୋକପାତ କରିଥିଲେ। ସେହିପରି ଡକ୍ଟର ବିନୀତା କହିଥିଲେ ଯେ, ଆୟୁର୍ବେଦ ଏବଂ ଏକ ପ୍ରାକୃତିକ ଜୀବନଶୈଳୀ ଗ୍ରହଣ କରିବା ଦ୍ୱାରା ସୁସ୍ଥ ଶରୀର ଏବଂ ମନ ବଜାୟ ରହିପାରିବ। ରୋଗର ପ୍ରକୃତି, ରୋଗୀଙ୍କ ଅବସ୍ଥା ଏବଂ ବିଶେଷଜ୍ଞଙ୍କ ପରାମର୍ଶ ଉପରେ ଆଧାର କରି ଚିକିତ୍ସା ପଦ୍ଧତି ନିର୍ଣ୍ଣୟ କରାଯାଏ।

କାର୍ଯ୍ୟକ୍ରମ ସମୟରେ, ଡକ୍ଟର ବେଦପ୍ରିୟା ଆର୍ଯ୍ୟ ପତଞ୍ଜଳିର ଗବେଷଣା ଏବଂ ବିକାଶ କାର୍ଯ୍ୟକଳାପର ଏକ ବିସ୍ତୃତ ସମୀକ୍ଷା ଉପସ୍ଥାପନ କରିଥିଲେ। ଡକ୍ଟର ବିଶାଲ, ସୌରଭ ନିର୍ମୋହୀ, ଡକ୍ଟର ଦୀପିକା, ଡକ୍ଟର ବିନୀତା ଏବଂ ଅନ୍ୟାନ୍ୟ ପତଞ୍ଜଳି ବୈଜ୍ଞାନିକମାନେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ଯୋଗଦେଇଥିବା ପ୍ରତିନିଧିମାନେ ଋଷିକେଶର ପରମାର୍ଥ ନିକେତନ, ଗୀତା ଭବନ ଏବଂ ଗଙ୍ଗା ଆରତୀରେ ମଧ୍ୟ ଅଂଶଗ୍ରହଣ କରିଥିଲେ, ଆଧ୍ୟାତ୍ମିକ ପରିବେଶ ଅନୁଭବ କରିଥିଲେ। ସିକିମର ପ୍ରତିନିଧିମାନେ ପତଞ୍ଜଳି ଗୋଶାଳା, ଗୁରୁକୁଳମ୍, ଆଚାର୍ଯ୍ୟକୁଳମ୍, ଔଷଧୀୟ ଉଦ୍ୟାନ ଏବଂ ଗବେଷଣା କେନ୍ଦ୍ର ପରିଦର୍ଶନ କରିଥିଲେ ଏବଂ ପତଞ୍ଜଳି ଦ୍ୱାରା କରାଯାଉଥିବା କାର୍ଯ୍ୟକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ପ୍ରମୁଖ ପ୍ରତିନିଧି ଭାବରେ ଶ୍ରୀ ଅଧିକାରୀ ଏବଂ ଜାମ୍ୟାଙ୍ଗ ଭୂଟିଆ ପ୍ରମୁଖ ଉପସ୍ଥିତ ଥିଲେ। ସମାପନୀ ଉତ୍ସବରେ, ଆଚାର୍ଯ୍ୟ ବାଲକୃଷ୍ଣ ସମସ୍ତ ଅତିଥିଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ ଏବଂ ସେମାନଙ୍କୁ ସ୍ମାରକୀ ଏବଂ ପ୍ରମାଣପତ୍ର ଦେଇ ସମ୍ମାନିତ କରିଥିଲେ।

# ଏପ୍‌ଷ୍ଟାଇନ୍ ଫାଇଲ୍‌ରେ ମୀରା ନାୟରଙ୍କ ନାମ

**ୱାଶିଂଟନ୍ ଡିସି, ୩୧।୧/ଏଜେନ୍ସି:** ଆମେରିକାର ଚର୍ଚ୍ଚିତ ଯୌନ ଅପରାଧୀ ଜେଫ୍ରି ଏପ୍‌ଷ୍ଟାଇନ୍‌ଙ୍କ ସଦ୍ୟ ପ୍ରକାଶିତ ଫାଇଲ୍‌ରେ ନ୍ୟୁୟର୍କ ମେୟର ଜୋହରାନ ମାମଦାନୀ ତଥା ଭାରତୀୟ ବଂଶୋଦ୍ଭବ ଫିଲ୍ମ ନିର୍ମାତା ମୀରା ନାୟରଙ୍କ ନାମ ରହିଛି। ଏପ୍‌ଷ୍ଟାଇନଙ୍କ ସାଥୀ ଘିସଲେନ ମ୍ୟାକ୍ସୱେଲଙ୍କ ଘରେ ଚାଲିଥିବା ଏକ ଫିଲ୍ମ ପାର୍ଟିର ଅତିଥି ଭାବେ



ମୀରା ଯୋଗଦେଇଥିବା ବେଳେ ଏପ୍‌ଷ୍ଟାଇନ୍ ମୀରାଙ୍କ ନାମକୁ ନିଜ ଫାଇଲ୍‌ରେ ଉଲ୍ଲେଖ କରିଥିବା ସାମ୍ନାକୁ ଆସିଛି। ଆମେରିକା ନ୍ୟାୟ ବିଭାଗ ପକ୍ଷରୁ ଶୁକ୍ରବାର ଏପଷ୍ଟାଇନଙ୍କ ୩ ନିୟୁତରୁ ଅଧିକ ପୃଷ୍ଠା ସାର୍ବଜନୀନ କରାଯାଇଥିବା ବେଳେ ଏଥିରେ ମୀରା ନାୟରଙ୍କ ନାମ ମଧ୍ୟ ସମ୍ପୃକ୍ତ ଥିବା ଦର୍ଶାଯାଇଛି। କେବଳ ସେତିକି ନୁହେଁ, ଅକ୍ଟୋବର ୨୧, ୨୦୦୯ରେ ଦୋଷୀ ସାବ୍ୟସ୍ତ ଶିଶୁ ଯୌନ ଶୋଷଣକାରୀ ପେଗି ସିଗଲ ଜେଫ୍ରି ଏପ୍‌ଷ୍ଟାଇନଙ୍କୁ ପଠାଇଥିବା ଏକ ଇ-ମେଲ୍‌ରେ ମଧ୍ୟ ମୀରାଙ୍କ ନାମ ରହିଛି। ଏହାର ଏକ ସ୍କ୍ରିନସଟ୍ ନ୍ୟାୟ ବିଭାଗ ପ୍ରକାଶ କରିଛି। ତେବେ ଏହି ଫିଲ୍ମ ପାର୍ଟିରେ ବିଲ୍ କ୍ଲିଣ୍ଟନ ଓ ଜେଫ୍ ବେଜୋସ୍‌ଙ୍କ ଭଳି ବ୍ୟକ୍ତିତ୍ୱ ମଧ୍ୟ ସାମିଲ ହୋଇଥିଲେ ବୋଲି ଏଥିରେ ଦର୍ଶାଯାଇଛି।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra